

ଜଳ ମହିଳାଙ୍କୁ ସମ୍ମାନିତ କଲେ ବିଷ୍ଣୁଦେବ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ସିଲ୍‌ଭର ସ୍କ୍ରିନରେ ଜଲୱା ଦେଖାଇବେ ହର୍ଷାଲି |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୯୫ | Vol. 22 No-95 | 05 JULY 2025 SATURDAY, BHUBANESWAR | ଶନିବାର, ୫ ଜୁଲାଇ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଦଳାଚକଟା ଭିଡିଓ ପଠାଇବାକୁ ଅନୁ ଗର୍ଗଙ୍କ ଅପିଲ

ପୁରୀ,୪।୭(ଭାସ୍କର ନ୍ୟୁଜ): ଚଳିତବର୍ଷର ରଥଯାତ୍ରା ସମୟରେ ଦଳାଚକଟା ନେଇ ପ୍ରତିକ୍ରିୟା ରଖିଛନ୍ତି ଉନ୍ନୟନ କମିଶନର ତଥା ପୁରୀ ଅଘଟଣର ତଦନ୍ତକାରୀ ଅଧିକାରୀ ଅନୁ ଗର୍ଗ। ଦଳାଚକଟା ସମୟର ଭିଡିଓ ଜନସାଧାରଣଙ୍କ ନିକଟରେ ଉପଲବ୍ଧ ଥିଲେ ସେମାନେ ତାହା ପ୍ରଦାନ କରିବା ପାଇଁ ସେ ନିବେଦନ କରିଛନ୍ତି। ସେ କହିଛନ୍ତି, ବହୁଲୋକ ଦଳାଚକଟା ସମୟରେ ଭିଡିଓ କରିଥିଲେ ଯାହାକି ତଦନ୍ତରେ ସହାୟତା କରିପାରିବ। ମୁଁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି ଏବଂ କିଛି ଲୋକଙ୍କୁ ମଧ୍ୟ ପଚରାଉଚୁରା କରିଛି। ତେବେ ତଦନ୍ତକୁ ନେଇ ଏବେଠୁ କିଛି କହିବା ଠିକ୍ ହେବନାହିଁ ବୋଲି ସେ କହିଥିଲେ। ଯେଉଁମାନେ ନିଜେ ଭେଟି ଭିଡିଓ ଦେବେ ସେମାନେ ରାଜ୍ୟ ଅତିଥିଭବନ ଓ ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସରେ ଅପରାହ୍ନ ୩ଟା ପରେ ଦେଇପାରିବେ।

### ବିଧାୟକଙ୍କ ନାମରେ ଏତଲା

ଭୁବନେଶ୍ୱର,୪।୭(ଭାସ୍କର ନ୍ୟୁଜ): ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଅଶୋଭନୀୟ ମନ୍ତବ୍ୟ ଦେବା ଅଭିଯୋଗରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ନାମରେ ଥାନାରେ ଏତଲା ଦିଆଯାଇଛି। ଏ ନେଇ ନିଜେ ଲେଖାଶ୍ରୀ ସୂଚନା ଦେଇଛନ୍ତି।

### ମାମୁଙ୍କୁ ହତ୍ୟା କଲା ଭଣଜା

କୁଚିଣ୍ଡା,୪।୭(ଭାସ୍କର ନ୍ୟୁଜ): ପାରିବାରିକ କଳହକୁ କେନ୍ଦ୍ରକରି କୁଚିଣ୍ଡା ଧୁଡ଼ିପାଲି ଗାଁରେ ଭଣଜା ମାମୁଙ୍କୁ ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ବଚସା ପରେ ଭଣଜା ପଥରରେ ଛେଚି ମାମୁଙ୍କୁ ହତ୍ୟା କରିଛି। ପୋଲିସ ଅଭିଯୁକ୍ତ ଭଣଜାକୁ ଅଟକ ରଖି ତଦନ୍ତ ଚଳାଇଛି।

ସେନ୍‌ସେକ୍ସ: ୮୩,୪୩୨.୮୯
ସର୍ବାଧିକ: ୨୮ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

**୪।୭।୨୦୨୫ ର ମତାମତ**

ବିଏମ୍‌ସି କାର୍ଯ୍ୟାଳୟରେ ଘଟିଥିବା ଅଘଟଣର ସଠିକ ତଦନ୍ତ କରାଯିବା ଉଚିତ୍ ନୁହେଁ କି?




**ଆଜିର ପ୍ରସଙ୍ଗ**

ପୁରୀକୁ ମହାନଗର କରାଗଲେ ଏହାର ବିକାଶ ଘଟିବା ସମ୍ଭବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ରାଜନୀତି ଏବେ ଚରମ ସୀମାରେ
ବୁଝି ହେଉନାହିଁ କିଛି,
ତଥାପି ଲାଗୁଛି ଅସ୍ମିତା ଭଳିଆ
କିଛି ଗୋଟେ ନିଶ୍ଚେ ଅଛି।
ପରିସ୍ଥିତି ବଦଳୁଛି,
ସେଥିରେ ସଭିଏଁ ଏପଟ ସେପଟ
ମଶା ହୁଅନ୍ତୁ କି ମାଛି।

## ଜନ୍ମବେଦୀରେ ସରିଆସୁଛି ଲୀଳାଖେଳା

# ଆଜି ବାହୁଡ଼ିବେ ମହାବାହୁ



- ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିବେ
- ଯାତ୍ରା ପାଇଁ ନୀତିନିର୍ଘଣ୍ଟ ପ୍ରସ୍ତୁତ
- ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା
- ସୁରକ୍ଷା ସ୍ଥିତି ଅନୁଧ୍ୟାନ କଲେ ଡିଜିପି
- ଅପରାହ୍ନ ୪ଟାରୁ ରଥଟଣା

ପୁରୀ,୪।୭(ଭାସ୍କର ନ୍ୟୁଜ) : ଜନ୍ମବେଦୀରେ ସରିଆସୁଛି ମହାପ୍ରଭୁ ଲୀଳାଖେଳା । ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡିବେ ବ୍ରହ୍ମାଣ୍ଡ ଗୋସାଇଁ । ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ଶ୍ରୀମନ୍ଦିର ଫେରିବେ କାଳିଆ ସାଆନ୍ତ । ଆଡ଼ପ ମଣ୍ଡପରେ ଶ୍ରୀଜିଉଙ୍କ ଦର୍ଶନ ଶେଷ ହୋଇଥିଲା । ଏପଟେ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ପୁରୀରେ ଉପସ୍ଥିତ ରହି ଦର୍ଶନ ବ୍ୟବସ୍ଥାର ଅନୁଧ୍ୟାନ କରିବେ । ବାହୁଡା ଯାତ୍ରା ପାଇଁ ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି । ଶ୍ରୀଜିଉ ଆଡ଼ପ ମଣ୍ଡପରେ ଭକ୍ତଙ୍କୁ ଶେଷ ଦର୍ଶନ ଦେଇଥିଲେ। ପୁଣି ଆସନ୍ତାବର୍ଷ ରଥଯାତ୍ରାକୁ ଅପେକ୍ଷା କରିବାକୁ ପଡ଼ିବ ଭକ୍ତଙ୍କୁ । ଶୃଙ୍ଖଳିତ ଦର୍ଶନ ପୋଲିସ ପକ୍ଷରୁ ହୋଇଛି ବ୍ୟାପକ ବ୍ୟବସ୍ଥା । ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଦେଇ ଭକ୍ତ ପ୍ରବେଶ କରୁଥିବା ବେଳେ ନାକଚଣା ଦ୍ୱାର ଦେଇ ଭକ୍ତମାନେ ପ୍ରସ୍ଥାନ କରିଥିଲେ । ବାହୁଡ଼ା ଯାତ୍ରା ଥିବାରୁ ପ୍ରସ୍ତୁତି ପାଇଁ ଶୁକ୍ରବାର ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିବାର ସମୟ ଅବଧି ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିଲା। ଏହା ପରେ ବାହୁଡା ଯାତ୍ରା ପାଇଁ ପ୍ରସ୍ତୁତି ଜୋରଦାର କରାଯାଇଛି । ମଙ୍ଗଳ ଆଳତୀ ଭୋର ୪.୦୦,ମଇଲମ ଭୋର ୪.୧୫,ତଡ଼ପଲାଗି ଭୋର ୪.୩୦, ରୋଷହୋମ ଭୋର ୪.୩୦,ଅବକାଶ ସକାଳ ୫.୦୦, ସୂର୍ଯ୍ୟପୂଜା ସକାଳ ୫.୧୫, ଦ୍ୱାରପାଳ ପୂଜା ସକାଳ ୫.୩୦, ବେଶଶେଷ ସକାଳ ୫.୩୦, ଗୋପାଳ ବଲ୍ଲଭ ଓ ସକାଳ ଧୂପ ୫.୪୫ ରୁ ୬.୪୫, ସେନାପଟାଲାଗି ସକାଳ ୭.୦୦ ରୁ ୧୧.୩୦, ମଙ୍ଗଳାର୍ପଣ ଦିନ ୧୧.୪୫,ବାହୁଡ଼ା ପହଣ୍ଡି ଦିନ ୧୨.୦୦ରୁ ୨.୩୦, ବେଶଶେଷ ଦିନ ୧.୦୦ ରୁ ୨.୩୦,ଛେରା ପହଁରା ଦିନ ୨.୩୦ ରୁ ୩.୩୦, ଚାରମାଳ ଫିଟା ଓ ଘୋଡ଼ା ଲାଗିବା ଦିନ ୩.୦୦ ରୁ ୪.୦୦ଟା, ରଥଟଣା ଆରମ୍ଭ ଅପରାହ୍ନ ୪.୦୦ଟା। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଡପ ମଣ୍ଡପରେ ଦର୍ଶନ କଲେ ଶ୍ରୀମନ୍ଦିରରେ ୧୦ ବର୍ଷ ଦର୍ଶନର ସମାନ ଫଳ ମିଳିଥାଏ । ଏପରିକି ଅଶ୍ୱମେଧ ଯଜ୍ଞର ଫଳ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ମହାପ୍ରଭୁ ରଥଯାତ୍ରାରେ ଜନ୍ମବେଦୀକୁ ଆସିବା ବେଳେ ସପ୍ତାହ ଧରି ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରନ୍ତି । ମହାପ୍ରଭୁଙ୍କୁ ଆଡପ ମଣ୍ଡପରେ ଦର୍ଶନ ପାଇଁ କୋଣ ଅନୁକୋଣରୁ ଭକ୍ତ ଧାଇଁ ଆସନ୍ତି ଶ୍ରୀକ୍ଷେତ୍ରକୁ । ଅନ୍ୟପଟେ ପୋଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ନିଜେ • ପୃଷ୍ଠା ୫ ଦେଖନ୍ତୁ

## ତ୍ରିନିଦାଦ-ଟୋବାଗୋରେ ମୋଦୀ

# ପ୍ରବାସୀ ଭାରତୀୟ ଆମର ଗର୍ବ



ନୂଆଦିଲ୍ଲୀ,୪।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ତ୍ରିନିଦାଦ ଏବଂ ଟୋବାଗୋରେ ଭାରତୀୟ ପ୍ରବାସୀମାନଙ୍କର ଏକ ବିଶାଳ ସମାବେଶକୁ ସମ୍ବୋଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତ୍ରିନିଦାଦ ଏବଂ ଟୋବାଗୋ ଗଣରାଜ୍ୟର ପ୍ରଧାନମନ୍ତ୍ରୀ କମଳା ପର୍ସାଦ-ବିସେସାର, ତାଙ୍କ କ୍ୟାବିନେଟର ସଦସ୍ୟ, ସାଂସଦ ଏବଂ ଅନେକ ସମ୍ମାନିତ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ, ପ୍ରଧାନମନ୍ତ୍ରୀଙ୍କୁ ପ୍ରବାସୀମାନେ ଅସାଧାରଣ ଉତ୍ସାହ ସହିତ ସ୍ୱାଗତ କରିଥିଲେ ଏବଂ ଏକ ରଙ୍ଗୀନ ପାରମ୍ପରିକ ଭାରତ-ତ୍ରିନିଦାଦ ସ୍ୱାଗତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ କମଳା ପର୍ସାଦ ବିସେସର ଘୋଷଣା କରିଥିଲେ ଯେ ତ୍ରିନିଦାଦ ଏବଂ ଟୋବାଗୋ ତାଙ୍କୁ ସେମାନଙ୍କର ସର୍ବୋଚ୍ଚ ଜାତୀୟ ପୁରସ୍କାର 'ଆଣ୍ଡ କିଓଟ୍ ଦି ଅର୍ଡର ଅଫ୍ ଦି ରିପବ୍ଲିକ୍ ଅଫ୍ ତ୍ରିନିଦାଦ ଆଣ୍ଡ ଟୋବାଗୋ ଆଣ୍ଡ କିଓଟ୍' ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ ଏହି ସମ୍ମାନ ପାଇଁ ତାଙ୍କୁ ଏବଂ ତ୍ରିନିଦାଦ ତଥା ଟୋବାଗୋର ଜନସାଧାରଣଙ୍କୁ ହୃଦୟର ସହିତ କୃତଜ୍ଞତା ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ, ପ୍ରଧାନମନ୍ତ୍ରୀ କମଳା ପର୍ସାଦ-ବିସେସରଙ୍କ ଉତ୍ସାହ ଏବଂ ଦୁଇ ଦେଶ ମଧ୍ୟରେ ସ୍ପନ୍ଦନଶୀଳ ଓ ସ୍ୱତନ୍ତ୍ର ସମ୍ପର୍କକୁ ମଜବୁତ କରିବାରେ ତାଙ୍କର ଅବଦାନ ପାଇଁ ଧନ୍ୟବାଦ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଯେତେବେଳେ ଦେଶ ଏହାର ଉପକୂଳରେ ଭାରତୀୟ ପ୍ରବାସୀମାନଙ୍କର ପ୍ରଥମ ଆଗମନର ୧୮୦ ବର୍ଷ ପାଳନ କରୁଛି, ସେତେବେଳେ ତାଙ୍କର ଐତିହାସିକ ଟି ଆଣ୍ଡ ଟି ଗସ୍ତ ଏହାକୁ ଆହୁରି ସ୍ୱତନ୍ତ୍ର କରିଛି। ପ୍ରଧାନମନ୍ତ୍ରୀ ଭାରତୀୟ ପ୍ରବାସୀମାନଙ୍କୁ ସେମାନଙ୍କର ସ୍ଥିରତା, ସାଂସ୍କୃତିକ ସମୃଦ୍ଧି ଏବଂ ତ୍ରିନିଦାଦ ଏବଂ ଟୋବାଗୋ ପ୍ରତି • ପୃଷ୍ଠା ୫ ଦେଖନ୍ତୁ

## ■ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା ■

# ପୁରୀ ହେବ ମହାନଗର ନିଗମ



- ସମୃଦ୍ଧ ପୁରୀ ବିନା ବିକଶିତ ଓଡ଼ିଶା ଅସମ୍ଭବ
- କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ଭକ୍ତଙ୍କ ଆଗମନ ଦେଖି ନିଷ୍ପତ୍ତି
- ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ
- ଜଗନ୍ନାଥ ସଂସ୍କୃତିର ହେବ ପ୍ରଚାର ପ୍ରସାର

ଭୁବନେଶ୍ୱର/ପୁରୀ,୪।୭(ଭାସ୍କର ନ୍ୟୁଜ): ଶ୍ରୀକ୍ଷେତ୍ର ପୁରୀପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ ଘୋଷଣା କରିଛନ୍ତି। ପୁରୀ ସହରକୁ ପୌରପାଳିକାରୁ ମହାନଗର ନିଗମର ରୂପ ଦେବା ସହ ଆଧ୍ୟାତ୍ମିକ ରାଜଧାନୀର କାୟାକଳ୍ପ ବଦଳାଇବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେଉଛି ବୋଲି ଶ୍ରୀ ମାଝୀ କହିଛନ୍ତି। ପୁରୀ ପାଇଁ ଚାରୋଟି ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ପୁରୀ ସହରକୁ ପ୍ରତିଦିନ ଲକ୍ଷ ଲକ୍ଷ ଭକ୍ତଙ୍କ ଆଗମନ ଓ ଏଠାକାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ପୁରୀରେ ବିଶ୍ୱସ୍ତରୀୟ ସଂଗ୍ରହାଳୟ, ପାଠାଗାର ଓ ଗବେଷଣା କେନ୍ଦ୍ର ସ୍ଥାପନ କରାଯିବ। ଏହାଫଳରେ ଶ୍ରୀଜଗନ୍ନାଥ ସଂସ୍କୃତି, କିମ୍ବଦନ୍ତୀ ଓ ଇତିହାସର ପ୍ରଚାର ପ୍ରସାର ହୋଇପାରିବ। ବର୍ତ୍ତମାନ ପାଇଁ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ମହାନଗର ବ୍ୟବସ୍ଥା ରହିଥିବାବେଳେ ପୁରୀ ସହରକୁ ଏହି ତାଲିକାରେ ସାମିଲ କରାଯାଇଛି। ଫଳରେ ପୁରୀ ସହରର ଆକାର ବୃଦ୍ଧି ପାଇବ ଏବଂ ଜନତା ଓ ପର୍ଯ୍ୟଟକମାନେ ବହୁବିଧ ସୁବିଧା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀ ମାଝୀ କହିଥିଲେ, ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦିଆଯିବ। ସମୃଦ୍ଧ ପୁରୀ ବିନା ବିକଶିତ ଓଡ଼ିଶା ସମ୍ଭବ ନୁହେଁ । ନାଗରିକମାନଙ୍କୁ ସୁବିଧା ସୁଯୋଗ ଯୋଗାଇଦେବା ସାଙ୍ଗକୁ ବହୁବିଧ ସେବା ଏବଂ ପର୍ଯ୍ୟଟକମାନଙ୍କ ପାଇଁ ଏକ ସକରାତ୍ମକ ପରିବର୍ତ୍ତନ ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଶ୍ରୀ ମାଝୀ ଆହୁରି କହିଥିଲେ ଯେ ଏବେ ପୁରୀ ସହରରେ ମହାପ୍ରଭୁଙ୍କ ଘୋଷଯାତ୍ରା ଜାରି ରହିଛି। ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଜଗନ୍ନାଥଧାମ ସାରା ଭାରତର ସବୁ ଧର୍ମପୀଠଠାରୁ ଅନନ୍ୟ। ଏଠାରେ ଜାତି, ଧର୍ମ,ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଏକାକାର ହୋଇଥାନ୍ତି। • ପୃଷ୍ଠା ୫ ଦେଖନ୍ତୁ

## ତେଲଙ୍ଗାନା ବିସ୍ଫୋରଣରେ ୮ ଓଡ଼ିଆ ମୃତ

# ୧୦ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା



ଭୁବନେଶ୍ୱର,୪।୭(ଭାସ୍କର ନ୍ୟୁଜ): ଗତ ୩୦ ତାରିଖରେ ତେଲଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ଥିବା ଔଷଧ କାରଖାନାରେ ଘଟିଥିବା ବିସ୍ଫୋରଣରେ ମୃତ ୮ଜଣ ଓଡ଼ିଆ ଶ୍ରମିକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯିବ। ମୃତକମାନେ ହେଲେ ଛତ୍ରପୁର ଗଞ୍ଜାମର ରାଜନାଲା ଜଗନମୋହନ, ପାଇକରାପୁର ତିଗିରିଆ କଟକର ଲଗ୍ନଜିତ ଦୁଆରୀ, ପାର୍ବତୀପୁର ସିମୁଳିଆ ବାଲେଶ୍ୱରର ମନୋଜ ରାଉତ, ଏରବଙ୍ଗ ଧର୍ମଶାଳା ଯାଜପୁରର ଦୋଳଗୋବିନ୍ଦ ସାହୁ, ନବରଙ୍ଗପୁରର ଚଇତୁ ଭତ୍ରା, ନବରଙ୍ଗପୁରର ରମେଶ ଗୌଡ଼, ମହାନନ୍ଦପୁର ଗଞ୍ଜାମର ସିଦ୍ଧାର୍ଥ ଗୌଡ଼ ଓ ବ୍ରହ୍ମପୁର ଗଞ୍ଜାମର ପ୍ରଶାନ୍ତ ମହାପାତ୍ର। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ବିସ୍ଫୋରଣରେ ୪୦ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୩୦ଜଣ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ୮ଜଣ ଓଡ଼ିଆ ଶ୍ରମିକ ଥିଲେ। ଘଟଣା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିବା ସହ ପ୍ରତି ମୃତକଙ୍କ ପରିବାରପାଇଁ ୨ ଲକ୍ଷ ଟଙ୍କା ଲେଖାଏଁ ଓ ଆହତମାନଙ୍କ ପାଇଁ ୫୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଥିଲେ। ଏହି ଦୁର୍ଘଟଣାରେ ଆହୁରି ୫ ଓଡ଼ିଆ ନିଖୋଜ ଥିବା ନେଇ ସୂଚନା ମିଳିଛି। ସେମାନଙ୍କ ପତ୍ତା ବର୍ତ୍ତମାନ ସୁଦ୍ଧା ମିଳିପାରି ନଥିବାରୁ ସେମାନଙ୍କ ପରିବାରବର୍ଗ ଚିନ୍ତାରେ ପଡ଼ିଛନ୍ତି।




ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍):କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡାଙ୍କ ପରାମର୍ଶ କ୍ରମେ ସଂସଦର ଉପସଭାପତି ଡ. ପ୍ରଦୀପ୍ତ କିଶୋର ଦାଶ, ସମ୍ପାଦକ ଡ. ପ୍ରମୋଦ କୁମାର ଦାସ, ସଦସ୍ୟ ଡ. ରନ୍ମଞ୍ଜରୀ ଦାସ ଏବଂ ରଞ୍ଜିତ କୁମାର ଦାସ ପ୍ରମୁଖ ପୂର୍ବତନ ଅଧ୍ୟକ୍ଷ ଡ. ସଞ୍ଜୀବ କୁମାର ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିବାବେଳେ ନବ ନିଯୁକ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ଶାନ୍ତନୁ କୁମାର ଜେନାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦ ପ୍ରଦାନ କରିଥିବା ଏବଂ ଗାନ୍ଧୀଭବନରେ ଥିବା ଗାନ୍ଧିଜୀଙ୍କ ପ୍ରିୟ ଚରଖାକୁ ନୂତନ ଅଧ୍ୟକ୍ଷ ପ୍ରଫେସର ଜେନାଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ପ୍ରଥମ ସଭାପତି ତଥା କେନ୍ଦ୍ରାପଡା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା ଉପସ୍ଥିତ ଥିଲେ।



# କାର୍ଯ୍ୟରେ ଯୋଗଦେଲେ ନୂତନ ସିଡିପିଓ



ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଜଳେଶ୍ୱର ଆଇସିଡିଏସରେ ନୂତନ ସିଡିପିଓ ମିନତି ସିଂ ଗୁରୁବାର ପୂର୍ବାହ୍ନରେ ଯୋଗଦାନ କରିଛନ୍ତି। ସେ କୁଳିଅଣା ବ୍ଲକରେ ମହିଳା ପରିଦର୍ଶିକା ପଦବୀରେ ସୁଦୃଢ଼ ଭାବେ କାର୍ଯ୍ୟ କରି ପଦୋନ୍ନତି ପାଇ ଜଳେଶ୍ୱର ସିଡିପିଓ ଭାବେ ଗୁରୁବାରଦିନ ଯୋଗଦାନ କରିଛନ୍ତି।ବୁଧବାର ସେ ଜିଲ୍ଲା କାର୍ଯ୍ୟାଳୟରେ ଯୋଗଦାନ କରିଥିବା ବେଳେ ଗୁରୁବାର ସେ କାର୍ଯ୍ୟରେ ଯୋଗଦାନ କରିବା ପରେ ଆଇସିଡିଏସ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଛି। ଆଇସିଡିଏସ କାର୍ଯ୍ୟାଳୟର ସିନିୟର କିରାଣୀ ନମିତା ସିଂ, ଜୁନିୟର କିରାଣୀ ଦୀପାଲି ମୁର୍ମୁ, ଡ୍ରାଇଭର ଗଗନ ବିହାରୀ ପ୍ରଧାନ, ମମତା ପିଏ ରାଜେଶ କୁମାର ଭଞ୍ଜ, କମଳଲୋଚନ ଆଚାର୍ଯ୍ୟ, ମହିଳା ପରିଦର୍ଶିକା ସଞ୍ଜୁ ଜେନା, ଶାନ୍ତିଲତା ସିଂ, ସୁକାନ୍ତି ସିଂ ଓ ଯୋଗଦାନ କରିଥିବା ନୂତନ ମହିଳା ପରିଦର୍ଶିକା ମନ୍ଦାକିନୀ ଜେନା ପ୍ରମୁଖ ଉପସ୍ଥିତ ଥିବାବେଳେ ବହୁ ଅଙ୍ଗନାୱାଡି କର୍ମୀ ଉପସ୍ଥିତ ହୋଇ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରି ପ୍ରୋଜେକ୍ଟ ରେ ସମସ୍ୟା ବାବଦରେ ଆଲୋକପାତ କରିଥିଲେ। ନୂତନ ସିଡିପିଓ ସମସ୍ୟାର ସମାଧାନ କରିବା ସହିତ ସମସ୍ତଙ୍କୁ ସହଯୋଗ କରିବାକୁ କହିଥିଲେ।

# କୋଚିଲା ନଦୀବନ୍ଧ ପରିଦର୍ଶନ କଲା ବିଜେଡି

## ନିମ୍ନମାନର କାର୍ଯ୍ୟ ପାଇଁ ବନ୍ଧ ଧସିଥିବା ଅଭିଯୋଗ



ଧାମନଗର(ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକରେ ଲଗାଣ ବର୍ଷା ଯୋଗୁଁ ବୈତରଣୀ ଓ କୋଚିଲା ନଦୀରେ ଏକ ଛୋଟ ବନ୍ୟା ଚଳିତ ମାସ ୧ ତାରିଖ ଦିନ ଆସିଥିଲା । ଏହି ବନ୍ୟାରେ ପଧାନି ପଂଚାୟତର ସଇଲୋସ୍ଥିତ ବିଶ୍ୱାଳଘର ନିକଟରେ କୋଚିଲା ନଦୀ ବନ୍ଧ ଦୁର୍ବଳ ଥିଲା। ବନ୍ଧ କାମ ମରାମତି ବି ଚାଲିଥିଲା। ଏଥିଯୋଗୁ ଗ୍ରାମବାସୀ ଭୟଭୀତ ଥିଲେ। ଖବର ପାଇଁ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ୨ ତାରିଖ ସଂଧ୍ୟାରେ ନଦୀବନ୍ଧ ବୁଲି ଦେଖିଥିଲେ ଓ ସେଠାରେ ସ୍ଥାୟୀ ପ୍ରତିକାର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ ନିମ୍ନମାନର ନଦୀବନ୍ଧ କାର୍ଯ୍ୟପାଇଁ ବନ୍ଧ ଧସିଲା ବୋଲି ଧାମନଗର ବିଜେଡ଼ି ଅଭିଯୋଗ କରିଛି, ଗୁରୁବାର ଦିନ ଧାମନଗର ବିଜେଡ଼ିର ଏକ ପ୍ରତିନିଧି ଦଳ ଘଟଣା ସ୍ଥଳରେ ପହଞ୍ଚି। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହିତ ନଦୀ ବନ୍ଧ ବୁଲି ଦେଖିଥିଲେ। ବାରମ୍ବାର ଉକ୍ତ ସ୍ଥାନରେ ମରାମତି ହେଉଥିଲେ ବି କାହିକି ଏପରି ନଦୀବନ୍ଧ ଧସୁଛି ବୋଲି ପ୍ରଶ୍ନରେ ବିଭାଗୀୟ ଅଧିକାରୀ କିଶୋର ଦାସ କହିଛନ୍ତି ନଦୀର ତଳ ଅଂଶ ରେ ଏକ ପତଳା କାଦୁଆ ମାଟି ରହୁଥିବାରୁ ଏପରି ଘଟୁଛି । ତେବେ ଖୁବ ଶୀଘ୍ର ସେଠାରେ ସ୍ଥାୟୀ ପ୍ରତିକାର କରାଯିବ ବୋଲି ଶ୍ରୀ ଦାସ କହିଥିଲେ। ବିଜେଡ଼ିର ଏହି ପ୍ରତିନିଧିଦଳରେ ବିଜେଡ଼ିର ନିର୍ବାଚନ ମଣ୍ଡଳୀସ୍ତରୀୟ ନେତା ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ବିଜେଡ଼ି ବ୍ଲକ ସଭାପତି ପ୍ରତାପ ସାମଲ, ପୂର୍ବତନ ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ସଭାପତି ସୁଶାନ୍ତ ରାଉତଙ୍କ ସମେତ ବହୁ ଛାମୁଆଁ ସଙ୍ଗଠକ ଓ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ।

# ସମାଜକୁ ନିଶାମୁକ୍ତ କରିବା ଲାଗି ସେଙ୍ଗେଲ ସଭା

## ସାମିଲ ହେଲେ ୧୭ ପରିବାର




ବାରିପଦା:(ଭାସ୍କର ନ୍ୟୁଜ୍): ଉଦଳା ବ୍ଲକର ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ସାସାଂବେଡା ଗ୍ରାମର ଗ୍ରାମମୁଖ୍ୟ (ମାଝୀବାବା) ଶ୍ରୀରାମ ହେମ୍ବ୍ରମଙ୍କ ନେତୃତ୍ୱରେ ଆଦିବାସୀ ସମାଜକୁ ନିଶାମୁକ୍ତ କରିବା ଲାଗି ଏକ ସେଙ୍ଗେଲ ସଭା ଆୟୋଜନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ରୂପରେ ଆଦିବାସୀ ସେଙ୍ଗେଲ ଅଭିଯାନର ପ୍ରଦେଶ ସେଙ୍ଗେଲ ପାର୍ଗାନା ସହ ବାରିପଦା ଜୋନାଲ କମିଟିର ସେଙ୍ଗେଲ ସଭାପତି ନାରାୟଣ ମୁର୍ମୁ, ମୁଖ୍ୟବକ୍ତା ରୂପରେ ମାଝୀ-ପାର୍ଗାନା ମାଡୱାର ଓଡ଼ିଶା ପ୍ରଦେଶ ସଭାପତି ମାଧବ ଚନ୍ଦ୍ର ସୋରେନ, ସମ୍ମାନୀୟ ଅତିଥି ରୂପରେ ବାରିପଦା ସବ୍‌ଡିଭିଜନାଲ ସେଙ୍ଗେଲ ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ ଏବଂ କପ୍ତିପଦା ସବ୍‌ଡିଭିଜନାଲ ସେଙ୍ଗେଲ ପାର୍ଗାନା ଉଦୟନାଥ ହେମ୍ବ୍ରମ ଆଦି ସେଙ୍ଗେଲ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ । ଅତିଥିମାନେ ମାଝିବାବାଙ୍କୁ ପ୍ରଶଂସା କରି କହିଥିଲେ ଯେ, ଆଦିବାସୀ ସମାଜର ସାମାଜିକ, ଧାର୍ମିକ ଏବଂ ପରମ୍ପରା ନାମରେ ହାଣ୍ଡିଆ, ମଦ ପରି ନିଶାଦ୍ରବ୍ୟର ବ୍ୟବହାରକୁ ବନ୍ଦ କରି ଆଦିବାସୀ ସମାଜର ବିକାଶ ପାଇଁ ଆଦିବାସୀମାନଙ୍କର ହାସା (ଭୂମି), ଭାଷା (ସାନ୍ତାଳୀ), ଜାତି (ଏସଟି), ଧର୍ମ (ସାର୍ନା), ଇଜ୍ଜତ, ଆବାଦୀ (ଆରକ୍ଷଣ), ରୋଜଗାର, ଚାଷବାସ ସହିତ ସମସ୍ତ ସାମ୍ବିଧାନିକ ଅଧିକାରକୁ ସ୍ଥାପିତ କରିବାକୁ ପଡ଼ିବ। ଏଥିପାଇଁ ସମସ୍ତ ଆଦିବାସୀମାନେ ଏକତା ହୋଇ ବୃହତ୍ ଆନ୍ଦୋଳନ କରିବାକୁ ହେବ । ନଚେତ ଆଦିବାସୀ ସମାଜର ବିଲୁପ୍ତ ହେବା ନିଶ୍ଚିତ ଅଟେ ବୋଲି କହିଛନ୍ତି । କାରଣ, ପ୍ରକୃତି ପୂଜକ ଆଦିବାସୀମାନଙ୍କର ସାର୍ନା ଧର୍ମ କୋଡ଼ ମାନ୍ୟତା, ଆଦିବାସୀମାନଙ୍କର ମାରାଂବୁରୁ ଈଶ୍ୱରକୁ ଜୈନମାନଙ୍କ କବଳରୁ ଫେରାଇ ଆଣିବା, ସାନ୍ତାଳୀ ଭାଷାକୁ ଝାଡ଼ଖଣ୍ଡର ପ୍ରଥମ ରାଜଭାଷା ମାନ୍ୟତା ଏବଂ ଓଡ଼ିଶାରେ ଦ୍ୱିତୀୟ ରାଜଭାଷା ମାନ୍ୟତା ପାଇଁ ସମସ୍ତ ଆଦିବାସୀ ନେତା-ମନ୍ତ୍ରୀମାନେ ଚୁପଚାପ୍ ମୂକ ଦର୍ଶକ ସାଜିଛନ୍ତି । ତେଣୁ ଅବିଳମ୍ବେ ଏକତା ହେବାକୁ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ଉକ୍ତ ସଭାରେ ସାସାଂବେଡା ଗ୍ରାମର ବୁଧିଆ ହେମ୍ବ୍ରମ, ଡାକ୍ତର କିସ୍କୁ, ପାର୍ବତୀ ସୋରେନ, ଫୁଲମଣି କିସ୍କୁ ସହିତ ପ୍ରମୁଖ ଶତାଧିକ ସ୍ତ୍ରୀ ପୁରୁଷ ଉପସ୍ଥିତ ଥିଲେ ।

# ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ବନ ମହୋତ୍ସବ ପାଳିତ



କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆ ତାଲୁକ୍ ଆଇନ ସେବା କମିଟି ଆନୁକୂଲ୍ୟରେ କମିଟିର ଅଧ୍ୟକ୍ଷ ତଥା ଏଡିଜେ ଆଶିଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଗଡସାହି ସଂରକ୍ଷିତ ଜଙ୍ଗଲରେ ୭୬ ତମ ବନ ମହୋତ୍ସବ ପାଳିତ ହେଇ ଯାଇଛି। ଏଥିରେ ସବଜଜ୍ ଅମିତ ସ୍ୱରୂପ ସେଠ, ଏସଡିଜେଏମ ପ୍ରଭାତ କୁମାର ସାମଲ, ଓକିଲ ସଂଘ ସଭାପତି ମଦନ ମୋହନ ମହାନ୍ତ, ସରକାରୀ ଓକିଲ ଜଗମୋହନ ମହାନ୍ତ, କମିଟି ସଦସ୍ୟ ଅଭିଜିତ ମହାନ୍ତ ଓକିଲ ସଂଘ ସଂପାଦକ ସରୋଜ କୁମାର ରାଉଳଙ୍କ ସହିତ ଅନ୍ୟ ଆଇନଜୀବୀ, କୋର୍ଟ କର୍ମଚାରୀ ମାନେ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ଏହି ଦିବସରେ ବନ ବିଭାଗ ପକ୍ଷରୁ ରେଞ୍ଜ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ, କରଞ୍ଜିଆ ଫରେଷ୍ଟର ସୁର ମୋହନ ବେହେରା ଓ ଅନ୍ୟ ବନ କର୍ମଚାରୀମାନେ ଉପସ୍ଥିତ ରହି ୭୬ ତମ ବନ ମହୋତ୍ସବକୁ ପାଳନ କରିଥିଲେ।

# ବିଏମ୍‌ସିରେ ସହର ତଳି ଅଞ୍ଚଳ ମିଶ୍ରଣ ନେଇ ଆଲୋଚନା



ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ମଣ୍ଡଳୀ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ବ୍ରହ୍ମପୁର ମହାନଗର ନିଗମର ନୂତନ ଆୟୁକ୍ତ ପ୍ରଥମେଶ ଅରବିନ୍ଦ ରାଜେଶିରଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ମହାନଗର ନିଗମରେ ସହର ତଳି ଅଞ୍ଚଳ ମିଶ୍ରଣ ନେଇ ଆଲୋଚନା କରିଥିଲେ। ନିକଟରେ କମିଶନରଙ୍କ ଦ୍ୱାରା ୧୮ ଟି ପଞ୍ଚାୟତ ପରିବର୍ତ୍ତେ ଯେଉଁ ଚାରୋଟି ଗ୍ରାମ ବିଏମସିରେ ମିଶ୍ରଣ ନେଇ ସୁପାରିଶ କରାଯାଇଅଛି ସେ ନେଇ ପ୍ରେକ୍ଷାପଟ୍ଟ କଣ ଥିଲା ଜାଣିବାକୁ ଚାହିଁଥିଲେ। କମିଶନର କହିଥିଲେ ଯେ ଯେହେତୁ ରଜ୍ୟ ସରକାର ଏ ସଂକ୍ରାନ୍ତରେ ଏନଓସି ମାଗିଥିଲେ ଏବଂ ଏହି ଚାରୋଟି ଗ୍ରାମ ଆଗରୁ ରିଜୋଲୁସନ ଦେଇସାରିଥିଲେ ଏବଂ ସେମାନଙ୍କ ମିଶ୍ରଣ ନେଇ ସମସ୍ତ ପ୍ରକ୍ରିୟା ସରିଯାଇଥିବା ହେତୁ ବିଏମସି ତରଫରୁ ସୁପାରିଶ କରାଗଲା। ବାକି ରହିଥିବା ୧୪ ଟି ପଞ୍ଚାୟତ ସମ୍ପର୍କରେ ଜିଲ୍ଲାପାଳ ରେକୋମେଣ୍ଡେସନ କରିବେ। ଖୁବ୍ ଶୀଘ୍ର ସମସ୍ତ ପଞ୍ଚାୟତର ମିଶ୍ରଣ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେବାକୁ ଯାଉଥିବା ସେ ପ୍ରକାଶ କରିଥିଲେ। କମିଟି ଦ୍ୱାରା ପଞ୍ଚାୟତମାନଙ୍କ ଠାରୁ ସଂଗୃହୀତ ସମସ୍ତ ଇଚ୍ଛା ସଂକଳ୍ପ ପତ୍ରକୁ ନୂତନ କମିଶନରଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଥିଲା। ଆଗାମୀ କାଉନସିଲ ବୈଠକ ଏଜେଣ୍ଡାରେ ଏହାକୁ ସାମିଲ କରାଯିବାକୁ କମିଟିର ପ୍ରସ୍ତାବକୁ ସେ ସମ୍ମତି ଜଣାଇଥିଲେ। ସେହିଭଳି କମିଶନରଙ୍କ ସହ ଆଲୋଚନା ସମୟରେ ଟାୱାର ଲାଇନ ରାସ୍ତା କାମ ନେଇ ଚର୍ଚ୍ଚା ହେଇଥିଲା । କମିଟି ତରଫରୁ ଉକ୍ତ ରାସ୍ତା ପରିଦର୍ଶନ କରିବା ନେଇ କମିଶନରଙ୍କୁ ଅନୁରୋଧ କରଯାଇଥିଲା। ଖୁବ୍ ଶୀଘ୍ର ସେ ପରିଦର୍ଶନରେ ଯିବେ ବୋଲି କହିଥିଲେ। ସେହିପରି ବୈକୁଣ୍ଠ ନଗର ସ୍ଥିତ ସ୍ପୋର୍ଟସ୍ ଏରେନା ଠାରୁ ବ୍ରଜନଗର ଦେଇ ଜ୍ୟୋତି ନଗର ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ଡ୍ରେନ ବିଷୟ ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା। ବର୍ଷା ଦିନ ଚାଲିଥିବାରୁ ସେପ୍ଟେମ୍ବର ମାସରେ ଡ୍ରେନ ନିର୍ମାଣ କାମ ଆରମ୍ଭ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ନୂତନ କମିଶନରଙ୍କ ସହ ଆଲୋଚନା ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ସନ୍ତୋଷଜନକ ଥିବା କମିଟି କହିଛି। ଆଜିର ପ୍ରତିନିଧିମଣ୍ଡଳୀରେ ସଭାପତିଙ୍କ ବ୍ୟତୀତ ଉପସଭାପତି ଦେବୀ ପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ଟି. ସୁଦେଶ ପାତ୍ରଙ୍କ ସହ ସମ୍ପାଦକ ବି ଭି ସାଗର, ସହ ସଂଗଠନ ସମ୍ପାଦକ ଅଜିତ୍ ପଟ୍ଟନାୟକ, କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ ଓ ଉପଦେଷ୍ଟା ଜୀତେନ୍ଦ୍ର କୁମାର ପାଢୀ ପ୍ରମୁଖ ସାମିଲ ଥିଲେ।

# ସହରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଚାଲିଛି ବେଧଡ଼କ ସଟ୍ଟା ଖେଳ

## ପୋଲିସ ପାଉନି ଟେର୍

ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ସହରରୁ ଗ୍ରାମାଞ୍ଚଳ ଯାଏଁ ଲମ୍ବିଛି ସଟ୍ଟା ଖେଳ। ସକାଳ ୧୦ ଟାରୁ ସନ୍ଧ୍ୟା ୧୦. ୩୦ ପର୍ଯ୍ୟନ୍ତ ବେଧଡ଼କ ଚାଲିଛି ଏହି ଖେଳ। ଏହି ଖେଳ ଦଶ ବର୍ଷର ଛୁଆ ପିଲା ଠାରୁ ଯୁବକ, ଯୁବତୀ ସହ ଷାଠିଏ ବର୍ଷର ଲୋକ ମଧ୍ୟ ଖେଳୁଥିବା ଦେଖିବାକୁ ମିଳୁଛି। କେତେ ଯେ ଲୋକେ ସଟ୍ଟା ଖେଳରେ ହାରି କିଏ ଆତ୍ମହତ୍ୟା କରୁଛି ତ କିଏ ପିଲାଛୁଆ ଛାଡି ବିଦେଶ ପଳାୟନ କରୁଛି। ଟଙ୍କା ଲୋଭରେ ପାଠ ପଢୁଆ ପିଲାମାନେ ମଧ୍ୟ ଖେଳୁଥିବା ଦୋକାନ ବଜାରରେ ଚର୍ଚ୍ଚା ହେଉଛି। ଭାରି କଷ୍ଟରେ ବାପା ମାଆ ରୋଜଗାର କରି ପିଲାଛୁଆଙ୍କୁ ବେସରକାରୀ ସ୍କୁଲରେ ପାଠ ପଢାଛନ୍ତି। ବହୁ କଷ୍ଟରେ ପିଲାର ମାସିକିଆ ଫିସ୍ ବାବଦକୁ ଏକ ଏକ ଟଙ୍କା ସାଇତି ରଖିଥାନ୍ତି। ହେଲେ ମାସକୁ ଯେତେ ଟଙ୍କା ଦେବା କଥା ତାହା ଯୋଗାଡ ହେଇ ନ ପାରିବାରୁ ଯୋଗାଡ଼ କରିଥିବା ଟଙ୍କାକୁ ସଟ୍ଟାରେ ଖେଳି ଦିଅନ୍ତି। ଯଦି ଖେଳରୁ ମିଳିଯିବ ତାହାଲେ ପିଲାର ଫିସ୍ ଦେଇଦେବି। କିନ୍ତୁ ଦଶଟି ନମ୍ବରରୁ ଗୋଟିଏ ନମ୍ବର ଆସିଥାଏ।ତେଣୁ ନିରାଶ ହୋଇ ଘରକୁ ଯାଇ ସଟ୍ଟା ଖେଳରେ ହାରିଥିବା ରାଗ ପରିବାରର ଲୋକଙ୍କ ଉପରେ ସୁଝାଇଥାଏ। ଏପରି ଦୟନୀୟ ଘଟଣା ଏହି ସଟ୍ଟା ଖେଳରେ ଦେଖିବାକୁ ମିଳୁଛି। ଖଡ଼ିଆଳ ସହରରେ ଭିନ୍ନ ଭିନ୍ନ ସଟ୍ଟା ଖେଳ ଚାଲିଛି। ଏହି ଖେଳର ମେନ ଗଦିଦାର ଥାନ୍ତି। କାଗଜ ଚିଟ୍ ଲେଖାଯାଏ। ସଟ୍ଟାରେ ଯିଏ ଟଙ୍କା ନେଇ ସଟ୍ଟା ଖେଳ କାଗଜରେ ଲେଖି ଚିଟ ଦିଅନ୍ତି ସେ ହେଲେ ଏଜେଣ୍ଟ। ଯିଏ ପଟି ଅର୍ଥାତ ସମସ୍ତ ଲେଖାର ଟଙ୍କା ଓ ଲେଖା କାଗଜର ଜେରକ୍ସ ମୋବାଇଲ ମାଧ୍ୟମରେ ସଟ୍ଟା କାଗଜ ଓ ଫୋନ ପେ ରେ ଟଙ୍କା ନିଅନ୍ତି ସେ ହେଉଛନ୍ତି ଗଦିଦାର। ମେନ୍ ସଟ୍ଟା ଖେଳ ଖଡ଼ିଆଳ ଠାରୁ ଟିଟିଲାଗଡ଼ ପର୍ଯ୍ୟନ୍ତ ଲମ୍ବିଛି। ଅଧିକ ମୋଟା ଅଙ୍କର ଅର୍ଥର ଓପନ, ଯୋଡି, କ୍ଲୋଜ ଖେଳ ହେଲେ ଟିଟିଲାଗଡ଼କୁ ଏଠିକାର ଗଦିଦାର କଟିଙ୍ଗ ଦେଇଥାନ୍ତି। ଖେଳ ଭିନ୍ନ ଭିନ୍ନ ଆକାରରେ ହୋଇଥାଏ। କଲ୍ୟାଣ ଡେ, ରାଜଧାନୀ ନାଇଟ୍, ଶ୍ରୀଦେବୀ ଡେ, ଶ୍ରୀଦେବୀ ନାଇଟ୍ ଭଳି ଖେଳ ଚାଲିଛି। ଓପନ, ଯୋଡି, ପତିନମ୍ବର, ଓ କ୍ଲୋଜ ଖେଳ ହୋଇଥାଏ। ଯଦି ଏକ ଟଙ୍କା ଓପନ ଖେଳରେ ଲାଗି ଯାଏ ତେବେ ୧୦ ଟଙ୍କା ଏଜେଣ୍ଟକୁ ମିଳେ। ସେହି ଦଶ ଟଙ୍କାରୁ ଏକ ଟଙ୍କା କାଟି ନଅଟଙ୍କା ଖେଳିଥିବା ଲୋକଙ୍କୁ ଦିଅନ୍ତି । ଏଜେଣ୍ଟ ଏକ ଟଙ୍କା ନିଜେ ରଖନ୍ତି। ଏପରି ଭାବେ ଖେଳ ହୁଏ। ଏକ ଟଙ୍କା ଯୋଡ଼ିରେ ନଅ ଟଙ୍କା, ଏକ ଟଙ୍କା ପତି ନମ୍ବରରେ ଏକ ଶହ ଟଙ୍କା,ଏକ ଟଙ୍କା କ୍ଲୋଜରେ ନଅ ଟଙ୍କା ଭାବେ ଖେଳାଳି କୁ ମିଳିଥାଏ। ଏପରି ଭାବେ ଖେଳ ହୁଏ। ଜଣେ ଲୋକ ସପ୍ତାହକୁ ୫୦ ହଜାର ଟଙ୍କା ହାରିବ ତାହେଲେ ଦୁଇରୁ ତିନିଥର ଜିତିବ, ଯାହାକି ସେ ଲୋକ ୩୦ ହଜାର ଟଙ୍କା ଲସ୍‌ରେ ଥିବ। ଖଡ଼ିଆଳ ସହରରୁ ଗ୍ରାମାଞ୍ଚଳ ଯାଏ ବେଧଡ଼କ ଚାଲିଛି ଏହି ସଟ୍ଟା ଖେଳ। ପୋଲିସ ଟେର ପାଉନାହିଁ ଏହି ଖେଳର। ଓପନ ଚାଲିଛି ସଟ୍ଟା ଖେଳ। ବହୁ ଲୋକେ ଏହି ଖେଳରେ ବର୍ବାଦ ହେଲେଣି। କଥାରେ ଅଛି ଚୋରର ମାଇକିନା ଲାଜରେ କାନ୍ଦେ ନାହିଁ। ଅର୍ଥାତ ସଟ୍ଟା ଖେଳୁ ଥିବା ଲୋକ ବର୍ବାଦ ହୋଇ ଗଲେ ମଧ୍ୟ ଲାଜରେ କିଛି ନକହି ଜୀବନ ହରାଉଛନ୍ତି। ଏହି ଖେଳ ନାମିଦାମୀ ସରକାରୀଆ କର୍ମଚାରୀ ମାନେ ମଧ୍ୟ ଟଙ୍କା ଲୋଭରେ ଖେଳୁଛନ୍ତି । ନିଜସ୍ୱ ସବୁ ସମ୍ପତ୍ତି ହରାଇ ଦାଣ୍ଡରେ ଭିକାରି ହୋଇ ବୁଲୁଛନ୍ତି। ଯୁବକମାନେ ସଟ୍ଟା ଖେଳରେ ହାରି ମଦୁଆ, ଗଞ୍ଜୁଆ ହୋଇ ସମାଜରେ ଅସାମାଜିକ କାମ ଲିପ୍ତ ରହୁଛନ୍ତି। ଖଡ଼ିଆଳ ସହରର ପୁରୁଣା ବସ୍ ଷ୍ଟାଣ୍ଡ,୩୫୩ ନମ୍ବର ଜାତୀୟ ରାଜପଥ ସାଇଡ, ବସଷ୍ଟାଣ୍ଡ, ବ୍ଲକ ଛକ, ବସଷ୍ଟାଣ୍ଡ ଛକରୁ ଲମ୍ବି ଗ୍ରାମାଞ୍ଚଳର ଭୂଲିଆ ସିକୁଆ ଗାଁରେ ମୋଟା ଅଙ୍କର ଖେଳ, ଟୁକଲାରେ ମୋଟା ଅଙ୍କର ଖେଳ, ଡୁଆଝରରେ ମୋଟା ଅଙ୍କର ଖେଳ ଚାଲିଛି। ଯଦି ଏହି ଖେଳକୁ ବନ୍ଦ କରା ନଯାଏ ତେବେ ଆଗାମୀ ଦିନରେ ଏହି ଖେଳରେ ଲୋକେ ସର୍ବସ୍ୱ ହରାଇ ସମାଜରେ ଅସାମାଜିକ କାର୍ଯ୍ୟ ବଢ଼ି ଚାଲିବ। ତେଣୁ ଜିଲ୍ଲା ପୋଲିସ ଅଧିକାରୀ ଧ୍ୟାନ ଦେବାକୁ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ପ୍ରବାସୀ ଶ୍ରମିକ ଆଇନ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ (ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନସେବା ପ୍ରାଧିକରଣ, ବୌଦ୍ଧ ଅଫିସ ଦ୍ୱାରା ବୌଦ୍ଧ ଜିଲ୍ଲା କୋର୍ଟ ପରିସରରେ ମୌଳିକ କର୍ତବ୍ୟ ଏବଂ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ବୌଦ୍ଧର ଅଧ୍ୟକ୍ଷ ପ୍ରତାପ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ । ଏହାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ, ବୌଦ୍ଧର ସଚିବ ଶ୍ରଦ୍ଧାଞ୍ଜଳି ରାୟ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ନିରଂଜନ ପାତ୍ର, ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଧିକାରୀ, ବୌଦ୍ଧ, ଜୟପ୍ରକାଶ ନାଏକ, ରେଜିଷ୍ଟ୍ରାର, ଦେୱାନୀ କୋର୍ଟ, ବୌଦ୍ଧ, ଅନୁଶିଳା ରାଏ, ବରିଷ୍ଠ ଦେୱାନୀ ବିଚାରପତି, ବୌଦ୍ଧ, ସୁନନ୍ଦା ସାହୁ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ), ନିରାଲୀ ସାମନ୍ତରାୟ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ବୌଦ୍ଧ ଏବଂ ଜିଲ୍ଲାର ଅତିରିକ୍ତ ଶ୍ରମ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲା କୋର୍ଟର ସମସ୍ତ କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ । ସମସ୍ତଙ୍କୁ ଆମ୍ଭମାନଙ୍କ ମୌଳିକ କର୍ତ୍ତବ୍ୟ ଏବଂ ପ୍ରବାସୀ ଶ୍ରମିକଙ୍କ ପାଇଁ ଆମ୍ଭ ଆଇନରେ ଥିବା ବିଭିନ୍ନ ଯୋଜନା ଉପରେ ଏବଂ ସେମାନଙ୍କ ସୁରକ୍ଷା ପାଇଁ ଥିବା ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ ।

# ଟାଟା ଷ୍ଟିଲ୍ ପକ୍ଷରୁ ବନ ମହୋତ୍ସବ ପାଳିତ




କୋଇଡା(ଭାସ୍କର ନ୍ୟୁଜ୍): ପରିବେଶ ସନ୍ତୁଳନ ଏବଂ ଜନ ସମାଜ ପାଇଁ ବୃକ୍ଷ ର ଆବଶ୍ୟକତା ସମ୍ପର୍କରେ ସଚେତନତା ବୃଦ୍ଧି ଏବଂ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ଉତ୍ସାହ ସୃଷ୍ଟି କରିବା ପାଇଁ, ଟାଟା ଷ୍ଟିଲ ପକ୍ଷରୁ ବନ ମହୋତ୍ସବ ଗୁରୁବାର କୋଇଡ଼ା ମହାବିଦ୍ୟାଳୟ ଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୫ ଜଣ ସାମ୍ବାଦିକ ସାମିଲ ହୋଇ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଧନଞ୍ଜୟ ସାହୁ ଏବଂ ଅଧ୍ୟାପକଙ୍କ ସମେତ ଛାତ୍ରଛାତ୍ରୀମାନେ ମଧ୍ୟ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ। ଟାଟା ଷ୍ଟିଲ ଫାଉଣ୍ଡେସନର ଅଧିକାରୀ ଏବଂ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବନ ବିଭାଗ ର ସ୍ଥାନୀୟ ଫରେଷ୍ଟର, ରେଞ୍ଜର ଏବଂ କର୍ମଚାରୀମାନେ ମଧ୍ୟ ଯୋଗ ଦେଇ ସମସ୍ତଙ୍କୁ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ଉତ୍ସାହିତ କରିଥିଲେ। ନୀଳାଚଳ ଇସ୍ପାତ ଖଣି ଚିଫ ରାହୁଲ କିଶୋର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବୃକ୍ଷର ଉପାଦେୟତା ଏବଂ ପରିବେଶ ସନ୍ତୁଳନରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ବର୍ତ୍ତମାନର ପରିବର୍ତ୍ତନଶୀଳ ଜଳବାୟୁ ପାଇଁ ଗଛର ବହୁଳ ଆବଶ୍ୟକତା ରହିଛି ଏବଂ ଏହାକୁ ଆବାଳବୃଦ୍ଧବନିତା ହୃଦୟଙ୍ଗମ କରି ଚାରାରୋପଣ କରିବା ର ସମୟ ଆସିଛି ବୋଲି ସମସ୍ତେ ମତ ବ୍ୟକ୍ତ କରିଥିଲେ । ବନ ମହୋତ୍ସବ ପ୍ରତି ବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ପାଳନ କରାଯାଇଥାଏ। ସ୍ଥାନୀୟ ଜନସାଧାରଣଙ୍କୁ ପରିବେଶ ସନ୍ତୁଳନ ପାଇଁ ଗଛ ଲଗାଇବା କାର୍ଯ୍ୟକ୍ରମରେ ସାମିଲ କରିବା ସହ ସଚେତନତା ସୃଷ୍ଟି କରାଇବା ହେଉଛି ଏହି ବନ ମହୋତ୍ସବ ର ଉଦ୍ଦେଶ୍ୟ ।

# 'ଏକ୍ ପେଡ୍ ମା' କେ ନାମ ୨.୦' ଅଭିଯାନ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ

ତାଳଚେର(ଭାସ୍କର ନ୍ୟୁଜ୍): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଳଚେର ହାଣ୍ଡିଧୁଆ ଗ୍ରାମର ଖେଳପଡ଼ିଆ ଏବଂ ଗୋପାଳପ୍ରସାଦ ରିଜର୍ଭ ଫରେଷ୍ଟରେ ପୃଥକ ପୃଥକ ଭାବରେ 'ଏକ୍ ପେଡ୍ ମା' କେ ନାମ ୨.୦' ଅନ୍ତର୍ଗତ ବୃକ୍ଷରୋପଣ ଅଭିଯାନ ଓ ୭୬ତମ ବନ ମହୋତ୍ସବ-୨୦୨୫ରେ ଯୋଗଦେଇଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ସ୍କୁଲ ଛାତ୍ରଛାତ୍ରୀ ଓ ସାମାଜିକ ସଂଗଠନର ସଦସ୍ୟମାନଙ୍କ ସହ ମିଶି ଗଛ ଲଗାଇବା ସହ ଅନୁଗୋଳ ଜିଲ୍ଲାରେ ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ବାର୍ଷିକ ୧୦ ଲକ୍ଷ ଗଛ ଲଗାଇବା ପାଇଁ ସଂକଳ୍ପ କରିବାକୁ ଜିଲ୍ଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ 'ମା' ପାଇଁ ଗଛଟିଏ' ଏକ ଭାବନାତ୍ମକ ବିଚାର । ପ୍ରକୃତି ମାତାକୁ ସୁରକ୍ଷା ଦେବା ପାଇଁ ସାରାଦେଶରେ ଏହି ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି । ଏହି ଅଭିଯାନ ଏପରି ଏକ ଭବିଷ୍ୟତ ପ୍ରତି ସମର୍ପଣ, ଯେଉଁଠି ପ୍ରକୃତିର ସମ୍ମାନ ; ଆମର ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପରିଗଣିତ ହେବ । ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଅନୁଗୋଳରେ ୧୦ ଲକ୍ଷ ଚାରା ଲଗାଇବା ସହ ଏହି ପରମ୍ପରାକୁ ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ଅବ୍ୟାହତ ରଖିବା ପାଇଁ ଆମେ ସଂକଳ୍ପ ନେବା ଦରକାର। ଗଛର ଯତ୍ନ ନେବା ସହ ଏହାକୁ ଜନଆନ୍ଦୋଳନର ରୂପ ଦେବା । ବନୀକରଣରେ ତାଳଚେର ସମେତ ଅନୁଗୋଳର ପରିଚୟ ସୃଷ୍ଟି କରିବାକୁ ସେ ଅପିଲ୍ କରିଛନ୍ତି ।

# ଲଗାଣ ବର୍ଷାରେ ଜନଜୀବନ ଅତିଷ୍ଠ, ବଢୁଛି ପନିପରିବା ଦର



ବଡ଼ଚଣା (ଭାସ୍କର ନ୍ୟୁଜ୍): ଆଜିକୁ ରାଜ୍ୟସାରା କୋଡ଼ିଏ ଦିନରୁ ଉର୍ଦ୍ଧ ହେବ ସକାଳ କିମ୍ବା ରାତିରେ ବଜ୍ରପାତ ଘଡଘଡି ସହ ଲଗାଣ ବର୍ଷା ହେଉଛି। ପ୍ରକାଶ ଥାଉ ଯେ ବଡ଼ଚଣା ବ୍ଲକର ବଡ଼ ଛୋଟ ହାତ ଗଣତି ସାତ ଆଠଟି ଛକ ଦୋକାନ ବଜାର ତିନିଟି ହାଟ ଉପରେ ଲୋକମାନେ ନିଜର ରୋଜଗାର କରୁଥିବା ସମୟରେ ଖାଉଟି ମାନେ ଏହି ବଜାରେ ଉପରେ ନିର୍ଭରଶୀଳ ହୋଇ ଅଛନ୍ତି। ଏହି ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହେବା ସହ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଭଲ ପନିପରିବା ନ ମିଳୁଥିବା ସତ୍ୱେ ଦର ବଢ଼ିବାରେ ଲାଗିଛି । ପନିପରିବା ୫୦ ଟଙ୍କାରୁ ଆରମ୍ଭ ହୋଇ ୧୩୦ ଟଙ୍କା ଉପରେ ମଧରେ ବିକ୍ରି ହେଉଛି। ଏହି ଭଳି ପରିସ୍ଥିତି ଉପୁଜିଲେ ଆଗକୁ ଦର ଆକାଶଛୁଆଁ ହେବ ବୋଲି ପରିବା ବ୍ୟବସାୟ କରୁଥିବା ଙ୍କ ଠାରୁ ପ୍ରକାଶ। ଗାଁ ଗଣ୍ଡାରେ ପୂର୍ବରୁ ଚାଉଳ ୨୫ ଟଙ୍କା ରେ ବିକ୍ରି ହେଉଥିଲା ଏବେ ୪୦ ଟଙ୍କା ଖୁଚୁରା ରେ ବିକ୍ରି ହେଉଛି। ଖାଉଟିମାନେ ନାହିଁ ନଥିବାର ଅବସ୍ଥା ଭୋଗୁଛନ୍ତି। ଚାଷ ପାଇଁ ଉପଯୋଗୀ ସମୟ ଥିବାବେଳେ ଧାନ ଚାଷର ତଳି ପକାଇବା। ପନିପରିବା ଫସଲ ଲଗାଇବା କଷ୍ଟକର ହୋଇପଡିଛି। ଦିନ ମଜୁରିଆ ଶ୍ରମିକଙ୍କ ପାଇଁ ପନିପରିବା ପରିବା କିଣିବା ଏକ ସ୍ୱପ୍ନ ଭଳି ଲାଗୁଛି। ଲଘୁଚାପ ଜନିତ ଲଗାଣ ବର୍ଷାର ପ୍ରଭାବରେ ଦିନ ମଜୁରିଆ ଶ୍ରମିକମାନେ ରୋଜଗାର ହରାଇ ଘରେ ବସିରହି କରଜ ଦାମ କରି ଦିନ କାଟୁଛନ୍ତି। ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ଯାଉଥିବା କର୍ମଚାରୀ ଛାତ୍ର ଛାତ୍ରୀ ଲଗାଣ ବର୍ଷା ଯୋଗୁଁଠିକ୍ ସମୟରେ ଯିବା ଆସିବା କଷ୍ଟକର ହୋଇପଡିଛି। ଦୋକାନ ବଜାର ବିକ୍ରିବଟା କମ୍ ହେଉ ଥିବାବେଳେ ପରିବାର ଚଳାଇବା ମୁଣ୍ଡବ୍ୟଥାର କାରଣ ହେଲାଣି । ଏବେ ଯାଜପୁର ଜିଲ୍ଲାରେ ଡାଇରିଆ ସଂକ୍ରମଣ ସାମାନ୍ୟ ଆୟତ୍ତ ଅଛି। ବଡ଼ଚଣାରେ ଏହି ଡାଇରିଆ ରେ ଦୁଇ ଜଣଙ୍କ ମୃତ୍ୟୁ ହୋଇ ଥିବାବେଳେ ଲଗାଣ ବର୍ଷା ଯୋଗୁଁ ରାସ୍ତା ଘାଟ ଖାଲଖମା ପାଣି ରେ ଭର୍ତ୍ତି ହୋଇ ମଶା ମାଛି ରୋଗଜନୀତ ପୋକ ଜନ୍ମ ହେବା ଯୋଗୁଁ ଥଣ୍ଡା,କାଶ ଜ୍ୱର ସଂକ୍ରମଣ ହେବାର ଲକ୍ଷଣ ଆରମ୍ଭ ହୋଇଗଲାଣି ପ୍ରଶାସନ ତରଫରୁ ଲୋକମାନଙ୍କୁ ସଚେତନତା କରିବା ସହ ସ୍ୱାସ୍ଥ୍ୟ ବିଭାଗ ସଜାଗ ନ ରହିଲେ ବହୁ ଜନଜୀବନ ନଷ୍ଟ ହେବାର ସମ୍ଭାବନା ରହିଛି।



କଟକ(ଭାସ୍କର ନ୍ୟୁଜ୍): ଯୌତୁକ ହତ୍ୟା ମାମଲାରେ ଆଜୀବନ ଦଣ୍ଡାଦେଶ ଭୋଗୁଥିବା ଜଣେ ଆସାମୀଙ୍କୁ ଓଡିଶା ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି । ଆବେଦନକାରୀ ତଥା ମାମଲାର ଆସାମୀ ନିଖିଲ୍ କୁମାର ମହାନ୍ତିଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଶଶୀକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଜାମିନ ପ୍ରଦାନ କରିଛନ୍ତି । ଏହି ମାମଲାରେ ନିମ୍ନ ଅଦାଲତରେ ଦୁଇ ଜଣ ଜାମିନଦାରଙ୍କ ସହିତ ନଗଦ ୫୦ ହଜାର ଟଙ୍କା ଦାଖଲ କରିବାକୁ ହାଇକୋର୍ଟ ସର୍ତ୍ତ ରଖିଛନ୍ତି । ବାଲେଶ୍ୱର ସିମୁଳିଆ ଥାନା ଅଧିନରେ ଯୌତୁକ ହତ୍ୟା ମାମଲାରେ ବାଲେଶ୍ୱର ଦ୍ୱିତୀୟ ଅତିରିକ୍ତ ସେସନ୍ ଜଜ୍ ଗତ ୨୦୧୪ ମସିହାରେ ଆସାମୀ ନିଖିଲ୍ କୁମାର ମହାନ୍ତିକୁ ଆଜୀବନ ଦଣ୍ଡାଦେଶ ପ୍ରଦାନ କରିଥିଲେ । ଏଥିସହିତ ଆସାମୀକୁ ୫ ହଜାର ଟଙ୍କା ଦାଖଲ କରିବାକୁ ଆଦେଶ ଦେଇଥିଲେ । ଜେଲ୍‌ରେ ଥାଇ ଦଣ୍ଡାଦେଶ ଅବଧି ମଧ୍ୟରେ ଆସାମୀ ୩ ଥର ଅନ୍ତରୀଣ ଜାମିନରେ ଯାଇଥିଲେ ।

## ଜାତୀୟ ଶିକ୍ଷାନୀତି କାର୍ଯ୍ୟାନ୍ୱୟନ ପାଇଁ ଟାସ୍କ ଫୋର୍ସ ବୈଠକ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟାନ୍ୱୟନ ପାଇଁ ଦ୍ୱିତୀୟ ରାଜ୍ୟ ଟାସ୍କ ଫୋର୍ସ ବୈଠକ ଲୋକସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଭାଗର ସମନ୍ୱୟରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ଶିକ୍ଷା ନୀତି ୨୦୨୦ର ବିଭିନ୍ନ ଦିଗ ସମ୍ପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା । ବୈଠକରେ ସଞ୍ଜୀବ କୁମାର ମିଶ୍ର, ପ୍ରମୁଖ ଶାସନ ସଚିବ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ, ଶାଳିନୀ ପଣ୍ଡିତ, କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଭୂପେନ୍ଦ୍ର ସିଂ ପୁନିଆ, କମିଶନର ତଥା ଶାସନ ସଚିବ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ଏବଂ ମହିଳା ଓ ଶିଶୁ ବିକାଶ, ଉଚ୍ଚଶିକ୍ଷା, ଯୋଜନା ଓ ସଂଯୋଜନା, ଓସେପାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ସହଯୋଗୀ ଅନୁଷ୍ଠାନର ପ୍ରତିନିଧିମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ବୈଠକରେ ଉନ୍ନୟନ କମିଶନର ଆଇଟି ସକ୍ଷମ ମନିଟରିଂ ସିଷ୍ଟମ କାର୍ଯ୍ୟକାରୀ ଏବଂ ବହୁଭାଷୀ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଦିଗରେ ଧ୍ୟାନ ଦେଇଥିଲେ ।

## ଝାରପଡା ଜେଲ୍‌ରେ ଜେଲ ଡିଜି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଝାରପଡା ଜେଲରେ ଜେଲ ଡିଜି । ଜେଲର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି ଜେଲ ଡିଜି ସୁଶାନ୍ତ କୁମାର ନାଥ । ଝାରପଡ଼ା ଜେଲ୍ ସୁପରିଟେଣ୍ଡେଣ୍ଟ ଓ ଜେଲରଙ୍କ ସହ ବୈଠକ କରିଛନ୍ତି । ଜେଲ୍ ସୁରକ୍ଷା ବ୍ୟବସ୍ଥା ଓ ସିସିଟିଭି ପରିଚାଳନା ଉପରେ ଆଲୋଚନା ହୋଇଛି ।

## ୭୫ ହଜାର ଶିକ୍ଷକ ଶିକ୍ଷୟିତ୍ରୀ ଦେବେ ସ୍ୱେସାଲ୍ ଓଟିଇଟି

କଟକ(ଭାସ୍କର ନ୍ୟୁଜ୍): ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ସ୍ୱେସାଲ୍ ଓଟିଇଟି) ଆସନ୍ତା ୨୦ ତାରିଖରେ ହେବ । ଏହି ପରୀକ୍ଷା ଲାଗି ଏଥର ରେକର୍ଡ ୭୫ ହଜାର ୪୦୩ ହଜାର ଶିକ୍ଷକ ଶିକ୍ଷୟିତ୍ରୀ ଆବେଦନ କରିଛନ୍ତି । ପରୀକ୍ଷାରେ କପି କରି ଯଦି କୌଣସି ଶିକ୍ଷକ ଧରାପଡ଼ିବେ, ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ । ପୂର୍ବ ବର୍ଷ ଅପେକ୍ଷା ଏଥର ବହୁ ଅଧିକ ଆବେଦନକାରୀ ରହିଛନ୍ତି । ୩୦ ଜିଲ୍ଲାରେ ମୋଟ୍ ୧୯୩ଟି କେନ୍ଦ୍ରରେ ଏହି ପରୀକ୍ଷା କରାଯିବ । ପ୍ରଶ୍ନପତ୍ର ବିଭ୍ରାଟ ରୋକିବା ଲାଗି ବୋର୍ଡ କାର୍ଯ୍ୟାଳୟରୁ ପ୍ରଶ୍ନ ଡିଜି ଲକରରେ ସମସ୍ତ କେନ୍ଦ୍ରକୁ ପଠାଯିବ । କପି ନିୟନ୍ତ୍ରଣ ଲାଗି ସେଣ୍ଟରଗୁଡ଼ିକରେ ସିସିଟିଭି କ୍ୟାମେରା ବନ୍ଦୋବସ୍ତ କରାଯାଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି ।

## ରାଜ୍ୟ ବିଜେପିକୁ ଖୁବ୍‌ଶୀଘ୍ର ମିଳିବ ନୂଆ ସଭାପତି, ୬ରେ ବିଜ୍ଞପ୍ତି




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେପିର ରାଜ୍ୟ ସଭାପତି ନିର୍ବାଚନ ନେଇ ପୁଣିଥରେ ପ୍ରକ୍ରିୟା ଜୋର ଧରିଛି । ଆସନ୍ତା ୬ ତାରିଖରେ ଏଥିନେଇ ବିଜ୍ଞପ୍ତି ପ୍ରକାଶ ପାଇବ । ୭ ତାରିଖରେ ନାମାଙ୍କନପତ୍ର ଦାଖଲ ଓ ୮ ତାରିଖରେ ମତଦାନ କରାଯିବ । ଏ ନେଇ ସୂଚନା ଦେଇଛନ୍ତି ସହ ନିର୍ବାଚନ ଅଧିକାରୀ ଯତୀନ ମହାନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ ବିଜେପିର ସାଙ୍ଗଠନିକ ନିର୍ବାଚନ ପାଇଁ ୨୦୨୪ରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏବେ ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟ ସଭାପତି ନିର୍ବାଚନ ଗତମାସ ୨୯ ତାରିଖରୁ ଆରମ୍ଭ ହୋଇ ଚଳିତମାସ ୧ ତାରିଖରେ ଶେଷ ହେବାର ଥିଲା । ତେବେ ପୁରୀ ଅଘଟଣ ପାଇଁ ଏହା ହୋଇପାରି ନଥିଲା । ୬ରେ ମତଦାତା ସୂଚୀ ପ୍ରକାଶ ପାଇବ । ୭ରେ ନାମାଙ୍କନ ଓ ୮ ତାରିଖରେ ଏକାଧିକ ପ୍ରାର୍ଥୀ ଥିଲେ ପୂର୍ବାହ୍ନ ୯ଟାରୁ ୧୧ଟା ଯାଏ ମତଦାନ କରାଯିବ । ଏହାପରେ ଫଳାଫଳ ଘୋଷଣା କରାଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ସୂଚନାଯୋଗ୍ୟ ଯେ ୨୦୨୪ ପୂର୍ବରୁ ବିଜେପି ରାଜ୍ୟ ସଂଗଠନର ସଭାପତି ଭାବେ ମନମୋହନ ସାମଲ ତାଙ୍କର କାର୍ଯ୍ୟ ଜାରି ରଖିଛନ୍ତି । ଗତ ବିଧାନସଭା ନିର୍ବାଚନରେ ଦଳକୁ ବିଜୟୀ କରିବାରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ତାଙ୍କ ଉପରେ ଦଳର ମଧ୍ୟ ଯଥେଷ୍ଟ ଭରସା ରହିଛି । ତେବେ ଆଗାମୀ ସାଙ୍ଗଠନିକ ନିର୍ବାଚନରେ ଦଳର ନେତାମାନେ ପୁଣିଥରେ ଶ୍ରୀ ସାମଲଙ୍କୁ ମନୋନୀତ କରିବେ ନା ନୂଆ ସଭାପତି ନିର୍ବାଚିତ କରିବେ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ।

## ରଥଯାତ୍ରା ବିଭ୍ରାଟର ବିଚାର ବିଭାଗୀୟ ତଦନ୍ତ ଦାବିରେ ରାଜ୍ୟପାଳଙ୍କୁ ଭେଟିଲା ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରଥଯାତ୍ରା ବେଳେ ପୁରୀରେ ବିଭ୍ରାଟ ଓ ଗୁଣ୍ଡିଚା ମନ୍ଦିର ନିକଟରେ ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛି ବିଜେଡି । ଏହି ପରିପ୍ରେକ୍ଷୀରେ ବିଜେଡିର ଏକ ପ୍ରତିନିଧି ଦଳ ଶୁକ୍ରବାର ରାଜଭବନ ଠାରେ ରାଜ୍ୟପାଳଙ୍କୁ ସାକ୍ଷାତ କରି ଦାବି ଜଣାଇଛି । ଏନେଇ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ଲେଖିଛନ୍ତି ଯେ ଚଳିତ ବର୍ଷ ପୁରୀ ଠାରେ ଆୟୋଜିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା ସମୟରେ ଅତ୍ୟନ୍ତ ବିଶୃଙ୍ଖଳା, ଆଇନ ଶୃଙ୍ଖଳା ପରିସ୍ଥିତି, ବଡ଼ଦାଣ୍ଡରେ ସନ୍ଧ୍ୟା ପରେ ରଥ ଗୋଟିଏ ପାହୁଣ୍ଡ ଗଡିବା, ଆଡ଼ପ ବିଜେ ପୂର୍ବରୁ ଗୁଣ୍ଡିଚା ମନ୍ଦିର ନିକଟରେ ୩ ଜଣ ଭକ୍ତଙ୍କ ପ୍ରାଣହାନି, ଶତାଧିକ ଆହତ ହେବା ହିଁ ପ୍ରଶାସନର ସମ୍ପୂର୍ଣ୍ଣ ବିଫଳତାକୁ ଦର୍ଶାଇଥିଲା । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବିଜୁ ଜନତା ଦଳର ଦଳର ସାଂସଦ, ବିଧାୟକ, ବରିଷ୍ଠ ନେତୃମଣ୍ଡଳୀଙ୍କ ସହ ରାଜ୍ୟପାଳଙ୍କୁ ସାକ୍ଷାତ କରି ଏକ ବିଚାର ବିଭାଗୀୟ ତଦନ୍ତ କରିବା ପାଇଁ ଦାବି କରିଥିଲେ ।

## ନାରୀ ସମାଜର ସମ୍ମାନ ରକ୍ଷା ପାଇଁ ଲଢ଼େଇ ଜାରି ରହିବ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯେଭଳି ବିଜେଡିର ମୁଖପାତ୍ର ତଥା ବାଲେଶ୍ୱର ସାଂସଦ ପ୍ରାର୍ଥୀ ଡ଼ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଗଣମାଧ୍ୟମ ସମ୍ମୁଖରେ ବ୍ୟକ୍ତିଗତ ଆକ୍ଷେପ କରି ତାଙ୍କ ଚରିତ୍ର ଉପରେ ଅରୁଚିକର ଟିପ୍ପଣୀ ଦେଇଥିଲେ, ଯାହା ଓଡ଼ିଶାର ସମସ୍ତ ନାରୀ ସମାଜ ପାଇଁ ଏକ ଲଜ୍ଜାକର ଘଟଣା ଅଟେ । ଶ୍ରୀ ଖଟୁଆଙ୍କ ବକ୍ତବ୍ୟକୁ ବିରୋଧ କରି ଡ଼ ସାମନ୍ତସିଂହାର ଆଜି ଭୁବନେଶ୍ୱର ସ୍ଥିତ ମହିଳା ଥାନାରେ ଶ୍ରୀ ଖଟୁଆଙ୍କ ବିରୋଧରେ ଏତଲା ଦାୟର କରିଥିଲେ । ତାଙ୍କ ସହିତ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ କ୍ୟାପଟେନ ମନ୍ମଥ ରାଉତରାୟ, ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ପ୍ରିୟବ୍ରତ ମାଝୀ, ମୁଖପାତ୍ର ତୁମ୍ବନାଥ ପଣ୍ଡା, ଇପ୍ସିତା ସାହୁ, ସୋଫିଆ ଆଲାମ୍, ଅରୂପ ଶ୍ରୀଚନ୍ଦନ, ନାରାୟଣ ଜେନା, ଲୋରା ମହାପାତ୍ର, ଅଂଶୁ ତ୍ରିପାଠୀ, ଭାରତୀ ସିଂ, ମାନସୀ ସୁନ୍ଦରାୟ, ଇଲା ସ୍ୱାଇଁ, ଶ୍ରୀମତୀ ମହାମାୟା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଟଙ୍କା ଫେରିପାଇବେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପି ରାଜ୍ୟରେ ଏକାକୀ ସରକାର ଗଠନ କରିବାପରେ ଚିଟଫଣ୍ଡ ସଂସ୍ଥାରେ କ୍ଷତିଗ୍ରସ୍ତ ସମସ୍ତ ଯୋଗ୍ୟ ଜମାକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଉଛି । ମାତ୍ର ୧ ବର୍ଷ ମଧ୍ୟରେ ୧ ଲକ୍ଷ ୨୬ ହଜାର ୧୩୭ ଜଣ ଯୋଗ୍ୟ ଜମାକାରୀଙ୍କ ଟଙ୍କା ଫେରସ୍ତ କରାଯାଇଛି । ଆସନ୍ତା ୩-୪ ମାସ ମଧ୍ୟରେ ୫ ଲକ୍ଷ ଯୋଗ୍ୟ ଜମାକାରୀକାରୀଙ୍କୁ ପର୍ଯ୍ୟାୟକ୍ରମେ ଟଙ୍କା ଫେରସ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ବିଜେପି ସରକାରଙ୍କ ନିଷ୍ଠାପର ଉଦ୍ୟମ ପାଇଁ ଚିଟ୍ ଫଣ୍ଡରେ କ୍ଷତିଗ୍ରସ୍ତ ଯୋଗ୍ୟ ହିତାଧିକାରୀମାନେ ଟଙ୍କା ଫେରିପାଇବେ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମନମୋହନ ସାମଲ କହିଛନ୍ତି । ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବା ପାଇଁ ତୁରନ୍ତ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ । ଚିଟ୍‌ଫଣ୍ଡ କ୍ଷତିଗସ୍ତ ସମସ୍ତ ଯୋଗ୍ୟ ଜମାକାରୀଙ୍କୁ ଟଙ୍କା ଫେରସ୍ତ କରାଯିବ । ଏନେଇ ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ନିଜର ସଂକଳ୍ପପତ୍ରରେ ଘୋଷଣା କରିଥିଲା । ବିଜେପି ସରକାର କ୍ଷତିଗସ୍ତ ଜମାକାରୀଙ୍କ ପ୍ରତି ସମ୍ବେଦନଶୀଳ । ସମସ୍ତ କ୍ଷତିଗସ୍ତ ଯୋଗ୍ୟ ଜମାକାରୀ କିପରି ଟଙ୍କା ପାଇବେ ସେନେଇ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ । ସାମାନ୍ୟ ପ୍ରମାଣ ଦେଖାଇଲେ ଯେପରି ଜମାକାରୀ ଟଙ୍କା ଫେରସ୍ତ ପାଇପାରିବେ ସେଭଳି ବିଧି ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ସାମଲ କହିଛନ୍ତି । ଏହି ଅବସରରେ କଣ୍ଟାବାଞ୍ଜୀ ବିଧାୟକ ଲକ୍ଷ୍ମଣ ବାଗ, ରାଜ୍ୟ ବିଜେପି ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ଏବଂ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## କଂଗ୍ରେସ ଭବନରେ ମିଶ୍ରଣ ପର୍ବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ ଗଞ୍ଜାମ ଜିଲ୍ଲାର ସୋରଡ଼ା ଏବଂ ବେଲଗୁଣ୍ଠ ବ୍ଲକର ୨୦୦ ରୁ ଉର୍ଦ୍ଧ୍ୱ ବିଜେଡ଼ି କର୍ମୀ ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି । ଏହି ଅବସରରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସ କହିଲେ ଯେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନେତୃତ୍ୱ ଜନନାୟକ ତଥା ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀଜୀ ଆଦର୍ଶ ଓ ସଂଗ୍ରାମ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ତ୍ୟାଗରେ ଅନୁପ୍ରାଣିତ ହୋଇ ଆଜି ସୋରଡ଼ା ବିଧାନ ସଭାର ସରପଞ୍ଚ ଗୌଡ଼ଗୋଠ ଗ୍ରାମ ପଞ୍ଚାୟତର ସରୋଜ ମଲ୍ଲିକ, ସମିତିସଭ୍ୟ ଗୌଡ଼ଗୋଠ ଗ୍ରାମପଞ୍ଚାୟତର କାମେଶ୍ୱର ମଲ୍ଲିକ, ପୂର୍ବତନ ନାୟକ ସରପଞ୍ଚ ଗୌଡ଼ଗୋଠ ଗ୍ରାମପଞ୍ଚାୟତର ଶ୍ୟାମ ମଲ୍ଲିକ, ନାୟବ ସରପଞ୍ଚ ଗୌଡ଼ଗୋଠ କାମଦାସ ସବର, ବାଳକୃଷ୍ଣ ମଲ୍ଲିକ ସମିତି ସଭ୍ୟ ବଡ଼ଗୋଛାର ସାଲିମା ଗ୍ରାମ ଖ୍ରିଷ୍ଟିଆନ କମ୍ୟୁନିଟି ଲିଡର ଗୋଛା ନିରଞ୍ଜନ ନାୟକ, କୁଇ ସମାଜ ଯୁବ ସଭାପତି, ବନମାଳି ମଲ୍ଲିକ, ପୂର୍ବତନ ଓ୍ୱାର୍ଡମେମ୍ବର ଦିଲ୍ଲିପ ରଣକ୍ଷଣ୍ଡ ପ୍ରମୁଖ ଶତାଧିକ ବିଜେଡ଼ି କର୍ମୀ ଆଜି କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି । ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଦାସରଥି ଗମାଙ୍ଗୋ, ଗଞ୍ଜାମ ଜିଲ୍ଲା (ପଶ୍ଚିମ) ସଂଯୋଜ ଦେବକାନ୍ତ ଶର୍ମା, ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ କୁମାର ପ୍ରଧାନ, ସୋରଡ଼ା ବିଧାୟକ ପ୍ରାର୍ଥୀ ହରେକଷ୍ଣ ରଥ, ବିଧାୟକ ପ୍ରାର୍ଥୀ ଖଲ୍ଲିକୋଟ ଚିତ୍ରସେନ ବେହେରା ଓ ଭଞ୍ଜନଗରର କୁଲୁ ଭୂୟାଁ ପ୍ରମୁଖ ଏହି ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ ।






ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



## ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନ

# ମୁହାଁମୁହିଁ ସ୍ଥିତିରେ ଭାରତ ଓ ଚୀନ୍

ଭାରତରେ ଏବେ ନିର୍ବାସିତ ଜୀବନ ବିତାଉଥିବା ତିବ୍ବତୀୟ ବୌଦ୍ଧ ଧର୍ମଗୁରୁ ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନ ପ୍ରକ୍ରିୟା ବିବାଦୀୟ ମୋଡ଼ ନେବା ସଙ୍ଗେ ସଙ୍ଗେ ଭାରତ ଓ ଚୀନ୍ ମୁହାଁମୁହିଁ ସ୍ଥିତିରେ ପହଞ୍ଚିଛନ୍ତି। ତିବ୍ବତ ବର୍ତ୍ତମାନ ଚୀନ୍‌ର ଦଖଲରେ ଥିବାରୁ ଉତ୍ତରାଧିକାରୀ ଚୟନ ନିଷ୍ପତ୍ତି କେବଳ ଚୀନ୍ ହିଁ ନେବ ବୋଲି ଦାବି କରୁଛି। ମାତ୍ର ଭାରତ ଏହାର ତୀବ୍ର ବିରୋଧ କରି ଆଧ୍ୟାତ୍ମିକ ଗୁରୁ ଭାବରେ ବର୍ତ୍ତମାନର ଦଲାଇଲାମା ହିଁ ଏଥିନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରିବେ ଯୁକ୍ତି ଦର୍ଶାଇଛି। ଆଉ କାହାର ପରବର୍ତ୍ତୀ ଦଲାଇଲାମା ଚୟନ କରିବାର ଅଧିକାର ନାହିଁ ବୋଲି କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସ୍ପଷ୍ଟ କରିଦେଇଛନ୍ତି। ଦଲାଇଲାମା ପଦ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଏବଂ ସେ କେବଳ ତିବ୍ବତୀୟଙ୍କର ନୁହନ୍ତି, ସମସ୍ତ ଧର୍ମାବଲମ୍ବୀଙ୍କର ନମସ୍ୟ ବୋଲି ମନ୍ତ୍ରୀ କହିଛନ୍ତି। ହିମାଳୟର ପାଦ ଦେଶରେ ଥିବା ତିବ୍ବତ ବିଗତ ଦିନରେ ଏକ କ୍ଷୁଦ୍ର ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ଲାଭ କରିଥିଲା। ଦଲାଇଲାମା ହିଁ ଏହି ସ୍ୱାଧୀନ ଦେଶର ମୁଖ୍ୟ ଧର୍ମଗୁରୁ ଓ ସର୍ବୋଚ୍ଚ ଶାସକ ଭାବରେ ଅଧିଷ୍ଠିତ ଥିଲେ। ମାତ୍ର ୧୯୫୯ ମସିହାରେ ଚୀନ୍ ବଳପ୍ରୟୋଗ କରି ତିବ୍ବତକୁ ଦଖଲ କରିନେବାରୁ ଦଲାଇଲାମା ସଦଳବଳେ ଭାରତକୁ ପଳାଇ ଆସି ସେହିଦିନ ଠାରୁ ରାଜନୈତିକ ଆଶ୍ରୟ ଗ୍ରହଣ କରିଛନ୍ତି। ତିବ୍ବତକୁ ଅଧିକାର କରିନେବା ଫଳରେ ଭାରତର ଉତ୍ତର ସୀମାରେ ଚୀନ୍ ଏହାର ନିକଟତମ ପଡ଼ୋଶୀ ଦେଶରେ ପରିଣତ ହେବା ସହିତ ଦୁଇଦେଶ ମଧ୍ୟରେ ସୀମା ବିବାଦ ମୁଣ୍ଡ ଟେକିଲା। ସେହିଦିନ ଠାରୁ ଭାରତର ଧର୍ମଶାଳା ଠାରେ ଦଲାଇଲାମା ଓ ତାଙ୍କ ସହିତ ଆସିଥିବା ବୌଦ୍ଧ ଭିକ୍ଷୁମାନେ ଅବସ୍ଥାନ କରି ଆସୁଛନ୍ତି ଏବଂ ସାରା ଦୁନିଆକୁ ଶାନ୍ତି, ମୈତ୍ରୀ ଓ କରୁଣାର ବାର୍ତ୍ତା ପ୍ରଚାର କରୁଛନ୍ତି। ଦୁଇଦିନ ପୂର୍ବେ ଧର୍ମଶାଳା ଠାରେ ଦଲାଇଲାମାଙ୍କ ୯୦ତମ ଜନ୍ମଦିବସ ପାଳନ କରାଯାଇଛି ଏବଂ ଏହି ଉତ୍ସବରେ କେନ୍ଦ୍ରମନ୍ତ୍ରୀ ରିଜିଜୁ ଯୋଗ ଦେଇଥିଲେ। ତିବ୍ବତୀୟ ଆଧ୍ୟାତ୍ମିକ ନେତା ରୂପେ ଦଲାଇଲାମା ପଦବୀ ବିଗତ ୬୦୦ବର୍ଷ ଧରି ରହି ଆସିଛି। ଜଣେ ଦଲାଇଲାମାଙ୍କ ମୃତ୍ୟୁ ଘଟିଲେ କିମ୍ବା ଅବ୍ୟାହତି ନେଲେ ଅନ୍ୟଜଣେ ଏହି ପଦରେ ଅଧିଷ୍ଠିତ ହୋଇଥାନ୍ତି। ବର୍ତ୍ତମାନର ନିର୍ବାସିତ ଚତୁର୍ଦ୍ଦଶ ଦଲାଇଲାମା ବୟସାଧିକ୍ୟ କାରଣରୁ ବିଦାୟ ନେବାକୁ ଇଚ୍ଛା ପ୍ରକାଶ କରିବା ସଙ୍ଗେ ସଙ୍ଗେ ପଞ୍ଚଦଶ ଦଲାଇଲାମା ଚୟନ ଦାୟିତ୍ୱ ତାଙ୍କର ସରକାରୀ କାର୍ଯ୍ୟାଳୟ ଗୋଦେନ୍ ଫୋଡ଼ରଙ୍ଗ ଟ୍ରଷ୍ଟ ଉପରେ ନ୍ୟସ୍ତ କରିଛନ୍ତି। ଏହି ଟ୍ରଷ୍ଟ ହିଁ ପରବର୍ତ୍ତୀ ଦଲାଇଲାମା ଚିହ୍ନଟ ଓ ମାନ୍ୟତା ପ୍ରକ୍ରିୟା ସଞ୍ଚାଳନ କରିବ ବୋଲି ଜଣାପଡିଛି। ଠିକ୍ ଏତିକି ବେଳେ ଚୀନ୍ କେଁ ପୂରାଇ ଚୟନ ପ୍ରକ୍ରିୟାରେ ହସ୍ତକ୍ଷେପ କରିବାକୁ ଆଗେଇ ଆସିବା ଏହାର ମନ୍ଦ ଉଦ୍ଦେଶ୍ୟର ପରିଚାୟକ। ବେଜିଂର ଅନୁମୋଦନ ବିନା ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନ ହୋଇପାରିବ ନାହିଁ ବୋଲି ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ସ୍ପଷ୍ଟ କରିଛନ୍ତି। ଚୀନ୍‌ର ଆଇନ୍ ଓ ନିୟମାବଳୀ ସହ ଧାର୍ମିକ ରୀତିନୀତି ଏବଂ ଐତିହାସିକ ପରମ୍ପରାକୁ ପାଳନ କରିବାକୁ ପଡ଼ିବ ବୋଲି ସେ ଚେତାଇ ଦେଇଛନ୍ତି। ତେବେ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ପରବର୍ତ୍ତୀ ଦଲାଇଲାମା ଚୟନ ପ୍ରକ୍ରିୟା ଆଗକୁ କେଉଁ ମୋଡ଼ ନେଉଛି, ତାକୁ ସମସ୍ତଙ୍କର ଅପେକ୍ଷା।

# ଅଧରେ ଲାଗିଲା ଅଧରପଣା



ପ୍ରସନ୍ନ କୁମାର ମିଶ୍ର
ଶ୍ରୀକ୍ଷେତ୍ର କଲୋନୀ, ପୁରୀ-୨
ମୋ: ୮୦୧୮୮୭୫୩୩୫

ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ଶ୍ରୀଗୁଣ୍ଡିଚା ମହୋତ୍ସବର ସମାପ୍ତିରେ ସିଂହଦ୍ୱାର ଠାରେ ତିନିରଥ ଉପରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଠାରେ ଯେଉଁ ବିଶେଷ ଧରଣର ପଣାଭୋଗ ଅର୍ପଣ କରାଯାଏ, ତାହା 'ଅଧରପଣା' ନାମରେ ପ୍ରସିଦ୍ଧ। ମହାପ୍ରଭୁଙ୍କ ଅଧର ପର୍ଯ୍ୟନ୍ତ ମାପ ହୋଇ ସେହି ଉଚ୍ଚତାରେ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା ମାଟି ହାଣ୍ଡିରେ ଏହି ଭୋଗ ହେଉଥିବାରୁ ଏହାକୁ 'ଅଧରପଣା' କହନ୍ତି। ସେଥିପାଇଁ ଦ୍ୱାଦଶୀ ଦିନ ରଥ ଉପରେ ଠାକୁରମାନଙ୍କ ମଧ୍ୟାହ୍ନ ଧୂପ ବଢ଼ିବା (ସମାପ୍ତିରେ) ପରେ ଅଧରପଣା ପ୍ରସ୍ତୁତି ଆରମ୍ଭ ହୁଏ। ଅଧର ପଣା ଭୋଗ ରଥ ଉପରେ ହିଁ ହୋଇଥାଏ। ରଥପଟା ଉପରେ କଞ୍ଚାମାଟି ରଖାଯାଇ ଏହାର ଉପରେ ପୋଡ଼ା ମାଟିହାଣ୍ଡି ବା 'ଅଧର ହାଣ୍ଡି' ରଖାଯାଏ। ପାଣିଆ ଆପଟ ନିଯୋଗର ସମସ୍ତ ଦୈନିକ ପାଳିଆ ସେବକ ସିଂହଦ୍ୱାର ଠାରେ ଉପସ୍ଥିତ ରହି ଗୁମୁଟର ଦକ୍ଷିଣ ପାର୍ଶ୍ୱରେ ଥିବା ଛାଉଣୀ ମଠ କୂଅରୁ ରଥ ଉପରକୁ ପାଣି ନିଅନ୍ତି। ରଥରେ ପୂର୍ବରୁ ରଖାଯାଇଥିବା ପିତଳ ହଣ୍ଡାରେ ପ୍ରଥମେ ପାଣି ରଖାଯାଏ। ପାଳିଆ ସୁଆରମାନେ ପ୍ରଥମେ ଶ୍ରୀବଳଭଦ୍ରଙ୍କ ରଥରେ, ପରେ ଦେବୀ ସୁଭଦ୍ରା ଏବଂ ଶେଷରେ ଶ୍ରୀଜଗନ୍ନାଥଙ୍କ ରଥରେ ଅଧର ପଣା ପ୍ରସ୍ତୁତ କରିଥାଆନ୍ତି।

ଏହି ପଣା ପ୍ରସ୍ତୁତି ପାଇଁ ନବ (ନଅଟି) ଦ୍ରବ୍ୟ ଯଥା - ଛେନା, ଛାଚି, ସର, କଦଳୀ, କ୍ଷୀର, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ଏବଂ ଜଳ ଆବଶ୍ୟକ ହୋଇଥାଏ। ପ୍ରସ୍ତୁତି ପୂର୍ବରୁ ପ୍ରତିହାଣ୍ଡି ଉପରେ ଧଳା କରିଆ ବା ପାତଳା ଧଳା କନା ପକାଇ ଦିଆଯାଇଥାଏ। ସେହି ସମୟରେ ଶ୍ରୀଅଙ୍ଗର ସୁରକ୍ଷା ପାଇଁ ଭିତରଚ୍ଛୁ ମହାପାତ୍ର ସେବକ ମହାପ୍ରଭୁଙ୍କ ସମ୍ମୁଖରେ ଚଦର ବାଡ଼ ଦେଇ ଠିଆ ହୋଇ ରହନ୍ତି। ସେହିଭଳି ଶ୍ରୀବଳଭଦ୍ରଙ୍କ ସୁରକ୍ଷା ପାଇଁ ତଳିଚ୍ଛୁ ମହାପାତ୍ର ଓ ମା' ସୁଭଦ୍ରାଙ୍କ ଅଙ୍ଗରକ୍ଷା ପାଇଁ ପାଳିଆ ପୁଷ୍ପାଳକ ଚଦର ବାଡ଼ ଦେଇଥାଆନ୍ତି। ପୂର୍ବରୁ ରଥ ଶୋଧ ହୋଇ ଟେରା ବନ୍ଧା ଯାଇଥାଏ। ଅଧର ପ୍ରସ୍ତୁତି ସମୟରେ କୌଣସି ସେବକ ଠାକୁରମାନଙ୍କୁ ସ୍ପର୍ଶ କରନ୍ତି ନାହିଁ। ଶ୍ରୀଅଙ୍ଗ ସେବକ ଦଇତାମାନେ ଏହି ସମୟରେ ତଳକୁ ନଓହ୍ଲାଇ 'ଅଣଆଡ଼ିଆ' ହୋଇ ଯାଆନ୍ତି। ଏହାପରେ ପୂଜାପଣ୍ଡା ମାନେ ତିନି ରଥରେ ପଞ୍ଚୋପଚାର ବିଧିରେ ଏକ ସଙ୍ଗରେ ପୂଜା କରିଥାଆନ୍ତି।

ପୂର୍ବରୁ ରଥ ଉପରେ ଶ୍ରୀଜୀଉମାନେ ରହିଥିବା ତିନିଦିନ ଅଧରପଣା ଦିଆ ଯାଉଥିଲେ ହେଁ ରାଜ୍ୟ ସରକାର ଶ୍ରୀମନ୍ଦିରର ପରିଚାଳନା ଭାର ହାତକୁ ନେବା ପରେ କେବଳ ଗୋଟିଏ ଦିନ ଦ୍ୱାଦଶୀ ତିଥିରେ ଅଧରପଣା ଭୋଗ କରାଯାଉଛି। ପୂର୍ବରୁ ପୁରୀର ରାଘବଦାସ ମଠ ଓ ବଡ଼ ଓଡ଼ିଆ ମଠ ଏବଂ ରାଜାଙ୍କ ଇଷ୍ଟେଟ ତରଫରୁ ଦିନେ ଦିନେ ଅଧର ଭୋଗ ଦିଆଯାଉଥିଲା। ମାତ୍ର ଏବେ ଗୋଟିଏ ଦିନରେ ରାଘବଦାସ ମଠ, ବଡ଼ ଓଡ଼ିଆ ମଠ ଓ ଗଜପତିଙ୍କ ଇଷ୍ଟେଟ (ଏବେ ଶ୍ରୀମନ୍ଦିର ପ୍ରଶାସନ) ପକ୍ଷରୁ ସମସ୍ତେ ସମାନ ଭାବରେ ଭୋଗ ଉପକରଣ ଯୋଗାଇ ଦେଇଥାଆନ୍ତି। ୧୩୦୧ ସାଲରୁ ରାଘବ ଦାସ ମଠ, ୧୩୦୨ ସାଲରୁ ବଡ଼ ଓଡ଼ିଆ ମଠ ରାଜାଙ୍କ ହୁକୁମନାମା (ସନନ୍ଦ) ବଳରେ ଆଜି ପର୍ଯ୍ୟନ୍ତ ଏହି ସେବା କରି ଆସୁଅଛନ୍ତି । ପରେ ଏହାର ପରିବର୍ତ୍ତନ କରାଯାଇଥିଲା। ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଅଧରପଣା ଭୋଗ ଦୀର୍ଘ ୪୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ, ଷୋଡଶ ଶତାବ୍ଦୀର ମଧ୍ୟ ଭାଗରୁ ଅର୍ପଣ କରାଯାଉଛି। ମଝିରେ ସୂର୍ଯ୍ୟମଣି ପାଟମହାଦେଈଙ୍କ ସମୟରେ ଏହି ପରମ୍ପରାକୁ ନେଇ ସଂପୃକ୍ତ ଦୁଇ ମଠ ମଧ୍ୟରେ ବିବାଦ ଲାଗିଲା। ଫଳରେ ଉଭୟ ମଠ ପାଇଥିବା ସନନ୍ଦର ବିଚାର କରି ଏଥିପାଇଁ ହୁକୁମନାମା ଦିଆଯାଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ଉଭୟ ହୁକୁମନାମାର ପାଠୋଦ୍ଧାର ହୋଇ ନଥିବାରୁ ବହୁତଥ୍ୟ ଲୋକଲୋଚନକୁ ଆସିପାରି ନାହିଁ।

ସାଧାରଣତଃ ଅଧର ପଣା ନଅଗୋଟି ହାଣ୍ଡିରେ ଭୋଗ ହେଉଥିବାର କୁହାଯାଉଥିଲେ ପ୍ରକୃତ ପକ୍ଷେ ପ୍ରତି ରଥରେ ତିନୋଟି ଲେଖାଏଁ ବଡ଼ ପଣାହାଣ୍ଡି ଭୋଗ କରାଯାଏ। ବଳଭଦ୍ରଙ୍କ ରଥାରୂଢ଼ ବିଜେ ପ୍ରତିମା ରାମ ଓ କୃଷ୍ଣଙ୍କ ନିମନ୍ତେ ଦୁଇଟି ଛୋଟ ହାଣ୍ଡି ଏବଂ ଶ୍ରୀଜଗନ୍ନାଥଙ୍କ ରଥରେ ରହିଥିବା ବିଜେ ପ୍ରତିମା ମଦନମୋହନଙ୍କ ପାଇଁ ଗୋଟିଏ ଛୋଟ ହାଣ୍ଡି ଏପରି ମୋଟ୍ ବାରଟି ହାଣ୍ଡିରେ ଅଧର ଭୋଗ ହୋଇଥାଏ। ପୂଜା ସମାପ୍ତିରେ ପୂଜାପଣ୍ଡାମାନେ ଆସନ ତ୍ୟାଗ କରିବା ମାତ୍ରେ ରଥରେ ଥିବା ସମସ୍ତ ହାଣ୍ଡିକୁ ବାଡ଼େଇ ଭାଙ୍ଗି ଦିଆଯାଏ। ଶାସ୍ତ୍ରାନୁମୋଦିତ ବର୍ଣ୍ଣନା ଯାହା ଥାଉନା କାହିଁକି, ପୁରୀରେ ପ୍ରଚଳିତ ଜନଶ୍ରୁତି ଅନୁଯାୟୀ ରଥ ଗୁଡ଼ିକରେ ଥିବା ପାର୍ଶ୍ୱ ଦେବତା ଓ ରଥ ନିକଟରେ ଘୂରି ବୁଲୁଥିବା ଚଣ୍ଡି ଚାମୁଣ୍ଡାଙ୍କ ସନ୍ତୋଷ ବିଧାନ ନିମନ୍ତେ ଏହି ଅଧର ପଣା ହାଣ୍ଡି ଭଙ୍ଗା ଯାଇଥାଏ। ବିଶ୍ୱାସ କରାଯାଏ ଯେ, ରଥ ସହିତ ଆସିଥିବା ଅଶରୀରୀ ପତିତମାନେ ରଥରେ ବାମନରୂପୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାରେ ମଧ୍ୟ ମୋକ୍ଷପ୍ରାପ୍ତି ହେଉନଥିବାରୁ ତଳେ ପଡ଼ିଯାଉଥିବା କୈବଲ୍ୟ ରୂପି 'ଅଧରପଣା' ସେବନ କରି ମୁକ୍ତି ପାଇଯାଆନ୍ତି। 'ଅଧରପଣା' ହିଁ କୈବଲ୍ୟ। ଏହା କେବଳ ସେମାନଙ୍କ ପ୍ରାପ୍ୟ।

# ବାହୁଡ଼ାଯାତ୍ରା



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦



ଗୁଣ୍ଡିଚା ଘର ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ନଅ ଦିନ ରହଣୀ ପରେ ଦଶମୀ ଦିନ ହୋଇଥାଏ ବାହୁଡ଼ା ଯାତ୍ରା। ବାହୁଡ଼ା ଯାତ୍ରାଟି ମହାପ୍ରଭୁଙ୍କ ନବଦିନ ବ୍ୟାପୀ ରଥଯାତ୍ରାର ଏକ ମୁଖ୍ୟ ଓ ପ୍ରଧାନ ଅଂଶ। ସାଧାରଣରେ ବାହୁଡ଼ା ଅର୍ଥ ଫେରିବା ବା ପ୍ରତ୍ୟାବର୍ତ୍ତନ କରିବା। ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ତିନି ଠାକୁରଙ୍କ ଏହି ଫେରନ୍ତା ଯାତ୍ରା ଆଷାଢ଼ ଶୁକ୍ଳ ଦଶମୀ ତିଥିରେ ଅନୁଷ୍ଠିତ ହୋଇଥାଏ। ପୁଷ୍ୟା ନକ୍ଷତ୍ରଯୁକ୍ତ ଆଷାଢ଼ ଶୁକ୍ଳ ଦ୍ୱିତୀୟା ପୁଣ୍ୟ ତିଥିରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ମହୋତ୍ସବ ଅନୁଷ୍ଠିତ ହୁଏ। ଶ୍ରୀମନ୍ଦିରରୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନି ରଥରେ ବସି ଗୁଣ୍ଡିଚା ମନ୍ଦିର ଯାତ୍ରା କରନ୍ତି। ଏହି ଯାତ୍ରା ନବଦିନର ହୋଇଥିଲେ ମଧ୍ୟ ଶ୍ରୀଗୁଣ୍ଡିଚା ଯାତ୍ରା ଓ ବାହୁଡ଼ା ଯାତ୍ରା ଦିନକୁ ବାଦ୍ ଦେଲେ ଅବଶିଷ୍ଟ ସାତ ଦିନ ପାଇଁ ପ୍ରଭୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରନ୍ତି। ଏହାର ବିଧି ବିଧାନ ମଧ୍ୟ ସ୍ୱତନ୍ତ୍ର। ପ୍ରତ୍ୟୁଷରୁ ଶ୍ରୀଜୀଉଙ୍କ ପାଖରେ ପରମ୍ପରାରେ ତିଆରି ହେଉଥିବା ଖେଚୁଡ଼ି ଭୋଗ ହୋଇଥାଏ ପରେ ତିନି ଠାକୁରଙ୍କ ପହଣ୍ଡି ଆରମ୍ଭ ହୋଇଥାଏ। ଏହାର ପୂର୍ବରୁ ରଥ ଗୁଡ଼ିକ ଦକ୍ଷିଣ ମୁହାଁ ହୋଇ ରହିଥାଏ। ଏହାର ପରବର୍ତ୍ତୀ କାର୍ଯ୍ୟକ୍ରମରେ ଗଜପତି ମହାରାଜ ଛେରା ପହଁରା କରିଥାନ୍ତି। ତେବେ ମହାରାଜଙ୍କ ଅନୁପସ୍ଥିତିରେ ମୁଦିରଥ ତାଙ୍କ ପ୍ରତିନିଧିତ୍ୱ କରି ସେବା ସମ୍ପାଦନ କରିବାର ପରମ୍ପରା ମଧ୍ୟ ରହିଛି। ଏହା ପରେ ରଥରୁ ଚାରମାନ ଖୋଲାଯାଏ। ଘୋଡ଼ା ଯୋଚା ଯାଇ ଡାହୁକ ବସେ। ଶେଷକୁ ରଥଟଣା ଆରମ୍ଭ ହୁଏ।

ବାହୁଡ଼ା ଯାତ୍ରାର ପରମ୍ପରା ଅନୁଯାୟୀ ସର୍ବପ୍ରଥମେ ଭଗବାନ ବଳଭଦ୍ରଙ୍କ ରଥ ବଡ଼ଶଙ୍ଖ ପର୍ଯ୍ୟନ୍ତ ଆସିବା ପରେ ଦେବୀ ସୁଭଦ୍ରାଙ୍କ ରଥ ଆଗମନ କରିଥାଏ ଏବଂ ଶେଷରେ ହିଁ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଟଣା ହୋଇଥାଏ। ବଡ଼ଠାକୁର ଓ ସୁଭଦ୍ରାଙ୍କ ରଥ ସିଂହଦ୍ୱାରରୁ ଅଳ୍ପଦୂରରେ ରହିଥିବା ସମୟରେ ବାଟରେ ମାଉସୀ ମା' ଅର୍ଦ୍ଧାଶନୀ ଦେବୀଙ୍କ ମନ୍ଦିର ଆଗରେ ଜଗନ୍ନାଥଙ୍କ ରଥ ଅଟକି ରହେ। ସେଠାରେ ମନ୍ଦିରରେ ତିଆରି ଛେନା ପୋଡ଼ପିଠା ଭୋଗ ଜଗନ୍ନାଥଙ୍କୁ ଦିଆଯାଏ। ଏହି ସ୍ଥାନ ମାଉସୀ ବେଦୀ ନାମରେ କଥିତ। ମାଉସୀ ମା' ମନ୍ଦିରରୁ ପୋଡ଼ିପଠା ଭୋଗ ଖାଇସାରି ଜଗନ୍ନାଥମନ୍ଦିର ଅଭିମୁଖେ ଯାତ୍ରା କରନ୍ତି। ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ବଡ଼ଦେଉଳ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳକୁ ଜଗନ୍ନାଥଙ୍କ ରଥ ଗଜପତି ନଅର ସମ୍ମୁଖରେ ରଖାଯାଇଥାଏ। ଏହାପରେ ଲକ୍ଷ୍ମୀ ବିମାନରେ ବସି ପଣ୍ଡା ଓ ଦଇତାପତିମାନଙ୍କ କୁଳବଧୂଙ୍କ ଗହଣରେ ଜଗନ୍ନାଥଙ୍କ ରଥ ପାଖକୁ ଆସନ୍ତି। ସେଠାରେ ପୂଜା, ଆଳତି ଓ ବନ୍ଦାପନା କରାଯାଏ। ଏହି ବନ୍ଦାପନା କାର୍ଯ୍ୟରେ ଗଜପତି ମହାରାଜା ମୁଖ୍ୟ ଭୂମିକା ଗ୍ରହଣ କରନ୍ତି। ଠାକୁରଙ୍କ ପାଖରେ ଦହିପଟ ଭୋଗ ହୁଏ। ଏହି ଭୋଗ ସମୟକୁ ରାଜା ବିଜେ ହୁଅନ୍ତି। ଲକ୍ଷ୍ମୀ ବିମାନରେ ବସି ଜଗନ୍ନାଥଙ୍କ ରଥ ଚାରିପଟେ ପରିକ୍ରମା କରନ୍ତି। ଏହାପରେ ଲକ୍ଷ୍ମୀ ଓ ଜଗନ୍ନାଥଙ୍କୁ ବନ୍ଦପନା କରାଯାଏ। ଲକ୍ଷ୍ମୀ ଓ ଜଗନ୍ନାଥଙ୍କ ଏହି ସାକ୍ଷାତକୁ ଲକ୍ଷ୍ମୀ ନାରାୟଣ ଭେଟ କୁହାଯାଏ। ଜଗନ୍ନାଥଙ୍କ ଅଧରମାଳ ଲକ୍ଷ୍ମୀଙ୍କୁ ଓ ଲକ୍ଷ୍ମୀଙ୍କ ଅଧରକୁ ଜଗନ୍ନାଥଙ୍କୁ ଅର୍ପିତ ହୁଏ। ଜଗନ୍ନାଥଙ୍କ ଅଙ୍ଗରୁ ଦଇତାପତିମାନେ ଆଜ୍ଞାମାଳ ନେବା ପରେ ଲକ୍ଷ୍ମୀ ବାହୁଡ଼ି ଯାଆନ୍ତି ଶ୍ରୀମନ୍ଦିରକୁ। ଜଗନ୍ନାଥଙ୍କ ରଥ କିଛି ସମୟ ପରେ ସିଂହଦ୍ୱାରଠାରେ ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ପାଖରେ ପହଞ୍ଚେ। ବାହୁଡ଼ା ଦିନ ଠାକୁରମାନେ ରଥରେ ରହନ୍ତି। ମଧ୍ୟାହ୍ନ ଧୂପଠାରୁ ଶୁଖିଲା ଭୋଗ ହୁଏ। ବାହୁଡ଼ା ପରଦିନ ଏକାଦଶୀ ତିଥିର ମଧ୍ୟ ତିନିଠାକୁର ରଥ ଉପରେ ବିରାଜମାନ ଥା'ନ୍ତି। ସେଠାରେ ସେମାନଙ୍କର ଏକାଦଶୀ ନୀତି, ଅଧରପଣା ଭୋଗ, ରାଜାବେଶ ହୁଏ। ଏହି ବେଶ ସଂପୂର୍ଣ୍ଣ ସୁନାରେ ହୋଇଥିବାରୁ ଏହାକୁ ଠାକୁରଙ୍କର ସୁନାବେଶ ବୋଲି ମଧ୍ୟ କୁହାଯାଏ। ଦ୍ୱାଦଶୀ ଦିନ ଠାକୁରମାନଙ୍କୁ ରଥରୁ ଓହ୍ଲାଇ ରତ୍ନବେଦୀକୁ ନିଆଯାଏ। ଏହା ନୀଳାଦ୍ରୀ ବିଜେ ନାମରେ ଖ୍ୟାତ। ସନ୍ଧ୍ୟା ଧୂପ ସରିବା ପରେ ବିଜେ କାହାଳୀ ବାଜି ପହଣ୍ଡି ଆରମ୍ଭ ହୁଏ।

ଗୁଣ୍ଡିଚା ଯାତ୍ରାର ସମସ୍ତ ବିଧି ଅନୁସାରେ ଏହି ପହଣ୍ଡି କରାଯାଏ। ବଡ଼ଠାକୁର ଓ ସୁଭଦ୍ରା ପହଣ୍ଡି ହୋଇ ସିଂହାସନରେ ବିଜେ କରିବା ପରେ ଜଗନ୍ନାଥଙ୍କ ପହଣ୍ଡି ହୁଏ। ଜୟବିଜୟ ଦ୍ୱାର ବନ୍ଦ କରି ଲକ୍ଷ୍ମୀ ଅଭିମାନରେ ଜଗନ୍ନାଥଙ୍କୁ ଅଟକାଇ ରଖନ୍ତି। ଶ୍ରୀ ମନ୍ଦିର ଭିତର ପଟେ ଲକ୍ଷ୍ମୀ ପକ୍ଷରୁ ସେବକ ଦଇତାପତିମାନଙ୍କ ପତ୍ନୀ ବା ଦେବଦାସମାନେ ଏବଂ ବାହରାପଟେ ଜଗନ୍ନାଥଙ୍କ ପକ୍ଷରୁ ଦଇତାପତିମାନେ ରହି ପରସ୍ପର ମଧ୍ୟରେ ନାନା ବଚନିକା ଓ ପଦ୍ୟାବୃତ୍ତି କରନ୍ତି। ଏହାକୁ ଲକ୍ଷ୍ମୀ-ନାରାୟଣ କଳି କୁହାଯାଏ। ଜଗନ୍ନାଥ ବହୁତ ବୁଝାଇବା ପରେ ଲକ୍ଷ୍ମୀଙ୍କ ଅଭିମାନ ଭାଙ୍ଗେ ଏବଂ କଳି ତୁଟେ। ଏହାପରେ ଶ୍ରୀଜଗନ୍ନାଥ ସିଂହାସନରେ ବିଜେ କରନ୍ତି। ତାଙ୍କ ସମ୍ମୁଖରେ ଲକ୍ଷ୍ମୀଙ୍କୁ ସ୍ଥାପନ କରାଯାଏ। ଏଥିସହିତ ରଥଯାତ୍ରାର ପରିସମାପ୍ତି ଘଟେ।

# ରଥ ଦଉଡି



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଲ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

ସର୍ବଧର୍ମ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥ । ଯାହାଙ୍କ ପାଇଁ ବାର ମାସରେ ଖଞ୍ଜା ତେର ଯାତ୍ରା, ୨୭ଟି ଉପଯାତ୍ରା, ୧୦୮ଟି ପର୍ବପର୍ବାଣୀ। ଶ୍ରୀମନ୍ଦିର ରତ୍ନ ସିଂହାସନ ଛାଡି ପ୍ରିୟ ଭକ୍ତଙ୍କ ପାଇଁ ବଡ଼ଦାଣ୍ଡକୁ ଚାଲି ଆସିଥାନ୍ତି ବିଶ୍ୱ ବ୍ରହ୍ମାଣ୍ଡର ତ୍ରାଣକର୍ତ୍ତା। ପ୍ରତିବର୍ଷ ଆଷାଢ ଶୁକ୍ଳ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୁଏ ରଥଯାତ୍ରା। ଶ୍ରୀମନ୍ଦିର ଛାଡି ବଡ଼ଦାଣ୍ଡରେ ମାନବୀୟ ଲୀଳାଖେଳା କରିଥାନ୍ତି ମହାପ୍ରଭୁ। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ମା' ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ମାଉସୀ ଘରକୁ ନବଦିନାତ୍ମକ ଯାତ୍ରାରେ ଯାଇଥାନ୍ତି। ମାଉସୀ ଗୁଣ୍ଡିଚାଙ୍କୁ ଦେଇଥିବା କଥା ରଖି ନିଜ ଜନ୍ମ ବେଦୀରେ ବିଜେ କରନ୍ତି ଦାରୁବ୍ରହ୍ମ। ବହୁ ପ୍ରାଚୀନ କାଳରୁ ଅନୁଷ୍ଠିତ ହୋଇଆସୁଛି ଏଯାତ୍ରା। ଭକ୍ତ ଓ ଭଗବାନଙ୍କର ହୁଏ ମହାମିଳନ। ତିନିଗୋଟି ରଥ ସମ୍ପୂର୍ଣ୍ଣ ଶିଳ୍ପ ଶାସ୍ତ୍ରୀୟ ପଦ୍ଧତିରେ ନିର୍ମାଣ କରାଯାଇଥାଏ। ରଥ ନିର୍ମାଣ କାର୍ଯ୍ୟ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇ ନେତ୍ରୋତ୍ସବ ପର୍ଯ୍ୟନ୍ତ ଚାଲିଥାଏ। ରଥକୁ ସ୍ପର୍ଶ କରିଥିବା ପ୍ରତିଟି ଜିନିଷ ହୋଇଯାଏ ଦେବତୁଲ୍ୟ। ରଥରେ ଲାଗୁଥିବା ଦଉଡି ଶ୍ରୀକ୍ଷେତ୍ରର ଆଉ ଏକ ବିଶେଷତ୍ୱ। ଜଗନ୍ନାଥଙ୍କର ସବୁ ବଡ଼। ତାଙ୍କ ଦାଣ୍ଡ ବଡ଼ଦାଣ୍ଡ, ତାଙ୍କ ଦେଉଳ ବଡ଼ ଦେଉଳ, ତାଙ୍କ ରଥ ବି ବଡ଼ ଆଉ ସେ ରଥରେ ଲାଗୁଥିବା ଦଉଡ଼ି ବି ବଡ଼। ଶାସ୍ତ୍ରରେ ବର୍ଣ୍ଣନା ଅଛି ଯେଉଁ ଭକ୍ତ ମହାପ୍ରଭୁଙ୍କ ରଥଯାତ୍ରାରେ ସାମିଲ ହୋଇ ରଥ ଟାଣନ୍ତି ସେମାନେ ୮୪ ଯୋନି ଜନ୍ମରୁ ମୁକ୍ତି ଲାଭ କରିବା ସହ ଅନେକ ପୁଣ୍ୟ ଅର୍ଜନ କରିଥାନ୍ତି। ସଦ୍‌ଗୁରୁ ନିଗମାନନ୍ଦ ପରମହଂସ ଦେବ ତାଙ୍କର ତାତ୍ତ୍ୱିକ ଦୃଷ୍ଟିରେ ରଥର ରଜ୍ଜୁ ସତ୍ତ୍ୱ-ରଜ-ତମ ତ୍ରିଗୁଣର ପ୍ରତୀକ ବୋଲି ମତ ଦେଇଛନ୍ତି। ଶାସ୍ତ୍ର କହେ ତିନି ରଥକୁ ଦଉଡି ସ୍ୱରୂପ ବିରାଟ ନାଗ ଓ ନାଗୁଣି ଟାଣି ନେଇଥାନ୍ତି। ଯାହାକି ସାଧାରଣ ଭକ୍ତଙ୍କ ଚର୍ମ ଚକ୍ଷୁରେ ଦେଖିବା ସମ୍ଭବ ନୁହେଁ। ତେବେ ମହାପ୍ରଭୁଙ୍କ ଚୂନରା ସେବକ ମତ ଦିଅନ୍ତି ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ବାସୁକୀ ନାଗ, ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥକୁ ସ୍ୱର୍ଣ୍ଣଚୂଡ ନାମକ ନାଗ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷକୁ ଶଙ୍ଖଚୂଡ ନାମ୍ନୀ ନାଗୁଣୀ ସ୍ୱର୍ଗରୁ ଆସି ରଥ ଦଉଡି ଆକାର ଧାରଣ କରି ରଥ ତ୍ରୟଙ୍କୁ ଆଡପ ମଣ୍ଡପ ଅଭିମୁଖେ ଟାଣି ନେଇଥାନ୍ତି।

ଶ୍ରୀଜିଉଙ୍କ ରଥକୁ ଛୁଇଁବାକୁ ବାରଣ ରହିଛି। ତେଣୁ ମହାପ୍ରଭୁଙ୍କ ରଥ ଦଉଡି ଟିକେ ଛୁଇଁବାକୁ ଶ୍ରଦ୍ଧାଳୁଙ୍କ ଭିତରେ ଥାଏ ଅହେତୁକ ଉତ୍କଣ୍ଠା। ଅସହ୍ୟ ଭିଡ ଭିତରେ ବି ରଥ ଦଉଡି ଟିକେ ଛୁଇଁବାକୁ ଅବା ରଥ ଦଉଡିରୁ ଚେନାଏ ଟାଣି ଆଣି ମୁଣ୍ଡରେ ଭକ୍ତିରେ ଲଗାଇ ଏହାକୁ ସାଙ୍ଗରେ ନେଇଯାଆନ୍ତି ଭକ୍ତ । ବିଶ୍ୱାସ ରହିଛି ଠାକୁରଙ୍କ ଆର୍ଶୀବାଦ ଏହି ଦଉଡିରେ ରହିଛି। ଲକ୍ଷଲକ୍ଷ ଭକ୍ତଙ୍କ ବିଶ୍ୱାସ ଓ ଭକ୍ତିର ସ୍ପର୍ଶରେ ଦଉଡିବି ପବିତ୍ର ଓ ଦେବତୁଲ୍ୟ ପାଲଟି ଯାଏ। ରଥ ଦଉଡି ଖଣ୍ଡେ ଘରେ ରଖିଲେ ବହୁତ ଶୁଭ ହୁଏ। ଭୂତ, ପ୍ରେତ, ସର୍ପ, ଅକାଳ ମୃତ୍ୟୁ, ରୋଗ, ଶୋକରୁ ଏହା ମୁକ୍ତି ଦେଇଥାଏ। ଶାନ୍ତି ଓ ମୋକ୍ଷ ପ୍ରଦାନ କରିଥାଏ। ତେଣୁ ରଥରେ ଲାଗିଥିବା ଦଉଡିରୁ ଗୋଟେ ରଶି ଛିଣ୍ଡାଇ ନେଇ ପାଖରେ ରଖନ୍ତି। କିଏ କାନିରେ ବାନ୍ଧେ ତ କିଏ ପକେଟରେ ପୂରାଇ ନିଏ। ତେଣୁ ଶରଧାବାଲିରେ ରଥ ଦଉଡିକୁ ହାତରେ ସ୍ପର୍ଶ ନକରି କିଏ ବା ରହିପାରିବ।

ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ବ୍ୟବହୃତ ଦଉଡିର ନିର୍ମାଣ ଶୈଳୀ ଅନ୍ୟ ଦଉଡି ଅପେକ୍ଷା ଭିନ୍ନ ଓ ସ୍ୱତନ୍ତ୍ର। ଏହା ଦୃଢ ଓ ଶକ୍ତ। ସମ୍ପୂର୍ଣ୍ଣ ନଡ଼ିଆ କତାରେ ଏହି ଦଉଡି ନିର୍ମିତ ହୋଇଥାଏ। ହିସାବ ଅନୁସାରେ ରଥ ଦଉଡିର ଲମ୍ବ ୨୨୦ ଫୁଟ ଓ ଓସାର ୮ ଇଞ୍ଚ। ରଥରେ ବ୍ୟବହାର କରାଯାଉଥିବା ଦଉଡି ସବୁ ଆଗରୁ କେରଳରୁ ଆସୁଥିଲା। କେରଳ କୟର କର୍ପୋରେସନ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ୫ଟି ଦଉଡି ଯୋଗାଇ ଦେଉଥିଲା। ହେଲେ ଗମନାଗମନର ଅସୁବିଧା ଯୋଗୁ ପ୍ରାୟ ୧୦/୧୨ ବର୍ଷ ହେବ ରଥ ଦଉଡି ଆଉ କେରଳରୁ ଆସୁନାହିଁ। ପୁରୀ ଜିଲ୍ଲା ବୀରପ୍ରତାପପୁର ଗ୍ରାମରେ ଥିବା ଓଡ଼ିଶା କତା ପ୍ରଶୋଧନ ପ୍ରକଳ୍ପ ମହାପ୍ରଭୁଙ୍କ ପାଇଁ ରଥ ଦଉଡି ଯୋଗାଣ ସେବା କରିଆସୁଛି। ପ୍ରାୟ ଏକ ମାସ ଧରି ୧୪ ଜଣ କାରିଗର ଏହି ରଥ ଦଉଡି ପ୍ରସ୍ତୁତ କରିଥାନ୍ତି। ସେବାୟତମାନେ କୋଟି ହୃଦୟର ମଉଡମଣୀଙ୍କ ନିମନ୍ତେ ଏହି ସେବା ଯୋଗାଇ ପାରିଥିବାରୁ ନିଜକୁ ବେଶ୍ ଭାଗ୍ୟବାନ ମନେ କରିଥାନ୍ତି। ପୁରୁଷ ଓ ମହିଳା କାରିଗରମାନେ ମହାପ୍ରଭୁଙ୍କ ରଥ ଦଉଡି ପାଇଁ ଦିନରାତି ଏକ କରି ଦେଇଥାନ୍ତି। ଏହି କାର୍ଯ୍ୟ ଆରମ୍ଭ କରିବା ସମୟରୁ ସେବକମାନେ ନୂଆ ବସ୍ତ୍ର ପରିଧାନ କରିବା ସହ ହବିଷ୍ୟାନ୍ନ ସେବନ କରିଥାନ୍ତି। ମହାପ୍ରଭୁଙ୍କ ରଥର ନାମ ଯେପରି ଭିନ୍ନଭିନ୍ନ ସେପରି ଦଉଡିର ରଙ୍ଗ ମଧ୍ୟେ ଭିନ୍ନଭିନ୍ନ। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ଦଉଡି ଲାଲ, ବଡ ଠାକୁର ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଦଉଡିର ରଙ୍ଗ ନୀଳ ରଙ୍ଗ ଓ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଦଉଡିର ରଙ୍ଗ ହଳଦିଆ। ଚଳିତ ବର୍ଷ ରଥଯାତ୍ରା ପାଇଁ ଓଡ଼ିଶା କତା ନିଗମ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଗତ ଅପ୍ରେଲ ୧୧ ତାରିଖରେ ୨୬ଟି ଦଉଡି ପହଞ୍ଚାଇଥିଲା। ଏଥି ମଧ୍ୟରୁ ତିନି ରଥ ଟଣା ପାଇଁ ୧୪ଟି ଓ ରଥ ଘେର ଲାଗି ୧୨ଟି ଦଉଡି ରହିଛି। ୧୨ଟି ଦଉଡି ତିନି ରଥରେ ଲାଗୁଥିବା ବେଳେ ଆଉ ଦୁଇଟି ଦଉଡି ସଂରକ୍ଷିତ ରଖାଯାଇ ଥାଏ। ରଥ ଘେର ପାଇଁ ୪୫୦ ଫୁଟ ଲମ୍ବ ଓ ୩ ଇଞ୍ଚ ଗୋଲେଇର ତିନୋଟି ଦଉଡି ଓ ଜରୁରିକାଳୀନ ପାଇଁ ୨୨୦ ଫୁଟ ଲମ୍ବର ତିନୋଟି ଦଉଡି ଆସିଥାଏ। ଦଉଡିଗୁଡ଼ିକୁ ତିଆରି କରିବା ପାଇଁ ୧୧୫ କିଲୋଗ୍ରାମ କତା ରଶି, ମୋବିଲ ୩୦ ଲିଟର ଏବଂ କିରୋସିନ ୧୫ ଲିଟର ଦରକାର ହୋଇଥାଏ। ଚତୁର୍ଦ୍ଧା ମୂର୍ତ୍ତି ରତ୍ନବେଦୀରୁ ତିନି ରଥରେ ବିରାଜମାନ ହୋଇ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଆସିବା ବେଳେ ରଥର ସମ୍ମୁଖ ଭାଗରେ ଦଉଡି ବନ୍ଧାଯାଇ ଟଣାଯିବାର ବିଧି ରହିଛି। ମାତ୍ର ବାହୁଡା ପୂର୍ବରୁ ତିନି ରଥକୁ ଗୁଣ୍ଡିଚା ମନ୍ଦିରର ନାକଚଣା ମନ୍ଦିରକୁ ଦକ୍ଷିଣ ମୋଡ କରିବା ସମୟରେ ପ୍ରଚଳିତ ପ୍ରଥାନୁଯାୟୀ ଦେବୀ ସୁଭଦ୍ରାଙ୍କ ରଥ ପ୍ରଥମେ ଟଣା ଯାଏ। ଏହା ପରେ ତାଳଧ୍ୱଜ ଓ ନନ୍ଦିଘୋଷକୁ। ରଥର ଉଭୟ ସମ୍ମୁଖ ଓ ପଛ ପାର୍ଶ୍ୱରେ ଦଉଡି ବନ୍ଧା ଯାଇ ରଥକୁ ନାକଚଣା ଦ୍ୱାର ନିକଟକୁ ଅଣାଯାଏ। ରଥ ଟଣା ସରିବା ପରେ ରଥ ଦଉଡି ମହାପ୍ରଭୁଙ୍କ ବିଭିନ୍ନ ପର୍ବପର୍ବାଣୀରେ ବ୍ୟବହାର କରାଯାଇ ଥାଏ। ପୁଲିସ କରିଡର ପାଇଁ ଅଣାଯାଇଥିବା ଦଉଡିକୁ ଗୃହ ବିଭାଗ ପୁଲିସ ତାଲିମ କେନ୍ଦ୍ରରେ ବ୍ୟବହାର ପାଇଁ ନେଇଥାନ୍ତି।

# ଶ୍ରୀକ୍ଷେତ୍ର ରଥଯାତ୍ରାର ଶ୍ରେଷ୍ଠ ବାର୍ତ୍ତା



ଅବନୀ ଚନ୍ଦ୍ର ଦାସ
ସମ୍ପାଦକ, ଉତ୍କଳୀୟ ସାହିତ୍ୟ ସଂସ୍କୃତି ପରିଷଦ
ପ୍ରଶାନ୍ତି ବିହାର, ଭୁବନେଶ୍ୱର -୨୪
ମୋ: ୯୯୩୭୫୩୭୯୭୪

ଶ୍ରୀକ୍ଷେତ୍ର ପୁରୀ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ସାରା ଜଗତରେ ଖ୍ୟାତ। ପୁଣି ଶ୍ରୀ ଜଗନ୍ନାଥ ଧାମ ବିଶ୍ୱ ବିଦିତ ତୀର୍ଥକ୍ଷେତ୍ର ଚତୁର୍ଦ୍ଧାମ ମଧ୍ୟରୁ ସର୍ବଶ୍ରେଷ୍ଠ ଧାମ ବୋଲି ବିବେଚିତ। ଏହାର କାରଣ ଯଦିଓ ସମସ୍ତେ ଜାଣନ୍ତି, ବିଭିନ୍ନ ଶାସ୍ତ୍ର ପୁରାଣ ଅଥବା ଧର୍ମଗ୍ରନ୍ଥରେ ପ୍ରାମାଣିକ ତଥ୍ୟ ସହିତ ବର୍ଣ୍ଣିତ ହୋଇଛି, ତଥାପି ଏହାକୁ କେହି ହେଜି ପାରୁନଥିବା ବିଡମ୍ବନା ବୋଲି କୁହାଯାଇ ପାରେ। ଏଠାକାର ଦିଅଁଙ୍କୁ ବଡ଼ ଠାକୁର, ମନ୍ଦିରକୁ ବଡ ଦେଉଳ, ମନ୍ଦିର ସମ୍ମୁଖ ରାସ୍ତାକୁ ବଡଦାଣ୍ଡ, ଭୋଗ/ପ୍ରସାଦକୁ ମହାପ୍ରସାଦ, ଦିଅଁଙ୍କୁ ଭୋଗ ଲଗାଉଥିବା ପୂଜକଙ୍କୁ ବଡ଼ପଣ୍ଡା ଏବଂ ଦିଅଁଙ୍କ ଶ୍ରେଷ୍ଠ ବେଶ ବିନ୍ୟାସକୁ ବଡସିଂହାର ବେଶ ପ୍ରଭୃତି ନାମରେ ଆଖ୍ୟାୟିତ କରାଯାଇଛି। ପୁଣି, ଏହି ବଡଦେଉଳର ବଡ଼ଠାକୁରଙ୍କ ସେବା ପୂଜାରେ ନିୟୋଜିତ ବଂଶାନୁକ୍ରମିକ ପ୍ରଥମ ସେବକଙ୍କୁ ଠାକୁର ରାଜା କୁହଯାଉଥିବା ପୃଥିବୀର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେନାହିଁ। ଏଠାରେ ପରମ୍ପରା କ୍ରମେ ବାର ମାସରେ ତେର ପର୍ବ ପାଳିତ ହେଉଥିବା ଦୃଷ୍ଟି କୋଣରୁ ବିଚାର କଲେ ଏଠାକାର ପର୍ବପର୍ବାଣୀ, ଯାନିଯାତ୍ରାରେ ପ୍ରଚଳିତ ନିତିକାନ୍ତି ପ୍ରାୟତଃ ନିଆରା। ଏମିତିକି ପ୍ରତ୍ୟହ ବଡ଼ ଦେଉଳରେ ଶ୍ରୀ ଜୀୟୁମାନଙ୍କ ସେବା ପୂଜାର ରୀତିନୀତି, ଭୋଗରାଗ, ବେଶଭୂଷା ତଥା ପୂଜା ପଦ୍ଧତି ଅନ୍ୟ ସମସ୍ତ ମନ୍ଦିରରେ ଉପାସିତ ଦେବଦେବୀଙ୍କ ଠାରୁ ଭିନ୍ନ ଓ ସ୍ୱତନ୍ତ୍ର।

ଆଧ୍ୟାତ୍ମିକ ଦୃଷ୍ଟିରୁ ଯେଉଁ ମତବାଦ ଭିତ୍ତିରେ ଶ୍ରୀକ୍ଷେତ୍ର ପୁରୀ ବା ଶ୍ରୀ ଜଗନ୍ନାଥ ଧାମର ମହିମା ଯାହା ହୋଇଥାଉନା କାହିଁକି, ଲୌକିକତା ମତେ ଏହି ବଡ଼ ଦେଉଳରେ ଅଧିଷ୍ଠିତ ଦେବତା ବିଶ୍ୱବ୍ୟାପୀ ଏକ ମହାନ୍ ସଂସ୍କୃତିର ମୂଳାଧାର ଭାବେ ପରିଗଣିତ, ଏକଥା ସମସ୍ତେ ସ୍ୱୀକାର କରନ୍ତି। କେବଳ ନିତିପ୍ରତି ଦିଅଁଙ୍କ ସେବାପୂଜା ନୀତି ନିର୍ଘଣ୍ଟରେ ନୁହେଁ, ବରଂ ବିଭିନ୍ନ ସମୟରେ ଯାନିଯାତ୍ରା ମାଧ୍ୟମରେ ମାନବ ସମାଜକୁ ସାର୍ଥକ ଜୀବନର ଉପଲବ୍ଧି ଦେବା ପାଇଁ ଅନେକ ପରମ୍ପରା ପ୍ରଚଳିତ ହୋଇ ଆସୁଛି।

ଏହି ପରିପ୍ରେକ୍ଷୀରେ ଶ୍ରୀକ୍ଷେତ୍ର ଜଗନ୍ନାଥ ଧାମରେ ଅନୁଷ୍ଠିତ ପବିତ୍ର ରଥ ଯାତ୍ରାର ମହାନ୍ ସଂସ୍କୃତି ବିଶେଷ ବାର୍ତ୍ତା ବହନ କରୁଥିବା ବିଷୟ ଏହି ଆଲୋଚନାର ପ୍ରସଙ୍ଗ ହୋଇପାରେ। ଏଥିରେ ନିହିତ ଆଧ୍ୟାତ୍ମିକ ତତ୍ତ୍ୱର ନିଗୂଢ଼ ରହସ୍ୟ ଉପରେ ଅନେକ ସାଧୁ, ସନ୍ଥ, ବିଦ୍ୱାନ, ପଣ୍ଡିତ ଏବଂ ଧର୍ମଯାଜକ ମାନେ ବହୁ ଭାବରେ ଆଲୋଚନା ସମୀକ୍ଷା ପୂର୍ବକ ବିବରଣୀ ପ୍ରଦାନ କରିଥାନ୍ତି। ତେବେ ଲୌକିକ ବିଚାରରେ ମଧ ଅନେକ ମହତ୍ତର ସନ୍ଦେଶ ଦେଇ ଆସୁଛି ଶ୍ରୀକ୍ଷେତ୍ରର ଏହି ପବିତ୍ର ରଥଯାତ୍ରା। ବଡ଼ ଦେଉଳରେ ସ୍ନାନଯାତ୍ରା ଠାରୁ, ଅନବସର, ନବଯୌବନ, ନବଦିନ ଘୋଷଯାତ୍ରା କିମ୍ବା ରଥଯାତ୍ରା, ହେରାପଞ୍ଚମୀ, ବାହୁଡ଼ା ଯାତ୍ରା, ଅଧର ପଣା, ସୁନାବେଶ ଏବଂ ନିଳାଦ୍ରୀ ବିଜେ ଆଦି ସମସ୍ତ ପାରମ୍ପରିକ ନୀତିକାନ୍ତି ଲୌକିକ ଆଚାର ଉପଚାରରେ ସମ୍ପାଦିତ ହେଲାବେଳେ ତତ୍ ନିହିତ ବାର୍ତ୍ତା ମାନବ ସମାଜ ର ସୁବିଚାର ତଥା ମାର୍ଗ ଦର୍ଶନ ନିମନ୍ତେ ଉଦ୍ଦିଷ୍ଟ, ଏଥିରେ ସନ୍ଦେହ ନାହିଁ। ଆମ ଜଗନ୍ନାଥ ସଂସ୍କୃତିର ମହାନତା ସମ୍ପର୍କରେ ବ୍ୟାଖ୍ୟା କରିବା ଏଇ ଲେଖକର ଉଦ୍ଦେଶ୍ୟ ନୁହେଁ, ବରଂ ପ୍ରତ୍ୟେକ ସଂସ୍କୃତି ପ୍ରେମୀ ପାଠକଙ୍କୁ ପୁନଃ ସ୍ମରଣ କରାଉଥିବା ଏହି ସୁବର୍ତ୍ତାର ସଦୁପଯୋଗ ସହିତ ମାନବ ଜୀବନରେ ପ୍ରତିଫଳିତ ହେବା ବାଞ୍ଛନୀୟ।

ଲୋକାଚାରରେ ଉପାସିତ ଏହି ବଡ଼ଦିଅଁଙ୍କ ମାନବୀୟ ଲୀଳା ବାସ୍ତବିକ୍ ବିରଳ। ଯେମିତିକି, ମନୁଷ୍ୟ କୂଅ ପାଣିରେ ନିତ୍ୟ ସ୍ନାନ କରିଥାଏ, ସେମିତି ଏହି ଠାକୁରଙ୍କୁ ଶ୍ରୀମନ୍ଦିର ସ୍ଥିତ ସୁନାକୂଅରୁ ୧୦୮ ଗରା ଜଳ ଆଣି ସ୍ନାନ ବେଦୀରେ ସ୍ନାନ ବିଧି କରାଯାଏ। ଋତୁ ପରିବର୍ତ୍ତନ ସମୟରେ ମନୁଷ୍ୟ ଶରୀର ରୋଗଗ୍ରସ୍ତ ହେଲାପରି ଦିଅଁ ମଧ୍ୟ ରୋଗରେ ପୀଡ଼ିତ ହୁଅନ୍ତି। ସବୁଠାରୁ ତତ୍ପର୍ଯ୍ୟପୂର୍ଣ୍ଣ କଥାଟି ହେଲା ଯେ, ଦିଅଁ ପୀଡ଼ିତ ହୋଇ ଆଉ ସର୍ବ ସମକ୍ଷରେ ସେବିତ ପୂଜିତ ହୁଅନ୍ତି ନାହିଁ। ବରଂ ରୁଦ୍ଧ କୋଠରୀରେ ସଙ୍ଗରୋଧ ଉପଚାରରେ ରହି ଚିକିତ୍ସିତ ହେବାର ପ୍ରକ୍ରିୟା ମାନବ ଜାତିକୁ ରୋଗ ସଂକ୍ରମଣ ନହେବାର ପଦ୍ଧତି ଅବଲମ୍ବନ କରିବାର ଶିକ୍ଷା ଦେଇ ଆସୁଛନ୍ତି। ଯେମିତିକି, କରୋନା (ଥଣ୍ଡା ଜ୍ୱର, ଶର୍ଦ୍ଦି, କାଶ, ଛିଙ୍କ) ଆଦି ମହାମାରୀ ସଂକ୍ରମଣ ସମୟରେ କଟକଣା ସ୍ୱରୂପ ପୀଡ଼ିତକୁ ସଙ୍ଗରୋଧ କରି ରଖିବା ଅନିର୍ବାର୍ଯ୍ୟ ଥିଲା। ଏହି ସମୟରେ ଖାଦ୍ୟପେୟ ସମ୍ପର୍କିତ କଟକଣା ମଧ ତଦୋପରି। ଅବଢ଼ା ମହାପ୍ରସାଦ ଯଦିଓ ବହୁଜନ ମେଳରେ ଏକତ୍ର ସେବନ କରିବାର ବିଧି ପରମ୍ପରା କ୍ରମେ ଚଳି ଆସିଛି (ଯାହା ଭାଇଚାରା ଅଥବା ବସୁଧୈବ କୁଟୁମ୍ବକମ୍‌ର ସୂଚନା ଦିଏ), କିନ୍ତୁ ବଡ଼ ଦିଅଁଙ୍କ ପୀଡ଼ିତ ଅବସ୍ଥାରେ ଅବଢ଼ା ମହାପ୍ରସାଦ ମିଳେନାହିଁ। ଏହି ସମୟରେ ଏକତ୍ର ଭୋଜନ ନିଷିଦ୍ଧ ଥାଏ। ଏହିସବୁ ପ୍ରଚଳିତ କଟକଣା ବିଧି ମାନବ ସମାଜକୁ ସୁସ୍ଥ ଜୀବନରେ ସନ୍ଦେଶ ଦେଉ ନାହିଁ କି ?

ଆଉ ମଧ୍ୟ ରଥଯାତ୍ରାର ରହସ୍ୟ ମାନବୀୟ ଲୀଳାର ସ୍ୱଚ୍ଛ ଚିତ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ପୂର୍ବରୁ ମଣିଷ ଯୌଥ ପରିବାରରେ ବାସ କରୁଥିଲା। ଜନ୍ମସ୍ଥାନ ସହିତ ସମ୍ପର୍କିତ ହେବା ଏବଂ ପରିବାରଜନଙ୍କ ସହିତ ମିଳିତ ଭାବେ ଜୀବନ ନିର୍ବାହ କରିବାକୁ ପସନ୍ଦ କରୁଥିଲା। ତାହା ଏହି ଶ୍ରୀକ୍ଷେତ୍ର ରଥଯାତ୍ରାରୁ ସ୍ପଷ୍ଟ ପ୍ରମାଣିତ। ସହୋଦର ଭାଇ ଭଉଣୀଙ୍କୁ ସାଥିରେ ନେଇ ଅନ୍ୟତ୍ର କର୍ମସ୍ଥଳରୁ ନିଜ ଜନ୍ମସ୍ଥଳକୁ ଯାତ୍ରା କରିବା, ଆତ୍ମୀୟ ସ୍ୱଜନ (ମାଆର ଅନୁରୂପ ମାଉସୀ) ଘରେ ମିଳିତ ହେବା ଏବଂ ମନ ପସନ୍ଦର ଭୋଜନ ତଥା ଆତିଥ୍ୟ ଗ୍ରହଣ କରିବାର ପରମ୍ପରା ରଥଯାତ୍ରା ସହିତ ଜଡିତ। ଏଥିରୁ ମାନବ ଜୀବନର ମହାର୍ଘ ଗୁଣବତ୍ତାର ବାର୍ତ୍ତା ପ୍ରସାରିତ ହୋଇଛି। ଜନ୍ମ ମାଟି ପ୍ରତି ଆକର୍ଷଣ, ଆତ୍ମୀୟ ସ୍ୱଜନ, ବନ୍ଧୁ ପରିଜନଙ୍କ ପ୍ରତି ଆତ୍ମୀୟତା ଏହାର ବିଶେଷତ୍ତ୍ୱ। ସର୍ବ କାଳରେ ଭଉଣୀର ସୁରକ୍ଷା ଭାଇ ହାତରେ ବୋଲି ମଧ ଏଥିରେ ସନ୍ଦେଶ ଦିଆଯାଇଛି। ଯାତ୍ରା ଭ୍ରମଣରେ ଯାଉଥିବା ଭାଇ ମାର୍ଗରେ ଭଉଣୀର ସୁରକ୍ଷା ନିମନ୍ତେ ଆୟୁଧ (ସୁଦର୍ଶନ ଚକ୍ର)ଙ୍କୁ ସାଥିରେ ନେବା ମଧ ଆଉ ଏକ ବାର୍ତ୍ତାର ଜ୍ୱଳନ୍ତ ନମୁନା। ରଥ ଯାତ୍ରାର ରହଣି ମଧ୍ୟରେ ଜନ୍ମ ବେଦୀରେ ବଡ଼ଦିଅଁ ଅବସ୍ଥାନ କାଳରେ ପତ୍ନୀ (ମହାଲକ୍ଷ୍ମୀ)ଙ୍କ ଅଭିମାନ ହେବା ସ୍ୱାଭାବିକ। ଲୋକାଚାରରେ କୂଳବଧୂ ଘରୁ ବାହାରକୁ ଯିବା ସମୟରେ ଗୃହକର୍ତ୍ତା/କର୍ତ୍ତ୍ରୀଙ୍କ ଅନୁମତି ନେଇ ସ୍ୱାମୀଙ୍କ ଅନୁଗାମୀ ହେବା ଏବଂ ପୁଣି ଅତ୍ୟନ୍ତ ସମ୍ଭ୍ରମତା ସହକାରେ ଗମନ ଓ ସ୍ୱକୀୟ ଅଭିମାନ ବ୍ୟକ୍ତ କରିବାର ସନ୍ତକ ଛାଡ଼ି ଆସିବା ଗୋଟିଏ ଗୋଟିଏ ଶିକ୍ଷଣୀୟ ସନ୍ଦେଶ। ସମଗ୍ର ଜଗତ ର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ସାଂସାରିକ ଲୀଳା ରଚନା କରି ମାନବକୁ ଶୃଙ୍ଖଳିତ କରାଇବାକୁ ଚାହାନ୍ତି। ଅଭିମାନ ଓ କ୍ରୋଧ ଜର୍ଜରିତ ନିଜ ପତ୍ନୀଙ୍କୁ ସନ୍ତୁଷ୍ଟି ଦେବା ପାଇଁ ସହସା ପ୍ରତ୍ୟାବର୍ତ୍ତନ ପ୍ରୟାସ କରନ୍ତି। ରଥ ଦକ୍ଷିଣ ମୋଡ଼ ନେଇ ପ୍ରସ୍ତୁତ ହୋଇଯାଏ।

ଆଉମଧ୍ୟ ଭକ୍ତଜନଙ୍କୁ ଏକତ୍ର କରନ୍ତି ମହାପ୍ରଭୁ। ଏକାକାର ହୋଇଯିବାକୁ ଆହ୍ୱାନ ଦିଅନ୍ତି। ସର୍ବ ଧର୍ମଂ ପରିତ୍ୟେଜ୍ୟ ମାମେକଂ ଶରଣଂ ବ୍ରଜଃ। ଅର୍ଥାତ୍ - ସବୁ ଧର୍ମ ଛାଡ଼ି ମୋତେ ହିଁ କେବଳ ଅନୁସରଣ କର। ମୁଁ ଯେଉଁ ଧର୍ମ ପାଳନ କରୁଛି, ସେପରି ସାଂସାରିକ ଜୀବନ ନିର୍ବାହ କର। ପତ୍ନୀଙ୍କ ମାନ ଭଞ୍ଜନ ପାଇଁ ରସଗୋଲା ମିଠା ଖୁଆଇବା ମଧ୍ୟ ମହାପ୍ରଭୁଙ୍କ ମାନବୀୟ ଲୀଳା। ସୁଖୀ ଦାମ୍ପତ୍ୟ ଜୀବନର ପରିପ୍ରକାଶ। ପୁନଃ ପ୍ରତ୍ୟାବର୍ତ୍ତନ କରି ସ୍ୱସ୍ଥାନ ନିଳାଦ୍ରୀ ବିଜେ କରି ପାରିବାରିକ ମେଳରେ ଭାଇ, ଭଉଣୀ, ପତ୍ନୀ ତଥା ଅନ୍ୟ ଆତ୍ମୀୟମାନଙ୍କ ସହ ସହାବସ୍ଥାନର ବାର୍ତ୍ତା ବହନ କରି ମାନବ ସମାଜକୁ ଶ୍ରେଷ୍ଠ ସାଂସାରିକ ଧର୍ମ ପାଳନ କରିବାକୁ ଶିକ୍ଷା ଦିଏ ଶ୍ରୀକ୍ଷେତ୍ରର ଏହି ରଥଯାତ୍ରା। ଆସନ୍ତୁ, ଆମେ ଏହି ବାର୍ତ୍ତାକୁ ଆମ ଧର୍ମଗ୍ରନ୍ଥରେ ଅବା ଧାରା ବିବରଣୀରେ ସୀମିତ ନରଖି ଆମ ଦୈନନ୍ଦିନ ଜୀବନରେ ଅନୁପାଳନ କରିବା ପାଇଁ ଉଦ୍ୟମ କରିବା।



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ସହରର ଅନେକ ୱାର୍ଡରେ ଏବେ ଜଳବନ୍ଦୀ ସମସ୍ୟା ଲାଗି ରହିଛି । ଲଗାଣ ବର୍ଷାରେ ୧୬ ନମ୍ବର ୱାର୍ଡର କମାରଗଡାରେ ଡ୍ରେନରେ ବର୍ଷା ଜଳ ନ ଯିବାରୁ ଅନେକଙ୍କ ଘରେ ଅଳିଆ ଆବର୍ଜନା ପାଣି ପଶୁଛି । କଲେଜ ରୋଡ ମୁଖ୍ୟ ରାସ୍ତାରେ ରାମମନ୍ଦିର ସମ୍ମୁଖ ଡ୍ରେନ ଖରା ଦିନରେ ସଫେଇ କରାଯାଇନଥିବାରୁ ଲଗାଣ ବର୍ଷାରେ ଜଳ ନିଷ୍କାସନ ହୋଇ ପାରିନଥିଲା । ଏ ନେଇ ସ୍ଥାନୀୟ ଲୋକ ଉପ ନଗରପାଳ ବରଦା ପ୍ରସନ୍ନ ଦାସଙ୍କ କହିବା ପରେ ମଧ ସଫେଇ କର୍ମଚାରୀ ନ ଆସିବାରୁ ନିଜେ ବାଉଁଶ ବାଡିରେ ଡ୍ରେନ ଜାମ ହୋଇଥିବା ସଫେଇ କାମ କରିଥିଲେ । ପରେ ବହୁ ବିଳମ୍ବରେ ସଫେଇ କର୍ମଚାରୀମାନେ ଡ୍ରେନରୁ ଅଳିଆ ଆବର୍ଜନା କାଢିବା ପରେ ଜଳ ନିଷ୍କାସନ ହୋଇଥିଲା । କେନ୍ଦୁଝରଗଡ ପୌରପାଳିକା ଏବେ ଡ୍ରେନ ସମସ୍ୟା ମଧ ଦେଇ ଗତି କରୁଥିବା ବେଳେ ଅନେକ ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି । କେନ୍ଦୁଝରଗଡ ପୌରପାଳିକାରେ ନା ପରିମଳ ବ୍ୟବସ୍ଥା ସୁଧୁରୁଛି ନା ସହରର ଡ୍ରେନେଜ ବ୍ୟବସ୍ଥା ସୁଧୁରୁଛି । ବର୍ଷା ଦିନ ପୂର୍ବରୁ ସହର ଭିତରେ ଡ୍ରେନ ସଫା କରାଯାଇନାହିଁ । ବର୍ଷା ପରେ ଡ୍ରେନ ଜାମ ହୋଇ ଅନେକ ସ୍ଥାନରେ କୃତିମ ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି । ଫଳରେ ଏହାକୁ ନେଇ ଏବେଠାରୁ ଅନେକ ୱାର୍ଡର ଲୋକ ଛାନିଆ ହେଲେଣି ।

# ପାରାଦୀପରେ କଳିଙ୍ଗ ସାମୁଦ୍ରିକ ସଂଗ୍ରହାଳୟ ପ୍ରକଳ୍ପର ଶିଳାନ୍ୟାସ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦରରେ ସାମୁଦ୍ରିକ ଐତିହ୍ୟ ସଂରକ୍ଷଣକୁ ପୁନଃପରିଭାଷିତ କରିବା ପାଇଁ ଏକ ଐତିହାସିକ ଅଭିନବ କଳିଙ୍ଗ ସାମୁଦ୍ରିକ ସଂଗ୍ରହାଳୟର ପ୍ରକଳ୍ପ କାର୍ଯ୍ୟର ଶୁକ୍ରବାର ଶିଳାନ୍ୟାସ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର ଅଧକ୍ଷ ପି.ଏଲ.ହରନାଦ କଳିଙ୍ଗ ସାମୁଦ୍ରିକ ସଂଗ୍ରହାଳୟ ଏକ ପ୍ରମୁଖ ସାଂସ୍କୃତିକ ଏବଂ ଶିକ୍ଷାଗତ ସ୍ଥଳ ହେବାକୁ ପ୍ରସ୍ତୁତ, ଯାହା ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସକୁ ପାଳନ କରିବ ଏବଂ ସ୍ଥିରତା ଏବଂ ନବସୃଜନର ପ୍ରତୀକ ଭାବରେ କାର୍ଯ୍ୟ କରିବ ବୋଲି କହିଥିଲେ । ପାରାଦୀପ ବନ୍ଦର ଏବଂ ଇଣ୍ଡିଆନ ପୋର୍ଟ ରେଲ୍ ଏବଂ ରୋପୱେ କର୍ପୋରେସନ ଲିମିଟେଡର ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କଳିଙ୍ଗ ସାମୁଦ୍ରିକ ସଂଗ୍ରହାଳୟକୁ ସ୍ଥାପତ୍ୟ ନବସୃଜନ ଏବଂ ଜଳବାୟୁ ସ୍ଥିରତା ଉଭୟର ପ୍ରମାଣ ସ୍ୱରୂପ ରୂପାଙ୍କନ କରାଯାଇଛି । ଏହାର ଅନନ୍ୟ ମାଛ ଆକୃତିର ଗଠନ ସମୁଦ୍ର ଆଡ଼କୁ ମୁହଁ କରିବା ପାଇଁ ଉଦ୍ଦିଷ୍ଟ ହେବ, ରଣନୀତିକ ଭାବରେ ପ୍ରାକୃତିକ ପବନ ପ୍ରବାହକୁ ଏହାର ଶରୀର ସହିତ ଲାଞ୍ଜ ପର୍ଯ୍ୟନ୍ତ ପରିଚାଳିତ କରିବ ଯାହା ପବନ ପ୍ରତିରୋଧକୁ ଉନ୍ନତ କରିବ, ଏହି ଉପକୂଳ ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ । ଓଡ଼ିଶାର ବିବିଧ ଜଳବାୟୁ ପରିସ୍ଥିତିକୁ ସହ୍ୟ କରିବା ପାଇଁ ନିର୍ମିତ ହୋଇଥିବା ଏହି ସଂଗ୍ରହାଳୟ ୮ ରୁ ୪୫ ଡିଗ୍ରୀ ସେଲସିଅସ ପର୍ଯ୍ୟନ୍ତ ତାପମାତ୍ରାର ଚରମ ସୀମାକୁ ପରିଚାଳନା କରିବ । ଏହା ବ୍ୟତୀତ ଏହାର ଡିଜାଇନରେ ଘଣ୍ଟା ପ୍ରତି ୨୮୦ କିଲୋମିଟର ପର୍ଯ୍ୟନ୍ତ ଝଡ଼ ପବନ ବେଗକୁ ସହ୍ୟ କରିବା ପାଇଁ ଉନ୍ନତ ବୈଶିଷ୍ଟ୍ୟଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଗଠନ ଏବଂ ଏହାର ମୂଲ୍ୟବାନ ପ୍ରଦର୍ଶନୀର ଦୀର୍ଘକାଳୀନ ସୁରକ୍ଷା ଏବଂ ଅଖଣ୍ଡତାକୁ ସୁନିଶ୍ଚିତ କରିବ । ଏହି ଯୁଗାନ୍ତକାରୀ ପଦକ୍ଷେପ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ, ସାମୁଦ୍ରିକ ଐତିହ୍ୟ ସଂରକ୍ଷଣ ଏବଂ ସ୍ମାର୍ଟ ବନ୍ଦର ବିକାଶରେ ଯୋଗଦାନ ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି । ଏହି ମହତ୍ୱାକାଂକ୍ଷୀ କାର୍ଯ୍ୟ ପାଇଁ ଆଇପିଆରସିଏଲ ପ୍ରକଳ୍ପ ପରିଚାଳନା ବିଶେଷଜ୍ଞତା ପ୍ରଦାନ କରୁଛି ।

# ବିପଦରେ କପିଳାସ ମା’ ପାର୍ବତୀଙ୍କ ମନ୍ଦିର



ଢେଙ୍କାନାଳ(ଭାସ୍କର ନ୍ୟୁଜ): ବିପଦରେ କପିଳାସର ମାଆ ପାର୍ବତୀଙ୍କ ମନ୍ଦିର । ସାମାନ୍ୟ ବର୍ଷାରେ ଛାତରୁ ଗଳୁଛି ପାଣି । ନିଜେ ପାର୍ବତୀ ମାଆ ମଧ ବର୍ଷାରେ ଓଦା । ଛାତରୁ କେଉଁଠି ସିମେଣ୍ଟ ଛାଡ଼ି ଗଲାଣି ତ କେଉଁଠି ଛାତ ଫାଟି ଆଁ କଲାଣି । ବାରମ୍ବାର ପ୍ରଶାସନ, ଦେବତର ଅଧିକାରୀଙ୍କୁ ଅଭିଯୋଗ କଲେ ବି କୌଣସି ସୁଫଳ ମିଳୁନି । ବିପଦରେ କପିଳାସର ମାଆ ପାର୍ବତୀଙ୍କ ମନ୍ଦିର । ଏଠାରେ ଯିଏ ପ୍ରଭୁ ଚନ୍ଦ୍ର ଶେଖରଙ୍କୁ ଦର୍ଶନ କରେ ମାଆ ପାର୍ବତୀଙ୍କୁ ଦର୍ଶନ କରିଥାଏ । କିନ୍ତୁ ପାର୍ବତୀଙ୍କ ମନ୍ଦିରରେ ଦର୍ଶନ ତ ଦୂରର କଥା, ଠିଆ ହେବାକୁ ଲୋକେ ଭୟ କରୁଛନ୍ତି । ସାମାନ୍ୟ ବର୍ଷାରେ ପାଣି ଛାତରୁ ଗଳୁଛି । ନିଜେ ପାର୍ବତୀ ମାଆ ମଧ ବର୍ଷାରେ ଓଦା । ଛାତରୁ କେଉଁଠି ସିମେଣ୍ଟ ଛାଡ଼ି ଗଲାଣି ତ କେଉଁଠି ଛାତ ଫାଟି ଆଁ କଲାଣି । ବାରମ୍ବାର ପ୍ରଶାସନ, ଦେବତର ଅଧିକାରୀଙ୍କୁ ଅଭିଯୋଗ କଲେ ବି କୌଣସି ସୁଫଳ ମିଳୁନି । ଯାହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ମନ୍ଦିର ସେବକ ଓ ପୂଜାରୀ । ପ୍ରଶାସନିକ ସ୍ତରରେ ବ୍ୟାପକ ସମନ୍ୱୟର ଅଭାବ ଯୋଗୁ ରାଜ୍ୟ ଏବଂ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସ ଅବ୍ୟବସ୍ଥା ଘେରରେ । ଅନ୍ୟପଟେ ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ କପିଳାସ ପୀଠର ମୁଖ୍ୟ ମନ୍ଦିର ତଥା ମହାପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜିଉ ମନ୍ଦିର ଓ ଭୋଗ ମଣ୍ଡପକୁ ମରାମତି କରାଯାଉଥିବା ବେଳେ ମାଆ ପାର୍ବତୀଙ୍କ ମନ୍ଦିର ପର୍ଯ୍ୟନ୍ତ କାହିଁକି ମରାମତି ହେଲା ନାହିଁ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି ।

## ଯୁବକଙ୍କଠାରୁ ଲୁଟିନେଲେ ବାଇକ୍, ମୋବାଇଲ ଓ ଟଙ୍କା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଜଣେ ଯୁବକ ଠାରୁ ଦୁର୍ବୃତ୍ତମାନେ ବାଇକ୍, ମୋବାଇଲ୍, ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ତଦ ଜାରି ରହିଛି । ଦିଘାଳୋ ଗ୍ରୀଡ୍ ହାଉସ୍‌ଠାରୁ ପାଞ୍ଚମାଣିଆ ଛକ ପର୍ଯ୍ୟନ୍ତ ଲୁଟେରାଙ୍କ ରାତ୍ରଦିନ ଆଡ୍ଡା ଜମୁଛି । ଯାହାକୁ ନେଇ ଏହି ରାସ୍ତା ଦେଇ ଲୋକମାନେ ଯାତାୟତ କରିବାକୁ ନିରାପଦ ମଣୁ ନଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଚାରିଛକ ଥାନା ଗଡ଼ଇଟାପୋଖରୀ ଗ୍ରାମର ବିକ୍ରମ ପାତ୍ର ନାମକ ଯୁବକ ଗତ ଗୁରୁବାର କୋଣାର୍କରୁ ରାତ୍ର ସମୟରେ ଫେରୁଥିବା ବେଳେ ହଠାତ୍ ମୁଣ୍ଡ ବୁଲାଇବାରୁ ସର୍ବାପଡା ଛକ ନିକଟରେ ଥିବା ଚାନ୍ଦିନୀ ଉପରେ ବିଶ୍ରାମ ନେଉଥିଲେ । ଆଖି ଲାଗି ଯିବାରୁ କେତେଜଣ ଦୁର୍ବୃତ୍ତ ଆସି ବିକ୍ରମ ପକେଟ୍‌ରୁ ମୋବାଇଲ୍, ୧୨ଶହ ଟଙ୍କା, ହିରୋ ସ୍ପ୍ଲେଣ୍ଡର ବାଇକ୍ ଓଡ଼ି-୦୨ଏୟୁ-୪୧୮୯ ଲୁଟି ନେଇଛନ୍ତି । ବିକ୍ରମ ବହୁ ଖୋଜାଖୋଜି ପରେ କୌଣସି ସନ୍ଧାନ ନ ପାଇବାରୁ ଏ ସଂପର୍କରେ ନିମାପଡ଼ା ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାର ଅନୁସନ୍ଧାନ ଜାରି ରଖିଥିଲେ ମଧ ବାଇକ୍‌ର ସନ୍ଧାନ ପାଇପାରି ନାହିଁ ।

## ମହିଳାଙ୍କ ଘର ଉପରକୁ ଢେ଼ଲାପଥର ମାଡ଼ ସହ ଟଙ୍କା ଲୁଟ୍

ନିମାପଡ଼ା(ଭାସ୍କର ନ୍ୟୁଜ୍): ଜଣେ ମହିଳାଙ୍କ ଘର ଉପରକୁ ଢେ଼ଲା ମାଡ଼ ଓ ଘରର ଟଙ୍କା ପଇସା ଲୁଟି ନେଇଛନ୍ତି ଦୁର୍ବୃତ୍ତ । ଏ ସଂପର୍କରେ ମହିଳା ସ୍ୱାମୀଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି । ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ଚାରିଛକ ଥାନା ଆମ୍ବୋର ଗ୍ରାମର ଅର୍ଜୁନ ବେହେରା କୋଣାର୍କ ଯାଇଥିବା ବେଳେ ତାଙ୍କ ପତ୍ନୀ ଏକୁଟିଆ ଘରେ ରହିଥିଲେ । ଏହାର ସୁଯୋଗ ନେଇ କୌଣସି ଦୁର୍ବୃତ୍ତ ମହିଳାଙ୍କ ଘରୁ ଲୁଟ୍ କରିବା ଉଦ୍ଦେଶ୍ୟ ରଖିଥିବା ବେଳେ ରାତ୍ର ୧୦ଟା ସମୟରେ ଲାଇନ୍ କଟି ଯିବାରୁ ଘର ଉପରକୁ ଢେ଼ଲା ମାଡ଼ ହୋଇଥିଲା । ମହିଳା ଜଣକ ଭୟ ପାଇ ପଛପଟ ଆଜବେଷ୍ଟସ ଘରେ ପଶି କବାଟ ଦେଇ ଦେଇଥିଲେ । ଅନ୍ଧାରର ସୁଯୋଗ ନେଇ ଛାତ ଘର କବାଟ ତାଲା ଭାଙ୍ଗି କୌଣସି ବ୍ୟକ୍ତି ଘର ଭିତରେ ପଶି ବାକ୍ସରେ ଥିବା ୫୦ ହଜାର ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ନେଇ ଥିବା ବେଳେ ଜଣେ ବ୍ୟକ୍ତିକୁ ସନ୍ଦେହ ପ୍ରକଟ କରି ଅର୍ଜ୍ଜୁନ ବେହେରା ତା’ ନାମରେ ଥାନାରେ ଅଭିଯୋଗ କରିଛନ୍ତି । ବଳରାମ ମହାନ୍ତି ନାମକ ବ୍ୟକ୍ତି ଆମ୍ବୋର ଛକରେ ରହୁଥିବା ବେଳେ ଚୋରି ଦିନ ୩ ଥର ଅର୍ଜୁନଙ୍କ ଫୋନ୍‌କୁ ଫୋନ୍ କରିଛନ୍ତି । ଅର୍ଜୁନଙ୍କ ଘରର ସମସ୍ତ ବିଷୟରେ ବଳରାମ ଜାଣିଛନ୍ତି ବୋଲି ଅର୍ଜ୍ଜୁନ ଅଭିଯୋଗ କରିଛନ୍ତି । ବଳରାମ ଘରକୁ ଅର୍ଜ୍ଜୁନ ଖୋଜିବାକୁ ଯାଇଥିବା ବେଳେ ବଳରାମ ଘରେ ନଥିଲେ । ରାତ୍ର ଆନୁମାନିକ ୩ଟା ପରେ ସେ ଘରକୁ ଫେରିଥିବା ବେଳେ ଅର୍ଜ୍ଜୁନ ବଳରାମଙ୍କୁ ପଚାରିବାରୁ ବଳରାମ ଚୋରି କରିଥିବା ମାନିବା ସହ ଆଉ ଦୁଇଜଣ ତାଙ୍କ ସାଙ୍ଗରେ ରହିଥିବା କହିଛନ୍ତି । ଏ ସଂପର୍କରେ ଅର୍ଜ୍ଜୁନ ବେହେରା ଚାରିଛକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ସଂପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରଖିଛନ୍ତି ।

# ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ, ଲୋକେ ବେହାଲ୍



ବିଞ୍ଝାରପୁର(ଭାସ୍କର ନ୍ୟୁଜ): ସାମାନ୍ୟ ବର୍ଷାରେ ପ୍ରମୁଖ ବ୍ୟବସାୟ କେନ୍ଦ୍ର ସିଂହପୁରର ବିଭିନ୍ନ ରାସ୍ତାରେ ବର୍ଷାଜଳ ମାଡ଼ିରହିଛି । ସିଂହପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, କୋଣାର୍କ ଜୁଏଲାର୍ସରୁ ସିଂହପୁର ଉଚ୍ଚବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୫୦୦ ମିଟର ରାସ୍ତା ଅବସ୍ଥା ନକହିବା ଭଲ । କୋଣାର୍କ ଜୁଏଲାର୍ସରୁ ରାଧାଗୋବିନ୍ଦ ବସ୍ତ୍ରାଳୟ ପର୍ଯ୍ୟନ୍ତ ରାସ୍ତାରେ ଫୁଟେ ଲେଖାଁଏ ପାଣି ଜମି ରହିଛି । ଜଳ ନିଷ୍କାସନର ବ୍ୟବସ୍ଥା ନାହିଁ । ଫଳରେ ବର୍ଷାଜଳ ଜମି ରହି ପୁତି ଗନ୍ଧ ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଉଭୟ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅସନା ପାଣିରେ ପଶି ପାଠ ପଢିବାକୁ ଯାଉଛନ୍ତି । ରାସ୍ତା ଓ କୋଠାବାଡି ବିଭାଗ ଅଧିକ୍ଷକ ଯନ୍ତ୍ରୀ କୋମଳ ସ୍ୱାଇଁ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ୱେଚ୍ଛାସେବୀ ସଂଗଠନ କେୟାର ପକ୍ଷରୁ ଦାବି କରାଯାଇଛି ।

# ନିଖୋଜ ଯୁବକଙ୍କ ୫ମାସ ହେଲା ମିଳୁନି ସନ୍ଧାନ



ତିହିଡି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ସିନ୍ଦୋଳ ପଞ୍ଚାୟତ ଅଧୀନ ସାଟିଉଟି ଗ୍ରାମର କବିସୂର୍ଯ୍ୟ ଦାସ (୩୫)ନାମକ ଜଣେ ଯୁବକଙ୍କ ୫ମାସ ହେଲା ସନ୍ଧାନ ମିଳୁନଥିବା ଜଣାଯାଇଛି । ଶ୍ରୀ କବିସୂର୍ଯ୍ୟ ବାହାର ରାଜ୍ୟରେ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ । ଚଳିତ ବର୍ଷ ଫେବୃଆରୀରେ ଘରକୁ ବୁଲିବାକୁ ଆସିଥିଲେ । ଫେବୃଆରୀ ୯ରେ ସେ ଘରୁ କେଉଁଆଡ଼େ ଚାଲିଯାଇଥିଲେ । ପରିବାର ଲୋକ କବିସୂର୍ଯ୍ୟ କାର୍ଯ୍ୟ କରୁଥିବା କମ୍ପାନୀ ସମେତ ବିଭିନ୍ନ ଆଡ଼େ ଖୋଜାଖୋଜି କରିଥିଲେ ମଧ କୌଣସି ସନ୍ଧାନ ମିଳିନଥିଲା । ଶେଷରେ ୧୧ତାରିଖରେ କବିସୂର୍ଯ୍ୟଙ୍କ ବାପା ଗଣେଶ ଦାସ ପୀରହାଟ ଥାନାରେ ଅଭିଯୋଗ କରିଥିଲେ । ପୀରହାଟ ପୋଲିସ ବିଭିନ୍ନ ଆଡ଼େ ସନ୍ଧାନ ନେଇଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳିପାରିନଥିବା ଜଣାଯାଇଛି । ନିଖୋଜ କବିସୂର୍ଯ୍ୟଙ୍କ ପତ୍ନୀ ଓ ଦୁଇଟି ଛୋଟ ପିଲା ଅଛନ୍ତି ।

# ବନ ମହୋତ୍ସବରେ ୧୫୦୦ ଚାରାରୋପଣ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବ୍ଲକ ଜିରାଳ ଫରେଷ୍ଟ ସେକସନ୍ ଅନ୍ତର୍ଗତ ଖୋକସାରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ଜିରାଳ ଫରେଷ୍ଟର କବିତା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଭଇରପୁର ସରପଞ୍ଚ ଆରତୀ ରାଉତ, ଜଗନ୍ନାଥପୁର ସରପଞ୍ଚ ସୁଶାନ୍ତ ମଲ୍ଲିକ, ସାରୁଆଳି ସରପଞ୍ଚ ମଦନ ବେହେରା, ସମାଜସେବୀ ରଶ୍ମି ରଞ୍ଜନ ଦାସ, ଅଭୟ ନାୟକ ଏବଂ ଅତିରିକ୍ତ ରେଞ୍ଜର ଯୋଗ ଦେଇଥିଲେ । ଏହି ଅବସରରେ ସୁନାଝରି ସଂରକ୍ଷିତ ଜଙ୍ଗଲରେ କରଞ୍ଜ, ଶିସୁ, ଅଶ୍ୱସ୍ଥ, ନିମ୍ବ, ବଉଳ ପ୍ରଭୃତି ୧୫୦୦ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ ପ୍ରାୟ ୨୦୦ ଜନସାଧାରଣ ଉପସ୍ଥିତ ଥିଲେ । ଫରେଷ୍ଟ ଗାର୍ଡମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଉତ୍କଳ ସାମ୍ବାଦିକ ସଂଘ ଜଳେଶ୍ୱର ଶାଖାର ଗୁରୁତ୍ୱପୂର୍ଣ୍ଣ ବୈଠକ



ଜଳେଶ୍ୱର(ଭାସ୍କର ନ୍ୟୁଜ): ବାଲେଶ୍ୱର ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ନିର୍ଦ୍ଦେଶ କ୍ରମେ ଜଳେଶ୍ୱର ସଂଘ ପକ୍ଷରୁ ସାଙ୍ଗଠନିକ ଆଲୋଚନା ଜଳେଶ୍ୱର ବ୍ଲକ ପରିସରରେ ସଂଘର ବ୍ଲକ ସଭାପତି ମନୋଜ କୁମାର ଭୂୟାଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉତ୍କଳ ସାମ୍ବାଦିକ ସଙ୍ଘର ଜିଲ୍ଲା ସଭାପତି ଲୋକନାଥ ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଙ୍ଘର ବିଭିନ୍ନ କାର୍ଯ୍ୟକ୍ରମ ସଂମ୍ପର୍କରେ ତଥା ବିଭିନ୍ନ ପ୍ରଶ୍ନ ଉତ୍ତର ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ତତ୍ ସହିତ ଚଳିତ ମାସ ୧୩ ତାରିଖ ରବିବାର ଦିବା ୧୦ ଘଟିକାରେ ପଞ୍ଚଲିଙ୍ଗେଶ୍ୱର ସ୍ଥିତ ଗୁରୁଶକ୍ତି ହୋଟେଲରେ ଉତ୍କଳ ସାମ୍ବାଦିକ ସଙ୍ଗ ବାଲେଶ୍ୱର ଜିଲ୍ଲା ଶାଖା ତରଫରୁ ହେବାକୁ ଥିବା ସଧାରଣ ପରିଷଦ ବୈଠକରେ ଯୋଗ ଦେବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଜାତୀୟ ପରିଷଦ ସଭ୍ୟ ସତ୍ୟବ୍ରତ ପ୍ରଧାନ, ରାଜ୍ୟ ପରିଷଦ ସଭ୍ୟ ନିରଞ୍ଜନ ପ୍ରସାଦ ବାରିକ, ସହ ସମ୍ପାଦକ ଜୀବନ କୁମାର ବାରିକ, ଅର୍ଜୁନ ସିଂହ, ମୁଖ୍ୟ ଉପଦେଷ୍ଟା ଅମର ଆଚାର୍ଯ୍ୟ, ସୁଧାଂଶୁ ଶେଖର ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିନୟ ପ୍ରଧାନ, ଗୋପବନ୍ଧୁ ସାହୁ, ଆଶିଷ କୁମାର ଗିରି, ଗୌର ଗୋପାଳ ସେଣ, ଜଗନ୍ନାଥ ଗୋଛାୟତ, ଦୁର୍ଗା ଶଙ୍କର ଗିରି, ରାଜେଶ କୁମାର ପ୍ରଧାନ, ସୁବ୍ରତ କୁମାର ଘୋଷ ପ୍ରମୁଖ ସଭ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏଫ୍‌ଏମ୍‌ଏସ୍ ବିଦ୍ୟାର୍ଥୀଙ୍କ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ




କଟକ(ଭାସ୍କର ନ୍ୟୁଜ): କୌଣସି ସଂସ୍ଥାର ସଫଳତା କେବଳ ମାତ୍ର ତାର ଆର୍ଥିକ ଅଭିବୃଦ୍ଧିରୁ ନୁହେଁ, ବରଂ ସମାଜ ଓ ପରିବେଶ ଉପରେ ତାର ପ୍ରଭାବ ଉପରେ ମଧ ନିହିତ, ସେଥିପାଇଁ ପ୍ରଫିଟ୍, ପ୍ଲାନେଟ୍ ଓ ପିପୁଲ୍ ଥିଓରୀ ଉପରେ କାର୍ଯ୍ୟ କରିବା ଆବଶ୍ୟକ । ଏହି ଥ୍ରୀ-ପି କିମ୍ବା ଟ୍ରିପଲ୍ ବଟମ୍ ଲାଇନ୍ କିଭଳି ସଂସ୍ଥାର ଲାଭ ସାଙ୍ଗକୁ ସମୂହ କଲ୍ୟାଣ ପ୍ରତି ଦୃଷ୍ଟି ଦେଇଥାଏ, ସେ ସମ୍ପର୍କରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଫ୍‌ଏମ୍‌ଏସ୍ ବିଦ୍ୟାର୍ଥୀଙ୍କ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମରେ ବିସ୍ତୃତ ଭାବରେ ବୁଝାଇ କହିଥିଲେ ବିଶିଷ୍ଟ ଅତିଥି ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ୍ ପାୱାରର ସିଏସଆର୍ ଓ ଏଡୁକେସନ୍ ପ୍ରେସିଡେଣ୍ଟ ଏବଂ ଗ୍ରୁପ୍ ମୁଖ୍ୟ ତଥା ଓଡ଼ିଶା କର୍ପୋରେଟ୍ କମ୍ୟୁନିକେସନ୍ ମୁଖ୍ୟ ଡ.ପ୍ରସନ୍ନ କୁମାର ହୋତା । ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରାଧ୍ୟାପକ ଅନିଲ କୁମାର ଶର୍ମା ପ୍ରବନ୍ଧନ (ମ୍ୟାନେଜମେଣ୍ଟ) ଓ ନିୟନ୍ତ୍ରଣ (ଆଡମିନିଷ୍ଟ୍ରେସନ) ପାଠ୍ୟକ୍ରମକୁ ଶାଶୁ-ବୋହୂ ସମ୍ପର୍କ ସହ ତୁଳନା କରିଥିଲେ । ବିଭାଗୀୟ ଡିନ୍ ପ୍ରାଧ୍ୟାପକ ବିପ୍ଳବ କୁମାର ବିଶ୍ୱାଳ ବିଦ୍ୟାର୍ଥୀଙ୍କ ଆଭିମୁଖ୍ୟ କିଭଳି ରହିବା ଉଚିତ୍ ସେ ସମ୍ପର୍କରେ କହିବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ । କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଉପଦେଶ ଛଳରେ ପ୍ରତ୍ୟେକ ବିଦ୍ୟାର୍ଥୀ ମୁଁ କ’ଣ କରିପାରିବି, ଏହାର ଉତ୍ତର ଖୋଜିବା ଆବଶ୍ୟକ ବୋଲି କହିଥିଲେ । ଅନ୍ୟତମ ବିଶିଷ୍ଟ ଅତିଥି ଆର୍ସେଲର୍ ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ଲିମିଟେଡ୍ କମ୍ପାନିର ମାନବ ସମ୍ବଳ ମୁଖ୍ୟ ଡ. ଦେବବ୍ରତ ଦାଶ ନିଜ ଜୀବନ କାଳ ମଧରେ ସେ ଦେଢ଼ଲକ୍ଷରୁ ଅଧିକ ପ୍ରାର୍ଥୀଙ୍କ ସାକ୍ଷାତକାର ନେଇଥିବା କହିବା ସହ ଆହୁରି କହିଥିଲେ, କ୍ୟାରିଅର ଗଠନ ପାଇଁ ଅଧ୍ୟୟନ କର, ଚାକିରି ପାଇଁ ନୁହେଁ । ମାଇଁ ହୋମ୍ ଇଣ୍ଡଷ୍ଟ୍ରୀଜ୍ ପ୍ରା. ଲିଃ.(ମହାଶକ୍ତି ସିମେଣ୍ଟ)ର ଯୁଗ୍ମ ଅଧକ୍ଷ ସଞ୍ଜୀବ ଗୁପ୍ତା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ତୁମମାନଙ୍କର ନବଜନ୍ମ ସଦୃଶ ବୋଲି ବିଦ୍ୟାର୍ଥୀଙ୍କୁ କହିଥିଲେ । ଅନ୍ୟମାନଙ୍କ ମଧରେ କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁନିଲ କୁମାର ଧଳ, ସହକାରୀ ପ୍ରାଧ୍ୟାପିକା ଡ. ଶରଣିକା ଧଳ, ଛାତ୍ରକଲ୍ୟାଣ ବିଭାଗ ଡିନ୍ ପ୍ରାଧ୍ୟାପକ ଜୟପ୍ରକାଶ ଭଟ୍ଟ, ପରୀକ୍ଷା ନିୟନ୍ତ୍ରକ ଡ. ଶ୍ରୀନାଥ ବି, ବିଶ୍ୱବିଦ୍ୟାଳୟ ମୁଖ୍ୟ ବିତ୍ତ ଅଧିକାରୀ ରବି ଓମକାରୀ, ସହଯୋଗୀ ପ୍ରାଧ୍ୟାପକ ଡ. ମୃତ୍ୟୁଞ୍ଜୟ ଦାଶ, ସହକାରୀ ପ୍ରାଧ୍ୟାପିକା ଡ. ଜସ୍ମିନ୍ ଭୂୟାଁ, ସହକାରୀ ପ୍ରାଧ୍ୟାପିକା ଡ. ରିଚା ବଘେଲ ପ୍ରମୁଖ ବିଦ୍ୟାର୍ଥୀଙ୍କୁ ସ୍ୱାଗତ କରିଥିଲେ ।

## ନବବଧୂର ସନ୍ଦେହଜନକ ମୃତ୍ୟୁ

ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ତଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଜଇପୁର ଗ୍ରାମରେ ବାହାଘରର ୫ ଦିନ ପରେ ଜଣେ ନବବଧୂର ମୃତ୍ୟୁ ହେବା ଘଟଣା ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି । ଗତ ଜୁନ ୨୯ ତାରିଖରେ ଉକ୍ତ ଗ୍ରାମର ସୁଶାନ୍ତ ବେହେରାଙ୍କ ସାନପୁଅ ଚିରଞ୍ଜିବୀ ସହ କୁଦାନଗରୀ ଥାନା ବେରୁଆ ଗ୍ରାମର ଭାଗ୍ୟଧର ବେହେରାଙ୍କ ଝିଅ ଶୁଭଶ୍ରୀ ସହ ବିବାହ ହୋଇଥିଲା । ଗତ ବୁଧବାର ବିବାହ ଭୋଜି ମଧ୍ୟ ସରିଥିଲା । ହଠାତ୍ ନବବଧୂ ଶୁଭଶ୍ରୀର ଦେହ ଖରାପ ହେବାରୁ ଶଶୁର ସୁଶାନ୍ତ ବୋହୂଙ୍କ ପରିବାରଙ୍କୁ ଖବର ଦେଇଥିଲେ । ତାଙ୍କ ମା’ ଆସି ଗୁରୁବାର ସକାଳୁ ତାଙ୍କୁ ଜଗତସିଂହପୁର ମେଡିକାଲ ନେଇଥିଲେ । ପୁନର୍ବାର ପେଟ କାମୁଡା ଯନ୍ତ୍ରଣା ହେବାରୁ ଶୁକ୍ରବାର ତାଙ୍କୁ କଟକ ନିଆଯାଉଥିଲା । ଯିବା ବାଟରେ ଶ୍ୱାସରୁଦ୍ଧ ଭଳି ପରିସ୍ଥିତି ଉପୁଜିବାରୁ ଚିକିତ୍ସା ପାଇଁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ଶୁଭଶ୍ରୀଙ୍କୁ ମୃତ ଘୋଷଣା କରିଥିଲେ । ଏ ସମ୍ପର୍କରେ ଥାନାରେ ୟୁଡ଼ି କେସ ନଂ ୧୫/୨୫ ରୁଜୁ ହୋଇଥିବା ଜଣାପଡ଼ିଛି ।

## କର୍କଟରେ ମେଧାବୀ ଡାକ୍ତରୀ ଛାତ୍ରୀଙ୍କ ମୃତ୍ୟୁ

ମାହାଙ୍ଗା(ଭାସ୍କର ନ୍ୟୁଜ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭେଡା ବରହିପୁର ଗ୍ରାମର ଅନନ୍ତ ଚରଣ ରାଉତରାୟଙ୍କ ଝିଅ ଅଙ୍କିତା ରାଉତରାୟଙ୍କ ଗତକାଲି ଅକାଳ ବିୟୋଗ ଘଟିଯାଇଛି । ସେ ଜଣେ ମେଧାବୀ ଛାତ୍ରୀ ଭାବରେ କଟକ ଓ ଯାଜପୁର ଜିଲ୍ଲାରେ ବେଶ୍ ସୁନାମ ଅର୍ଜନ କରିଥିଲେ । ବର୍ତ୍ତମାନ ସେ ଯଯାତି କେଶରୀ ମେଡିକାଲ କଲେଜ, ଯାଜପୁରରେ ଏମ୍‌ବିବିଏସ୍ କୋର୍ସର ଦ୍ୱିତୀୟ ବର୍ଷର ଛାତ୍ରୀ ଭାବରେ ଅଧ୍ୟୟନରତ ଥିଲେ । କିଛିଦିନ ହେବ ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ଛାତ୍ରୀଙ୍କ ଅକାଳ ବିୟୋଗରେ ଅଧ୍ୟୟନ ସ୍ଥଳୀ ଯାଜପୁର ତଥା ଜନ୍ମସ୍ଥାନ କଟକ ଜିଲ୍ଲାର ମାହାଙ୍ଗା ଅଞ୍ଚଳରେ ଶୋକ ଖେଳିଯାଇଛି ।

# ପୁରୀ ରଥଯାତ୍ରାରେ ଗୌତମ ଆଦାନୀଙ୍କ ନିରବ ସେବା



ପୁରୀ(ଭାସ୍କର ନ୍ୟୁଜ): ଚଳିତ ବର୍ଷ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଆଦାନୀ ଗ୍ରୁପ ଅଧକ୍ଷ ଗୌତମ ଆଦାନୀଙ୍କ ‘ପ୍ରସାଦ ସେବା’ ଶ୍ରଦ୍ଧାଳୁଙ୍କ ମନରେ ଧାର୍ମିକ ଚେତନା ଜାଗ୍ରତ କରିଛି । ଜୟ ଜଗନ୍ନାଥ ଧ୍ୱନି ସହିତ ଶ୍ରୀ ଆଦାନୀ ଇସ୍କନ ରୋଷଶାଳାରେ ସ୍ୱେଚ୍ଛାକୃତ ଭାବେ ପ୍ରସାଦ ପ୍ରସ୍ତୁତ କରାଯାଉଛି । ରୋଷଶାଳାରେ ସମଗ୍ର ଦେଶରୁ ସ୍ୱେଚ୍ଛାସେବୀ ଭୋଜନ ପ୍ରସ୍ତୁତ କରୁଥିବା ବେଳେ ଶ୍ରୀ ଆଦାନୀ ସ୍ୱଇଚ୍ଛାରେ ରୋଷଇ କାର୍ଯ୍ୟରେ ସେମାନଙ୍କୁ ସାହାଯ୍ୟ କରିବା ସହିତ ସେମାନଙ୍କୁ ଉତ୍ସାହିତ କରିଥିଲେ । ଆଦାନୀ ଓ ତାଙ୍କ ପରିବାର ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ରଥଯାତ୍ରାରୁ ଆରମ୍ଭ ହୋଇଥିବା ଏହି ସେବା କାର୍ଯ୍ୟରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ । ଇସ୍କନ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପ୍ରସାଦ ବଣ୍ଟନ ସମୟରେ ଶ୍ରୀ ଆଦାନୀ ସେଠାରେ ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କୁ ହସ ହସ ବଦନରେ କଥାବାର୍ତ୍ତା କରିଥିଲେ । ତାଙ୍କ ସେବା ଭାବନାକୁ ଦେଖିଲେ ଜଣାପଡୁଥିଲା ଯେପରି ସେ କୌଣସି କମ୍ପାନୀର ଅଧକ୍ଷ ନୁହେଁ ବରଂ ଜଣେ ନମ୍ର ସେବକ ଭଳି ଲାଗୁଥିଲେ । ସେବା ହିଁ ସାଧନା ନୀତିରେ ବିଶ୍ୱାସ କରୁଥିବା ଶ୍ରୀ ଆଦାନୀ ରୋଷଶାଳା ସ୍ୱଚ୍ଛ କରିବା ସହ ଖାଦ୍ୟ ପରିବେଷଣ, ଜାର୍ ଗୁଡ଼ିକରେ ପାଣି ଭରିଥିଲେ । ଶ୍ରଦ୍ଧାଳୁଙ୍କୁ ନିରନ୍ତର ସେବା ଯୋଗାଇବା ପାଇଁ ସହକର୍ମୀଙ୍କୁ ସମର୍ଥନ କରିଥିଲେ । ସେବା କାର୍ଯ୍ୟରେ ଅନେକ ସ୍ୱେଚ୍ଛାସେବୀ ଭାଗ ନେଇଥିବା ବେଳେ ଅନେକ ବ୍ୟକ୍ତି ଆଦାନୀ ଫାଉଣ୍ଡେସନ ଦ୍ୱାରା ତାଲିମ ପ୍ରାପ୍ତ ହୋଇ ଏଥିରେ ଯୋଗ ଦେଇଥିଲେ । ଶ୍ରୀ ଆଦାନୀ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ସମାନ ଭାବେ ସମ୍ମାନ ଜଣାଇ କାର୍ଯ୍ୟ ତୁଲାଉଥିବା ଦେଖିବାକୁ ମିଳିଥିଲା । ଶ୍ରଦ୍ଧା ଭାବପୂର୍ଣ୍ଣ ଏହା ଏକ ପ୍ରକୃତ ନେତୃତ୍ୱ ଥିଲା । ଏହି ସେବା କୌଣସି ଦାନ ନ ଥିଲା, ଏହା ଏକ ବୃହତ୍ତର ପରମ୍ପରାର ଅଂଶ ଥିଲା । ଏହା ପୂର୍ବରୁ ପ୍ରୟାଗରାଜ୍‌ରେ ଆୟୋଜିତ ମହାକୁମ୍ଭ ମେଳାରେ ଶ୍ରୀ ଆଦାନୀ ଏବଂ ତାଙ୍କ ସହକର୍ମୀ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ପ୍ରସ୍ତୁତ କରିଥିଲେ । ପୁରୀରେ ଏହାର ସ୍ତର ଥିଲା ଭିନ୍ନ କିନ୍ତୁ ଉଦ୍ଦେଶ୍ୟ ଥିଲା ସମାନ । ମିଳିତ ପ୍ରୟାସ, ସାଂସ୍କୃତିକ ସମ୍ଭାବନା ଏବଂ ମର୍ଯ୍ୟାଦାର ସହ ଲୋକଙ୍କ ସେବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ରଥଯାତ୍ରାର ବହୁ ପୂର୍ବରୁ ଆଦାନୀ ଫାଉଣ୍ଡେସନ ପକ୍ଷରୁ ରୋଷଶାଳା ପାଇଁ ଆବଶ୍ୟକ ପରିମାଣର ଖାଦ୍ୟ, ପାଣି, ସ୍ୱଚ୍ଛତା, ସ୍ୱେଚ୍ଛାସେବୀଙ୍କ ସିଫ୍ଟ ଆଦିର ବ୍ୟବସ୍ଥା କରାଯାଇଥିଲା । ସାଂସ୍କୃତିକ ବୁଝାମଣା ସହିତ ଲଜିଷ୍ଟିକ୍ ଯୋଗାଣକୁ ସୁଲଭ କରାଯାଇଥିଲା ।

# କାକଟପୁରରେ ସିରିଜ୍ ଲୁଟ୍, ସାମଗ୍ରୀ ଉଦ୍ଧାର କରିବାରେ ପୋଲିସ ବିଫଳ

କାକଟପୁର(ଭାସ୍କର ନ୍ୟୁଜ): ଦିନକୁ ଦିନ କାକଟପୁରରେ ଚୋରି ବୃଦ୍ଧି ପାଇବାରେ ଲାଗିଛି । ଗତକାଲି କାକଟପୁର ବଳରାସ୍ଥିତ ମାଧବାନନ୍ଦ ମନ୍ଦିର, ପଡିସାହି ମହାବୀର ମନ୍ଦିର ଓ ଆଲୋକ କୁମାର ଦାସ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଛି । ଏହି ସିରିଜ୍ ଚୋରିକୁ ନେଇ ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଆଜି ଐତିହାସିକ ବଳରା ମାଧବାନନ୍ଦ ମନ୍ଦିରର ପୂଜାରୀ ବିଜୟ କୁମାର ଦାଶ ଠାକୁରଙ୍କ ନୀତି ପାଇଁ ମନ୍ଦିରକୁ ଆସି ଦ୍ୱାର ଫିଟାଇବା ବେଳକୁ ଦେଖନ୍ତି ଠାକୁରଙ୍କ ଦ୍ୱାର କୁନ୍ଦା ତଡା ହୋଇଛି । ସେ ଏନେଇ ସ୍ଥାନୀୟ ଲୋକଙ୍କୁ ଡାକିଥିଲେ ଓ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ । ଅଭିଯୋଗ ମୁତାବକ ଠାକୁରଙ୍କ ରୁପା ହାର, ପିତଳ ଡାଳ ୨ଟା, ଥାଳି ୧ଟି, ବାଲ୍ଟି ୧ଟି, ଘଣ୍ଟ ୧ଟି, ହାତ ଘଣ୍ଟି ୨ଟା ଗାୟବ ଅଛି । ଠିକ ସେହିପରି କିଛି ଦୂରରେ ପଡିସାହି ମହାବୀର ମନ୍ଦିରରୁ ହନୁମାନଙ୍କ ୧ଟି ରୁପାର ମୁକୁଟ, ସୁନା ଆଖି ୨ଟି, ଅନ୍ୟ ରୁପା ସାମଗ୍ରୀ ୨ଟି ଓ ଠାକୁରଙ୍କ ହୁଣ୍ଡୀ ତଡାଯାଇଛି ଯେଉଁଥିରେ ୧୫ରୁ ୨୦ ହଜାର ଭକ୍ତଙ୍କ ଅନୁଦାନ ଟଙ୍କା ରହିଥିଲା । ଏହି ବାବଦରେ ପୂଜକ ବିପିନ ବିହାରି ଦାସ ଏକ ଲିଖିତ ଅଭିଯୋଗ ମଧ କରିଛନ୍ତି । ଏହି ମହାବୀର ମନ୍ଦିର ନିକଟରେ ଆଲୋକ କୁମାର ଦାସଙ୍କ ଘରୁ ଗ୍ୟାସ ସିଲିଣ୍ଡର ସହିତ ଗୋଟେ ପାଣି ମଟର ମଧ ଚୋରୀ ହୋଇଛି । ଏହି ବାବଦରେ ମଧ ତାଙ୍କ ତରଫରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଗୋଟେ ମାସ ତଳେ ମାଧବାନନ୍ଦ ମନ୍ଦିରରୁ ରୁପା ଆଖି ସହ ରୁପା ହାର ଚୋରି ହୋଇଥିଲା, ପରେ ପୁନଃବାର ଆଜି ନୂଆ ରୁପା ହାର ଚୋରି ହୋଇଛି । ଏହି ଘଟଣାର ପୃଥକ ପୃଥକ ଏତଲା ପାଇବା ପରେ କାକଟପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅଞ୍ଚଳରେ ଦିନକୁ ଦିନ ନିଶାଡୀଙ୍କ ଆଡ୍ଡା ଜମୁଛି, ସେଥିପାଇଁ ମନ୍ଦିର ମାନଙ୍କରେ ଚୋରି ବୃଦ୍ଧି ପାଉଛି କି କୌଣସି ଲୁଟେରା ଗ୍ୟାଙ୍ଗ ସକ୍ରିୟ ଅଛନ୍ତି ତାହା ସନ୍ଦେହ ଜନକ । ପୋଲିସର କଡା ପାଟ୍ରୋଲିଂ ଅଭାବ ଓ ବାରମ୍ବାର ଲୁଟ୍‌କୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଚୋର କି ଚୋରି ଜିନିଷ ଉଦ୍ଧାର କରିବା ଏବେ ସମ୍ପୂର୍ଣ୍ଣ ରୂପେ ପୋଲିସ ପ୍ରଶାସନ ପାଇଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଏହି ସିରିଜ୍ ଲୁଟ୍‌ର ପର୍ଦ୍ଦାଫାଶ କେବେ ହେଉଛି ଦେଖିବାକୁ ବାକି ରହିଲା ।

# ଢେଙ୍କାନାଳରେ ପଡି କାର୍ଡ ବଣ୍ଟିଲେ ମନ୍ତ୍ରୀ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ସ୍ଥାନୀୟ ପୁରୁଣା ଜିଲ୍ଲାପରିଷଦ ହଲଠାରେ ଏକ ପଡ଼ିକାର୍ଡ଼ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ୪୩ ହିତାଧିକାରୀଙ୍କୁ ପଡ଼ି କାର୍ଡ ବଣ୍ଟନ କରିଛନ୍ତି ଓ ଇତିମଧ୍ୟରେ ରାଜ୍ୟରେ ୫ଲକ୍ଷ ୪୨ହଜାର ଭୂତ କାର୍ଡଧାରୀ ଓ ୧ ଲକ୍ଷ ୨ ହଜାର ଅଯୋଗ୍ୟ ହିତାଧୀକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ କାର୍ଡ ବ୍ୟାଜ୍ୟାପ୍ତ କରାଯାଇଥିବାବେଳେ ପୁଣି ୬ ଲକ୍ଷ ଯୋଗ୍ୟ ଗରିବ ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି । ଆଗାମୀ ଦିନରେ ଆହୁରି ୧୫ ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାର ଲକ୍ଷ୍ୟ ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଇ-କେୱାଇସି ଦାଖଲ ନକଲେ କିମ୍ବା ଆଗାମୀ ୩ ମାସ ମଧ୍ୟରେ ରାସନ ନେବାକୁ ନ ଆସିଲେ ସେମାନଙ୍କୁ ଏହି ସୁବିଧାରୁ ବଂଚିତ କରାଯିବ ବୋଲି ସେ କହିଥିଲେ । ଏହି ପଡି କାର୍ଡ ଥିଲେ ସେମାନେ ସରକାରଙ୍କ ବିଭିନ୍ନ ଯୋଜନାରୁ ସୁବିଧା ସୁଯୋଗ ପାଇପାରିବେ ବୋଲି ପ୍ରକାଶ କରିଛନ୍ତି । ଏହି ମେଳାରେ ପୌର ଅଧକ୍ଷା ଜୟନ୍ତୀ ପାତ୍ର, ଉପାଧକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ସାଂସଦଙ୍କ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀଙ୍କ ସମେତ ୱାର୍ଡ଼ ମେମ୍ବର, ବିଭାଗୀୟ ଅଧିକାରୀ ଓ ହିତାଧିକାରୀ ମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ପୌର ଯନ୍ତ୍ରୀ ରଶ୍ମିତା ମିଶ୍ର ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚ଼ନା ପ୍ରଦାନ କରିଥିଲେ ।

# ନାରୀ ଜାତି ପ୍ରତି ଅଶ୍ଳୀଳ ଓ ଲଜ୍ଜାଜନକ ମନ୍ତବ୍ୟ ବିରୋଧରେ ଅଭିଯୋଗ



ଜଳେଶ୍ୱର(ଭାସ୍କର ନ୍ୟୁଜ): ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ହାତୀ ଶୀକାର ଓ ହାତୀ ଦାନ୍ତ ଚୋରି ଘଟଣାରେ ସଂପୃକ୍ତି ଅଭିଯୋଗ କରିବାରୁ ବିଜେଡି ନେତ୍ରୀ ଡ.ଲେଖାଶ୍ରୀ ସାମନ୍ତ ସିଂହାରଙ୍କ ପ୍ରତି ସେ ଦେଇଥିବା କୁତ୍ସିତ ଓ ନିମ୍ନରୁଚିର ମନ୍ତବ୍ୟକୁ ଦୃଢ ନିନ୍ଦା କରିବା ସହ ତୁରନ୍ତ ସମଗ୍ର ନାରୀ ଜାତି ନିକଟରେ ଶ୍ରୀ ଖଟୁଆ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଜଳେଶ୍ୱର ମହିଳା ବିଜେଡି ଦାବି କରିଛି । ବନ ବିଭାଗ ଶ୍ରୀ ଖଟୁଆଙ୍କ ଫାର୍ମ ହାଉସରୁ ହାତୀଦାନ୍ତ ଚୋରଙ୍କୁ ଧରିବା ବାବଦରେ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା ଓ ଶାସକ ଦଳର ବିଧାୟକ ହୋଇଥିବାରୁ ଏଭଳି ସ୍ୱର୍ଶକାତର ମାମଲାରେ ସଂପୃକ୍ତି ଥିଲେ ମଧ ବନ ବିଭାଗ ଶ୍ରୀ ଖଟୁଆଙ୍କୁ କାହିଁକି ଗିରଫ କରୁନାହାନ୍ତି ବୋଲି ବିଜେଡି ପ୍ରଶ୍ନ କରିଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଶ୍ରୀ ଖଟୁଆ ଡ.ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଅତ୍ୟନ୍ତ ଘୃଣ୍ୟ, କୁତ୍ସିତ, ଅପମାନଜନକ ଓ ନିମ୍ନ ରୁଚିର ଭାଷା ପ୍ରୟୋଗ କରିଛନ୍ତି । ଜଣେ ମହିଳାର ମୁହଁକୁ ଆଧାର କରି ଯଦି ନକାରାତ୍ମକ ଟିପ୍ପଣୀ ଦିଆଯାଏ ତାହା କେବେ ହେଲେ ସଭ୍ୟ ସମାଜରେ ଏହା ଗ୍ରହଣୀୟ ନୁହେଁ । ମହିଳାଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ରାଜନୀତିରେ ସାମିଲ ହେବା ପାଇଁ ପ୍ରବାଦ ପୁରୁଷ ବିଜୁ ବାବୁ ଯେଉଁ ଧାରା ଆରମ୍ଭ କରିଥିଲେ, ସେହି ଧାରାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗକୁ ନେଇ ଆତ୍ମସମ୍ମାନର ସହ ମହିଳାମାନେ ସମାଜରେ ଛିଡା ହେବା ପାଇଁ ଅନେକ ପଦକ୍ଷେପ ନେଇଥିଲେ । ବର୍ତ୍ତମାନ ଯାହା ଜଣାପଡୁଛି ବିଜେପି ସରକାରକୁ ଆସିଲା ପରେ ଚାହୁଁଛି ମହିଳାମାନେ ରାଜନୀତିକୁ ନ ଆସନ୍ତୁ । ବିଧାୟକ ଶ୍ରୀ ଖଟୁଆଙ୍କ କୁତ୍ସିତ ମନ୍ତବ୍ୟ ତାଙ୍କ ରୁଗ୍ଣ ମାନସିକତାର ପରିଚୟ ଓ ଏହା ସମଗ୍ର ନାରୀ ଜାତି ପ୍ରତି ଅପମାନ । ତେଣୁ ଶୁକ୍ରବାର ଜଳେଶ୍ୱର ବିଜେଡି ଦଳର ବ୍ଲକ ମହିଳା ସଭାପତି ତଥା ବ୍ଲକ ଉପାଧକ୍ଷା ସଞ୍ଜିତା ସେନାପତିଙ୍କ ନେତୃତ୍ୱରେ ଅପରାହ୍ନ ୪ ଘଟିକାରେ ଜଳେଶ୍ୱର ଥାନାରେ ପ୍ରତିବାଦ କରିବା ସହ ନୀଳଗିରି ବିଧାୟକ ବିରୋଧରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବାକୁ ଲିଖିତ ଅଭିଯୋଗ କରିଛନ୍ତି । ଜଳେଶ୍ୱର ଥାନାର ଏଏସଆଇ ଦିଲ୍ଲୀପ କୁମାର ସେଠୀଙ୍କୁ ଅଭିଯୋଗ ଦେବା ସମୟରେ ଜିଲ୍ଲା ପରିଷଦ ଉପସଭାପତି ଅନୁସୟା ପ୍ରଧାନ, ମହିଳା ବିଜେଡିର ଜିଲ୍ଲା ସଭାପତି ବିନ୍ଦୁବାଳା ନନ୍ଦୀ, ଜିଲ୍ଲା ପରିଷଦ ସଭ୍ୟା ତୁଳସୀ କିସ୍କୁ, କଳମା ସରପଞ୍ଚ ସୁବିନିତା ଦତ୍ତ, ସମିତି ସଭ୍ୟା ସସ୍ମିତା ପରିଡା, ସୁକାନ୍ତି ଜେନା, କାଉନସିଲାର ସୁଷମା କର, ସଂଯୁକ୍ତା ଗିରି ସନ୍ଧ୍ୟାରାଣୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ବାଂଶପାଳ ବ୍ଲକ ଉପର ଚମ୍ପେଇ ଗ୍ରାମରେ ବିଶ୍ୱ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ବନୀକରଣ ଶୁଭାରମ୍ଭ ହୋଇଛି । ୩୨ହେକ୍ଟର ପରିମିତ ଜମିରେ ୫୧ହଜାର ୨୦୦ଚାରା ରୋପଣ କରାଯିବ । ବିଶେଷ କରି ସ୍ଥାନୀୟ ଲୋକଙ୍କ ଜୀବନଜୀବିକାରେ ସହାୟକ ହେଲା ଭଳି ଆମ୍ବ, ପଣସ, ନିମ୍ବ, ଜାମୁ, ତେନ୍ତୁଳି, କଇଥ, ହରିଡା, ବାହାଡା, ଅଁଳା, କୁସୁମ, ଶାଳ, ଅର୍ଜୁନ, ଅଁଳା, ଅଶ୍ୱସ୍ଥ, ବର, କରଞ୍ଜ, ଶିଶୁ, ପିଜୁଳି, ବେଲ, ଅସନ ଚାରାରୋପଣ କରାଯାଉଛି । ଟାଙ୍ଗରପଡା, ଉପର ଚମ୍ପେଇ, ଗୌଡ ଚମ୍ପେଇ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଚାରା ରୋପଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି । କ୍ଷତିପୂରଣ ବନୀକରଣ ଯୋଜନାରେ କାମ୍ପା ଅନୁଦାନରେ ବନୀକରଣ କରାଯାଉଛି । ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ବନୀକରଣ କାର୍ଯ୍ୟକୁ ଶୁଭାରମ୍ଭ କରି ଚାରା ରୋପଣ କରି ଏହି ଅଂଚଳରେ ବନୀକରଣ ଦ୍ୱାରା ସ୍ଥାନୀୟ ଲୋକ କର୍ମନିଯୁକ୍ତି ପାଇବେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ଡକ୍ଟର ସୁଦିପ୍ତ କୁମାର ପଣ୍ଡା, ସୁରେନ୍ଦ୍ରନାଥ ହେମ୍ବ୍ରମ, ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁ, ତଳ ଚମ୍ପେଇ ସରପଂଚ ସୁଜାତା ମୁଣ୍ଡା, ଶୁଆକାଟୀ ବନପାଳ ଜ୍ୟୋତିର୍ମୟୀ ପଟ୍ଟନାୟକ, ବନରକ୍ଷୀ ଚନ୍ଦ୍ରକାନ୍ତ ମହାନ୍ତ, ଉପର ଚମ୍ପେଇ ଗ୍ରାମର ୱାର୍ଡ ମେମ୍ବର ସାଇବାଣୀ ଜୁଆଙ୍ଗ, ଟାଙ୍ଗରପଡା ଗ୍ରାମର ୱାର୍ଡ ମେମ୍ବର ବନବାସୀ ଜୁଆଙ୍ଗ, ବିଦ୍ୟାଧର ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

## ମାମୁଁକୁ ଆକ୍ରମଣ କରି ଭଣଜା ଗିରଫ

ବଡ଼ଚଣା, (ଭାସ୍କର ନ୍ୟୁଜ୍): ବଡ଼ଚଣା ପଞ୍ଚାୟତ ମାତ୍ର ଥାନାରୁ ଦୁଇ ଶହ ମିଟର ଦୂରତାରେ ଥିବା ସିଂହ ସାହି ଗ୍ରାମରେ ଦୁଇ ସମ୍ପର୍କୀୟଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ଗଣ୍ଡଗୋଳ ଅଭିଯୋଗ ହୋଇଥିଲା । ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ ଗୁରୁବାର ସଂଧ୍ୟାରେ ସିଂହ ସାହିର ବଟକୃଷ୍ଣ ସିଂହଙ୍କ ପୁତ୍ର ହୃଷିକେଶ ସିଂହ ବୟସ ୩୫ ନିଜ ମାମୁଁ ଦିଗାମ୍ବର ସିଂହଙ୍କୁ ଜମି ଜମା ପାଇଁ ଗାଳିଗୁଲଜ କରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ମାମୁ ଆହତ ହୋଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇ ଚିକିତ୍ସା ହୋଇଥିଲେ । ଏବଂ ଥାନାରେ ଲିଖିତ ଏତଲା କରିବାରୁ ଥାନା ଅଧିକାରୀ ମଧୁସ୍ମିତା ବେହେରା ତଦନ୍ତ ଅଧିକାରୀ ଆର୍ କେ ଭୋଇଙ୍କୁ ଦାୟିତ୍ୱ ଦେଇଥିଲେ । ତଦନ୍ତ ଅଧିକାରୀ ଥାନା କେଶ୍ ନମ୍ବର ୨୧୬/୨୫, ଦଫା ୩୦୭,୨୯୪,୫୦୬ ଏକ ଫୌଜଦାରୀ ମାମଲା ରୁଜୁ କରି ଆଶାମୀ ଭଣଜାକୁ ଗିରଫ କରି ଶୁକ୍ରବାର ଚଣ୍ଡୀଖୋଲ କୋର୍ଟଚାଲାଣ କରିଛି । ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଯାଜପୁର ରଗଡ଼ି ହାଜତକୁ ପଠାଇ ଦିଆଯାଇଥିବା ଖବରକୁ ପ୍ରକାଶ ।

## ୯ରେ ସାଧାରଣ ଧର୍ମଘଟ ପାଇଁ ଆହ୍ୱାନ



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଦେଶର ସମସ୍ତ ଶ୍ରମିକ, କୃଷକ, ମହିଳା, ଯୁବ ଓ ଛାତ୍ର ସଂଗଠନର ମିଳିତ ଆହ୍ୱାନ କ୍ରମେ ଜୁଲାଇ ୯ ତାରିଖ ଦିନ ଦେଶବ୍ୟାପୀ ସାଧାରଣ ଧର୍ମଘଟ ବା ହରତାଳ ହେବାକୁ ଯାଉଛି । ଏହି ଧର୍ମଘଟକୁ ସଫଳ କରିବା ପାଇଁ ଅଜିତ ଦାସଙ୍କ ଅଧକ୍ଷତାରେ ଶିକ୍ଷକ ଶ୍ରମିକ କର୍ମଚାରୀ ସମନ୍ୱୟ ସମିତିର ଏକ ପ୍ରସ୍ତୁତି ବୈଠକ ଜଳେଶ୍ୱର ସ୍ଥିତ ଭାରତୀୟ ଜୀବନ ବୀମା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମନ୍ୱୟ ସମିତିର ସମ୍ପାଦକ ତଥା ବରିଷ୍ଠ ସମାଜସେବୀ ଦିଲ୍ଲୀପ କୁମାର ଗିରିଙ୍କ ଆହ୍ୱାନ କ୍ରମେ ପ୍ରାୟ ସମସ୍ତ ଗଣ ସଂଗଠନର ପ୍ରତିନିଧିମାନେ ଯୋଗ ଦେଇ ସାଧାରଣ ଧର୍ମଘଟର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ଏହାକୁ କେମିତି ସଫଳ କରାଯାଇ ପାରିବ ସେଥିପାଇଁ ଆଶୁ ପଦକ୍ଷେପ ଗ୍ରହଣ କରିଛନ୍ତି । ବୈଠକରେ ଯୋଗ ଦେଇଥିବା ସମସ୍ତ ନେତୃତ୍ୱ ପ୍ରଚଳିତ ଶାସନ ବ୍ୟବସ୍ଥାକୁ ନେଇ ଉଦବେଗ ପ୍ରକାଶ କରିଥିଲେ । ସରକାର ଯେଉଁ ସବୁ ନୀତି ଗ୍ରହଣ କରୁଛନ୍ତି ସେ ସବୁ କର୍ପୋରେଟ ମାନଙ୍କର ସ୍ୱାର୍ଥ ରକ୍ଷା କରୁଛି ଏବଂ ଶ୍ରମିକ, କୃଷକ, ମହିଳା, ଯୁବ, ଛାତ୍ର ତଥା ସରକାରୀ କର୍ମଚାରୀଙ୍କୁ ହତାଶ କରୁଛି । ଏହି ଜନ ବିରୋଧୀ ନୀତିକୁ ବିରୋଧ କରିବା ସହିତ ଶ୍ରମ କୋର୍ଡର ଉଚ୍ଛେଦ, ଦୈନିକ ମଜୁରୀ ବୃଦ୍ଧି, ଠିକା ନିଯୁକ୍ତି ବଦଳରେ ନିୟମିତ ନିଯୁକ୍ତି, ସମସ୍ତଙ୍କୁ ମାଗଣା ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଯୋଗାଇବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧିକୁ ରୋକିବା, କୃଷି ଋଣ ଛାଡ ସହିତ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ନିର୍ଦ୍ଧାରଣ, ପୁରୁଣା ପେନ୍‌ସନ୍ ଯୋଜନାର ପୁନଃ ପ୍ରଚଳନ, ରାଷ୍ଟ୍ରାୟତ ସଂସ୍ଥାର ଘରୋଇକରଣକୁ ବନ୍ଦ କରିବା ଆଦି ଦାବି ନେଇ ଏହି ଧର୍ମଘଟ ସପକ୍ଷରେ ସମସ୍ତ ଜନସାଧାରଣଙ୍କୁ ସମର୍ଥନ ଓ ସହଯୋଗ କରିବାକୁ ବୈଠକରେ ଉପସ୍ଥିତ ସର୍ବଶ୍ରୀ ସୀତାଂଶୁ ସେନାପତି, ଅକ୍ଷୟ କୁମାର ମିଶ୍ର, କମଳ ଚକ୍ରବର୍ତ୍ତୀ, ମନୋରଞ୍ଜନ ଦାସ, ଡକ୍ଟର ଲଳିତ ରଞ୍ଜନ ସେନାପତି, ଡକ୍ଟର ଅଜିତ ମହାନ୍ତି, ଦିପ୍ତିମାନ ଆଚାର୍ଯ୍ୟ, ମମି ପଣ୍ଡା, ଈଶାଣି ଷଡ଼ଙ୍ଗୀ, ଶିକ୍ଷକ ନେତା ଖଗେନ୍ଦ୍ର ନାଥ ସାହୁ, ପଲ୍ଟୁ ଦାସ, ଦିଲ୍ଲୀପ କୁମାର ପରିଡ଼ା, ରତନ ଦାସ, କାଳିଚରଣ ପୁଷ୍ଟି, ରାଜୀବ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସି, ପଞ୍ଚାନନ ପୃଥାଳ, ପ୍ରଶାନ୍ତ ପାତ୍ର, ଶେଖ୍ ନାଜିରୁଦ୍ଦିନ, ଜାହ୍ନବୀ ଭଦ୍ର, ଶ୍ରୀମନ୍ତ ଘୋଷ, ଅନନ୍ତ ଦତ୍ତ, ହରନାରାୟଣ ଜେନା, ପ୍ରକାଶ ସାହୁ, ଗୌରୀ ଶଙ୍କର ଜେନା ଆହ୍ୱାନ ଦେଇଥିଲେ । ବୈଠକରେ ନିଷ୍ପତ୍ତି ଅନୁଯାୟୀ ଜୁଲାଇ ୭ ତାରିଖ ଦିନ ମାଇକ ପ୍ରଚାର ସହିତ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରାଯିବ ଏବଂ ଜୁଲାଇ ୮ ତାରିଖ ଦିନ ସନ୍ଧ୍ୟାରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବ ବୋଲି ଶ୍ରୀଯୁକ୍ତ ଗିରି ଗଣମାଧ୍ୟମକୁ ଜଣାଇଛନ୍ତି । ଏହି ହରତାଳକୁ ସଫଳ କରିବା ପାଇଁ ସମସ୍ତ ଅଫିସ ଦପ୍ତର, ସ୍କୁଲ କଲେଜ, ବ୍ୟାଙ୍କ, ବୀମା, ବ୍ୟବସାୟ ପ୍ରତିଷ୍ଠାନ, ଦୋକାନ ବଜାର, କୋର୍ଟ କଚେରୀ ବନ୍ଦ ରଖିବାକୁ ସମନ୍ୱୟ ସମିତି ତରଫରୁ ନିବେଦନ କରାଯାଇଛି ।

## ଅଧପନ୍ତରିଆ ଅବସ୍ଥାରେ ପଡ଼ିଛି ପୋଲ: ୫ ପଞ୍ଚାୟତବାସୀ ହନ୍ତସନ୍ତ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ସାତ ବର୍ଷ ହେବ ସରୁନି ସ୍ୱିଲଓ୍ୱେ କଲୋନି ଠାରେ ପୋଲ ନିର୍ମାଣ କାମ । ଫଳରେ ଗମନାଗମନ ବେଳେ ହଇରାଣ ହେଉଛନ୍ତି ଏହି ରାସ୍ତା ଉପରେ ନିର୍ଭର କରୁଥିବା ପାଞ୍ଚଟି ପଞ୍ଚାୟତବାସୀ ଓ ସ୍ୱିଲଓ୍ୱ ଗ୍ରାମବାସୀ । ଲଗାଣ ବର୍ଷା ଯୋଗୁଁ ପୋଲର ଦୁଇପାର୍ଶ୍ୱ ଆପ୍ରୋଚ୍ ରାସ୍ତା ଶୋଚନୀୟ ହୋଇପଡ଼ିଛି । ଅବସ୍ଥା ଏପରି ହୋଇଛି ଯେ ଗାଡ଼ିମୋଟର ଦୂରର କଥା ଚାଲି ଚାଲି ଯିବା ସମ୍ଭବ ହୋଇପାରୁନଥିବା ଅଭିଯୋଗ ଅଞ୍ଚଳବାସୀ କରିଛନ୍ତି । ବାଲିମେଳା ମୁଖ୍ୟ ରାସ୍ତାରେ ଚିତ୍ରକୋଣ୍ଡା ଗେଟ୍ ରହିଛି ଓଡ଼ିଶା ଓ ଆନ୍ଧ୍ର ମିଳିତ ସହଯୋଗରେ ନିର୍ମିତ ବାଲିମେଳା ମାଟିବନ୍ଧ ଓ ସ୍ୱିଲଓ୍ୱେରେ ଦଶଟି ଏବଂ ଦୁଇଟି ସୁଇସ୍ ଗେଟ୍ । ଏହି ସୁଇସ୍ ଗେଟ୍ ଦ୍ୱାରା ପ୍ରତ୍ୟେକ ଦିନ 'ଆନ୍ଧ୍ର ବିଜୁଳି ଉତ୍ପାଦନ ନିମନ୍ତେ ପାଣି ନେଇଥାଏ । ଚିତ୍ରକୋଣ୍ଡା ସଦର ମହକୁମାରୁ ବାଲିମେଳା, ମାଲକାନଗିରି, ଜୟପୁର ଯିବାକୁ ହେଲେ ସ୍ୱିଲଓ୍ୱେ ଗେଟ୍ ଉପର ଦେଇ ଯାଉଥିବା ଏକ ମାତ୍ର ରାସ୍ତାରେ ଯିବାକୁ ପଡ଼ିଥାଏ । ଏପରିକି ପଡ଼ୋଶୀ ଆନ୍ଧ୍ରକୁ ଯିବାକୁ ଏହି ଗେଟ୍ ଉପର ରାସ୍ତା ଦେଇ ଯିବାକୁ ପଡ଼ିଥାଏ । ପ୍ରତ୍ୟକ ଦିନ ଶହ ଶହ ଗାଡ଼ି ଓ ଭାରୀଯାନ ଏହି ଦଶଟି ଗେଟ୍ ଉପର ଦେଇ ଯାତାୟାତ କରୁଥିବାରୁ ଗେଟ୍ ଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ସ୍ୱିଲଓ୍ୱେ ଗେଟ୍ ତଳ ଭାଗରେ ସାତ ବର୍ଷ ତଳେ ଏକ ବାଇପାସ୍ ରାସ୍ତା ସହ ପୋଲ ନିର୍ମାଣ କାମ ଆରମ୍ଭ କରାଯାଇଥିଲା । କିନ୍ତୁ ସାତ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ପୋଲ ନିର୍ମାଣ କାମ ସରୁନାହିଁ । ପୋଲ ନିର୍ମାଣ କରୁଥିବା ଠିକା ସଂସ୍ଥା ଦୁଇପଟେ ଆପ୍ରୋଚ୍ ରାସ୍ତା । କାମ ଅଧାପନ୍ତରିଆ ଛାଡ଼ିଦେଇଛି । ତୁରନ୍ତ ପୋଲ ନିର୍ମାଣ ସହ ଆପ୍ରୋଚ୍ ରୋଡ୍ କାମ ସାରିବାକୁ ୫ଟି ପଞ୍ଚାୟତବାସୀ ଏବଂ ସ୍ୱିଲଓ୍ୱ ଗ୍ରାମବାସୀ ଦାବି କରିଛନ୍ତି । କେବେ ପ୍ରଶାସନର ନଜର ଏହି ରାସ୍ତା ଉପରେ ପଡ଼ିବ ଦେଖିବାକୁ ବାକି ରହିଲା ।

## ବସ୍‌ଷ୍ଟାଣ୍ଡ ରାସ୍ତା କାଦୁଅ, ଯାତ୍ରୀ ହିନସ୍ତା



ଖଡ଼ିଆଳ, (ଭାସ୍କର ନ୍ୟୁଜ୍) : ନୂଆପଡା ଜିଲ୍ଲା ଖଡ଼ିଆଳ ସହର ଜାତୀୟ ରାଜପଥ ୩୫୩ ନମ୍ବର ପୃଥିବୀରାଜ ହୋଟେଲ ଠାରୁ ବସ୍‌ଷ୍ଟାଣ୍ଡକୁ ଯିବା ରାସ୍ତାର ଅବସ୍ଥା ଖୁବ ଶୋଚନୀୟ ଓ କାଦୁଅରେ ପଚ ପଚ । ରାସ୍ତାରେ ବଡ ବଡ଼ ଖାଲ ଖମା ହୋଇ ଅବସ୍ଥା ଅତି ଖରାପ । ଏହି ରାସ୍ତା ଦେଇ କୁନି କୁନି ପିଲା ଖଡ଼ିଆଳ କେପିଏସ୍ ସ୍କୁଲକୁ ପାଠ ପଢି ଯାଇଥାନ୍ତି ଓ ବିଭିନ୍ନ ସ୍କୁଲର ପିଲାମାନେ ସହରରେ ଥିବା ସ୍କୁଲକୁ ପାଠ ପଢିବାକୁ ଯାଉଥିବା ବେଳେ ଲୋକେ ମଧ୍ୟ ଯିବା ଆସିବା କରିଥାନ୍ତି । ନିକଟରେ ବସ୍‌ଷ୍ଟାଣ୍ଡ ଥିବାରୁ ଏହି ରାସ୍ତାରେ ବହୁ ଗାଡି ମଟର ଯିବା ଆସିବା କରିଥାଏ । ରାସ୍ତାରେ ବେଳେ ବେଳେ ଛୁଆ ପିଲାମାନେ ପଡ଼ି ଖଣ୍ଡିଆ ଖାବରା ହେଉଥିବା ମଧ୍ୟ ଅଭିଯୋଗ ହେଉଛି । ବର୍ଷାରେ ଖାଲ ଗୁଡିକରେ ପାଣି ଜମି ରହୁଥିବାରୁ ଖାଲରେ ଲୋକେ ମଧ୍ୟ ପଡ଼ି ଗୋଡ଼ ହାତ ଭାଙ୍ଗୁ ଥିବା ଦୃଶ୍ୟ ଦେଖିବାକୁ ମିଳୁଛି । କୁନି କୁନି ଛୁଆ ମାନେ ମଧ୍ୟ ସ୍କୁଲ ଯିବାବେଳେ ପାଣି ଭର୍ତ୍ତୀ ଖାଲରେ ପଡିଯାଆନ୍ତି । ତେଣୁ ଶୀଘ୍ର ଏହି ରାସ୍ତା ମରାମତି କରିବାକୁ ଦାବୀ ହେଉଛି । ଏଥି ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ମାଉସି ମା ମଣ୍ଡପରେ ଭଜନ ସମାରୋହ



ରାଇଘର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ଠାରେ ଥିବା ମାଉସି ମା ମଣ୍ଡପରେ ମା ପେଣ୍ଡ୍ରାଣି ଦୃଷ୍ଟିହିନଙ୍କ ଦ୍ୱାରା ଭଜନ ସମାରୋହ ହୋଇଯାଇଛି । ପ୍ରତେକ ଦିନ ସନ୍ଧ୍ୟା ସମୟରେ ଭଜନ ସମାରୋହ ହେବା ଦେଖିବାକୁ ମିଳିଥିଲା । ଏହି ଦୃଷ୍ଟି ହିନ ଭଜନ ସମାରୋହ ରେ ଦୃଷ୍ଟିହୀନ ଭାଇ ଭଉଣି ମାନେ ଜଗନ୍ନାଥଙ୍କ ଭଜନ ଗାନ କରିଥିଲେ । ଏହା ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଚାଲିବ ବୋଲି ମନ୍ଦିର କମିଟି ପକ୍ଷରୁ ସୁଚନା ଦେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଭଜନ ସମାରୋହ ରେ କିରଣ କୁମାର ମହାପାତ୍ର,, ସଂଗ୍ରାମ ପରିଡ଼ା, ସୁକଦେବ ମଲିକ, ଅଜୟ କୁମାର ଦାସଙ୍କ ସମେତ ବହୁ ଗାୟକ ଜଗନ୍ନାଥଙ୍କ ଭଜନ ଗାନ କରିବା ଦେଖିବାକୁ ମିଳିଛି । ତାସହ ମନ୍ଦିର କମିଟି ର ସମସ୍ତ ସଦସ୍ୟ ତଥା ଗ୍ରାମ ବାସି ଉପସ୍ଥିତ ରହି ସହଯୋଗ କରିଥଲେ ।

## ଦୁର୍ଘଟଣାରେ ୨ ମୃତ, ୪ ଗୁରୁତର

କୋଇଡା, (ଭାସ୍କର ନ୍ୟୁଜ୍) : ସୁନ୍ଦରଗଡ଼ ଜିଲ୍ଲା କୋଇଡା ଥାନା ଅନ୍ତର୍ଗତ ଏରିଆନ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଚାରି ଜଣ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ କମଣ୍ଡ ସ୍ଥିତ ରୁଂଟା ଷ୍ଟିଲ ପ୍ଲାଣ୍ଟରେ କାର୍ଯ୍ୟରତ ଡିଜେ ସ୍କ୍ରଓପ ନାମକ ଠିକା ସଂସ୍ଥାର କର୍ମଚାରୀ ମାନେ କୋଇଡାରୁ ଏକ ଓମିନି ଗାଡି ନମ୍ବର ଜେଏଚ ୦୫ବିୟୁ ୩୪୧୬ ଯୋଗେ କମଣ୍ଡ ଷ୍ଟିଲ ପ୍ଲାଣ୍ଟ ଅଭିମୁଖେ ଯାଉ ଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଓଡି୧୯କ୍ୟୁ ୦୯୭୮ନମ୍ବର ହାଇୱା ଗାଡି ସହିତ ମୁହାଁ ମୁହିଁ ଧକ୍କା ହେବା ଫଳରେ ଓମିନି ଚାଳକ ଅଭିମନ୍ୟୁ କୁମାର ଓ ସାଜନ କୁମାରଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା ଓ କୌଣସି ସୂତ୍ରରୁ ଖବର ପାଇ କୋଇଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅନ୍ୟ ଚାରି ଜଣ ଗୁରୁତର ଆହତ ରାହୁଲ କୁମାର ଶର୍ମା (୩୪), ଅର୍ଜୁନ କୁମାର ଯାଦବ (୩୨), ଶ୍ରୀକାନ୍ତ କୁମାର (୩୨), ସଞ୍ଜୟ ପ୍ରସାଦ (୨୯)ଙ୍କୁ ଉଦ୍ଧାର କରି କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ଓ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଗୁରୁତର ମାନଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲାକୁ ସ୍ଥାନାନ୍ତର କରିଛନ୍ତି ଓ ସମସ୍ତ ଗୁରୁତର ଆହତ ଏବଂ ମୃତକ ମାନେ ବଡ଼ବିଲ, ବିହାର, ଝାଡ଼ଖଣ୍ଡ ଏବଂ ଉତ୍ତରପ୍ରଦେଶର ବାସିନ୍ଦା ହୋଇଥିବା ଜଣାପଡିଛି ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ ନଖରା ପଞ୍ଚାୟତ ଚାଞ୍ଚୋ ଗ୍ରାମରେ ଥିବା ଶ୍ରୀ ଶ୍ରୀ ମେଘେଶ୍ୱର ହାଇସ୍କୁଲର ଅବସରପ୍ରାପ୍ତ ଦୁଇଜଣ ବରିଷ୍ଠ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟର ପ୍ରାଧନ ଶିକ୍ଷକ ରବିନ୍ଦ୍ରନାଥ ସୁନ୍ଦରାଙ୍କ



ପୌରହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷାବିତ୍ ପଦ୍ମଲାଭ ମହାପାତ୍ର ଓ ପରିଚାଳନା କମିଟି ପୂର୍ବତନ ସଂପାଦକ ଶ୍ରୀନିବାସ ନାୟକ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ବିବେକାନନ୍ଦ ସାହାଣୀ ଓ ଶିକ୍ଷୟତ୍ରୀ ଆରତୀ ମହାନ୍ତିଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରି ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ ବର୍ଷ ଧରି ଶିକ୍ଷାଦାନ କ୍ଷେତ୍ରରେ ଉଭୟ ଶିକ୍ଷକଙ୍କ ନିଷ୍ପାପର ଯୋଗଦାନ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛି ବୋଲି ମତବ୍ୟକ୍ତ କରିବା ସହ ସେମାନଙ୍କର ଦୀର୍ଘଜୀବନ କାମନା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ପରିଚାଳନା କମିଟି ଓ ଛାତ୍ରଛାତ୍ରୀ ମାନଙ୍କ ତରଫରୁ ଶ୍ରୀ ସାହାଣୀ ଓ ଶ୍ରୀମତୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବୁଥସ୍ତରୀୟ ଅଧିକାରୀଙ୍କ ଜାତୀୟ ପ୍ରଶିକ୍ଷକ ଶିବିର



ଜଳେଶ୍ୱର, (ଭାସ୍କର ନ୍ୟୁଜ୍) : ଓଡିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶରେ ଜିଲ୍ଲା ଭୋଟର ପଞ୍ଜିକରଣ ଅଧିକାରୀଙ୍କ ଆହ୍ୱାନରେ ଜଳେଶ୍ୱର ନିର୍ବାଚନୀ ମଣ୍ଡଳୀର ବୁଥସ୍ତରୀୟ ଅଧିକାରୀ ମାନଙ୍କ ପାଇଁ ଜାତୀୟ ପ୍ରଶିକ୍ଷକ କାର୍ଯକ୍ରମ ଶିବିର ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ଜିପିଡିଓ ସଲିମା ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷକ ଶିବିରରେ ବ୍ଲକ ସ୍ତରିୟ ଅଧିକାରୀ(ବିଏଲଓ)ମାନଙ୍କର କର୍ତ୍ତବ୍ୟ ଭୋଟର ମାନଙ୍କ ପଞ୍ଜିକରଣ, ବାଦ ଓ ସଂଶୋଧନ ଫର୍ମକୁ ସଠିକ ଭାବରେ ପୂରଣ କରିବା ତଥା ବିଏଲଓ ଆପ ଓ ଭୋଟର ହେଲ୍ପ ଲାଇନ ଆପ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ମାଷ୍ଟର ଟ୍ରେନର ଶଙ୍କର ନାରାୟଣ ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବିଇଓ ଜଗବନ୍ଧୁ ଜେନା ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା କୋଡ଼ିନେଟର ବିଶ୍ୱଜିତ ଦେ, ସିଆରସିସି ଟ୍ରେନର ରାମକୃଷ୍ଣ ଦାସ, ଟ୍ରେନର ରାଧାକୃଷ୍ଣ ସେଠୀ ଓ ଦେବାଶିଷ ଦାସ ମଧ୍ୟ ଏହି ପ୍ରଶିକ୍ଷକ ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।ଜଳେଶ୍ୱର ନିର୍ବାଚନୀ ମଣ୍ଡଳୀରେ ମୋଟ ୨୫୫ ଜଣ ବିଏଲଓ ପ୍ରଶିକ୍ଷଣ ଗ୍ରହଣ କରିବେ ।ଆଜି ପ୍ରଥମ ଦିନରେ ୪୬ ଜଣ ବିଏଲଓ ପ୍ରଶିକ୍ଷଣ ଗ୍ରହଣ କରିଥିଲେ ।ଏହି ଶିବିର ଜୁଲାଇ ୩ ତାରିଖରୁ ଜୁଲାଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ସାଇକିରଣ ଡିଏନଙ୍କୁ ସବୁଜ ବାହିନୀ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ସବୁଜ ବାହିନୀ ତରଫରୁ ନୂତନ ଭାବେ ବନ୍ୟଖଣ୍ଡ ଅଧିକାରୀ ସାଇ କିରଣ ଡିଏନଙ୍କୁ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଛି । ସବୁଜ ବାହିନୀ ଅଧିକାରୀ ଭାବରେ ମାଲକାନଗିରି ଉଚ୍ଚ ମାଧମିକ ବିଦ୍ୟାଳର ସବୁଜ ବାହିନୀ ଅଧିକାରୀ ଡକ୍ଟର ରଂଜନ କୁମାର ସ୍ୱାଇଁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ



ସ୍ୱାଗତ କରିଥିଲେ । ସବୁଜ ବାହିନୀ ଉନ୍ନତି ହେବା ସହ ମାଲକାନଗିରି ଜିଲ୍ଲା ତଥା ରାଜ୍ୟର ସବୁଜିମା କିପରି ଅକ୍ଷୁର୍ଣ୍ଣ ରହିବ ଏବଂ ମା ପାଇଁ ଗଛଟି ନାରା ଦ୍ୱାରା ସାଧାରଣ ନାଗରିକଙ୍କ ଠାରୁ ଅନୁଷ୍ଠାନ ପର୍ଯ୍ୟନ୍ତ ବ୍ୟାପକ ହୋଇ ଅଧିକରୁ ଅଧିକ ବୃକ୍ଷ ରୋପଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇପାରିବ ଏତି ପ୍ରତି ଗୁରୁତ୍ୱ ଦେବାପାଇଁ ମତ ପୋଷଣ କରିଥିଲେ ।

## ଅବକାରୀ ଚଢ଼ାଉ: ଦେଶୀ ମଦ ଜବତ, ଜଣେ ଗିରଫ



କୋଷାଗୁମୁଡା, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ ଓ ବିଭାଗୀୟ କର୍ମଚାରୀ ମାନଙ୍କ ସହ ତଥା କୋଡୀଙ୍ଗା ଅବକାରୀ ଥାନା କର୍ମଚାରୀଙ୍କ ସହ, କୋଡ଼ିଙ୍ଗକ୍ଷ ଥାନା ଅନ୍ତର୍ଗତ, ଚିର୍ମା ଗ୍ରାମ ଗୌଡ଼ ସାହିରେ ଜଣେ ଆସାମୀ, ମହେଶ୍ୱର ଗୌଡ଼ ଘରେ ଚଢ଼ାଉ କରି ଆସାମୀ ନିକଟରୁ ୧୮, ୦୦୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଗଲା ଏବଂ ମଦ ରାନ୍ଧିବା ପାଇଁ ୨୫୦ ଲିଟର ପ୍ରସ୍ତୁତ ହୋଇଥିବା ପୋଚକୁ ଜବତ କରାଗଲା, ଘଟଣା ସ୍ଥଳରେ ରସ ଡ଼େକଚି ସହ ମଦ ଓ ପ୍ଲାଷ୍ଟିକ ଡ୍ରମ ସହ ପୋଚକୁ ଘଟଣା ସ୍ଥଳରେ ନଷ୍ଟ କରି ଦିଆଗଲା । ଆସାମୀକୁ ମାନ୍ୟବର ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଗଲା । ନବରଙ୍ଗପୁର ରେଞ୍ଜ ର ଅବକାରୀ ବିଭାଗ ଇନ୍‌ସପେକ୍ଟର ପିଆର୍ ନଂ- ୪୧/୨୫- ୨୬୮ ର ମକଦମା ରୁଜୁ କରାଗଲା । ଏହି ଚଢ଼ାଉରେ ରେଶମା ସୁନା, ଆକ୍ରମ ଖାନ ଓ ରମେଶ ଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ ।

## ମାଉସୀମା ମନ୍ଦିରରେ ସାଂସ୍କୃତିକ ବିଚିତ୍ରା

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଚାରବାଟିଆ କେଦାରେଶ୍ୱରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ପରଠାରୁ ମାଉସୀମା ମନ୍ଦିର ପରିସର ଚଳଚଞ୍ଚଳ ହୋଇଉଠିଛି । ମହାପ୍ରଭୁଙ୍କ ଘୋଷଯାତ୍ରା ଠାରୁ ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କ ତିନିରଥ ଗୁଣ୍ଡିଚା ବିହାର ସ୍ଥିତ ମାଉସୀମା ମନ୍ଦିରରେ ପହଞ୍ଚିବା ପରଠାରୁ ମନ୍ଦିର ସମ୍ମୁଖ ଆଧାତ୍ମିକ ମଞ୍ଚରେ ପ୍ରତ୍ୟେହ ସଂଧ୍ୟାରେ ଓଡିଶାର ବହୁ ସୁନାମଧନ୍ୟ କଣ୍ଠଶିଳ୍ପି ଓ କଳାକାର ମାନଙ୍କ ଦ୍ୱାରା ଭଜନ, ଜଣାଣ, ପ୍ରାର୍ଥନା, ପ୍ରବଚନ, ନୃତ୍ୟ ବିଚିତ୍ରା, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ ଆଦି ନାନାବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି । ଆସନ୍ତା ୮ତାରିଖ ଶ୍ରୀ ଜିୟୁଙ୍କ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରୀ ରହିବ ବୋଲି ମ୍ୟାନେଜିଙ୍ଗ ଟ୍ରଷ୍ଟି ତଥା ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ ପ୍ରକାଶ କରିଛନ୍ତି । ଶ୍ରୀ ଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟ ଓ ରଥଯାତ୍ରା ପରିଚାଳନା କମିଟିର ସଦସ୍ୟବୃନ୍ଦ ସମସ୍ତ କାର୍ଯ୍ୟ ପରିଚାଳନା କରୁଥିବା ବେଳେ ଶହଶହ ସଂଖ୍ୟାର ଶ୍ରଦ୍ଧାଳୁ ଭକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତ ।

## ଭୁଷଣ୍ଡପୁର ଅଞ୍ଚଳରେ ଡ଼ାଇରିଆ ଆତଙ୍କ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଅଧିନସ୍ଥ ଭୂଷଣ୍ଡପୁର ଅଞ୍ଚଳ । ଯାହାକି ଚିଲିକା ଉପକୂଳିଆ ତଥା ରାଜ୍ୟର ଅନ୍ୟତମ ଜନ ବହୁଳ ଅଞ୍ଚଳ ଭୁଷଣ୍ଡପୁର ଓ ବାଲିପାଟପୁର ପଞ୍ଚାୟତରେ ଡ଼ାଏରିଆ ବ୍ୟାପୀ ଥିବା ଜଣାପଡିଛି । ଉଭୟ ଗାଁର ପ୍ରାୟ ୧୦/୨୦ ଜଣ ଆକ୍ରାନ୍ତ ହୋଇ ଟାଙ୍ଗୀ, ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଖବର ମିଳିଛି । ଭୂଷଣ୍ଡପୁର ଗାଁର ସରପଞ୍ଚ ସୌରଭ କୁମାର ଦାସ ମହାପାତ୍ର ଏହାର ନିରାକରଣ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଖବର ଦେଇଥିଲେ । କାଳ ବିଳମ୍ବ ନକରି ଜିଲ୍ଲା ସାଧାରଣ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡ଼ା ନନ୍ଦିତା ଗୁପ୍ତା, ଟାଙ୍ଗୀ ଖାଦ୍ୟ ନିରାପତ୍ତା ଅଧିକାରୀ ଦେବାଶିଷ ବଳ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ମଧୁମିତା ମହାନ୍ତି, ଟାଙ୍ଗୀର କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ପଣ୍ଡା, ଟାଙ୍ଗୀ ମେଡ଼ିକାଲର ସ୍ୱାସ୍ଥ୍ୟକର୍ମୀ ସାଗରିକା ପାତ୍ର, ସନ୍ତୋଷ କୁମାର ରାୟ, ଅଙ୍ଗନବାଡି କର୍ମୀ, ଉଭୟ ଗାଁର ଆଶା କର୍ମୀ ଓ ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୁଖ ଭୁଷଣ୍ଡପୁର ପଞ୍ଚାୟତ କାର୍ଯ୍ୟାଳୟରେ ସମବେତ ହୋଇଥିଲେ । ସରପଞ୍ଚ ସୌରଭଙ୍କ ଅଧକ୍ଷତାରେ ଆଲୋଚନା କରାଯାଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ପରେ ପରେ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ ବିଭାଗୀୟ ଅଧିକାରୀ ଓ ଭୂଷଣ୍ଡପୁର ସରପଞ୍ଚ ।

## ଘୋଡାଘାଗୁରି ସଂରକ୍ଷିତ ଜଙ୍ଗଲରେ ବନ ମହୋତ୍ସବ



କରଞ୍ଜିଆ, (ଭାସ୍କର ନ୍ୟୁଜ୍) : କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଘୋଡାଘାଗୁରି ସଂରକ୍ଷିତ ଜଙ୍ଗଲରେ କରଞ୍ଜିଆ ବନଖଣ୍ଡ ପକ୍ଷରୁ ୭୬ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ କରଞ୍ଜିଆ ଡିଏଫ୍‌ଓ ଦାୟିତ୍ୱରେ ଥିବା ପ୍ରଶାନ୍ତ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନାରୀ ନେତ୍ରୀ ସୁକାନ୍ତି ନାୟକ ଯୋଗ ଦେଇ ଜଙ୍ଗଲ ମଧ୍ୟରେ ବିଭିନ୍ନ ପ୍ରକାର ଫଳନ୍ତି ଗଛ ଓ ଔଷଧୀୟ ଚାରାରୋପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ ମଦନ ମୋହନ ମହାନ୍ତ, ପ୍ରଭାତ କୁମାର କୁଁଅର, ରେଞ୍ଜ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ ଯୋଗ ଦେଇ ବନ ମହୋତ୍ସବର ଉଦ୍ଦେଶ୍ୟ କହିବା ସହିତ ଚାରାରୋପଣ କରିଥିଲେ । ଏହି ବନ ମହୋତ୍ସବରେ ମହିଳା ଗ୍ରୁପ୍, କରଞ୍ଜିଆ ଫରେଷ୍ଟର ସୁର ମୋହନ ବେହେରା ଓ ବନ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଚାରାରୋପଣ କରିଥିଲେ ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟଜଳ ବ୍ୟବସ୍ଥା ଅଚଳ, ରୋଗୀ ହଟହଟା




ଫୁଲନଖରା, (ଭାସ୍କର ନ୍ୟୁଜ୍) : ସାରା ରାଜ୍ୟରେ ହଇଜା, ଡାଇରିଆ ଭଳି ମାରାତ୍ମକ ରୋଗ ବ୍ୟାପିଥିବାବେଳେ ସରକାରଙ୍କ ପକ୍ଷରୁ ଏହାର ପ୍ରତିକାର ପାଇଁ ବିଭିନ୍ନ ଅଞ୍ଚଳରେ ସଫେଇଠୁ ଆରମ୍ଭକରି କୂପ ନଳକୂପ ଗୁଡିକୁ ଶୋଧନ କରିବାପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି । କିନ୍ତୁ କଟକ ଜିଲ୍ଲା ବାରଙ୍ଗ ବ୍ଲକ ମହୀଧରପଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଲାଗିଥିବା ଏକ ପିଇବା ପାନୀୟ ପ୍ରକଳ୍ପରେ ଏହାର ଓଲଟା ପରିସ୍ଥିତି ଦେଖିବାକୁ ମିଳିଛି । ଦୀର୍ଘଦିନ ହେବ ଅଚଳ ହୋଇ ପଡ଼ିଥିବା ପୱନ ଚାରିଟେବୁଲ ଟ୍ରଷ୍ଟ ଅନୁଷ୍ଠାନ ତରଫରୁ ଲାଗିଥିବା ପିଇବା ପାନୀୟ ଜଳ ପ୍ରକଳ୍ପ । ଏହା ଅବ୍ୟବହୃତ ହୋଇ ପଡ଼ିଥିବା ସ୍ଥଳେ ଏହାର ବେସିନଟି ପାନ ଛେପ ଓ ସ୍ୱାସ୍ଥ୍ୟକେନ୍ଦ୍ରର ଅଳିଆ ଆବର୍ଜନାର ଡଷ୍ଟବିନ ଭାବେ ବ୍ୟବହୃତ ହେଉଛି । ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବିଭିନ୍ନ ଗ୍ରାମରେ ଗ୍ରାମ ପରିମଳ ଯୋଜନା ମାଧ୍ୟମରେ ସଫେଇ ସହ ପିଇବା ପାଣିର ବ୍ୟବସ୍ଥା କରାଯାଇଥାଏ । କିନ୍ତୁ ପରିତାପର ବିଷୟ ଏହା ଦୀର୍ଘଦିନ ହେବ ଅଚଳ ହେବା ସହ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ । ଏହି ଜାଗାଟି ରୋଗୀଙ୍କ ଆଉଟ ଡୋର ପାଖରେ ହୋଇଥିବାରୁ ଏଠୁ ରୋଗୀ ସୁସ୍ଥ ହେବା ବଦଳରେ ରୋଗକୁ ଆମନ୍ତ୍ରଣ କରି ଘରକୁ ନେଇଯିବେ । ଯାହାଫଳରେ ହଇଜା, ଡାଇରିଆ ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହେବେ । ତୁରନ୍ତ ଏହି ପାନୀୟଜଳ ପ୍ରକଳ୍ପକୁ ଚାଲେଇବା ସହ ପରିଷ୍କାର ପରିଚ୍ଛନ କରିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହେଉଛି ।

## ଗ୍ରାମ୍ୟ ଉନ୍ନୟନ ରାସ୍ତା ପାଲଟିଛି ମରଣଯନ୍ତା, ମରାମତି ପାଇଁ ଦାବି



ବୋଲଗଡ଼, (ଭାସ୍କର ନ୍ୟୁଜ୍) : କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ଡାଳତୋଳା ଓ ଦେଉଳି ପଞ୍ଚାୟତ ଅନ୍ତର୍ଗତ ସାମନ୍ତରାପୁର ରାସ୍ତାଟିରେ ୨୦ବର୍ଷରୁ ଉର୍ଦ୍ଧ୍ୱ ରାସ୍ତାଟି ମରାମତି ଅଭାବରୁ ଖାଲ ଖମାରେ ଭର୍ତ୍ତି ହୋଇଛି । ଏହି ରାସ୍ତାରେ ପ୍ରତିଦିନ ଜନ ସାଧାରଣ ଗାଡି ମଟର ଯୋଗେ ଯାତାୟାତ କରୁଥିବା ବେଳେ ଘୋର ଅସୁବିଧାର ସମ୍ମୁଖିନ ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖା ଦେଇଥିବାରୁ ତୁରନ୍ତ ରାସ୍ତା କାର୍ଯ୍ୟ କରିବା ପାଇଁ ଦାବି କରିଛନ୍ତି । ତେବେ ରାସ୍ତାଟି ବ୍ଲକର ଏକ ମୁଖ୍ୟ ରାସ୍ତା ହୋଇଥିବାବେଳେ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛି । ଏପରିକି ବ୍ଲକର ଅନେକ ରାସ୍ତା ଭଲ ଥିବାବେଳେ ସେଗୁଡିକ ତାଡି କାହା ସ୍ୱାର୍ଥରେ ପୁନଃ ନିର୍ମାଣ କରାଯାଉଛି ବୋଲି ଲୋକମାନେ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ରାସ୍ତାଟି ୩ କିମି ଲମ୍ବ ହୋଇଥିବା ବେଳେ ସାମନ୍ତରାପୁର ପଟରୁ ପ୍ରାୟ ଏକ କିମି ରାସ୍ତା ଅଣ ଓସାରିଆ ହୋଇଥିବାବେଳେ ଖାଲ ଖମାରେ ଭର୍ତ୍ତି ହୋଇ ଥିବାରୁ ଅଟୋ ଗୋଟିଏ ଗଲେ ବାଇକଟେ ଅତିକ୍ରମ କରିବା କଷ୍ଟକର ହୋଇ ପଡୁଛି । ଏଥି ସହିତ ଦୁଇ ପାର୍ଶ୍ୱରେ ଥିବା ଗଛ ଗୁଡିକ ରାସ୍ତା ଉପରକୁ ଆସି ଆହୁରି ସଂକୀର୍ଣ୍ଣ କରିଦେଉ ଥିବା ବେଳେ ଏକ କିମି ରାସ୍ତା ଅତିକ୍ରମ କରିବା ସମୟରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏଥିରେ ବଡ଼ ବଡ଼ ଗାଡି ଠାରୁ ଆରମ୍ଭ କରି ଛୋଟ ଗାଡି ସହିତ ଜନସାଧାରଣ ମାନେ ଗାଡି ମଟର ଯୋଗେ ଯାତାୟାତ କରୁଥିବାରୁ ଦୀର୍ଘ ୨୦ ବର୍ଷ ତଳେ ହୋଇଥିବାରୁ ମୋରମ ଓ ମେଟାଲ ଗୁଡିକ ଉଠି ନଷ୍ଟ ହୋଇ ଯାଇଛି । କିନ୍ତୁ ରାସ୍ତାର ଅନ୍ୟ ଦୁଇ କିମି ଗତ ୫ ବର୍ଷ ତଳେ ହୋଇଥିବା ପିଚୁକୁ ତାଡି ପୁନର୍ବାର ମେଟାଲିଂ କରାଯାଇ ପ୍ରାୟ ୩ ମାସ ହେବ ରାସ୍ତାରେ ଡଷ୍ଟ ବିଛାଇ ଠିକାଦାର ଅଧା ପନ୍ତରିଆ ଅବସ୍ଥାରେ ପଡ଼ି ରହିଛି । ଏହି ଭଲ ରାସ୍ତାକୁ ତାଡି କାମ କରାଯାଉଥିବାବେଳେ ମାଟି ରାସ୍ତା ଥିବା ଏକ କିମି ରାସ୍ତା କାର୍ଯ୍ୟ ନିର୍ମାଣ କରା ନଯିବା ପଛରେ କଣ ରହସ୍ୟ ରହିଛି ତାହା କେହି ଜାଣିପାରୁନାହାନ୍ତି । ଲୋକମାନେ ଗୋଟିଏ ଗାଁରୁ ଅନ୍ୟ ଗୋଟିଏ ଗାଁକୁ ସୁବିଧାରେ ଯିବା ଆସିବା କରିବା ପାଇଁ ସରକାର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରୁଛନ୍ତି । ଏହି ମୁଖ୍ୟ ରାସ୍ତାଟିକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ବର୍ତ୍ତମାନ ସୁଦ୍ଧା କାହିଁକି ଅନ୍ତର୍ଭୁକ୍ତ କରାଯାଉନାହିଁ ବୋଲି ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି ।



ବାଙ୍କୀ (ଭାସ୍କର ନ୍ୟୁଜ୍) : ପ୍ରକୃତିର ସଂରକ୍ଷଣ ଓ ସୁରକ୍ଷା ସହିତ ନୂତନ ଜଙ୍ଗଲ ସୃଷ୍ଟି କରି ପରିବେଶକୁ ବ୍ୟାପକ କରିବା ପାଇଁ 'ପ୍ରକୃତି ବନ୍ଧୁ' ସଭାପତି ସୁବାସ ପାଢ଼ୀ ଅଣ୍ଟା ଭିଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ବନ ମହୋତ୍ସବ ପାଳନ ଅବସରରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନସ୍ଥ ତମପଡା ଶାଖା କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ଗୁରୁବାର ଦିନ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି, କଟକ ଜିଲ୍ଲା ନାବାର୍ଡ ସହାୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ପାଢ଼ୀ ନାବାର୍ଡ ଡିଡିଏମ୍ ପ୍ରତୀକ୍ଷା ପରିଡା, ଶାଖା ପରିଚାଳିକା ଶୁଚିସ୍ମିତା ପଣ୍ଡା, ଅମିତ ମହାପାତ୍ର, ଆୟୁଷ କୁମାର ନାୟକ, ଅଜୟ କୁମାର ରାଉତ ପ୍ରମୁଖ ଯୋଗ ଦେଇ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି, କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସଭାପତି ସୁବାସ ପାଢ଼ୀ ଓ ଶୁଚିସ୍ମିତା ପଣ୍ଡା, ତମପଡା ବ୍ରାଞ୍ଚର ବିଭିନ୍ନ ସେବା ସମବାୟ ସମିତିର ସମ୍ପାଦକ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ରହି ବନ ମହୋତ୍ସବ ପାଳନ କରିବା ସହିତ ବ୍ୟାଙ୍କ ପରିସରରେ ବିଭିନ୍ନ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରିଛନ୍ତି। ଏହି ମହତ କାର୍ଯ୍ୟକୁ ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ଭୂରି ପ୍ରଶଂସା କରିଛନ୍ତି।



# ଛୁରା ମାଡ଼ରେ ଯୁବକ ଗୁରୁତର, ଜଣେ ଅଟକ



ଆସିକା (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଆସିକା ସହରର ବଜ୍ରସାହି ସ୍ଥିତ ବିଦେଶୀ ମଦ ଦୋକାନ ସମ୍ମୁଖରେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଛୁରା ମାଡ଼ରେ କୋଟିନଡା ଥାନା ବାବନପୁର ଗ୍ରାମର ହିମାଂଶୁ ଶେଖର ଦାସ ନାମକ ଯୁବକ ଗୁରୁତର ଆହତ ହୋଇ ଆସିକା ଓ ପରେ ପରେ ବ୍ରହ୍ମପୁର ବଡ ମେଡିକାଲରେ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତରିତ ହୋଇଛନ୍ତି। ତେବେ ଛୁରା ମାଡ ଘଟଣାର ପ୍ରକୃତ କାରଣ ଅସ୍ପଷ୍ଟ ରହିଥିବା ବେଳେ କୋଟିନଡା ଥାନା ବଗଗାଁ ଗ୍ରାମର ଜଣେ ଯୁବକ ଅଟାନକ ଆସି ହିମାଂଶୁଙ୍କୁ ଛୁରା ମାଡ କରିଥିବା ସୂଚନା ମିଳିଛି। ଆସିକା ପୋଲିସ ପ୍ରଶାସନ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଆସିକାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ପୋଲିସ ଏ ଦିଗରେ କ'ଣ ପଦକ୍ଷେପ ନେଉଛି ଦେଖିବାକୁ ବାକି ରହିଲା।

# ବିନା ସୁରକ୍ଷା ଉପକରଣରେ ଏନ୍‌ଏଚ୍‌ରେ ଚାଲିଛି ନିର୍ମାଣ କାର୍ଯ୍ୟ

## ମାନବ ଅଧିକାର କମିଶନରଙ୍କ ନିକଟରେ ମାମଲା ଦାଏର

ଡେରାବିଶ (ଭାସ୍କର ନ୍ୟୁଜ୍) : ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କରାଯାଉଥିବା ବେଳେ ଡେରାବିଶ ବ୍ଲକ ଅନ୍ତର୍ଗତ ପଞ୍ଚୁପାଣ୍ଡବ ଠାରୁ ଝାଁଳାବାଙ୍କ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ଶ୍ରମିକମାନେ ବିଭିନ୍ନ ପୋଲ ଓ ଓଭର ବ୍ରିଜ କାର୍ଯ୍ୟ ବିନା ସୁରକ୍ଷା ଉପକରଣରେ କରୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏ ସମ୍ପର୍କରେ ବିଭିନ୍ନ ସମୟରେ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ଅଭିଯୋଗ ହୋଇ ଆସୁଥିଲା। ଏ ସମ୍ପର୍କରେ ଆଜି ଡେରାବିଶ ବ୍ଲକର ଜଣେ ମାନବାଧିକାର କର୍ମୀ ସାଗର ଜେନା ଜାତୀୟ ମାନବାଧିକାର କମିଶନରଙ୍କ ନିକଟରେ ନିର୍ମାଣ ଶ୍ରମିକ ମାନଙ୍କର ଦୁର୍ଦ୍ଦଶା ଅଭିଯୋଗ ମାଧ୍ୟମରେ ଜଣାଇଛନ୍ତି। ଶ୍ରୀ ଜେନା ମାନବ ଅଧିକାର କମିଶନରଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଠାରୁ ଝାଁଳାବାଙ୍କ ପର୍ଯ୍ୟନ୍ତ ହେଉଥିବା କାର୍ଯ୍ୟରେ ଶ୍ରମିକ ଆଇନକୁ ଆଖିଠାରି କାର୍ଯ୍ୟକାରୀ କରାଯାଉନାହିଁ। ଶ୍ରମିକମାନେ ପୋଲ ଓ ବାଇପାସ୍ ରାସ୍ତା ନିର୍ମାଣ ବେଳେ ବିନା ସୁରକ୍ଷା ଉପକରଣରେ ବହୁ ଉଚ୍ଚରେ ଚଢ଼ି ବିପଦଜନକ ଭାବେ ରଡ଼ ବାଇଣ୍ଡିଂ ଓ ଅନ୍ୟାନ୍ୟ କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକମାନେ ଯେତେ ଅଭିଯୋଗ କଲେ ମଧ୍ୟ ଠିକାଦାରୀ ସଂସ୍ଥା ଏ କଥାକୁ ଅଣଦେଖା କରୁଛନ୍ତି। ଏଥିସହିତ ଏହି ଠିକା ସଂସ୍ଥା ଦ୍ୱାରା ନିୟୋଜିତ ଛତିଶଗଡ଼ର ଜଣେ ଶ୍ରମିକଙ୍କର ଅସୁସ୍ଥ ହୋଇ ମୃତ୍ୟୁ ହୋଇଥିବା ବେଳେ ଏହି ମୃତ ଶ୍ରମିକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ମାନବାଧିକାର କର୍ମୀ ଶ୍ରୀ ଜେନା ଦାବି କରିଛନ୍ତି। ଏଥିସହିତ ଉପରୋକ୍ତ ଘଟଣାକୁ ମାନବ ଅଧିକାର କମିଶନର ଗୁରୁତର ସହ ନେଇ ତୁରନ୍ତ ପଦକ୍ଷେପ ନେବାକୁ ଶ୍ରୀ ଜେନା ଅନୁରୋଧ କରିଛନ୍ତି।

## ଜିଲ୍ଲାପାଳଙ୍କ ଅଫିସ୍‌କୁ ଧସେଇ ପଶିବା ଓ ଅଫିସରଙ୍କୁ ଦୁର୍ବ୍ୟବହାର ଘଟଣା

# ୨୫ ଜଣଙ୍କ ନାଁରେ ମାମଲା

ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲାରେ ଖ୍ରୀଷ୍ଟିୟାନ ମଞ୍ଚ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା କରି ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଭିତରକୁ ଆସିଥିବା ସମୟରେ ଏହି କାର୍ଯ୍ୟକ୍ରମର ଅନୁମତି ନନେଇ ଜୋର ଜବରଦସ୍ତ ସରକାରୀ କାର୍ଯ୍ୟାଳୟ ମଧ୍ୟକୁ ଧସେଇ ପଶିବା ଭଳି ଅନେକ ଅଭିଯୋଗ ଆସିବା ପରେ ୨୫ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ମାଲକାନଗିରି ଆଦର୍ଶ ଥାନା ପୋଲିସ ନିଜ ଆଡୁ ଏହି ମାମଲା ରୁଜୁ କରିଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ ଗତ ଜୁନ ୨୧ ତାରିଖରେ ଜିଲ୍ଲାର କଡାମାଟେରୁ ଠାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଯୋଗୁଁ ପ୍ରାୟ ୩୦ଜଣ ବ୍ୟକ୍ତି ଆହତ ହୋଇଥିଲେ। ଆହତ ବ୍ୟକ୍ତିମାନେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ହୋଇଥିବା ବେଳେ ଏହାକୁ ନେଇ ଜିଲ୍ଲା ଖ୍ରୀଷ୍ଟିୟାନ ମଞ୍ଚ ମାଲକାନଗିରି ଆଦର୍ଶ ଥାନାରେ ଏକ ମାମଲା ରୁଜୁ କରିବାର ଅନେକ ଦିନ ବିତି ଯାଇଥିବା ବେଳେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବାରୁ ଗତକାଲି ଜିଲ୍ଲା ଖ୍ରୀଷ୍ଟିୟାନ ମଞ୍ଚ ପକ୍ଷରୁ ଏକ ବିକ୍ଷୋଭ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଲୋକେ ସାମିଲ ରହିଥିବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ପହଞ୍ଚିଥିଲା। ତେବେ ସେଠାରେ ଦାବିପତ୍ର ଗ୍ରହଣ କରିବା ପାଇଁ ଅଧିକାରୀମାନେ ବାହାରକୁ ଆସିବାରେ ବିଳମ୍ବ ହେଉଥିବାରୁ ଏହାକୁ ନେଇ ହୋ-ହଲ୍ଲା ହୋଇଥିଲା। ଏହି ସମୟରେ କିଛି ସମୟ ପାଇଁ ସାମାନ୍ୟ ଉତ୍ତେଜନା ମୂଳକ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଅନୁମତି ନନେଇ ସରକାରୀ କାର୍ଯ୍ୟାଳୟରେ ଧସେଇ ପଶିବା ସହ ସରକାରୀ ଅଧିକାରୀମାନଙ୍କୁ ଦୁର୍ବ୍ୟବହାର ଭଳି ଅନେକ ଧାରା ଦେଇ ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରିଛି। ଏହି ଶୋଭାଯାତ୍ରାରେ ସାମିଲ ଥିବା ୨୫ ଜଣଙ୍କ ନାମରେ ପୋଲିସ ମାମଲା ରୁଜୁ କରିଥିବା ସହ ଘଟଣାର ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ୩ଟି ସେକ୍ସନ ସମ୍ଭାଳୁଛନ୍ତି ଜଣେ ଫରେଷ୍ଟର

କନ୍ଧମାଳ (ଭାସ୍କର ନ୍ୟୁଜ୍) : କନ୍ଧମାଳ ରେଞ୍ଜ ଅନ୍ତର୍ଗତ ଘଣ୍ଟାପଡ଼ା ଓ ନାରାୟଣପ୍ରସାଦ ଫରେଷ୍ଟ ବିଟ ହାଉସରେ ଏକ ବର୍ଷ ହେବ ସ୍ଥାୟୀ ବନପାଳ ନାହାନ୍ତି । ପ୍ରାୟ ବର୍ଷେ ତଳେ ଘଣ୍ଟାପଡ଼ା ଫରେଷ୍ଟ ବିଟ ହାଉସରେ ଚନ୍ଦ୍ରଶେଖର ଦାସ ଫରେଷ୍ଟର ଭାବରେ କାର୍ଯ୍ୟରତ ଥିଲେ। କିନ୍ତୁ କୌଣସି କାରଣରୁ ତାଙ୍କୁ କନ୍ଧମାଳ ରେଞ୍ଜ ଅଫିସକୁ ବଦଳି କରାଯାଇଛି । ଆଜକୁ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ତାଙ୍କ ବଦଳରେ କାହାକୁ ଉକ୍ତ ସ୍ଥାନରେ ସ୍ଥାୟୀ ବନପାଳ ଭାବରେ ନିଯୁକ୍ତି ଦିଆଯାଇନାହିଁ। ଠିକ୍ ସେହିପରି ନାରାୟଣପ୍ରସାଦ ବିଟ ହାଉସରେ ମଧ୍ୟ ବର୍ଷେ ହେବ କୌଣସି ବନପାଳକୁ ନିଯୁକ୍ତି ଦିଆଯାଇ ନାହିଁ। ଗତ ତିନି ବର୍ଷ ଭିତରେ ଲକ୍ଷ ଲକ୍ଷ ଟଙ୍କାର ବହୁ ମୂଲ୍ୟବାନ କେନ୍ଦୁଗଣ୍ଡି ଏହି ଅଞ୍ଚଳରୁ ହିଁ ଚୋରା ଚାଲାଣ ହେଉଛି ଏବଂ ତିନିରୁ ଚାରି ଥର ବନ ବିଭାଗ ଚୋରା ଚାଲାଣକାରୀଙ୍କୁ ମଧ୍ୟ ଧରିବାରେ ସଫଳ ହୋଇଛି। ଏଠାରେ ସୂଚନା ଯୋଗ୍ୟ, ଏହି କେନ୍ଦୁଗଣ୍ଡି ଚୋରାଚାଲାଣ ଘଟଣାରେ ବନବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଆସି ତଦନ୍ତ କରିଥିଲେ। ହେଲେ ପରିତାପର ବିଷୟ କେଉଁ ସ୍ୱାର୍ଥ ନେଇ ବିଭାଗୀୟ ଅଧିକାରୀ ଏହି ସ୍ଥାନରୁ ଫରେଷ୍ଟରଙ୍କୁ ହଟାଇ ଅନ୍ୟତ୍ର ବଦଳି କରିଛନ୍ତି ତାହା ତଦନ୍ତ ସାପେକ୍ଷ। ବନବିଭାଗ କେନ୍ଦୁକାଠ ଚୋରାଚାଲାଣ ହେଉଥିବା ସ୍ଥାନରେ ଅଧିକ କର୍ମଚାରୀ ନିୟୋଜିତ କରିବା ପରିବର୍ତ୍ତେ ଫରେଷ୍ଟରଙ୍କୁ ଅନ୍ୟତ୍ର ବଦଳି କରିଦେବା କୋଉଠି ନା କୋଉଠି ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ପରୋକ୍ଷରେ କାଠ ମାଫିଆଙ୍କୁ ଅଦୃଶ୍ୟ ସହଯୋଗ କରୁଥିବା ଅଞ୍ଚଳରେ ଚର୍ଚ୍ଚା ଲାଗି ରହିଛି। ବନ ବିଭାଗ ଜଙ୍ଗଲକୁ ସୁରକ୍ଷା ଦେବା ପରିବର୍ତ୍ତେ ଜଙ୍ଗଲ ନଷ୍ଟ କରିବାରେ ସହଯୋଗ କରୁଥିବା ଅଞ୍ଚଳରେ ଆଲୋଚନା ହେଉଛି। ସମସ୍ତ କେନ୍ଦୁକାଠ ଚୋରା ଚାଲାଣରେ ବିଭାଗର ପ୍ରମୁଖ ଭୂମିକା ଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଜିଲ୍ଲା ପ୍ରଶାସନ ତଥା ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଘଣ୍ଟାପଡ଼ା ଓ ନାରାୟଣପ୍ରସାଦରେ ଜଣେ ଲେଖାଏଁ ସ୍ଥାୟୀ ଫରେଷ୍ଟର ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂପର୍କରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ଦେବପ୍ରିୟ କମ୍ପଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ନଥିଲା ।

## ୨ବର୍ଷ ହେଲା ମିଳୁନି ରାସନ ସାମଗ୍ରୀ

# ବଞ୍ଚି ଥାଉ ଥାଉ ମୃତ ଘୋଷଣା



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ ଅଟିମଟି ଗ୍ରାମର (୮୮)ବର୍ଷିୟା ରଙ୍ଗଲତା ନାୟକଙ୍କୁ ୨ବର୍ଷ ହେବ ରାସନ ସାମଗ୍ରୀ ମିଳୁନାହିଁ । ତେବେ ରଙ୍ଗଲତା ଏକାକି ମଣିଷ ହୋଇଥିବା ବେଳେ ସ୍ୱାମୀ ମୃତ୍ୟୁ ବରଣ କରିବା ପରେ ଏକୁଟିଆ ହୋଇଯାଇଛନ୍ତି । ମାତ୍ର ତାଙ୍କର ଜମିବାଡି କିଛି ନାହିଁ । ସେ ରାସନ ସାମଗ୍ରି ଉପରେ ନିର୍ଭର ଥିଲେ । ୨୦୨୩ ମସିହାରୁ ତାଙ୍କର ରାସନ ସାମଗ୍ରି ବନ୍ଦ ହୋଇ ରହିଛି ।ବୟସ ଅଧିକ ହେବାରୁ ସେ କଣ ପାଇଁ କଟିଛି ବୋଲି ବ୍ଲକ ଯାଇ ବୁଝିପାରନ୍ତି ନାହିଁ। ବର୍ତମାନ ଜଣାପଡିଛି ତାଙ୍କୁ ମୃତ ଘୋଷଣା କରି ରାସନ ସାମଗ୍ରି ବନ୍ଦ କରାଯାଇଛି । ଏଥିସହିତ ଏହାର ତୁରନ୍ତ ସମାଧାନ କରାଯାଇ ରଙ୍ଗଲତାଙ୍କୁ ରାସନ ସାମଗ୍ରୀ ଯୋଗାଇଦେବା ସହିତ ନ୍ୟାୟ ଦେବା ପାଇଁ ଗ୍ରାମବାସି ପକ୍ଷରୁ ଦାବି କରାଯାଇଛି ।

# ବ୍ୟାଟେରୀ ଚାଳିତ ଗାଡି ପାଇଁ ଭିନ୍ନକ୍ଷମ ଭାଗିରଥିଙ୍କ ନିବେଦନ



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଜାନକାଦେଇପୁର ପଞ୍ଚାୟତ ଅନ୍ତର୍ଗତ ଦୁର୍ଗାପୁର ଗ୍ରାମର ଭିନ୍ନକ୍ଷମ ଭାଗିରଥି ଏକ ବ୍ୟାଟେରୀ ଚାଳିତ ଗାଡି ପାଇଁ ବିଧାୟକଙ୍କୁ ନିବେଦନ କରିଛନ୍ତି । ଦୁଇ ପୁଅ ଓ ସ୍ତ୍ରୀଙ୍କୁ ନେଇ ଖୁବ ଖୁସିରେ ଭାଗିରଥି ମାଇତିଙ୍କ ପରିବାର ଚାଲିଥିଲା। ଗାଁ ଗଣ୍ଡାରେ ମୂଲ ମଜୁରୀ ଲାଗି ଭାଗିରଥି ପରିବାର ପ୍ରତିପୋଷଣ କରୁଥିଲେ। ୨୦୧୦ ମସିହାରେ ଏକ ମୋଟର ସାଇକେଲ ଦୁର୍ଘଟଣାରେ ଭାଗିରଥୀଙ୍କର ସ୍ପାଇନାଲ କଡ଼ ଭାଙ୍ଗି ଯାଇଥିଲା। କଟକ, ଭୁବନେଶ୍ୱରର ଅନେକ ମେଡିକାଲରେ ଚିକିତ୍ସିତ ହୋଇ ସାତଥର ଅପରେସନ ମଧ୍ୟ ହୋଇଛନ୍ତି। ଶେଷକୁ ଚାଲିବାକୁ ଅକ୍ଷମ ହୋଇପଡିଛନ୍ତି। ଶତ ପ୍ରତିଶତ ଭିନ୍ନକ୍ଷମ ଥିବାବେଳେ ଭିନ୍ନକ୍ଷମ ଭତ୍ତାରେ ପରିବାରର ତେଲ ଲୁଣ ଚାଲିଛି । ଦୁଇ ପୁଅଙ୍କୁ ପାଠ ପଢାଇବାକୁ ଅର୍ଥ ବାଧକ ସାଜୁ ଥିବାବେଳେ ଅନ୍ୟପଟେ ପରିବାରର ତେଲ ଲୁଣ ଅଭାବୀ ବୋଝ ଦ୍ୱିଗୁଣିତ କରୁଛି। ଭଙ୍ଗା ମୋଟର ସାଇକେଲକୁ ନେଇ ଭିନ୍ନକ୍ଷମ ଭାଗିରଥି ଛୋଟ ବ୍ୟବସାୟ କରିବାକୁ ଚେଷ୍ଟା କରୁଥିଲା ବେଳେ ଗାଡିର ତେଲ ଖର୍ଚ୍ଚ, ମରାମତି ଖର୍ଚ୍ଚ କରିବା କଷ୍ଟକର ହୋଇପଡୁଛି। ଏ ନେଇ ଭାଗିରଥି ସ୍ଥାନୀୟ ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କୁ ଭେଟି ସମସ୍ତ ଦୁଃଖ କୋହଭରା କଣ୍ଠରେ ବଖାଣିବା ସହିତ ଏକ ବିଦ୍ୟୁତ ଚାଳିତ ତିନି ଚକିଆ ଗାଡି ପାଇଁ ଆକୁଳ ନିବେଦନ କରିଛନ୍ତି। ଖୁବଶୀଘ୍ର ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ ଶ୍ରୀ ଜେନା ପ୍ରତିଶ୍ରୁତି ଦେଇଥିବା ଭାଗିରଥି ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରାରୋପଣ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଶରରେ ଆଜି ମହିଳା ସମାଜ ସେବି ସଂଗୀତା ମିଶ୍ର ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ କୁ ସ୍ୱାସ୍ଥ୍ୟ କେନ୍ଦ୍ର ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ଼ଃ ନବ କିଶୋର କୁଣ୍ଡୁ ଶୁଭ ଉଦଘାଟନ କରି ଚାରା ରୋପଣର ଉପକାରିତା ସମ୍ବନ୍ଧରେ ବୁଝାଇଥିଲେ ।ଏନେଇ ସ୍ୱାସ୍ଥ୍ୟ କେନ୍ଦ୍ର ର କର୍ମଚାରୀଙ୍କ ସହାୟତାରେ ୨୦ ଟି ବିଭିନ୍ନ ରକମର ଚାରା ରୋପଣ କରାଯାଇଥିବା ବେଳେ ଆଗକୁ ରାସ୍ତା କଡ଼ ସମେତ ବିଭିନ ଅନୁଷ୍ଠାନରେ ଏହି ଭଳି କାର୍ଯ୍ୟକ୍ରମଭକରାଯିବ ବୋଲି ଶ୍ରୀମତୀ ମିଶ୍ର ପ୍ରକାଶ କରିଥିଲେ।



# ହୃଦ୍‌ଘାତରେ ଚାଲିଗଲେ ବରିଷ୍ଠ ଶିକ୍ଷାବିତ୍

ଫୁଲନଖରା (ଭାସ୍କର ନ୍ୟୁଜ୍) : ବରିଷ୍ଠ ଶିକ୍ଷାବିତ୍ ଦୁଃଶାସନ ଜେନାଙ୍କର ହୃଦଘାତରେ ପରଲୋକ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କଟକ ସଦର ଥାନା ଅନ୍ତର୍ଗତ ମହିଧରପଡ଼ା ସରକାରୀ ହାଇସ୍କୁଲରେ ଦୀର୍ଘ ୨୫ ବର୍ଷ ଧରି ନିରନ୍ତର ଭାବେ ଶିକ୍ଷକତା କରି ସୁନ୍ଦରଗ୍ରାମ ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ଗତକାଲି ମହିଧରପଡ଼ା ସ୍ଥିତ ରହୁଥିବା ବାସଭବନରେ ହଠାତ୍ ରାତି ୦୮ଟା ସମୟରେ ହୃଦ୍‌ଘାତ ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ ଫୁଲନଖରାସ୍ଥିତ ସମ୍ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏହି ଖବର ପାଇ କିଶୋର ଚନ୍ଦ୍ର ଦାଶ, ପ୍ରଦ୍ୟୁମ୍ନ ପଟ୍ଟନାୟକ, ବିଜୟ କୁମାର ଦାସ, ସୁରେଶ ଚନ୍ଦ୍ର ଦାଶ, ପ୍ରଣବ ପଟ୍ଟନାୟକ, ଯଚିନ୍ଦ୍ର ମହାନ୍ତି, ପ୍ରଦ୍ୟୁମ୍ନ କୁମାର ପତି, ଚନ୍ଦ୍ରମଣି ପ୍ରଧାନ, ଅଜୟ କୁମାର ସାମନ୍ତରାୟ, ତପନ କୁମାର ଦାଶ, ଅଶୋକ କୁମାର ରଥ, ମୋହନ ମହାପାତ୍ର, ବିଜୟ କୁମାର ମହାପାତ୍ର, ଶିକ୍ଷକ ନେତା ଅଶୋକ କୁମାର ମହାପାତ୍ର, ବିଜୟ କୁମାର ମହାପାତ୍ର, ଅଜୟ ପତି, ଶରତ ଆଚାର୍ଯ୍ୟ, ସୁକାନ୍ତ ଭୋଳ, ପ୍ରଫୁଲ୍ଲ କୁମାର ଦାଶ, ଶଶିଭୂଷଣ ଦାଶ ତାଙ୍କ ବାସଭବନ ଠାରେ ପହଞ୍ଚି ଶେଷ ଦର୍ଶନ କରି ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ମୃତ ଶରୀରକୁ ମହିଧରପଡା ହାଇସ୍କୁଲ ପରିସରକୁ ବୁଲାଯାଇ ତାଙ୍କ ଗ୍ରାମ ଯାଜପୁର ଜିଲ୍ଲା ବାଲିଆ ଗୋଲକୁଣ୍ଡା ଗ୍ରାମକୁ ନିଆଯାଇ ନିଜ ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିଲା। ତାଙ୍କ ପୁତ୍ର ମାନସ ରଞ୍ଜନ ଜେନା ମୁଖାଗ୍ନି ଦେଇଥିଲେ। ଏହି ଖବର ଶୁଣି ବିଦ୍ୟାଳୟର ପୂର୍ବତନ ସଭାପତି ଗଣେଶ ପ୍ରସାଦ ଦାଶ ଓ ପୂର୍ବତନ ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ଦାସ ଓ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ପ୍ରମୁଖ ଦୁଃଖ ପ୍ରକାଶ କରି ପରିବାରକୁ ସମବେଦନା ଜଣାଇଛନ୍ତି।



# ଜୁଲାଇ ମାସ ପାଇଁ ଯୁଗ୍ମ ଜନ ଶୁଣାଣି କାର୍ଯ୍ୟସୂଚୀ

ବାରିପଦା (ଭାସ୍କର ନ୍ୟୁଜ୍) : ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ଜୁଲାଇ ମାସରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଶୁଣାଣି ଶିବିର ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଜୁଲାଇ ମାସର ପ୍ରଥମ ସୋମବାର ତା ୦୭-୦୭-୨୦୨୫ ରିଖ ସଦର ଉପଖଣ୍ଡ ବାରିପଦା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଘଟିକା ଠାରୁ ଅପରାହ୍ନ ୫ଘଟିକା ସମୟ ପର୍ଯ୍ୟନ୍ତ ଶୁଣାଣି ହେବ। ସେହିପରି ଜୁଲାଇ ମାସର ଦ୍ୱିତୀୟ ସୋମବାର ତା. ୧୪-୦୭-୨୦୨୫ରିଖ ବାମନଘାଟି ଉପଖଣ୍ଡ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁରରେ ପୂର୍ବାହ୍ନ ୧୦ଘଟିକା ଠାରୁ ଅପରାହ୍ନ ୦୫ ଘଟିକା ସମୟ ପର୍ଯ୍ୟନ୍ତ ଶୁଣାଣି ହେବ। ଜୁଲାଇ ମାସର ତୃତୀୟ ସୋମବାର ତା ୨୧-୦୭-୨୦୨୫ ରିଖ ପାଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ଶୁଣାଣି ହେବ ଏବଂ ଜୁଲାଇ ମାସର ଚତୁର୍ଥ ସୋମବାର ତା ୨୮-୦୭-୨୦୨୫ ରିଖ କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଉଦଳା ଠାରେ ପୂର୍ବାହ୍ନ ୧୦ ଘଟିକା ଠାରୁ ଅପରାହ୍ନ ୫ଘଟିକା ସମୟ ପର୍ଯ୍ୟନ୍ତ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଜିଲ୍ଲାସ୍ତରୀୟ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ ଓ ବ୍ଲକ ସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡ ଅଞ୍ଚଳର ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଗୁଡିକ ଉପସ୍ଥିତ ରହି ଜଣାଇ ପାରିବେ। ଆବେଦନକାରୀ ମାନେ ଅନ୍‌ଲାଇନ୍‌ରେ ମଧ୍ୟ ଜନ ଶୁଣାଣି ପୋର୍ଟାଲ ଜରିଆରେ ଅଭିଯୋଗ ପତ୍ର ଦାଖଲ କରିପାରିବେ।

# ଅଜଣା ଜନ୍ତୁ ଆକ୍ରମଣରେ ୪ ଛେଳି ମୃତ

ମାଲକାନଗିରି (ଭାସ୍କର ନ୍ୟୁଜ୍) : ଜିଲ୍ଲାର ଖଇରପୁଟ ଅଞ୍ଚଳରେ କୌଣସି ଅଜଣା ଜନ୍ତୁ ଆକ୍ରମଣ କରି ଚାରୋଟି ଛେଳିକୁ ମାରିଦେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାଇ ମାଲକାନଗିରି ଜିଲ୍ଲା ଖଇରପୁଟ ଅଞ୍ଚଳରେ ଗୁରୁବାର ଦିନ ବିଳମ୍ବିତ ରାତିରେ ସମ୍ବାରି ଧାଙ୍ଗଡାଙ୍କ ଛେଳି ଗୁହାଳରେ ପଶି କେଉଁ ଅଜଣା ଜନ୍ତୁ ଚାରିଟି ଛେଳିକୁ ଆକ୍ରମଣ କରି ମାରିଦେଇଛି। ଏ ପର୍ଯ୍ୟନ୍ତ ଛେଳି ପଲଙ୍କୁ କିଏ ମାରିଛି ତାହା ସ୍ପଷ୍ଟ ହୋଇନଥିବା ବେଳେ ସମସ୍ତଙ୍କର ମୃତ୍ୟୁ ସମାନ ଢଙ୍ଗରେ ହୋଇଥିବାରୁ ଅଜଣା ଜନ୍ତୁ ଆକ୍ରମଣରେ ମୃତ୍ୟୁ ହୋଇଥାଇପାରେ ବୋଲି ସ୍ଥାନୀୟ ଲୋକ ସନ୍ଦେହ କରୁଛନ୍ତି। ତେବେ ସମ୍ବାରି ବିଧବା ମହିଳା ହୋଇଥିବା ବେଳେ ଛେଳି ପାଳନ କରି ନିଜ ଗୁଜୁରାଣ ମେଣ୍ଟାଉଥିଲେ କିନ୍ତୁ ତାଙ୍କର ଚାରୋଟି ଛେଳି ଅଜଣା ଜନ୍ତୁର ଶିକାର ହେବା ପରେ ସେ ଭାଙ୍ଗି ପଡିଛନ୍ତି। ସ୍ଥାନୀୟ ଲୋକେ ସମ୍ବାରିଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ସର୍ପଘାତରେ ଯୁବକ ଗୁରୁତର

ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ସଦର ଥାନା ଅନ୍ତର୍ଗତ ମହିଧରପଡା ହାଇସ୍କୁଲ ନିକଟ ନଗରୀ ପୋଲ ନିକଟରେ ରହୁଥିବା ପୂର୍ବତନ ଶିକ୍ଷକ କାହ୍ନୁଚରଣ ପଟ୍ଟାୟତଙ୍କର ପୁତ୍ର ନଳିନୀକାନ୍ତ ପଟ୍ଟାୟତ ରାତ୍ର ସମୟରେ ରାସ୍ତାକୁ ଆସୁଥିବାବେଳେ ଏକ ବିଷଧର ସର୍ପ କାମୁଡ଼ିଦେବାରୁ ତାଙ୍କୁ ସଙ୍ଗେ ସଙ୍ଗେ ନଖରା ସମ୍ ହସ୍ପିଟାଲ ନିଆଯାଇଥିଲା । ସେଠାରେ ସେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି।

# ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ



ରଘୁନାଥପୁର (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ଅଞ୍ଚଳର ଜଣାଶୁଣା ଜନସେବିକା ତଥା ପୁରୁଣାବସନ୍ତ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ଧର୍ମପରାୟଣ ମହିଳା ବିଦ୍ୟୁତ ପ୍ରଭା ଦାଶଙ୍କ ପରଲୋକ ଘଟିଛି। ସେ ଜଣେ ମିଷ୍ଟଭାଷୀ ପରୋପକାରୀ ଆଦର୍ଶ ଗୃହିଣୀ ଓ ସମାଜସେବିକା ଥିଲେ। ତାଙ୍କ ଦେହାନ୍ତ ଖବର ପାଇ କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକ, ପୁରୁଣାବସନ୍ତ ପଞ୍ଚାୟତର ସରପଞ୍ଚ କାଳନ୍ଦୀ ଚରଣ ମହାନ୍ତି, ସମାଜସେବୀ ଅଭିରାମ ପଣ୍ଡା, ପୂର୍ବତନ ସରପଞ୍ଚ ଅକ୍ଷୟ ମିଶ୍ର ଓ ଶାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରି ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କର ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କର ମରଶରୀରକୁ ପୁରୀ ଶ୍ରୀକ୍ଷେତ୍ର ସ୍ୱର୍ଗଦ୍ୱାରକୁ ନିଆଯାଇ ସେଠାରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା। ଏଥିରେ ତାଙ୍କର ପୁତ୍ର କମଳାକାନ୍ତ ଦାଶ, ବିମଳା କାନ୍ତ ଦାଶ, ଶ୍ୟାମଳା କାନ୍ତ ଦାଶ, ଅମୂଲ୍ୟକୁମାର ଦାଶ ଓ କାମାକ୍ଷା ପ୍ରସାଦ ଦାଶଙ୍କ ସମେତ ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନ, ନାତି ନାତୁଣୀ ଓ ପଡ଼ୋଶୀ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା।

# କର୍ତ୍ତବ୍ୟରତ ହାବିଲଦାରଙ୍କୁ ମାଡ଼ ଅଭିଯୋଗ

ଡେରାବିଶ (ଭାସ୍କର ନ୍ୟୁଜ୍) : ଚଣ୍ଡିଖୋଲ-ପାରାଦ୍ୱୀପ ୫୩ନଂ ଜାତୀୟ ରାଜପଥର ଡେରାବିଶ ଥାନା ଅଧୀନ ଛତା ଛକରେ ଗତକାଲି ସକାଳେ କେତେଜଣ ଦୁର୍ବୃତ୍ତ ଜଣେ କର୍ତ୍ତବ୍ୟରତ ହାବିଲଦାରଙ୍କୁ ମାଡ଼ ମାରିଥିବା ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି। ଡେରାବିଶ ଥାନା ଅଧୀନ ଛତା ବିଟ୍ ହାଉସ୍ ଦାୟିତ୍ୱରେ ଥିବା ହବିଲଦାର ସୁବାସ ଚନ୍ଦ୍ର ଜେନାଙ୍କ ଅଭିଯୋଗ ଅନୁଯାୟୀ ବୁଧବାର ସକାଳ ୭ଟା ୪୦ ମିନିଟ୍ ସମୟରେ ଛତାଛକ ସ୍ଥିତ ବଟମହାପୁରୁଷଙ୍କ ପୀଠକୁ ଯିବା ରାସ୍ତା ନିକଟ ଜାତୀୟ ରାଜପଥ ଉପରେ ଏକ ତେଲ ଟ୍ୟାଙ୍କର ଖରାପ ହୋଇଯିବାରୁ କିଛି ସମୟ ପାଇଁ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କେତେଜଣ ଲୋକଙ୍କ ସହାୟତାରେ ଉକ୍ତ ଟ୍ୟାଙ୍କରକୁ ଠେଲି ସାଇଡ୍ କଲା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ଏହି ସମୟରେ ଏକ କାର (ଓଡ଼ି-୦୪-ଜେ-୬୫୭୫)ରୁ ହଠାତ୍ ନିକଟସ୍ଥ ଲକ୍ଷ୍ମୀନାରାୟଣପୁର ଅଞ୍ଚଳର ଗୋଲେଖ ସାହୁ, ସତ୍ୟଜିତ ସାହୁ ଓ ରବି ଓହ୍ଲାଇ ଜଣେ ଟ୍ରକ ଡ୍ରାଇଭରକୁ ବିନା କାରଣରେ ମାଡ଼ ମାରିଥିଲେ। ଏହା ଦେଖି ହାବିଲଦାର ଶ୍ରୀ ଜେନା ଉକ୍ତ ଟ୍ରକ ଡ୍ରାଇଭରକୁ ଆକ୍ରମଣକାରୀଙ୍କ କବଳରୁ ଉଦ୍ଧାର କରିବାକୁ ଚେଷ୍ଟା କରିବାରୁ ଯୁବକମାନେ ତାଙ୍କୁ ମାଡ଼ ମାରିଥିଲେ। ସେଠାରେ ଉପସ୍ଥିତ ଥିବା ଅନ୍ୟ ଲୋକମାନେ ପୋଲିସ୍ କର୍ମଚାରୀ ଶ୍ରୀ ଜେନାଙ୍କୁ ମାଡ଼ ମାରିବାକୁ ବାରଣ କରିବା ସତ୍ତ୍ୱେ ମଧ୍ୟ ସେମାନେ କିଛି ନ ଶୁଣି ଶ୍ରୀ ଜେନାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ। ପରେ ସେଠାରେ ଏହି ଯୁବକମାନଙ୍କ ଅନ୍ୟ ଦୁଇ ସହଯୋଗୀ ପହଞ୍ଚି ଶ୍ରୀ ଜେନାଙ୍କୁ ମଧ୍ୟ ଧମକ ଚମକ ଦେଇଥିଲେ। ହାବିଲଦାର ଶ୍ରୀ ଜେନାଙ୍କ ଠାରୁ ଅଭିଯୋଗ ପାଇବା ପରେ ଡେରାବିଶ ଥାନାରେ ୧୦୮/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ରାଶିଫଳ

ଶନିବାର, ୦୫ ଜୁଲାଇ ୨୦୨୫



**ମେଷ :** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଆପଣଙ୍କ ଆୟରେ ବୃଦ୍ଧି ଦେଖାଦେବ, ଯେଉଁଥି ପାଇଁ ଆପଣଙ୍କ ଚେହେରାରେ ଖୁସିର ଅନୁଭବ ଆସିବ। ଆପଣ ଆଜି ଅଫିସ୍‌ରେ ବସ୍‌ଙ୍କ ସହିତ କଥା ହେବେ। ଜୀବନସାଥୀ ବହୁତ ଖୁସି ହେବେ।



**ବୃଷ :** ଆଜି ଆପଣଙ୍କ ଦିନ ଉତ୍କଣ୍ଠାର ପରିପୂର୍ଣ୍ଣ ହେବ। ଖର୍ଚ୍ଚର ହଠାତ୍ ବୃଦ୍ଧି ଚିନ୍ତା ବଢ଼ାଇପାରେ। ଘରର ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ, ଏହା ଖରାପ ହୋଇପାରେ। ଅତୀତରେ କିଛି କାମ ପାଇଁ କରାଯାଇଥିବା କାର୍ଯ୍ୟ ଆଜି ଫଳ ଦେବାକୁ ଯାଉଛି। ଦାମ୍ପତ୍ୟ ଜୀବନରେ ସୁଖ ରହିବ।



**ମିଥୁନ :** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଆଜି ଲୋକଙ୍କ ପ୍ରତି ଭଲ କାମ କରିବାର ଅନୁଭବ ଜାଗ୍ରତ ହେବ। ଆଜି ଆପଣ ଆପଣଙ୍କ କାର୍ଯ୍ୟାଳୟର କାର୍ଯ୍ୟରେ ଧ୍ୟାନ ଦିଅନ୍ତୁ। ଆପଣ କିଛି ଅସମାପ୍ତ କାର୍ଯ୍ୟ ମଧ୍ୟ ସଂପୂର୍ଣ୍ଣ କରିବେ। ବ୍ୟବସାୟୀମାନଙ୍କ ପାଇଁ ଆଜି ମଧ୍ୟ ଏକ ଭଲ ଦିନ ହେବ।



**କର୍କଟ :** ଆଜି ଆପଣଙ୍କର ଧ୍ୟାନ ପରିବାରର ଆବଶ୍ୟକତା ପୂରଣ ଉପରେ ରହିବ। ଅଫିସରେ ଜୁନିଅର ଯେକୌଣସି କାର୍ଯ୍ୟରେ ଆପଣଙ୍କ ଠାରୁ ସାହାଯ୍ୟ ନେଇପାରନ୍ତି, ଆପଣ ସେମାନଙ୍କୁ ସାହାଯ୍ୟ କରନ୍ତୁ। ଆଜି, ଖର୍ଚ୍ଚ ବୃଦ୍ଧି ହେତୁ ପକେଟରେ ଭାର ବଢ଼ିପାରେ।



**ସିଂହ :** ଆଜି ଆପଣଙ୍କ ଦିନଟି ବହୁତ ବ୍ୟସ୍ତରେ କଟିବ। ଏହି ବ୍ୟସ୍ତତା ମଧ୍ୟରେ ଆପଣଙ୍କର ଖାଦ୍ୟର ଯତ୍ନ ନିଅ, ନଚେତ୍ ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। କୋର୍ଟ ସହ ଜଡିତ ମାମଲା ଗୁଡ଼ିକରେ ସଫଳତା ପାଇବାର ସମ୍ଭାବନା ଅଛି।



**କନ୍ୟା :** ଆଜି ଆପଣଙ୍କ ଦିନ ଟିକିଏ ଦୁର୍ବଳ ହେବ। ଆପଣଙ୍କ ବନ୍ଧୁ କିଛି କଥା ଆପଣଙ୍କୁ କହିପାରନ୍ତି, ଯାହା ଆପଣଙ୍କୁ ଖରାପ ଲାଗିପାରେ। ଆପଣ ଆପଣଙ୍କ କଥାକୁ ସଠିକ୍ ଉପାୟରେ ରଖିବା ଉଚିତ୍। କାର୍ଯ୍ୟଭାର ଅଧିକ ହେବ, ଚାପ ନିଅନ୍ତୁ ନାହିଁ। ବିବାହିତ ଲୋକମାନଙ୍କ ପାଇଁ ଦିନଟି ଶୁଭ ଅଟେ, ଆପଣ ଏକାଠି ସମୟ ବିତାଇବେ।



**ତୁଳା :** ଆଜି ଆପଣଙ୍କର ଦିନ ମିଶ୍ରିତ ହେବ। କାର୍ଯ୍ୟରେ ଭଲ ଫଳାଫଳ ସହିତ ଆପଣ ସନ୍ତୁଷ୍ଟ ଅନୁଭବ କରିବେ। ଆଜି ଆପଣ କିଛି ପବିତ୍ର ସ୍ଥାନ ଦେଖିବାର ସୁଯୋଗ ପାଇବାକୁ ଯାଉଛନ୍ତି। ପ୍ରେମ ଜୀବନରେ ପ୍ରିୟଙ୍କ ସଙ୍କୋଚତା ଉପରେ ସନ୍ଦେହ କରିବା ଦ୍ୱାରା ସମ୍ପର୍କ ଗୁରୁତର ହୋଇପାରେ।



**ବିଛା :** ଆଜି ଆପଣଙ୍କ ସାମ୍ନାରେ ଅନେକ କାର୍ଯ୍ୟର ସମ୍ମୁଖୀନ ହେବ, ଯେଉଁ କାରଣରୁ ଆପଣ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆପଣ ଚିନ୍ତା କରୁଥିବା କାମ ପ୍ରତି ଧ୍ୟାନ ଦେବା ଭଲ ହେବ। ଆଜି ଘରର ଜଣେ ସଦସ୍ୟ ଆପଣଙ୍କଠାରୁ କିଛି ଆଶା କରିବେ। ଆଜି, ଜୀବନ ସାଥୀର ବୁଦ୍ଧି ଆପଣଙ୍କୁ ବହୁତ ଲାଭ କରିବାକୁ ଯାଉଛି।



**ଧନୁ :** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ। ବ୍ୟବସାୟୀମାନେ ଆଜି ବଡ଼ ଲାଭ କରିବାକୁ ଯାଉଛନ୍ତି, ଆପଣ ଏଥିରେ ଖୁସି ହେବେ। କାର୍ଯ୍ୟରତ ଲୋକମାନେ ସେମାନଙ୍କର କାର୍ଯ୍ୟକୁ ମନେ ରଖିବା ପରି କାମ କରିବେ। ପାରିବାରିକ ପରିବେଶ ସୁଖ ଏବଂ ଶାନ୍ତିରେ ପରିପୂର୍ଣ୍ଣ ହେବ। ଉଲ୍ଲେଖଥାଉ କି, ବିବାହିତ ଦମ୍ପତି ଆଜି ସତର୍କ ରୁହନ୍ତି, ବିବାଦ ହେବାର ସମ୍ଭାବନା ଅଛି।



**ମକର :** ଆଜି ଆପଣଙ୍କ ଦିନଟି ଭଲ ରହିବ। କୌଣସି ଭୁଲ୍ ନିଷ୍ପତ୍ତି ନେବା ଠାରୁ ଦୂରେଇ ରୁହନ୍ତୁ, ନଚେତ୍ ଆପଣ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବେକାରୀମାନେ ଆଜି ସାଧାରଣ ଅପେକ୍ଷା ଅଧିକ ବ୍ୟସ୍ତ ଦେଖାଯିବେ। ଆଜି ପ୍ରେମ ଜୀବନରେ, ପ୍ରିୟ ହୃଦୟରୁ ପ୍ରେମ ପାଇବ।



**କୁମ୍ଭ :** ଆଜି ଆପଣଙ୍କର ସାଧାରଣ ଦିନ ହେବ। କିଛି ବିଷୟରେ ଚିନ୍ତା କରି ଅନାବଶ୍ୟକ ଭାବରେ ଆପଣଙ୍କୁ ବ୍ୟଥିତ କରିବ। ବର୍ଜ୍ୟବସ୍ତୁରୁ ଦୂରେଇ ରୁହନ୍ତୁ। ଆର୍ଥିକ ପ୍ରସଙ୍ଗରେ ଆପଣ ଜଣେ ବନ୍ଧୁଙ୍କ ଠାରୁ ପରାମର୍ଶ ପାଇପାରିବେ। ସ୍ୱାସ୍ଥ୍ୟ କାରଣରୁ ଦିନଟି ଟିକିଏ ଦୁର୍ବଳ ମନେହୁଏ। ପ୍ରେମ ଦାମ୍ପତ୍ୟ ଜୀବନରେ ରହିବ।



**ମୀନ :** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଅଫିସ୍ କାର୍ଯ୍ୟକୁ ସହଜରେ ମୁକାବିଲା କରିପାରିବେ। କିନ୍ତୁ ସହକର୍ମୀଙ୍କ ସହ କିଛି ବିଷୟରେ ବିତର୍କ ହୋଇପାରେ। ସେଥିପାଇଁ ଆପଣ ସାବଧାନ ହେବା ଉଚିତ୍। ଜୀବନସାଥୀ ଏକ କାମ କରିବାକୁ ଇଚ୍ଛା କରିପାରନ୍ତି। ପ୍ରେମରେ ଆଜି ଆପଣ ଆପଣଙ୍କ ପ୍ରିୟଙ୍କ ସହିତ ଭଲ ସମୟ ଅତିବାହିତ କରିବେ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





କୁଚିଣ୍ଡା(ଭାସ୍କର ନ୍ୟୁଜ୍): କୁଚିଣ୍ଡା ମହାବିଦ୍ୟାଳୟରେ ୬୧ତମ ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଅଧକ୍ଷା ସୁଚିତ୍ରା ମିଶ୍ରଙ୍କର ସଭାପତିତ୍ୱରେ ଅୟୋଜିତ ହୋଇଯାଇଛି । ଏହି ସଭାରେମୁଖ୍ୟ ଅତିଥ ଭାବେ ଉପମା କଲୋ, ଆଇଏଏସ, ଅତିରିକ୍ତ କମିସନର,ସମ୍ବଲପୁର,ଡେପୁଟି କଲେକ୍ଟର, ସମ୍ବଲପୁର, ଗୀତିକା ନାୟକ, ପୂର୍ବତନ ଅଧକ୍ଷ ଡ.ରଞ୍ଜନ ମହାପାତ୍ର ଓ ସମାଜସେବୀ ତଥା 'ଆଲୋକର' ସଂପାଦକ ଏବଂ ପ୍ରତିଷ୍ଠାତା ମନୋଜ ସାହୁ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଦିବସ ଉପଲକ୍ଷେ ପ୍ରଥମେ ଏକ ବୃକ୍ଷରୋପଣ କାର୍ଯକ୍ରମ ପ୍ରେକ୍ଷାଳୟରେ କରାଯାଇଥିଲା ।ଉଲ୍ଲେଖ ଯୋଗ୍ୟ ଯେ ଉପରୋକ୍ତ ଅତିଥିଗଣ ସମସ୍ତେ କୁଚିଣ୍ଡା ମହାବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ । ସଭା ପ୍ରାରମ୍ଭରେ ଅଧକ୍ଷା ସୁଚିତ୍ରା ମିଶ୍ର ଅତିଥିମାନଙ୍କୁ ଉପଢୌକନ ଓ ସ୍ମୃତି ଆଲେଖ୍ୟ ଦେଇ ସମ୍ମାନିତ କରି କୁଚିଣ୍ଡା ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଏହି ଶିକ୍ଷାନୁଷ୍ଠାନ ୬୧ ବର୍ଷର ଗୌରବମୟ ଇତିହାସ ଉପରେ ଆଲୋକପାତ କରିବା ସହିତ ଏହାର ଶୈକ୍ଷିକ ଗାରିମାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଉପମା କାଲୋ, ସମ୍ମାନିତ ଅତିଥି ଗୀତିକା ନାୟକ ଓ ମନୋଜ ସାହୁ କୁଚିଣ୍ଡା କଲେଜରେ ସେମାନଙ୍କର ବିଦ୍ୟାର୍ଥୀ ଜୀବନର ସ୍ମୃତିଚାରଣ କରି ସେମାନେ ଜୀବନରେ ପାଇଥିବା ସଫଳତାର ଶ୍ରେୟ ଏହି ଅନୁଷ୍ଠାନର ଶୈକ୍ଷିକ ବାତାବରଣ,କଠୋର ଅନୁଶାସନ ଓ ଶିକ୍ଷକମାନଙ୍କ ଅବଦାନ ସହିତ ପରିବର୍ତ୍ତିତ ପରିସ୍ଥିତିରେ ଛାତ୍ରଛାତ୍ରୀମାନେ ଶିକ୍ଷାମନସ୍କ ହୋଇ ପାଠ ପଢ଼ିଲେ ନିଶ୍ଚିତଭାବେ ସଫଳ ହୋଇପାରିବେ ବୋଲି ବକ୍ତବ୍ୟ ରଖିଥିଲେ ।

# ୨ ମାସ ହେଲା ଗଛତଳେ ପଡିଛି ବସ୍ତା ବସ୍ତା ହଳଦୀ ବିହନ

## ଗଜା ହେଲାଣି, ହେଲେ ଚାଷୀଙ୍କୁ ମିଳୁନି



**ସରକାରକା ମାଲ୍ ଦରିଆ ମେଁ ଡାଲ୍**

କନ୍ଧମାଳ(ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲା ସଦର ବ୍ଲକ ଶଗଡା ପଞ୍ଚାୟତ ନିକଟରେ ଏକ ଆମ୍ବ ଗଛ ତଳେ ବସ୍ତା ବସ୍ତା ହଳଦୀ ବିହନ ପଡ଼ିଥିବା ଦେଖିବାକୁ ମିଳିଛି । ଦୀର୍ଘ ୨ ମାସରୁ ଉର୍ଦ୍ଧ୍ୱ ହେବ ଏହି ବିହନ ବସ୍ତାଗୁଡିକ ଖରା ବର୍ଷାରେ ପଡି ରହି ଗଜା ବାହାରି ଗଛ ହୋଇଗଲାଣି । ଯାହାଦ୍ୱାରା ଚାଷୀଙ୍କ ପାଇଁ ଆସିଥିବା ହଳଦୀ ବିହନ ଗଛ ତଳେ ପଡି ନଷ୍ଟ ହେବାକୁ ବସିଲାଣି। ଜିଲ୍ଲା ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ ବିହନ ଯୋଗାଇ ଦିଆଯାଇଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏହା ଚାଷୀଙ୍କ ନିକଟରେ ପହଞ୍ଚି ନ ପାରି ନଷ୍ଟ ହେଉଛି । ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ ପ୍ରୋତ୍ସାହିତ କରି ବିହନ ବଣ୍ଟନ କରିବା ପରିବର୍ତ୍ତେ ଏ ଦିଗରେ ବିଭାଗୀୟ ଅଧିକାରୀ କୌଣସି ଆନ୍ତରିକତା ଦେଖାଉନାହାନ୍ତି ।ଯାହା ଫଳରେ ଚାଷୀ ଟଙ୍କା ଦେଇ ବିହନ ନେବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି । ଉକ୍ତ ବିହନ ବସ୍ତା ସବୁ ଚାଷୀ ନେଲା ପରେ ଅବଶିଷ୍ଟାଂଶ ଅଫିସକୁ ଫେରସ୍ତ କରିବା ପରିବର୍ତ୍ତେ 'ସରକାର କା ମାଲ ଦରିଆ ମେ ଡ଼ାଲ' ନୀତିରେ ପଡି ନଷ୍ଟ ହେଉଛି ।ଏ ଦିଗରେ ପ୍ରଶାସନ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀ ମହଲରେ ଦାବି ହେଉଛି। ସମସ୍ୟା ସମ୍ପର୍କରେ ବୌଦ୍ଧ ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ଯୋଗେନ୍ଦ୍ରନାଥ ମହାପାତ୍ରଙ୍କୁ ପଚାରିବାରୁ ଚାଷୀ ନେଉ ନ ଥିବାରୁ ପଡି ରହିଥିବ ବୋଲି କହିଥିଲେ ।

# ଦଳିତଙ୍କ ଉପରେ ଅମାନୁଷିକ ଅତ୍ୟାଚାର ଓ ଆକ୍ରମଣ ପ୍ରତିବାଦରେ ଦାବିପତ୍ର

ବନ୍ଧୁଗାଁ (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଦଳିତ ସମାଜ ପକ୍ଷରୁ ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅଧିନରେ ଦଳିତମାନଙ୍କ ଉପରେ ହୋଇଥିବା ଅମାନୁଷିକ ଅତ୍ୟାଚାର ଓ ଆକ୍ରମଣ ଘଟଣାକୁ ପ୍ରତିବାଦ କରି ସାନସରପଲ୍ଲୀ ଛକରୁ ପୋଲିସ ଥାନା ପର୍ଯ୍ୟନ୍ତ ଶାନ୍ତି ଶୋଭାଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଥାନା ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସାମ୍ପ୍ରଦାୟିକ ଦିଗ ଓ ଜାତିବାଦୀ ଉଦ୍ଦେଶ୍ୟ ନେଇ ବଜରଙ୍ଗ ଦଳ ଓ ଆରଏସଏସର କିଛି ଗୋଷ୍ଠୀ ପାରମ୍ପରିକ ଭାବରେ ଗାଈଗୋରୁ ପାଳନ ଓ ବିକ୍ରି କରୁଥିବା ଦଳିତ ମାନଙ୍କ ଉପରେ ଆକ୍ରମଣ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଗୋ ରକ୍ଷା ନାମରେ ଚାନ୍ଦା ଆଦାୟ ଗୋଷ୍ଠୀର କିଛି ଲୋକ ରାଜନୈତିକ ଦଳର ବିଚାର ସହିତ ନିଜର ବିଚାର ମିଶୁଥିବାରୁ ଗୋ ରକ୍ଷାକାରି ଅପରାଧୀମାନେ ଅପରାଧ କରିବାକୁ ସାହସ ପାଉଛନ୍ତି । ସମ୍ବିଧାନ ଆମ ସମସ୍ତଙ୍କୁ ସମାନ ଭାବରେ ବଞ୍ଚିବା ପାଇଁ ଅଧିକାର ଦେଇଛି। ଆଇନ ଶୃଙ୍ଖଳା ପରିସ୍ଥିତି ତଳକୁ ତଳ ଚାଲି ଆସିଛି। ଯାହାଫଳରେ ଆମ ଦଳିତଙ୍କୁ ଭୟଭୀତ କରି ରଖାଯାଉଛି। ଦଳିତମାନେ ପାରମ୍ପରିକ ଭାବରେ ଗାଈ ବିକ୍ରି କରି ବଞ୍ଚନ୍ତି। ଦୁଇ ଦଳିତ ବ୍ୟକ୍ତି ନିଜ ଝିଅର ବିବାହ ପାଇ ଝିଅକୁ ଦେବାକୁ ନେଉଥିବା ଦୁଇଗାଈ ଓ ବାଛୁରୀକୁ ଅଟକାଇ ଗୋ ରକ୍ଷାକାରୀ ୩୦ ହଜାର ଟଙ୍କା ମାଗିବା ଓ ସକ୍ଷମ ନ ହେବାରୁ ଜାତିଭିତ୍ତିକ ଭେଦଭାବ, ଗାଳି ଗୁଲଜ ଦେବା, ମୁଣ୍ଡ ଲଣ୍ଡା କରିବା, ଆଣ୍ଠୁରେ ୨ କିଲୋମିଟର ଚଳାଇବା, ମାଡ ମାରିବା, ଘାସ ଖୁଆଇବା ଓ ନାଳନର୍ଦ୍ଦମା ପାଣି ପିଆଇଥିବା ଦେଖିବାକୁ ମିଳିଛି। ଦଳିତଙ୍କ ଉପରେ ଅତ୍ୟାଚାର ବନ୍ଦ କର ଓ ମର୍ଯ୍ୟାଦାରେ ବଞ୍ଚିବାକୁ ଦେବା ପାଇଁ ଦଳିତ ସମାଜ ସରକାରଙ୍କୁ ଦାବି କରିଛନ୍ତି।ଗାଈ ବ୍ୟବସାୟ ଅପରାଧ ନୁହେଁ। ଭାରତ ଗାଈ ମାଂସ ରପ୍ତାନୀରେ ୫ ମ ସ୍ଥାନରେ ରହିଛି। ସରକାର ଗାଈ ନେବା ଗାଈ ସୁରକ୍ଷା କରିବା ପାଇଁ ସରକାର ସ୍ପଷ୍ଟ ନୀତି କରନ୍ତୁ। ଦଳିତଙ୍କ ଉପରେ ଗୋ ରକ୍ଷାକାରୀ ଯେଉଁ ପ୍ରକାର ବର୍ବରତା ଭାବରେ ଆକ୍ରମଣ କରିଛନ୍ତି ସେମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯାଉ ଓ ସଂଖ୍ୟାଲଘୁ ଦଳିତ ମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପ୍ରତିବାଦରେ ଶତାଧିକ ଦଳିତ ସମାଜ ବ୍ୟକ୍ତି ଶାନ୍ତି ଶୋଭାଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଥାନା ଏସ ଆଇ ବିଜୟ ମୁର୍ମୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଶାନ୍ତି ଶୋଭାଯାତ୍ରାରେ ଦଳିତ ସମାଜର ବାଲା ନାଗ, ଅଶୋକ କାଳପା, ଉତ୍ତମ ନାୟକ, ଯୋଗେଶ ମହାନନ୍ଦିଆ , ସରପଞ୍ଚ ଲକ୍ଷ୍ମୀ କାଡ୍ରାକା, ସରପଞ୍ଚ ସୁନ୍ଦରୁ ପିଡିକା, ନିରଞ୍ଜନ ଗରଡ଼ା, ମୁକୁନ୍ଦ ବେବରା, ମଧୁ ଗାଣ୍ଡା,ବିଜୟ ବେହେରା ଭାସ୍କର ବିଡିକା, ରଞ୍ଜିତ କାଳପା, ଶଙ୍କର ଦେବାରପଲ୍ଲୀ, ଗୋଜେନ୍ଦ୍ର ଖୋସଲା, ଭକ୍ତ ଦେବରପଲ୍ଲୀ, ମିନା ବେବରା, ସଞ୍ଜୀବ କୁମାର ବାଙ୍ଗାରି , କାଲ ପାକୁଶ, କୁର୍ମାନା ଦେବରପଲ୍ଲୀ ଓ ଅନେକ ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିଲେ।

# ମୋଟୁ ବ୍ରିଜ୍‌ରୁ କୋଇଗୁରୁ ରାସ୍ତା ଅବସ୍ଥା ଶୋଚନୀୟ

କାଳିମେଳା (ଭାସ୍କର ନ୍ୟୁଜ୍): ସୀମାନ୍ତ ମୋଟୁ ବ୍ରିଜ ଠାରୁ ଆନ୍ଧ୍ରର କୋଇଗୁରୁ ପର୍ଯ୍ୟନ୍ତ ୨ କିମି ରାସ୍ତା ବର୍ଷାରେ ଶୋଚନୀୟ ହୋଇପଡ଼ିଛି । ରାସ୍ତାରେ ଖାଲମାଲ ସାଙ୍ଗକୁ କାଦୁଅ ସୃଷ୍ଟି ଯୋଗୁ ଏହି ରାସ୍ତା ଦେଇ ଯାଉଥିବା ବିଭିନ୍ନ ଗାଡି କାଦୁଅରେ ଫସିଯାଉଛି । ଫସି ଯାଇଥିବା ଗାଡି ଗୁଡ଼ିକୁ ଟ୍ରାକ୍ଟର ଏବଂ ହିଟାଚି ମେସିନ ଯୋଗେ ଠେଲି ବାହାର କରାଯାଉଛି। ଏହି ରାସ୍ତାକୁ ନିର୍ଭର କରି ଓଡ଼ିଶାରୁ ୧୫ ରୁ ଉର୍ଦ୍ଧ୍ୱ ବସ୍ ହାଇଦ୍ରାବାଦକୁ ପ୍ରତିଦିନ ଗମନାଗମନ କରୁଥିବାବେଳେ ମାଲବାହୀ ଟ୍ରକ୍ ମଧ ବହୁମାତ୍ରାରେ ଯାତାୟାତ କରୁଛି । ଓଡ଼ିଶା-ଆନ୍ଧ୍ର ସଂଯୋଗ କରୁଥିବା ସୀମାନ୍ତ ମୋଟୁ ବ୍ରିଜ ଠାରୁ ଚିନ୍ତୁରୁ ପର୍ଯ୍ୟନ୍ତ ୧୦ କିମି ରାସ୍ତା ଶୋଚନୀୟ ହୋଇଥିବାରୁ ୩ ବର୍ଷ ଧରି ଏହାର ମରାମତି କାର୍ଯ୍ୟ ଆରମ୍ଭ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଶେଷ ହୋଇନାହିଁ । ରାସ୍ତାରୁ ପୁରୁଣା ପିଚୁ କାଢି ତା ଉପରେ ଚିପ୍ସ, ମେଟାଲ, ଡଷ୍ଟ ପକାଇ ଛାଡ଼ିଦିଆଯାଇଛି । ଯାହାଫଳରେ ରାସ୍ତା ଉପରେ କାଦୁଅ ସୃଷ୍ଟି ହୋଇଅଛି । ଗତକାଲି ଏହି ରାସ୍ତାରେ ଅନେକ ଗାଡ଼ି ଫସିଯିବାରୁ ବିଭିନ୍ନ ରାଜ୍ୟର ଗାଡ଼ି ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ତୁରନ୍ତ ଏହି କାର୍ଯ୍ୟର ମରାମତି ଶେଷ କରିବାକୁ ସାଧାରଣ ରେ ଦାବି ହେଉଛି।

# ଉଚ୍ଚ ଅଧ୍ୟୟନ ପାଇଁ ଦୁଇଛାତ୍ର ମନୋନୀତ



ଅଞ୍ଚଳଗୁମା ଗ୍ରାମର କିଶୋର ସାହୁଙ୍କ ପୁଅ ଦୀପକ ରଞ୍ଜନ ସାହୁ ୧୬୫ ର୍ୟାଙ୍କ ରଖିଥିବା ବେଳେ ଭଗବାନ ପାଣିଗ୍ରାହୀଙ୍କ ପୁଅ ସନ୍ତୋଷ ପାଣିଗ୍ରାହୀ ୨୬୯ ର୍ୟାଙ୍କ୍ ରଖି ମନୋନୀତ ହୋଇ ଥିବାରୁ ବିଭିନ୍ନ ମହଲ ରୁ ଶୁଭେଚ୍ଛାର ସୁଅ

ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦୁଇ ଛାତ୍ର ଆଇକନିକ ଆଦର୍ଶ ବିଦ୍ୟାଳୟରେ +୨ ଉଚ୍ଚ ଅଧ୍ୟୟନ ପାଇଁ ମନୋନୀତ ହୋଇଛନ୍ତି ।ଏହି ଖବର ଶୁଣିବା ପରେ ଉଭୟ ପରିବାର ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହିତ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ତେନ୍ତୁଳିଖୁଣ୍ଟି ବ୍ଲକ ଛୁଟିବାରେ ଲାଗିଛି । ଓଏଭିର ଅଧକ୍ଷ ଅବିନାଶ ସାହୁଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉଭୟ ଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ଏହାକୁ ନେଇ ବିଧାୟକ ଗୌରୀଶଙ୍କର ମାଝୀ, ସାଂସଦ ବଳଭଦ୍ର ମାଝୀ, ଅଧକ୍ଷା ନୀଳାଦ୍ରି ନାୟକ, ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଉଭୟଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

# ଅଞ୍ଚଳ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ସଭା

ବରଗଡ(ଭାସ୍କର ନ୍ୟୁଜ୍): ଉଚ୍ଚଶିକ୍ଷା ବିଭାଗ ଦ୍ୱାରା କ୍ୟାଡର ବରିଷ୍ଠତା ଭିତ୍ତିରେ ଖଗେଶ୍ୱର ଦାଶ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରରେ ନୂତନ ଅଧକ୍ଷ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ତତ୍ ସଙ୍ଗେ ସଙ୍ଗେ ଦୁବେଇ ରଣା ବଡ଼ବାବୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଉଭୟଙ୍କୁ ଅନୁଷ୍ଠାନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଅଞ୍ଚଳ ମହାବିଦ୍ୟାଳୟ ସମ୍ମେଳନ ପ୍ରକୋଷ୍ଠ ଠାରେ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ କର୍ମଚାରୀ ସଂଘର ସମ୍ପାଦକ ପ୍ରମୋଦ କୁମାର ତ୍ରିପାଠୀ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିବା ସଙ୍ଗେ ସଙ୍ଗେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଅଶ୍ୱିନୀ କୁମାର ପାଣିଗ୍ରାହୀ (ରସାୟନ ବିଜ୍ଞାନ), କଳ୍ପନା ପାଢ଼ୀ (ଉଦ୍ଭିଦ ବିଜ୍ଞାନ ) ରବୀନ୍ଦ୍ର ନାଏକ (ପଦାର୍ଥ ବିଜ୍ଞାନ ) କାର୍ତ୍ତିକ ବରିହା (ଇତିହାସ ବିଭାଗ ) ନବାଗତ ଅଧ୍ୟାପକ / ଅଧ୍ୟାପିକା ଭାବେ ଅନ୍ୟାନ ମହାବିଦ୍ୟାଳୟରୁ ସ୍ଥାନାନ୍ତରୀତ ହୋଇ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରରେ ଯୋଗଦାନ କରିଛନ୍ତି। ତାପିନୀ ପଣ୍ଡା, ଡ. ସରୋଜ କୁମାର ନାଏକ, ଡ. ପ୍ରଦୀପ କୁମାର ପଣ୍ଡା, ନବକୃଷ୍ଣ ମିଶ୍ର, ତାରାପ୍ରସାଦ ଶତପଥୀ, ପ୍ରଭାତ କୁମାର ମହାପାତ୍ର, ପୂର୍ଣ୍ଣିମା ଦୋରା ତଥା ଅନ୍ୟାନ୍ୟ ଅଧ୍ୟାପକ /ଅଧ୍ୟାପିକାମାନେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ନବାଗତ ଅଧ୍ୟାପକ ଅଧ୍ୟାପିକା ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତର ଦେଇଥିଲେ । ସଭାପତି ଶ୍ରୀଯୁକ୍ତ ଦାଶ ନିଜର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସହ ସମ୍ପାଦକ ପ୍ରଶାନ୍ତ ସିରଦାର ଧନ୍ୟବାଦ ଜ୍ଞାପନ କରିଥିଲେ।

# ଅଧିକାରୀଙ୍କ ଅନୁପସ୍ଥିତିରୁ ହୋଇପାରିଲାନି ଅନାସ୍ଥା ପ୍ରସ୍ତାବ ଭୋଟିଂ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲାକନଗିରି ଜିଲ୍ଲା ପଡ଼ିଆ ବ୍ଲକ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟାଙ୍କ ଅନାସ୍ଥା ପ୍ରସ୍ତାବର ଭୋଟିଂ ହେବାକୁ ଥିବାବେଳେ ଅଧିକାରୀ ଛୁଟିରେ ଥିବାରୁ ତାହା ହୋଇପାରିଲା ନାହିଁ । ସଭ୍ୟମାନେ ପ୍ରକାଶ କରିଛନ୍ତି ଯେ, ଗତ କିଛିଦିନ ପୂର୍ବେ ଅଧକ୍ଷାଙ୍କ ବିରୋଧରେ ପଡ଼ିଆ ବ୍ଲକ୍ ଅନ୍ତର୍ଗତ ୭ ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟା ସଭ୍ୟ ମାନେ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଉପଜିଲ୍ଲାପାଳଙ୍କୁ ଦେଇଥିଲେ। ଉକ୍ତ ପ୍ରସ୍ତାବ ଆଧାରରେ ଉପଜିଲ୍ଲାପାଳ ଭୋଟିଂ କରାଯିବ ବୋଲି କହିଥିଲେ । କିନ୍ତୁ ଭୁବନେଶ୍ୱର ବିଏମ୍‌ସିର ଅତିରିକ୍ତ କମିଶନରଙ୍କ ଓଏଏସ ଅଧିକାରୀଙ୍କ ଉପରେ ଆକ୍ରମଣ ଘଟଣାରେ ସମସ୍ତ ଓଏଏସ୍ ଓ ଆରଏସ୍ ଅଧିକାରୀମାନେ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବାବେଳେ ପଡିଆ ବିଡିଓ ମଧ ସେଥିରେ ସାମିଲ ଅଛନ୍ତି। ତେଣୁ ଭୋଟିଂ କାର୍ଯ୍ୟ ହୋଇ ପାରିଲା ନାହିଁ। ଏ ସମ୍ବନ୍ଧରେ ମାଲକାନାଗିରି ସଦର ମହକୁମାରୁ ଅଧିକାରୀମାନେ ପଡିଆ ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ଅନାସ୍ଥା ପ୍ରସ୍ତାବ ପାଇଁ ଅନ୍ୟ ଏକ ତାରିଖ ଧାର୍ଯ୍ୟ କରାଯିବ ବୋଲି ସୂଚନା ଦେଇ ଆସିଥିବା ଜଣାପଡ଼ିଛି।

# ସପ୍ଲାଏ ପାଣିଟାଙ୍କିରୁ ବାହାରିଲା ଘାସମରା କୀଟନାଶକ ବଟଲ



ଗୁଣୁପୁର(ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳରେ ସପ୍ଲାଏ ହେବାକୁ ଥିବା ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର ଟ୍ୟାଙ୍କରୁ ବାହାରିଲା ଘାସମରା ଗ୍ଲାଇସେରିନ ଔଷଧ ବଟଲ। ଏଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ଅନ୍ତର୍ଗତ ଉକୁମ୍ବା ଗ୍ରାମରେ । ଗ୍ରାମରେ ଘରକୁ ଘର ପାଣି ପହଞ୍ଚାଇବା ପାଇଁ ବସୁଧା ଯୋଜନାରେ ପାଣି ଟ୍ୟାଙ୍କର ବ୍ୟବସ୍ଥା ହୋଇଛି। ତେବେ ପାଣି ପହଞ୍ଚିବା ପାଇଁ ଯେଉଁ ଟ୍ୟାଙ୍କ ରହିଛି ସେଥିରେ କେହି ଜଣେ ଖଳପ୍ରକୃତିର ଲୋକ ଏକ ଲିଟର ବଟଲରେ ଅଧା ଭର୍ତ୍ତି ଥିବା ଘାସମରା କୀଟନାଶକ ପକାଇଦେଇଥିବା ଜଣାପଡିଛି। ବଟଲର ଠିପି ଖୋଲାନଥିବା ବେଳେ ପାଣି ନିଷ୍କାସନ ହେବାକୁ ଥିବା ପାଇପ୍‌ରେ ଏକ କାଠ ଗଣ୍ଡି ଭର୍ତ୍ତିଥିବା ଦେଖିବାକୁ ପାଇଥିଲେ। ଗ୍ରାମାଞ୍ଚଳରେ ପାଣି ସଠିକ୍ ଭାବେ ସପ୍ଲାଏ ହେଉନଥିବାରୁ ଗ୍ରାମବାସୀ ମାନେ ପାଣି ସପ୍ଲାଏ କରିବା ପାଇଁ ପମ୍ପ କର୍ମଚାରୀଙ୍କୁ ଅଭିଯୋଗ କରିଥିଲେ। ପମ୍ପ କର୍ମଚାରୀ ଏମ୍ ବିନୋଦ ବିଭାଗୀୟ ଅଧିକାରୀଙ୍କ ପାଖରେ ଜଣାଇଥିଲେ। ଗ୍ରାମ୍ୟ ଜଳ ଯୋଗାଣ ବିଭାଗଙ୍କୁ ଜଣାଇବା ପରେ କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀ ପହଞ୍ଚି ଟ୍ୟାଙ୍କକୁ ଯାଞ୍ଚ କରିଥିଲେ। ଯାଞ୍ଚ କରିବା ସମୟରେ କେହି ଜଣେ ଦୁର୍ବୃତ୍ତ ଟ୍ୟାଙ୍କ ଗେଟ୍ ତାଲା ଭାଙ୍ଗିବା ସହ ଟ୍ୟାଙ୍କ ଭିତରେ କୀଟନାଶକ ଭର୍ତ୍ତି ଅଧାବଟଲ ଓ କାଠଗଣ୍ଡି ପାଣିଟ୍ୟାଙ୍କ୍ ଭିତରେ ପକାଇଥିବା ଦେଖିବାକୁ ପାଇଥିଲେ ।ଏହି ଘଟଣା ଗ୍ରାମରେ ପ୍ରଚାରିତ ହେବା ପରେ ଲୋକଙ୍କ ମଧରେ ଛନକା ପଶିଯାଇଥିଲା। ଘଟଣାକୁ ନେଇ ଉକୁମ୍ବା ସରପଞ୍ଚ ଗୁଣପୁର ଥାନାରେ ଏତଲା ଦେବା ସହ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିକରିଛନ୍ତି। ଯଦିକାଠଗଣ୍ଡି ନଥାନ୍ତା, ତେବେ ଏକ ଭୟାବହ ଅଘଟଣକୁ ଏଡାଇ ଦିଆଯାଇ ପାରିନଥାନ୍ତା ।ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ପାଣି ବିତରଣ ସ୍ୱାଭାବିକ ହୋଇଥିବା ଜଣାପଡିଛି ।

# ନାବାଳିକାଙ୍କ ଆତ୍ମହତ୍ୟା

ଉମରକୋଟ(ଭାସ୍କର ନ୍ୟୁଜ୍):ବିଷ ପିଇ ଜଣେ ନାବାଳିକା ଆତ୍ମହତ୍ୟା କରିଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ମୃତ ନାବାଳିକା ଜଣକ ହେଲେ ଉମରକୋଟ ପୌର ପରିଷଦ ୧ ନଂ ୱାର୍ଡର ନବିନା ମାଳି (୧୭)। ମିଳିଥିବା ସୂଚନା ଅନୁସାରେ ନବିନା ଚଳିତ ମାସ ୧ ତାରିଖ ଦିନ ୨ ଘଟିକା ସମୟରେ କୌଣସି କାରଣରୁ ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ନବିନାଙ୍କୁ ଏକ ଅଟୋ ଯୋଗେ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ୨ ତାରିଖ ଦିନ ଅପରାହ୍ନ ୪ଟା ସମୟରେ ନବିନାର ସ୍ୱାସ୍ଥ୍ୟ ଅବସ୍ଥା ଠିକ ହେବାରୁ ଡାକ୍ତର ନବିନାଙ୍କୁ ଡିସଚାର୍ଜ କରିଥିଲେ। କିନ୍ତୁ ଭୋର ୩ ଟା ସମୟରେ ନବିନାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଛେଦ ପାଇଁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ତଦନ୍ତ ଭାର ଏସ୍‌ଆଇ ଅକ୍ଷୟ ମିଶ୍ର ସମ୍ଭାଳିଛନ୍ତି।

# ସରକାରୀ ଜାଗାରେ ଥିବା ଘରୋଇ ସ୍କୁଲ ଉଚ୍ଛେଦ ଦାବି

ବୌଦ୍ଧ(ଭାସ୍କର ନ୍ୟୁଜ୍): ଜିଲ୍ଲାପ୍ରଶାସନର ଆନ୍ତରିକତା ଅଭାବ ଯୋଗୁଁ ସରକାରୀ ଜାଗାକୁ କିଛି ଅସାଧୁ ବ୍ୟକ୍ତି ଦୀର୍ଘ ବର୍ଷ ହେଲା ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ତହସିଲ ଖୁଣ୍ଟବନ୍ଧ ଆର ଆଇ ସର୍କଲ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅଞ୍ଚଳରେ। ସୂଚନା ଅଧିକାର ଆଇନ ବଳରେ କେତେକ ତଥ୍ୟ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ଼ ସ୍କୁଲକୁ ମାଗିବାରେ ଏହି ତଥ୍ୟ ପଦାକୁ ଆସିଛି । ସୂଚନାମତେ ୨୦୦୬ ମସିହାରେ ରେ ଓଡ଼ିଶା ଷ୍ଟେଟ ବ୍ରିଗେଡ଼ ସ୍କୁଲଟି ଲକ୍ଷ୍ମୀପ୍ରସାଦ ନାମରେ ଖୋଲାଯାଇଥିଲା ଏବଂ ଏହି ସ୍କୁଲଟି ଲକ୍ଷ୍ମୀପ୍ରସାଦ ମୌଜାର ପ୍ଲଟ ନଂ ୫୦୮ର ୨୮ ଡିସିମିଲ ଜାଗାରେ ରହିଥିବା ଜଣାପଡ଼ିଥିଲା। ଶିକ୍ଷା ବିଭାଗର ଗାଇଡ଼ଲାଇନ୍ ଅନୁସାରେ ସ୍କୁଲ ଖୋଲିବା ପାଇଁ ୩ଏକର ଜମି, ସୁରକ୍ଷିତ ଘର, ଶୌଚାଳୟ, ପାଣି ଆଦି ସୁବିଧା ଥିଲେ ସ୍କୁଲ ନିରୀକ୍ଷକ ପରିଦର୍ଶନ ପରେ ସ୍କୁଲ ଖୋଲିବା ପାଇଁ ଗ୍ରୀନ୍ ସିଗ୍‌ନାଲ ଦେଇଥାନ୍ତି। କିନ୍ତୁ କୌଣସି ଭିତ୍ତିଭୂମି ନଥାଇ ତତ୍କାଳୀନ ଜିଲ୍ଲା ଶିକ୍ଷା ଅଧିକାରୀ ସ୍କୁଲ ଖୋଲିବା ପାଇଁ ଅନୁମତି ଦେଲେ ତାହା ଉଚ୍ଚସ୍ତରୀୟ ତଦନ୍ତ କଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ। ଏନେଇ ସାମାଜିକ କର୍ମୀ ଶ୍ରୀ ପାଣିଗ୍ରାହୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସ୍କୁଲ ଆଦେଶନାମା ଓ ସ୍ୱୀକୃତିକୁ ପ୍ରତ୍ୟାହାର କରିବା ପାଇଁ ଅଭିଯୋଗ କରିଥିଲେ ମଧ ଅନୁକମ୍ପା ଦେଖାଇଛନ୍ତି। ଅନ୍ୟପଟେ ଏହି ସରକାରୀ ଜାଗାକୁ ଏକ ଏନଜିଓ ମାସିକ ହଜାରେ ଟଙ୍କା ଭଡ଼ାରେ ଦେଇଥିବା ଚୁକ୍ତିପତ୍ରରେ ଦର୍ଶାଯାଇଛି। ଏନେଇ ତହସିଲଦାରଙ୍କୁ ଅଭିଯୋଗ ହୋଇଥିଲେ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏନେଇ ତହସିଲଦାର ପଚାରିବାରୁ ସରକାରୀ ନିୟମ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଏଭଳି ବେଆଇନ ଭାବେ ଚାଲିଥିବା ସ୍କୁଲର ଆଦେଶନାମା ଓ ସ୍ୱୀକୃତିକୁ ପ୍ରତ୍ୟାହାର କରଯିବା ସହ ସରକାରୀ ଜାଗାରୁ ଭଡ଼ା ନେଇଥିବା ଏନଜିଓ ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି ।

# ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ୬୯କେଜି ଗଞ୍ଜେଇ ଜବତ



**ଅଭିଯୁକ୍ତ ଫେରାର**

କନ୍ଧମାଳ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ମନମୁଣ୍ଡା ପୋଲିସ ଏକ ଦୁର୍ଘଟଣାଗ୍ରସ୍ତ କାରରୁ ବିପୁଳ ଗଞ୍ଜେଇ ଜବତ କରିଥିବାବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି ।ସୂଚନା ଅନୁସାରେ, ଗତକାଲି ଏକ ଗଞ୍ଜେଇ ଭର୍ତ୍ତି କାର ଘଣ୍ଟାପଡା ପଟରୁ ମନମୁଣ୍ଡା ପଟକୁ ଅସୁଥିବା ବେଳେ ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା । ମନମୁଣ୍ଡା ଗାନ୍ଧୀ ଛକରେ ପୋଲିସ ଜଗି ବସିଥିବା ବେଳେ ଉକ୍ତ କାର ଦ୍ରୁତ ବେଗରେ ପୋଲିସକୁ ଚକମା ଦେଇ ବୌଦ୍ଧ ପଟକୁ ଖସି ଯାଇଥିଲା । ଉକ୍ତ କାରକୁ ପୋଲିସ ପିଛା କରି ଗାଡ଼ିରେ ଦୌଡ଼ାଉଥିବାବେଳେ ଜାତୀୟ ରାଜପଥ ନଂ ୫୭ର ବାସୁଦେବପାଲି ପେଟ୍ରୋଲ ପମ୍ପ ନିକଟରେ ଗାଡ଼ିଟି ବିଲ ଭିତରକୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । କାରରେ ଗଞ୍ଜେଇ ଥିବାରୁ ଗିରଫଦାରୀ ଭୟରେ ଦୁର୍ଘଟଣା ଘଟିବା କ୍ଷଣି ପୋଲିସ ପହଞ୍ଚିବା ପୂର୍ବରୁ ମାଫିଆମାନେ ଗାଡି ଛାଡି ଫେରାର ମାରିଥିଲେ । ପୋଲିସ ମାଜିଷ୍ଟ୍ରେଟ ଉପସ୍ଥିତିରେ ଗାଡ଼ିରୁ ୬୯ କେଜି ୬ଶହ ଗ୍ରାମ ଗଞ୍ଜେଇ ଜବତ କରିଥିଲା । ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ମନମୁଣ୍ଡା ଥାନାଧିକାରରୀ ଅଞ୍ଜଳି ବିଶ୍ୱାଳ ସୂଚନା ଦେଇଛନ୍ତି ।

# ଅସହାୟଙ୍କୁ ସେବାର ହାତ ବଢ଼େଇଛନ୍ତି

## ବିପଦର ବନ୍ଧୁ ରବି ନାରାୟଣ



ଉମରକୋଟ (ଭାସ୍କର ନ୍ୟୁଜ୍): ବିଭିନ୍ନ ସମୟରେ ସୁବିଧା ଅସୁବିଧାରେ ଲୋକଙ୍କ ବିପଦର ବନ୍ଧୁ ଭାବେ ସେବା ଯୋଗାଇ ଆସୁଥିବା ସମାଜସେବୀ ରବି ନାରାୟଣ ସିଂ ଜଣେ ସାଧାରଣ ବ୍ୟକ୍ତି। ରବି ନାରାୟଣ ଉମରକୋଟ ସହରେ ଥିବା ସ୍ୱର୍ଗତ ଡାକ୍ତର ବିପିନ ବିହାରୀ ସାହୁଙ୍କ ପାଖରେ ରହି ରୋଗୀଙ୍କ ସେବା କରୁଥିଲେ। କରୋନା କାଳରେ ରୋଗୀମାନଙ୍କୁ ସେବା ଯୋଗାଉ ଯୋଗାଉ କରୋନା ଆକ୍ରାନ୍ତରେ ଡାକ୍ତର ସାହୁଙ୍କ ଦେହାନ୍ତ ହୋଇଥିଲା। ଡାକ୍ତରଙ୍କ ଦେହାନ୍ତ ପରେ ମଧ ରୋଗୀ ସେବା ଜାରି ରଖିଛନ୍ତି ସମାଜସେବୀ ରବି ନାରାୟଣ। ପିଲାଟି ବେଳୁ ହିଁ ରବି ସମାଜ କଲ୍ୟାଣ କାମରେ ନିଜକୁ ସାମିଲ କରି କାହାକୁ କିଛି ଅସୁବିଧା ହେଲେ ସବୁବେଳେ ଲୋକଙ୍କୁ ସହାୟତାର ହାତ ବଢାଇଛନ୍ତି । କାହାର ଦେହ ଅସୁସ୍ଥ ହେଲେ ମେଡିକାଲ ଆଡ଼ମିସନ ହେଉକି କି ଅନ୍ୟ କିଛି ଯେକୌଣସି କାର୍ଯ୍ୟ ପାଇଁ ସବୁବେଳେ ସହଯୋଗ କରିନ୍ତି। ଉମରକୋଟ, ନବରଙ୍ଗପୁର ଠାରୁ ଆରମ୍ଭ କରି କୋରାପୁଟ, ବିଶାଖାପାଟଣା, ରାୟପୁର ପର୍ଯ୍ୟନ୍ତ ଯେକୌଣସି ମେଡିକାଲରେ ସେବା ପ୍ରଦାନ ପାଇଁ ଲୋକଙ୍କ ସହ ନିଜକୁ ସାମିଲ କରୁଛନ୍ତି। ନିଜର ଏହିଭଳି ନିଃସ୍ୱାର୍ଥପର ସେବା ଯୋଗୁଁ ଲୋକେ ତାଙ୍କୁ ସାଧୁବାଦ ଦେଇଥାନ୍ତି।

# ଭାରତର ଦ୍ୱିତୀୟ କାଶ୍ମୀର 'ଟେନ୍‌ସା'

## ଦିନ ୧୨ଟାରେ ବି ଦେଖାଯାଏ ଘନ କୁହୁଡି

କୋଇଡା (ଭାସ୍କର ନ୍ୟୁଜ୍): ଏ ଦୃଶ୍ୟ କେଉଁ ସିମଲା, ଦାର୍ଜିଲିଂ କି ମନାଲିର ନୁହେଁ, ବରଂ ଏହା ହେଉଛି ଖଣି ଭରା ଅଞ୍ଚଳ କୋଇଡା ବ୍ଲକ୍‌ର ଟେନସା ସହରର। ଦ୍ୱିତୀୟ କାଶ୍ମୀର ଭାବରେ ପରିଚିତ ଏ ସହରରେ କେଉଁ ଆଦି କାଳରୁ ଏଠାରେ ଏମିତି ଦିନ ରାତି ଘନ କୁହୁଡିର ଆସ୍ତରଣ ଦେଖିବାକୁ ମିଳିଥାଏ । ବହୁ ବାହାର ରାଜ୍ୟ ପର୍ଯ୍ୟଟକମାନେ ଏଠାରେ ପ୍ରକୃତିକୁ ଉପଭୋଗ କରିବାକୁ ଆସନ୍ତି । ସେଥିପାଇଁ ରହିଛି ପ୍ରକୃତି ନିବାସ ପର୍ଯ୍ୟଟନ ସ୍ଥଳୀ । କୁହୁଡି ଦେଖିବାକୁ ଯେତେ ଆନନ୍ଦ ଦାୟକ ସେତିକି ଏଠାକାର ଲୋକଙ୍କ ପାଇଁ ଦୁଃଖ ମଧ ଆଣିଦିଏ । କାରଣ ଖଣି ଅଞ୍ଚଳ ହେତୁ ରାସ୍ତାରେ ଅହ ରହ ଗାଡି ଯାତାୟତ କରନ୍ତି। କିନ୍ତୁ ଭିଜିବିଲିଟି ନହେବାରୁ ବହୁ ସମୟରେ ଦୁର୍ଘଟଣା ମଧ ଘଟିଥାଏ । ହେଲେ ସବୁପରେ ବି ବହୁ ମନୋରମ ଓ ଆନନ୍ଦ ରହିଛି ଏ କୁହୁଡିର ଚାଦର ।



# ଗୁଣାତ୍ମକ ବୃକ୍ଷରୋପଣ କର୍ମଶାଳା




ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ଇକୋ କ୍ଲବ ଓ ବେଲପାହାଡ଼ ଟିଆରଏଲ କ୍ରୋସାକି କମ୍ପାନୀର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଟିଆରଏଲ କ୍ରୋସାକି ଏମ୍ପ୍ଲୋଇ କ୍ଲବଠାରେ ଗୁଣାତ୍ମକ ବୃକ୍ଷରୋପଣର ବୈଷୟିକ ଦିଗ ଗୁଡ଼ିକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଡିଏଫ୍‌ଓ ମନୁ ଅଶୋକ ଭଟ୍ଟ, ସମ୍ମାନିତ ଅତିଥି ଭାବେ ଟିଆରଏଲ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ଡ. ତାରାପଦ ଦାସ, ଜିଲା ପ୍ଲାଣ୍ଟେସନ ମନିଟରିଂ କମିଟିର ଅଧକ୍ଷ ତଥା ଜିଲା ଇକୋ କ୍ଲବର ମୁଖ୍ୟ ସଂଯୋଜକ ପ୍ରହଲ୍ଲାଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶ୍ରୀଭଟ୍ଟ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଟିଆରଏଲ କ୍ରୋସାକି ବରିଷ୍ଠ ଅଧିକାରୀ ସାଗର ମହାପାତ୍ର ବିଭିନ୍ନ ପ୍ରକାରର ଔଷଧୀୟ ଓ ଫଳମୂଳ ବୃକ୍ଷରୋପଣ, ବୃକ୍ଷରୋପଣ ଦ୍ୱାରା ମଣିଷ ସମାଜ ତଥା ଜୀବଜଗତରେ ହେଉଥିବା ସୁପ୍ରଭାବ ଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏଥିରେ ବିଶେଷ ଭାବେ ଟିଆରଏଲ କ୍ରୋସାକି ସମେତ ଓପିଜିସି, ଏମସିଏଲ, ଜେଏସଡବ୍ଲୁ, ଏଲଏନ ମେଟାଲିକ୍ସ, ଏମଏମସି ପାୱାର, ଅପାର ଇଣ୍ଡଷ୍ଟ୍ରିଜ୍ ଆଦି କମ୍ପାନୀ ସହିତ ବିଭିନ୍ନ ଅନୁଷ୍ଠାନର ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ସୁଶାନ୍ତ ଦାଶ, ପ୍ରଦୀପ ନାଏକ, ବନ୍ଦନା ପଶାୟତ, ରିଶ୍ମୀ ଜାମଡୁଲିଆ, ତାପସ ରାଏ ଚୌଧୁରୀ, ତ୍ରିନାଥ ଗୁଆଲ, ବିଜୟ ବେହେରା, ସୁଜାତା ସାହୁ, ବିକାଶ ବାରିକ, ବରୁଣ ବେହେରା, ପିଭି ରେଡ୍ଡି, ଜେକେ ଶର୍ମା, ଶଶାଙ୍କ ଦୀକ୍ଷିତ, ସୁମନ ପ୍ରକାଶ ହରୋ, ପ୍ରଜ୍ୱଳ ପଟେଲ, ଏରିଲ ବାର୍ଜୋ, ନରେଶ ନାଏକ, ଅଭିଷେକ ଲାଠ, ସୁଧାଂଶୁ ରାଉତ, ହମିଦ ମହାପାତ୍ର, କୁଶ ସା, ପଞ୍ଚାନନ ପାଣିଗ୍ରାହୀ ପ୍ରମୁଖ ସାମିଲ ରହିଥିଲେ। କାର୍ଯ୍ୟକ୍ରମକୁ ଟିଆରଏଲ କ୍ରୋସାକି ବରିଷ୍ଠ ଅଧିକାରୀ ଡ. ସନ୍ତୋଷ ମିଶ୍ର ସଞ୍ଚାଳନ କରିଥିବା ବେଳେ ଶେଷରେ ଦୀପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୫୩ତମ ଗଜପତି ଜିଲ୍ଲା ପରିଷଦ ବୈଠକ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ୫୩ତମ ଗଜପତି ଜିଲ୍ଲା ପରିଷଦ ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ପରିଷଦ ସଭାପତି ଶ୍ରୀଯୁକ୍ତ ଗାବାରା ତିରୁପତି ରାଓ ଅଧକ୍ଷତା କରିଥିବା ବେଳେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ପରିଷଦର ଉପାଧକ୍ଷା ଶ୍ରୀମତୀ କୁନ୍ତଳା ମଲ୍ଲିକ, ବିଧାୟକ ମୋହନା ଦାଶରଥି ଗମାଙ୍ଗ, ବିଧାୟକ ପାରଳାଖେମୁଣ୍ଡି ରୁପେଶ କୁମାର ପାଣିଗ୍ରାହୀ , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶଙ୍କର କେରକେଟା ଓ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ ପ୍ରମୁଖ ମଞ୍ଚାସୀନ ଥିବାବେଳେ ଜିଲ୍ଲାର ସମସ୍ତ ଜିଲ୍ଲା ପରିଷଦର ସଭ୍ୟ/ସଭ୍ୟା , ପଞ୍ଚାୟତ ସମିତି ଅଧକ୍ଷ/ଅଧକ୍ଷା, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସରକାରଙ୍କ ସମସ୍ତ ଯୋଜନା ଗୁଡ଼ିକ ଗଜପତି ଜିଲ୍ଲାର କାର୍ଯ୍ୟକାରୀ କରିବା ସହିତ ଯେଉଁ ଲକ୍ଷ୍ୟ ରହିଛି ତାହା ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଛି ଏବଂ ଆଗକୁ ମଧ ସଫଳତାର ସହିତ କାର୍ଯ୍ୟକାରୀ ଚାଲୁରହିବ ବୋଲି ସମସ୍ତ ଅତିଥି ଗଣ କହିଥିଲେ। ଏହି ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ବିଭାଗ ତଥା ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ , ଗ୍ରାମ୍ୟ ଉନ୍ନୟନ ବିଭାଗ , ରାସ୍ତା ଓ କୋଠାବାଡି , କୃଷି ଓ କୃଷକ ସଶକ୍ତି କରଣ , ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ , ଖାଦ୍ୟ ଯୋଗାଣ , ଜଳ ସେଚନ ପ୍ରକଳ୍ପ , ମେଗା ଜଳସେଚନ , କ୍ଷୁଦ୍ର ଜଳସେଚନ , ଛେଳିଗଡ ପ୍ରକଳ୍ପ , ଉଦ୍ୟାନ , ଜଳ ଛାୟା , ପଶୁ ସମ୍ପଦ , ମତ୍ସ୍ୟ ବିଭାଗ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଏବଂ ବିପଣନ ସଂସ୍ଥା , ଓଡ଼ିଶା ଜୀବିକା ମିଶନ , ମିଶନ ଶକ୍ତି , ସମାଜ କଲ୍ୟାଣ ଓ ଶିଶୁ କଲ୍ୟାଣ ବିକାଶ , ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି,ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା , ଜଙ୍ଗଲ ଓ ପରିବେଶ , ଶ୍ରମ ଓ ନିଯୁକ୍ତି,ଅବକାରୀ, ପରିବହନ , ବିଦ୍ୟୁତ, ଗ୍ରାମ୍ୟ ସାମାଜିକ ନିରାପତ୍ତା ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।



ବେଲପାହାଡ (ଭାସ୍କର ନ୍ୟୁଜ୍): ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ଭିକମପାଲି ମା ପଦ୍ମାସିନି ମନ୍ଦିର ପ୍ରାଙ୍ଗଣରେ ଦ୍ୱିତୀୟ ବୁଦ୍ଧ ଭାବରେ ପରିଚିତ ଗୁରୁ ପଦ୍ମ ସମ୍ଭବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗୁରୁ ପଦ୍ମସମ୍ଭବ ଜନ୍ମପୀଠ ସୁରକ୍ଷା ଟ୍ରଷ୍ଟ ଆନୁକୂଲ୍ୟରେ ଦୁଇ ଦିନ ଧରି ମହାସମାରୋହରେ ଏହି ଜୟନ୍ତୀ ଉତ୍ସବ ପାଳନ କରାଯାଉଛି। ଏଥିପାଇଁ ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଛି। ଏହି ଜୟନ୍ତୀ ସମାରୋହରେ ଗଜପତି ଜିଲ୍ଲା ଜିରାଙ୍ଗ ସ୍ଥିତ ପଦ୍ମ ସମ୍ଭବ ମହାବିହାରର ଅଧକ୍ଷ ଗୁରୁ ଗ୍ୟେଟୁଲ ଜିଗ୍ମେ ରିମ୍ପୋଚେ ଏବଂ ୩୦ ଜଣ ବୌଦ୍ଧ ଭିକ୍ଷୁ ଯୋଗଦେଇଛନ୍ତି। ସେହିପରି ବିଶିଷ୍ଟ ଐତିହାସିକ ଡକ୍ଟର ପ୍ରବୀର ପଟ୍ଟନାୟକ, ଭାଷାବିତ ସୁବ୍ରତ ପୃଷ୍ଟି, ସୂଚନା ଏବଂ ଲୋକ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ସରୋଜ କୁମାର ସାମଲ ମଧ ଯୋଗଦେଇଛନ୍ତି। ଶୁକ୍ରବାର ସକାଳେ ଭିକମପାଲିରେ ଏକ ଭବ୍ୟ ଶୋଭାଯାତ୍ରା ଯାଇ ମା ପଦ୍ମାସିନି ମନ୍ଦିର ପ୍ରାଙ୍ଗଣ ସଭାସ୍ଥଳରେ ପହଞ୍ଚିଥିଲା। ବୌଦ୍ଧ ସନ୍ନ୍ୟାସୀ ଏବଂ ଭିକ୍ଷୁଙ୍କ ଦ୍ୱାରା ମନ୍ତ୍ରୋଚାରଣ କରାଯାଇ ଗୁରୁ ପଦ୍ମ ସମ୍ଭବଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏହାସହ 'ଗୁରୁ ପଦ୍ମସମ୍ଭବ ଓ ପଦମପୁର' ଶୀର୍ଷକ ବିଷୟ ବସ୍ତୁ ଉପରେ ଆଲୋଚନା କରା ଯାଇଛି। ସନ୍ଧ୍ୟାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ସୋମ୍ୟ ରଞ୍ଜନ ପଟ୍ଟନାୟକ ଏହି ଜୟନ୍ତୀ ସମାରୋହରେ ଯୋଗଦେଇ ଗୁରୁ ପଦ୍ମ ସମ୍ଭବଙ୍କ ବୁଦ୍ଧ ଧର୍ମର ପୁନଃ ସ୍ଥାପନ ଓ ପ୍ରଚାର ପ୍ରସାର ଦିଗରେ ଆଲୋକପାତ କରିଛନ୍ତି। ମହାଗୁରୁ ପଦ୍ମ ସମ୍ଭବ ଜନ୍ମ ଝାରସୁଗୁଡା ଜିଲ୍ଲାର ପଦ୍ମପୁରରେ ହୋଇଥିବାରୁ କେବଳ ଝାରସୁଗୁଡା ଜିଲ୍ଲା ନୁହେଁ ସମଗ୍ର ଓଡିଶା ଗର୍ବିତ। ତାଙ୍କର ଏହି ପବିତ୍ର ସ୍ଥଳୀର ବିକାଶ ଏବଂ ପ୍ରଚାର ପ୍ରସାର ଦିଗରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯିବ ବୋଲି କହିଛନ୍ତି ମନ୍ତ୍ରୀ ଏବଂ ସାଂସଦ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରବାସୀ ଭାରତୀୟ...

ସେମାନଙ୍କର ଅତୁଳନୀୟ ଅବଦାନ ପାଇଁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ପ୍ରଶଂସା କରି କହିଥିଲେ ଯେ ତ୍ରିନିଦାଦ ଏବଂ ଟୋବାଗୋରେ ଥିବା ଭାରତୀୟ ପ୍ରବାସୀମାନେ ଏହାର ଭାରତୀୟ ସାଂସ୍କୃତିକ ମୂଳ ଏବଂ ପରମ୍ପରାକୁ ସଂରକ୍ଷଣ ଓ ପୋଷଣ କରିଚାଲିଛନ୍ତି। ଏହି ବନ୍ଧନକୁ ଆହୁରି ମଜବୁତ କରିବା ପାଇଁ, ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ ଏବେ ତ୍ରିନିଦାଦ ଏବଂ ଟୋବାଗୋରେ ଭାରତୀୟ ବଂଶୋଦ୍ଭବ ଲୋକଙ୍କ ଷଷ୍ଠ ପିଢ଼ିକୁ ଓସିଆଇ କାର୍ଡ ପ୍ରଦାନ କରାଯିବ। ଏହି ବିଶେଷ ପଦକ୍ଷେପକୁ ଜୋରଦାର କରତାଳି ସହିତ ସ୍ୱାଗତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଏହା ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ଭାରତ ସରକାର ଗିର୍ମିଟିଆ ଐତିହ୍ୟକୁ ସଂରକ୍ଷିତ କରିବା ପାଇଁ ଅନେକ ପଦକ୍ଷେପକୁ ସମର୍ଥନ କରିବ। ପ୍ରଧାନମନ୍ତ୍ରୀ ଭିତ୍ତିଭୂମି, ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ, ସବୁଜ ପଥ, ମହାକାଶ, ନବସୃଜନ ଏବଂ ଷ୍ଟାର୍ଟ-ଅପ୍ କ୍ଷେତ୍ରରେ ଭାରତର ଦ୍ରୁତ ବିକାଶ ଏବଂ ପରିବର୍ତ୍ତନକୁ ଉଲ୍ଲେଖ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଗତ ଏକ ଦଶନ୍ଧିରେ ଭାରତ ୨୫୦ ନିୟୁତରୁ ଅଧିକ ଲୋକଙ୍କୁ ଅତି ଦାରିଦ୍ର୍ୟରୁ ମୁକ୍ତ କରି ସମନ୍ୱିତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି। ଭାରତର ଅଭିବୃଦ୍ଧି କାହାଣୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ସେ ଉଲ୍ଲେଖ କରିଥିଲେ ଯେ ଦେଶ ଖୁବ୍ ଶୀଘ୍ର ବିଶ୍ୱର ଶ୍ରେଷ୍ଠ ତିନୋଟି ଅର୍ଥନୀତି ମଧ୍ୟରେ ସାମିଲ ହେବ। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଏଆଇ ସେମିକଣ୍ଡକ୍ଟର ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଉପରେ ଜାତୀୟ ମିଶନ ଦେଶର ଅଭିବୃଦ୍ଧିର ନୂତନ ଇଞ୍ଜିନ୍ ହେଉଛି। ଭାରତରେ ୟୁପିଆଇ ଆଧାରିତ ଡିଜିଟାଲ୍ ପେମେଣ୍ଟର ସଫଳତାକୁ ରେଖାଙ୍କିତ କରି, ସେ ଆଶା ପ୍ରକାଶ କରିଥିଲେ ଯେ ତ୍ରିନିଦାଦ ଏବଂ ଟୋବାଗୋରେ ଏହାର ଗ୍ରହଣ ସମାନ ଭାବରେ ଉତ୍ସାହଜନକ ହେବ। ଭାରତର ପୁରୁଣା ଦର୍ଶନ ବସୁଧୈବ କୁଟୁମ୍ବକମ୍, ଅର୍ଥାତ୍ ବିଶ୍ୱ ଗୋଟିଏ ପରିବାର, କୋଭିଡ୍ ମହାମାରୀ ସମୟରେ ସ୍ପଷ୍ଟ ଭାବରେ ପ୍ରଦର୍ଶିତ। ଏହା ସହିତ ସେ ପ୍ରଗତି ଏବଂ ରାଷ୍ଟ୍ର ନିର୍ମାଣ ପାଇଁ ଟି ଆଣ୍ଡ ଟି କୁ ନିରନ୍ତର ସମର୍ଥନ ପ୍ରଦାନ କରିଥିଲେ। ୪୦୦୦ ରୁ ଅଧିକ ଲୋକଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଆକର୍ଷଣୀୟ କାର୍ଯ୍ୟକ୍ରମରେ ମହାତ୍ମା ଗାନ୍ଧୀ ସାଂସ୍କୃତିକ ସହଯୋଗ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ସଂଗଠନର କଳାକାରମାନଙ୍କ ଦ୍ୱାରା ଏକ ମନମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

### ପୁରୀ ହେବ...

ରାଜ୍ୟର ମୁଖ୍ୟ ସେବକଭାବେ ରାଜ୍ୟବାସୀ ମୋତେ ଯେଉଁ ଗୁରୁଦାୟିତ୍ୱ ଅର୍ପଣ କରିଛନ୍ତି, ସେଥିମଧ୍ୟରୁ ଗୋଟିଏ ହେଉଛି ପୁରୀବାସୀଙ୍କୁ ଗୁଣାତ୍ମକ ମୌଳିକ ସୁବିଧା ପ୍ରଦାନ କରିବା। ପୁରୀ ସହରକୁ ନୂତନ ଢାଞ୍ଚାର ଆବଶ୍ୟକତା ରହିଛି। ଆଖପାଖର ୧୦ଟି ଗ୍ରାମ ପଞ୍ଚାୟତକୁ ଏହି ମହାନଗର ନିଗମରେ ସାମିଲ କରାଯିବ। ଫଳରେ ଏହି ପଞ୍ଚାୟତବାସୀ ସହରପରି ସୁବିଧା ପାଇପାରିବେ। ଶନିବାରଠାରୁ ଏ ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଶ୍ରୀ ମାଝୀ କହିଥିଲେ।

### ଆଜି ବାହୁଡ଼ିବେ...

ଉପସ୍ଥିତ ରହି ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ପୋଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ କହିଥିଲେ ଯେ ପ୍ରବଳ ଭକ୍ତ ଭିଡ ହୋଇଛି। ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କୁ ଭକ୍ତ ମାନେ ଦର୍ଶନ କରୁଛନ୍ତି। ସବୁ ସ୍ଥାନରେ ପୋଲିସ ମୁତୟନ ଅଛନ୍ତି। ଲୋକଙ୍କ ସହଯୋଗ ଆମେ ପାଉଛୁ। ମୁଁ ଆଶା କରୁଛି ଭକ୍ତ ମାନେ ଭଲରେ ଦର୍ଶନ ପାଇବେ। ବାହୁଡ଼ା ଯାତ୍ରା ପାଇଁ ଆମର ସବୁ ପ୍ରସ୍ତୁତି ସରିଛି। ଉଭୟ ବାହୁଡ଼ା ଓ ସୁନା ବେଶ୍ ପାଇଁ ଟ୍ରାଫିକ ନିୟମାବଳୀ ଜାରି କରାଯାଇଛି। ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି, ଯେଉଁ ମାନେ ବାହୁଡ଼ା ଯାତ୍ରା ପାଇଁ ପୁରୀ ଅଭିମୁଖେ ଆସୁଛନ୍ତି ସେମାନେ ପୋଲିସ ପକ୍ଷରୁ ଜାରି କରାଯାଇଥିବା ଟ୍ରାଫିକ ନିୟମାବଳୀକୁ ପାଳନ କରନ୍ତୁ। ଭଲରେ ମହାପ୍ରଭୁଙ୍କ ଦର୍ଶନ ସହ ଆଶୀର୍ବାଦ ଲାଭ କରନ୍ତୁ। ପୁରୀ ଏସପି ପିନାକ ମିଶ୍ର କହିଛନ୍ତି ହଜାର ହଜାର ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଶୁକ୍ରବାର ଦିନ ମହାପ୍ରଭୁଙ୍କ ମଙ୍ଗଳ ଆଳତି ନୀତି ପରେ ମଧ ମହାପ୍ରଭୁଙ୍କ ଦର୍ଶନ କରୁରିନ୍ତି ଭକ୍ତ। ମହାପ୍ରଭୁଙ୍କ ନୀତିକାନ୍ତି ସଠିକ୍ ସମୟରେ ଚାଲିଛି। ଯେହେତୁ ମହାପ୍ରଭୁଙ୍କ ନବମୀ ଦର୍ଶନ, ଏଣୁ ବହୁତ୍ ଭକ୍ତଙ୍କ ଭିଡ ରହିଛି। ତେବେ ବାହୁଡ଼ା ଦିନ ଏହା ପୂର୍ବରୁ ମହାପ୍ରଭୁଙ୍କ ଅନେକ ନୀତିକାନ୍ତି ରହିଥାଏ। ଏଣୁ ଏହାର ପ୍ରସ୍ତୁତି ନିମନ୍ତେ ଶୁକ୍ରବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦର୍ଶନ ସମୟ ନିର୍ଦ୍ଧାରଣ କରାଯାଇଥିଲା। ବାହୁଡା ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପୋଲିସ ବ୍ୟବସ୍ଥା ହୋଇଛି। ରଥର ଭିତର କର୍ଡନ ବ୍ୟବସ୍ଥା, ସାଧାରଣ କର୍ଡନ ବ୍ୟବସ୍ଥା, ରଥ ଟଣା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଟ୍ରାଫିକ ଓ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହିତ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି। ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣା କହିଛନ୍ତି ଯେ ମହାପ୍ରଭୁଙ୍କ ଦର୍ଶନକୁ ଶୃଙ୍ଖଳିତ କରିବା ପାଇଁ ସବୁ ବ୍ୟବସ୍ଥା ହୋଇଛି। ମହାପ୍ରଭୁଙ୍କ ସବୁ ନୀତିକାନ୍ତି ଠିକରେ ଚାଲିଛି। ବାହୁଡ଼ା ଯାତ୍ରା ପାଇଁ ପୁରୀକୁ ଭକ୍ତଙ୍କ ଆଗମନ ବୃଦ୍ଧି ପାଇବାରେ ଲାଗିଛି। ତେବେ ଆମେ ମଧ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛୁ। ଭକ୍ତମାନେ କିଭଳି ଭଲରେ ମହାପ୍ରଭୁଙ୍କ ଦର୍ଶନ ପାଇବେ ସେ ନେଇ ସବୁ ପ୍ରକାର ବ୍ୟବସ୍ଥା ହୋଇଛି। ତେବେ ବାହୁଡ଼ା ଦିନ ଶ୍ରୀମନ୍ଦିର ସିଂହଦ୍ୱାରରେ ରଥ ପହଞ୍ଚିବା ଆବଶ୍ୟକ ଥିବାରୁ ରଥ ଭିତର କର୍ଡନରେ ଯେତିକି ଆବଶ୍ୟକ ଲୋକ ସେତିକି ହିଁ ରହିବେ। ଏହା ଉପରେ ଆମେ ବେଶୀ ଗୁରୁତ୍ୱ ଦେଉଛୁ। ଜନ୍ମବେଦୀରୁ ଶ୍ରୀମନ୍ଦିର ଫେରିବେ ୩ ଠାକୁର। ଶ୍ରୀଜଗନ୍ନାଥ ମହାପ୍ରଭୁ ଭୋଜନପ୍ରିୟ। ସେଥିପାଇଁ ତାଙ୍କ ନିକଟରେ ପ୍ରତିଦିନ ୬୦ ପଉଟି ଭୋଗ ଓ ୫୬ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ତଥାପି ପିଠା ଖାଇବା ପାଇଁ ତାଙ୍କର ଥାଏ ବିଶେଷ ଅଭିରୁଚି। ପ୍ରତିଦିନ ତାଙ୍କ ପାଖରେ ପିଠା ଭୋଗ କରାଯାଏ। ବର୍ତ୍ତମାନ ଆଡ଼ପ ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାବିଗ୍ରହ। ବାହୁଡ଼ା ଯାତ୍ରା ଦିନ ମାଉସୀ ମା' ପାଖରୁ ପୋଡ଼ ପିଠା ଖାଇବେ ମହାପ୍ରଭୁ। ଏଥିପାଇଁ ପ୍ରସ୍ତୁତ କରାଯାଉଛି ସୁଆଦିଆ ପୋଡ଼ପିଠା। ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଭାଦ୍ରବ ମାସ ଅମାବାସ୍ୟା ପୂର୍ବଦିନ ମହାପ୍ରଭୁ ଦେବୀ ଦକ୍ଷିଣକାଳୀଙ୍କୁ ଆଜ୍ଞାମାଳ ଦେଇ ସାତପୁରୀ ପିଠା କରିବା ପାଇଁ ଆଜ୍ଞା ଦେଇଥାନ୍ତି। ତାଙ୍କ ଆଜ୍ଞାକୁ ପାଳନ କରି ଦେବୀ ଦକ୍ଷିଣକାଳୀ ଅମାବାସ୍ୟା ଦିନ ତିନୋଟି ତାଡ଼ରେ ସାତ ପ୍ରକାର ପୁରଦିଆ ସୁଆଦିଆ ପିଠା ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଖୁଆଇଥାନ୍ତି। ସେହିପରି ମକର ସଂକ୍ରାନ୍ତି ଦିନ ସ୍ୱୟଂ ମହାଲକ୍ଷ୍ମୀ ୮୪ ପ୍ରକାରର ପିଠା ପ୍ରସ୍ତୁତ କରି ମହାପ୍ରଭୁଙ୍କ ମଣୋହି କରାଇଥାନ୍ତି। ଏହାବ୍ୟତୀତ ଠାକୁରଙ୍କ ପାଖରେ ପ୍ରତିଦିନ ବିଭିନ୍ନ ପ୍ରକାର ପିଠା ଭୋଗ ଲାଗିଥାଏ। ଏସବୁ ସତ୍ତ୍ୱେ ମାଉସୀ ମା'ଙ୍କଠାରୁ ପୋଡ଼ପିଠା ଖାଇବା ପାଇଁ ମହାପ୍ରଭୁ ଅପେକ୍ଷା କରିଥାନ୍ତି। ଆଷାଢ ଶୁକ୍ଳ ଦ୍ୱିତୀୟାରେ ନବନିର୍ମିତ ତିନିରଥରେ ଘୋଷଯାତ୍ରାରେ ଆସି ଜନ୍ମବେଦିରେ ୭ଦିନ ରହିବା ପରେ ନବମ ଦିନ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଥାନ୍ତି। ଏପଟେ ମାଉସୀ ମା' ମଧ ପିଲାମାନଙ୍କ ଫେରିବା ବାଟକୁ ଚାହିଁ ରହିଥାନ୍ତି। ରଥଗୁଡ଼ିକ ମାଉସୀ ମା' ମନ୍ଦିର ପାଖରେ ଅଟକିଯାଏ। ମାଉସୀ ମା'ଙ୍କ ପକ୍ଷରୁ ସେଠାରେ ଛେନା ପୋଡ଼ପିଠା ଭୋଗ ଲାଗେ। ଏହି ଭୋଗର ପ୍ରସ୍ତୁତି ହେରା ପଞ୍ଚମୀଠାରୁ ଆରମ୍ଭ ହୋଇଥାଏ। ଅଟା, ଛେନା, ଚିନି, ଘିଅ ପ୍ରଭୃତି ସାମଗ୍ରୀ ଦ୍ୱାରା ମାଟିହାଣ୍ଡିରେ ଚୁଲିରେ ବସାଇ ଏକ ସ୍ୱତନ୍ତ୍ର ଶୈଳୀରେ ଏହି ପିଠା ପ୍ରସ୍ତୁତ ହୋଇଥାଏ। ବାହୁଡା ଯାତ୍ରା ଦିନ ଠାକୁରମାନଙ୍କ ତିନିରଥରେ ଭୋଗ ଲାଗିବା ପରେ ଭକ୍ତମାନେ ଏହି ପୋଡ଼ପିଠା ପାଇ ଧନ୍ୟ ମଣିଥାନ୍ତି। ଶନିବାର ବାହୁଡ଼ା ଓ ରବିବାର ସୁନାବେଶ ପାଇଁ ଶୁକ୍ରବାରଠାରୁ ନୀତିକୁ ଶୃଙ୍ଖଳିତ କରାଯାଉଛି। ସେବାୟତ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ସ୍ଥାପନ କରି ନୀତି ଓ ଦର୍ଶନକୁ ବ୍ୟବସ୍ଥିତ କରାଯାଉଥିବା କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଶୁକ୍ରବାର ପୁରୀ ଗୁଣ୍ଡିଚା ଘରେ ସେବାୟତ ଓ ପ୍ରଶାସନ ମଧରେ ମନ୍ତ୍ରୀ ଆଲୋଚନା କରିବା ସହ ଇଣ୍ଟିଗ୍ରେଟେଡ଼ କମାଣ୍ଡ କଣ୍ଟ୍ରୋଲରୁମରୁ ସମସ୍ତ ବ୍ୟବସ୍ଥା ସମ୍ପର୍କ ରେ ସମୀକ୍ଷା କରିଥିଲେ। ମହାପ୍ରଭୁଙ୍କର ପବିତ୍ର ବାହୁଡ଼ା ଯାତ୍ରା ଏବଂ ସୁନାବେଶ ସହିତ ସମ୍ପୃକ୍ତ ସମସ୍ତ ସେବାୟତ ସମୟ ଅନୁଯାୟୀ ନୀତି କାନ୍ତି କରିବେ। ରଥଯାତ୍ରା ଓ ନୀତିକାନ୍ତି ନେଇ ରାଜନୀତି କରୁଥିବା ଲୋକଙ୍କୁ ଉତ୍ତର ଦେବା ପାଇଁ ମୁଁ ଉତ୍ତରଦାୟୀ ନୁହେଁ। ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ। ଏ ଆଇ କ୍ୟାମେରା ଲାଗିଛି। କମାଣ୍ଡ କଣ୍ଟ୍ରୋଲ ରୁମ୍‌ରୁ ଅନୁଧ୍ୟାନ କରାଯାଉଛି। ଚଳିତ ଥର ପ୍ରଥମ ଥର ପାଇଁ ଏହି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇଛି। ଟ୍ରାଫିକ ଓ ଗହଳି ନିୟନ୍ତ୍ରଣ ପାଇଁ ଏହା ବେଶ୍ ସହାୟକ ହେଉଛି। ଆଡପ ମଣ୍ଡପରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢୁଛି। ମନୁଷ୍ୟକୃତ ଭୁଲ୍ ଯୋଗୁ ଗୁଣ୍ଡିଚା ମନ୍ଦିର ଠାରେ ଅଘଟଣ ଘଟିଥିଲା। ତେବେ କ୍ୟାମେରା ଲାଗି ନଥିବା କଥାକୁ ମନ୍ତ୍ରୀ ଏଡାଇ ଯାଇ ଥିଲେ। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

## ପାଟପୁର ଶାସନ ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ ଅପରାଜିତାଙ୍କ ଦ୍ୱାରା ଉଦଘାଟିତ

ବୋଲଗଡ଼(ଭାସ୍କର ନ୍ୟୁଜ୍): ବୋଲଗଡ଼ ଏବଂ ବେଗୁନିଆରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ ଏବଂ ଶିଳାନ୍ୟାସ କରାଯାଇଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ କରକମଳରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ଶିଳାନ୍ୟାସ ହୋଇଛି। ଡ଼ାବରଧୁଆ ପଞ୍ଚାୟତରେ ୪୬ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଉଦଘାଟନ କରିଛନ୍ତି ସାଂସଦ। ଦୀର୍ଘଦିନ ଧରି ପଞ୍ଚାୟତବାସୀ ଭଲ ସ୍ୱାସ୍ଥ୍ୟ ସେବା ପାଇଁ ଦୂରଦୂରାନ୍ତକୁ ଯିବାକୁ ପଡୁଥିଲା। ବିଶେଷ କରି ଭୁବନେଶ୍ୱରରେ ଥିବା ଡାକ୍ତରଖାନା ଉପରେ ପଞ୍ଚାୟତବାସୀ ନିର୍ଭର କରୁଥିଲେ। ତେବେ ନୂତନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଦ୍ୱାରା ସମସ୍ୟାର ସମାଧାନ ହୋଇଛି। ୯ଟି ଗାଁ ପାଖାପାଖି ୧୦ ହଜାର ଏହା ଦ୍ୱାରା ଉପକୃତ ହେବେ। ଅତି ପାଖରୁ ଲୋକମାନେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପାଇପାରିବେ। ରକ୍ତହୀନତା, ମ୍ୟାଲେରିଆ, ଡେଙ୍ଗୁ, ହେପାଟାଇଟ-ବି, ଟିବି ଭଳି ରୋଗର ଚିକିତ୍ସା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ହୋଇପାରିବ। ସେହିପରି ବୋଲଗଡ଼ ବ୍ଲକର ପାଟପୁର ଶାସନ ପଞ୍ଚାୟତରେ ପାନୀୟ ଜଳ ଯୋଗାଣର ଶୁଭ ଉଦଘାଟନ ହୋଇଛି। ଏକ ହଜାର ଘରକୁ ଜଳ ଯୋଗାଣ ଫଳରେ ଅଞ୍ଚଳର ୭ ହଜାର ଲୋକ ଉପକୃତ ହେବେ। ଅନେକ ଦିନ ଧରି ଲୋକମାନେ ପାନୀୟ ଜଳ କଷ୍ଟ ଭୋଗୁଥିଲେ। ଏ ବିଷୟରେ ସାଂସଦ ଅବଗତ ହେବା ପରେ ଜଳ କଷ୍ଟ ଦୂର ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ବାହାର କରିଥିଲେ। ଏବେ ତାହା ବାସ୍ତବ ରୂପ ନେଇଛି ଏବଂ ଅଞ୍ଚଳବାସୀଙ୍କ ପାନୀୟ ଜଳ କଷ୍ଟ ଦୂର ହୋଇଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ସାଂସଦଙ୍କ ପ୍ରତିନିଧୀ ବିଦ୍ୟୁତ କାଣ୍ଡି, ଅଧିକ୍ଷଣ ଯନ୍ତ୍ରୀ ରଶ୍ମିତା ଦାଶ, ବୋଲଗଡ଼ ଏବଂ ବେଗୁନିଆର ବିଡ଼ିଓ ପ୍ରମୁଖ ଉପସ୍ଥିତ ଥିଲେ।


**OFFICE OF THE MUNICIPAL COUNCIL, MALKANGIRI**
**Odisha, Pin-764045, Ph: 06861-230244, e-Mail: malkangiri@ulborissa.gov.in**

**ନିବେଦନ**

ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।

୦୧: ସହରର ସମସ୍ତ ନାଗରିକ/ବ୍ୟବସାୟୀ ନିଜ ନିଜର ଗୃହବ୍ୟବସାୟ ପ୍ରତିଷ୍ଠାନ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ ପୃଥକ ଭାବେ (ଓଦା/ଶୁଖିଲା) ସଂଗୃହିତ କରି ରଖିବେ ଏବଂ ତା ପରଦିନ ପୂର୍ବାହ୍ନରେ ପରିଷଦର ଆବର୍ଜନା ବାହନରେ ପକାଇବେ।

୦୧: କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା- ଗାଇ,ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।

୦୩. ଦୁଇ ଚକିଆ ଓ ଚାରି ଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ।

୦୪: ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ

୦୫: ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।

୦୬: ସହରକୁ ସୁସ୍ଥ ଏବଂ ନିର୍ମଳ ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ, ତେଣୁ ନିଜ ନିଜର କର୍ତ୍ତବ୍ୟ ପାଳନ କରି ପରିଷଦଙ୍କୁ ସହଯୋଗ ପ୍ରଦାନ କରନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ଏବଂ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

| ଉପାଧ୍ୟକ୍ଷା | ଅଧ୍ୟକ୍ଷ | କାର୍ଯ୍ୟନିର୍ବାହୀ ଅଧିକାରୀ |
|---|---|---|
| ପୌର ପରିଷଦ, ମାଲକାନଗିରି | ମାଲକାନଗିରି ପୌର ପରିଷଦ, | ମାଲକାନଗିରି ପୌର ପରିଷଦ, |



**Government of Odisha, Department of Water Resources**
**OFFICE OF THE EXECUTIVE ENGINEER**
**KANDHAMAL IRRIGATION DIVISION, PHULBANI**
e-Mail: kidphulbani@gmail.com

**A-340**

e-Procurement Notice No. EE, KID-02/2025-26

The Executive Engineer, Kandhamal Irrigation Division, Phulbani on behalf ofGovernor of Odisha invites on-line percentage rate tender through e-procurement for execution of the following works. The authority reserves the right to reject or accept any or all the tenders without assigning any reason thereof.

| | | | |
|---|---|---|---|
| 1 | Nature of the work | : | Construction of Flood Protection wall etc. |
| 2 | Number of Works | : | 01 Nos. |
| 3 | Estimated cost of Works | : | Rs.50.85 Lakh |
| 4 | Class of Contractor | : | "B" Class |
| 5 | Period of Completion | : | 120 days |
| 6 | Date and Time of availability of Bid document in the portal | : | From 07.07.2025 at 10.00 hours to 21.07.2025upto17.30 hours |
| 7 | Last Date/Time for receipt of Bids in the portal | : | Dt. 21.07.2025 up to 17.30 hours |
| 8 | Bids received in online shall be opened on | : | Dt. 22.07.2025 at 11.00 hours |
| 9 | Name and address of the officer inviting bid | : | Executive Engineer, Kandhamal Irrigation Division, Phulbani |

Further details can be seen from e-Procurement portal www.tendersodisha.gov.in

Sd/- Executive Engineer
Kandhamal Irrigation Division
Phulbani

OIPR 32450/11/0005/2526



**GOVERNMENT OF ODISHA**
**MINOR IRRIGATION DIVISION, MALKANGIRI**
**OFFICE OF SUPERINTENDING ENGINEER**
E-mail ID: - midivmalkangiri@gmail.com

**A-364**

**NOTICE INVITING TENDER**
E-Procurement Notice
Bid Identification No. SEMIDMKG - 01/2025-26
Letter No. 1064 Dt. 02.07.2025

The Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids through e-procurement to be received in Online Mode only for the works as detailed in the table below.

| | | | |
|---|---|---|---|
| 1. | Name of the work | : | Survey Investigation works as mentioned in the website. |
| 2. | Total Number of work | : | 01 (One) No. |
| 3. | Estimated cost | : | Approximately Rs. 13.75 lakh. |
**ବାଲିଚନ୍ଦ୍ରପୁର:0433690700018834, 18858, 18871, 18876, 18877, 18878, 18905, 18945, 18946, 18947, 18966, 18974, 18991, 18996, 18998, 19022, ବନମାଳିପୁର: 0433560700021434, 21474, 21539, 21654, ବେଗୁନିଆ: 0433800700033936, 33941, 33950, 33951, 34018, 34046, 34049, 34095, 34134, 34155, ବ୍ରହ୍ମଗିରି:0433570700025523, 25527, 25529, 25544, 25548, 25551, 25561, 25568, 25569, 25583, 25591, 25609, 25613, 2561825633, 25636, 25646, 25653, 25654. ଚନ୍ଦପୁର: 0433350700128247, 28272, 28284, 28290, 28293, 28296, 28298, 28311, 28317,28327 28328, 28329, 28364,28375, 28387, 28391, 28412,28413,28415, 28430,28436, 28477, 28478, 28482,28490, 28493, 28509, 28511,28540 28541, 28547, 28548, 28553, 28559, 28561, 28567, ଚାନ୍ଦ୍ରାସେଖରପୁରଭୁବନେଶ୍ୱର:0431590700067782, 67800,67851, 67869, 67870, 67913, 67917, 67919, 67920, 67921, 67922, 67923, 67932, 67933, 67946, 67965, 67970, 68016, 68018, 68043, 68046, 68062, 68064, 68065, 68066, 68079, 68082, 68107, 68114, 68115, 68116, 68117, 68131, 68147, ଡୁମଡୁମା:0433790700015820, 15925, 15937, 15996, 16025, 16026, 16042, 16049,ERASAMA: 0433370700072025, 72057, 72060, 72086, 72092, 72135, ଗ୍ରାଣ୍ଡରୋଡ୍‌ପୁରୀ:0432000700123207, 23208, 23209, 23210, 23211, 23212, 23236, 23241, 23265, 23311, 23313, 23317, 23320, 23321, 23337, 23359, କଳାପଥର:0433820700018531, 18545, 18559, 18560, 18615, 18667, 18726, 18727, ଖୋର୍ଧା:0433050700109301, 9426, 9427, 9441, 9454, 9476, 9506, 9533, 9549, 9550, 9580, 9581, 9582, 9583, 9589, 9592, 9610, କୁଜାଙ୍ଗ:0433030700090672, 90692, 90711, 90742, 90745, 90746, 90747, 90748, 90749, 90754, 90756, 90797, 90799, 90823, 90824, 90831, 90832, 90840, 90849, 90856, 90880, 90910, 90928, 90944, ମାଧୁପାଟନାକଟକ:0431580700064630, 64660, 64667, 64679, 64689, 64690, 64691, 64692, 64694, 64704, 64715, 64731, 64733, 64745, 64746, 64747, 64748, 64749, 64750, 64756, 64765,64766 64777, 64778, 64789, 64803, 64846, 64858, ମାର୍ଶାଘାଇ:0433680700010930, 10931, 10932, 10933, 10940, 10941, 10970, 10994, 10995, 11023, ନାଚୁନି: 0433810700046934, 46971, 47093, 47340, 47362, ନିଶ୍ଚିନ୍ତକୋଇଲି: 0433360700021334, 21379, 21399, 21401, 21402, 21419, 21562, ଫୁଲନଖରାକଟକ: 0431800700066285, 66318, 66330, 66334, 66336, 66337, 66339, 66340, 66343, 66350, 66361, 66376, 66384, 66404, 66416, 66423, 66424, 66462, 66496, 66505, 66506, 66516, 66518, 66525, 66530, 66534, 66539, 66546, 66550, 66554, 66557, 66560, 66564, 66569, 66582, 66587, 66589, 66594, 66625, 66629, 66630, 66631, 66639, 66641, 66645, 66651, ରଘୁନାଥପୁର: 0433130700036605, 36645, 36652, 36656, 36667, 36696, 36714, 36720, 36741, 36768, 36787, 36796, 36804, 36805, 36814, ରାହାମା: 0433040700074937, 74945, 74965, 74984, 74991, 74996, 75097, 75102, 75132, 75155, 75156, 75157, 75184, 75198, 75206, 75207, 75209, 75229, 75243, 75265, ରଣପୁର: 0433150700096553, 96601, 96605, 96607, 96608, 96627, 96638, 96642, 96643, 96648, 96659,96708, 96710, 96750, 96784, 96816, ସାକ୍ଷୀଗୋପାଳପୁରୀ:0431900700129538, 29546, 29562, 29572, 29580, 29599, 29605, 29670, 29702, 29715, 29730, 29765, 29787, 29801, 29812, 29841, 29908, 29914, ସାମନ୍ତରାପୁରଭୁବନେଶ୍ୱର: 0431600700072617, 72630, 72683, 72685, 72686, 72722, 72736, 72738, 72740, 72742, 72743, 72757, 72758, 72771, 72772, 72773, 72783, 72785, 72820, 72865, 72866, 72872, 72874, 72911, 72929, 72952, 72971**

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :- ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/- ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 18005729787 ନମ୍ବରକୁ ଯୋଗାଯୋଗ କରନ୍ତୁ ।

ମାନାପୁରମ୍ ଆସେଟ୍ ଫାଇନାନ୍ସ ଲିମିଟେଡ୍‌ର
କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ



ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ ଅନେକ ରୋଗର କାରଣ ପାଲଟୁଛି। ଯେଉଁ ରୋଗ ବୃଦ୍ଧାବସ୍ଥାରେ ହେଉଥିଲା ତାହା ଏବଂ କିଶୋର କିମ୍ବା ଯୁବପିଢ଼ିଙ୍କୁ ଗ୍ରାସ କରୁଛି। ସେଥିମଧ୍ୟରୁ କିଡନୀ ସମସ୍ୟା ସାଧାରଣ ହୋଇଗଲାଣି। ଏବେ ପିଲାମାନଙ୍କର ବି କିଡ୍‌ନୀ ସମସ୍ୟା ଦେଖାଗଲାଣି। ପିଲାମାନଙ୍କ କ୍ଷେତ୍ରରେ କି କି ଲକ୍ଷଣ ଦେଖାଯାଏ, ଜାଣନ୍ତୁ... ପିଲାମାନଙ୍କରେ କିଡନୀ ରୋଗର ପ୍ରାରମ୍ଭିକ ଲକ୍ଷଣ ବିଭିନ୍ନ ପ୍ରକାର ହୋଇପାରେ, ଯେପରିକି ପରିସ୍ରାରେ ପରିବର୍ତ୍ତନ, ବାରମ୍ବାର ପରିସ୍ରା ଲାଗିବା। କମ୍ ପରିସ୍ରା ହେବା କିମ୍ବା ପରିସ୍ରାରେ ରକ୍ତ ପଡିବା। ବିଶେଷତଃ ହାତ, ଗୋଡ କିମ୍ବା ମୁହଁରେ ଫୁଲା ଦେଖାଯିବା। ଏହା ବ୍ୟତୀତ ଦୁର୍ବଳତା, ଥକାପଣ ଏବଂ ଅଭିବୃଦ୍ଧିର ଅଭାବ ମଧ୍ୟ କିଡନୀ ରୋଗର ଗମ୍ଭୀର ଲକ୍ଷଣ ହୋଇପାରେ। ଯଦି ପିଲାମାନଙ୍କର ଅସ୍ଥି ଏବଂ ଗଣ୍ଠି ଯନ୍ତ୍ରଣା କିମ୍ବା ରକ୍ତହୀନତା, ବାନ୍ତି ଏବଂ ଭୋକ ହେଉ ନାହିଁ ତେବେ ତୁରନ୍ତ ଶିଶୁ ରୋଗ ବିଶେଷଜ୍ଞ କିମ୍ବା ଚାଇଲ୍ଡ ନେଫ୍ରୋଲୋଜିଷ୍ଟଙ୍କୁ ଜଣାନ୍ତୁ। ସଠିକ୍ ସମୟରେ ରୋଗ ଲକ୍ଷଣ ଚିହ୍ନଟ ହୋଇପାରିଲେ ଚିକିତ୍ସା ସହଜ ହୋଇପାରିବ। ଏଥିପାଇଁ ପ୍ରଥମେ ରୋଗର ଲକ୍ଷଣ ବାବଦରେ ଅବଗତ ହେବା ଜରୁରୀ। ସଚେତନ ରହିଲେ ରୋଗକୁ ଅନେକାଂଶରେ ପ୍ରତିହତ କରାଯାଇ ପାରିବ।

# ଟମାଟୋ ଚାଟ୍



**ସାମଗ୍ରୀ :** କଟା ଟମାଟୋ ଏକ କପ, ଘିଅ, ପିଆଜ କଟା, କଞ୍ଚା ଲଙ୍କା, ସିଝା ଆଳୁ, ଧନିଆ ପତ୍ର, ଜିରା ଗୁଣ୍ଡ, ଲେମ୍ବୁ ରସ, କଳା ଲୁଣ, କିସ୍‌ମିସ୍, ଚିନି, ଚାଟ ମସଲା, ଶୁଖୁଲା ଲଙ୍କା, ପୋଦିନା ଚଟଣି, ପନିର ।

**ପ୍ରଣାଳୀ:** ପ୍ରଥମେ ପ୍ୟାନ୍‌ରେ ଘିଅ ଗରମ କରନ୍ତୁ । ଏହାପରେ ଏଥିରେ କଞ୍ଚାଲଙ୍କା ଓ ଅଦା ପକାଇ ଭାଜନ୍ତୁ । ଅଳ୍ପ ସମୟ ଭାଜିବା ପରେ ଏଥିରେ ଟମାଟୋ ଓ ଲୁଣ ପକାଇ ଭାଜନ୍ତୁ । ଏହାପରେ ସିଝା ଆଳୁକୁ ଚକଟି ଦିଅନ୍ତୁ। ଏହା ଅଳ୍ପ ସମୟ ସିଝିବା ପରେ ଏଥିରେ ପାଣି ଦେଇ ଫୁଟାନ୍ତୁ । ଏହାପରେ ଅନ୍ୟ ଏକ ପାତ୍ରରେ ପାଣି ଫୁଟିବା ପରେ ଏଥିରେ ଚିନି ପକାଇ ମିଳାଇବା ଯାଏଁ ଫୁଟାନ୍ତୁ । ଫୁଟିବା ପରେ ଏଥିରେ ଅନ୍ୟ ସମସ୍ତ ସାମଗ୍ରୀକୁ ପକାଇ ଗୋଳାନ୍ତୁ । ଏହାପରେ ଗୋଟିଏ ପ୍ଲେଟରେ ଟମାଟୋ ମିଶ୍ରଣକୁ ରଖନ୍ତୁ ଏହା ଉପରେ ଚିନିର ପ୍ରସ୍ତୁତ ସିରା ପକାନ୍ତୁ । ଶେଷରେ ଏଥିରେ ଭଜା କାଜୁ, ଛଣା ସେଉ, ଧନିଆ ପତ୍ର ଦେଇ ପ୍ରସ୍ତୁତ କରନ୍ତୁ ଟମାଟୋ ଚାଟ୍ ।

# ସିଲ୍‌ଭର ସ୍କ୍ରିନରେ ଜଲୱା ଦେଖାଇବେ ହର୍ଷାଲି



'ବଜରଙ୍ଗୀ ଭାଇଜାନ' ପରେ ସିଧା ସାଉଥ୍ ଫିଲ୍ମରେ ଡେବ୍ୟୁ । ହର୍ଷାଲି ମାଲହୋତ୍ରା ଖୁବଶୀଘ୍ର ଆଗାମୀ ଫିଲ୍ମ 'ଅଖଣ୍ଡା ୨'ରେ ନଜର। ଏନେଇ ସେ ନିଜେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଫିଲ୍ମର ପୋଷ୍ଟର ସେୟାର କରି ତାଙ୍କ ଫ୍ୟାନ୍ସଙ୍କୁ ସୂଚନା ଦେଇଛନ୍ତି । ନନ୍ଦାମୁରୀ ବାଲକୃଷ୍ଣଙ୍କ ଆଗାମୀ ଫିଲ୍ମ 'ଅଖଣ୍ଡା ୨'କୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଚର୍ଚ୍ଚା । କଳାକାରଙ୍କ ଘୋଷଣା ଠାରୁ ପ୍ରଥମ ଝଲକ ପର୍ଯ୍ୟନ୍ତ, ପ୍ରଶଂସକମାନେ ବଡ଼ ପରଦାରେ ଧମାକା ଦେଖିବାକୁ ଉତ୍ସାହିତ ଅଛନ୍ତି । ଏସବୁ ମଧ୍ୟରେ, ନିର୍ମାତା ଏକ ବଡ଼ ଘୋଷଣା କରିଛନ୍ତି । ସଲମାନ ଖାନଙ୍କ ଫିଲ୍ମ 'ବଜରଙ୍ଗୀ ଭାଇଜାନ'ରେ ମୁନ୍ନି ଭୂମିକା ପାଇଁ ଲୋକପ୍ରିୟ ହୋଇଥିବା ହର୍ଷାଲି ମଲହୋତ୍ରା ଙ୍କ 'ଅଖଣ୍ଡା ୨'ରେ ଜନନୀ ଭାବରେ ଯୋଗ ଦେଇଛନ୍ତି । ସେ ଏକ ପାରମ୍ପରିକ ଲୁକରେ ବହୁତ ସୁନ୍ଦର ଦେଖାଯାଉଛନ୍ତି । ନିର୍ମାତାମାନେ ଫିଲ୍ମରେ ତାଙ୍କର ପ୍ରଥମ ପୋଷ୍ଟର ସେୟାର କରି କ୍ୟାପସନ ଦେଇଛନ୍ତି, 'ଦୃତଙ୍କ ହସ ଏବଂ ସୁନାର ହୃଦୟ । ବଜରଙ୍ଗୀ ଭାଇଜାନ ଫେମ୍ ହର୍ଷାଲି ମଲହୋତ୍ରାଙ୍କୁ 'ଅଖଣ୍ଡ ୨'ରୁ 'ଜନନୀ' ଭାବରେ ପରିଚିତ କରାଯାଉଛି। ଦଶହରାରେ ସିନେମା ଘରେ 'ଅଖଣ୍ଡା ୨ ତାଣ୍ଡବମ୍' । ସେହିପରି ହର୍ଷାଲି ଏକ ଭାବପ୍ରବଣ ନୋଟ୍ ଲେଖିଛନ୍ତି, 'ଏକ ନୀରବତା ଥିଲା ଯାହା ସବୁ କହିଦେଉଥିଲା, ହୃଦୟରେ ଏକ ହସ ଥିଲା ଯାହା ରହିଗଲା । ଗୋଟିଏ ଛୋଟ ମୁନ୍ନି ଥିଲା, କିନ୍ତୁ ସେ ସ୍ମୃତିରେ ବଡ଼ ହୋଇଗଲା । ଆଜି ମୁଁ ପୁଣି ଏକ କାହାଣୀ ନେଇ ଆସିଛି, ଏଥର ଶବ୍ଦ ସହିତ । ମୁନ୍ନି କେବଳ ଏକ ଚରିତ୍ର ନଥିଲେ, ସେ ଏକ ଭାବନା, ଏକ ସ୍ମୃତି, ଏକ ହୃଦୟ ସ୍ପନ୍ଦନ - ଏପରି କିଛି ଯାହା ତୁମ ଏବଂ ମୋ ସହିତ ରହିଲା । ଫିଲ୍ମ 'ଅଖଣ୍ଡା ୨', ଏହା ନନ୍ଦମୁରୀ ବାଳକୃଷ୍ଣଙ୍କ 'ଅଖଣ୍ଡା'ର ସିକ୍ୱେଲ୍, ଯାହାକୁ ଦର୍ଶକମାନେ ପସନ୍ଦ କରିଥିଲେ ।

# ଚା' ସହ ପକୁଡ଼ି ଖାଉଥିଲେ ସାବଧାନ !
## ହୋଇପାରେ ସଂଘାତିକ ରୋଗ

*ବର୍ଷା ଦିନିଆ ପାଗକୁ ହାତରେ ଗରମ ଚା କପ୍ ଏବଂ ପକୁଡି,ଆମ୍ଭାକୁ ଖୁସି କରିଥାଏ। ବର୍ଷା ଋତୁ ଚା ଏବଂ ପକୁଡିର ସମହାରକୁ ଦ୍ୱିଗୁଣିତ କରେ । କିନ୍ତୁ ଆପଣ କେବେ ଭାବିଛନ୍ତି କି ଏହି ସ୍ୱାଦିଷ୍ଟ ଆନନ୍ଦ ପଛରେ, ଆପଣଙ୍କ ସ୍ୱାସ୍ଥ୍ୟର କେତେ କ୍ଷତି ହୋଇପାରେ । ବର୍ଷା ପାଗରେ ଚା' ସହ ପକୁଡି ଖାଇଲେ ଯେତେ ଭଲ ଲାଗିଥାଏ ତା'ଠୁ ଅଧିକ ଏହା ଶରୀରକୁ ମଧ୍ୟ ଭିତରୁ କ୍ଷତି ପହଞ୍ଚାଇଥାଏ । ଆସନ୍ତୁ ଜାଣିବା ବର୍ଷାରେ ଚା ଏବଂ ପକୁଡିର ଅତ୍ୟଧିକ ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ କାହିଁକି ପ୍ରଭାବ ପକାଇଥାଏ...*



### ହଜମ ପ୍ରଣାଳୀ ଉପରେ ପ୍ରଭାବ

ବର୍ଷା ଋତୁରେ ଆମର ହଜମ ଶକ୍ତି ଦୁର୍ବଳ ହୋଇଯାଏ। ପକୁଡ଼ି ପରି ଡିପ ଫ୍ରାଏଡ୍ ଜିନିଷ ଭାରୀ ହୋଇଥାଏ ଏବଂ ହଜମ କରିବା କଷ୍ଟକର ହୋଇଯାଏ। ଏହା ଏସିଡିଟି, ଗ୍ୟାସ୍, ପେଟ ଯନ୍ତ୍ରଣା ଏବଂ ବଦହଜମ ଭଳି ସମସ୍ୟା ସୃଷ୍ଟି କରିପାରେ।

### ଡିହାଇଡ୍ରେସନ୍ ଏବଂ ଏସିଡିଟି

ଚା'ରେ ଉପସ୍ଥିତ କ୍ୟାଫିନ୍ ଶରୀରରେ ପାଣିର ପରିମାଣକୁ ହ୍ରାସ କରିପାରେ, ଯାହା ଡିହାଇଡ୍ରେସନ୍ ସୃଷ୍ଟି କରେ। ଏହା ସହିତ, ଖାଲି ପେଟରେ କିମ୍ବା ବାରମ୍ବାର ଚା ପିଇବା ଏସିଡିଟି ବଢ଼ାଇପାରେ, ଯାହା ବର୍ଷା ଋତୁରେ ଆହୁରି କଷ୍ଟକର।

### ତେଲରେ ବାରମ୍ବାର ଛାଣିବା

ପକୁଡିଗୁଡ଼ିକୁ ପ୍ରାୟତଃ ଗୋଟିଏ ତେଲରେ ଅନେକ ଥର ଭାଜି ଦିଆଯାଏ, ଯାହା ଏଥିରେ ଟ୍ରାନ୍ସ ଫ୍ୟାଟ୍ ବୃଦ୍ଧି କରେ। ଏହି ଟ୍ରାନ୍ସ ଫ୍ୟାଟ୍ ଶରୀରରେ କୋଲେଷ୍ଟ୍ରଲ୍ ସ୍ତର ବୃଦ୍ଧି କରି ହୃଦରୋଗର ଆଶଙ୍କା ବଢାଇଥାଏ ।

ବର୍ଷା ଋତୁରେ ଆର୍ଦ୍ରତା ହେତୁ ବ୍ୟାକ୍ଟେରିଆ ଏବଂ

### ସଂକ୍ରମଣର ଆଶଙ୍କା

ଫଙ୍ଗସ୍ ଶୀଘ୍ର ବୃଦ୍ଧି ପାଏ। ରାସ୍ତା ପାର୍ଶ୍ୱରେ କିମ୍ବା ଖୋଲାରେ ଭଜା ପକୋଡ଼ା ଖାଇବା ଦ୍ୱାରା ଖାଦ୍ୟ ବିଷାକ୍ତକରଣ, ଡାଇରିଆ ଏବଂ ଅନ୍ୟାନ୍ୟ ସଂକ୍ରମଣର ଆଶଙ୍କା ବଢ଼ିଯାଏ।

ତେଲ ଏବଂ କାର୍ବୋହାଇଡ୍ରେଟ୍‌ରେ ଭରପୂର ପକୋଡ଼ା

### ଓଜନ ବୃଦ୍ଧି ଏବଂ ଆଳସ୍ୟ

ଶରୀରରେ ଚର୍ବି ଜମା କରେ, ଯାହା ଓଜନ ବୃଦ୍ଧି କରେ ଏବଂ ଶରୀର ଆଳସ୍ୟ ଅନୁଭବ କରେ। ଚାରେ ଅଧିକ ଚିନି ମଧ୍ୟ ଓଜନ ବୃଦ୍ଧିରେ ସହାୟକ ହୁଏ।

### ଏହା ବଦଳରେ କ'ଣ ଖାଇବେ

- ଚା' ବଦଳରେ ହର୍ବାଲ୍ କିମ୍ବା ଗ୍ରୀନ ଟି' ପିଅନ୍ତୁ
- ଡିପ୍ ଫ୍ରାଏ ବଦଳରେ ଏୟାର ଫ୍ରାଏଡ୍ କିମ୍ବା ଗ୍ରୀଲ୍ଡ ସ୍ନାକ୍ସ ଖାଆନ୍ତୁ
- ଫଳ, ଭଜା ଚଣା କିମ୍ବା ମୁଗ ଡାଲି ଭଳି ସୁସ୍ଥ ସ୍ନାକ୍ସ ଖାଆନ୍ତୁ।

# ଚର୍ଚ୍ଚାରେ ଶ୍ରୀଲୀଲା-କାର୍ତ୍ତିକ





**ପ୍ରେ**ମରେ ପଡ଼ିଛନ୍ତି ବଲିଉଡର ଚର୍ଚ୍ଚିତ ଅଭିନେତା କାର୍ତ୍ତିକ ଆର୍ୟନ। ପୂର୍ବରୁ ଅନେକ ହିରୋଇନଙ୍କ ସହ ତାଙ୍କ ନାମ ଯୋଡ଼ାଯାଇଛି। ହେଲେ ସେସବୁ ବେଶି ଦିନ ଚାଲିନାହିଁ। ଏବେ ତାଙ୍କ ନାମ ସୁନ୍ଦରୀ ଶ୍ରୀଲିଲାଙ୍କ ସହ ଯୋଡ଼ାଯାଉଛି। ଦୁହେଁ ପରସ୍ପରକୁ ଡେଟ୍ କରୁଥିବା ନେଇ ବଲିଉଡ ଗଳିକନ୍ଦିରେ ଚର୍ଚ୍ଚା ହେଉଛି। ସୋସିଆଲ ମିଡିଆରେ ଉଭୟଙ୍କ ଫଟୋ କିମ୍ବା ଭିଡିଓ ବେଶ ଭାଇରାଲ ହେଉଛି। ଅନୁରାଗ ବସୁଙ୍କ ଆଗାମୀ ଫିଲ୍ମରେ ନଜର ଆସିବେ କାର୍ତ୍ତିକ ଏବଂ ଶ୍ରୀଲିଲା। ଏହା ପୂର୍ବରୁ ଶ୍ରୀଲିଲାଙ୍କ ଜନ୍ମଦିନ ଅବସରରେ କାର୍ତ୍ତିକ ଅଭିନେତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବୁଧବାର ରାତିରେ ଏହି କଥିତ ଯୋଡ଼ି ମୁମ୍ବାଇର ବାନ୍ଦ୍ରା ଅଞ୍ଚଳର ଏକ ହୋଟେଲ ବାହାରେ ଏକାଠି ନଜର ଆସିଥିଲେ। ଉଭୟଙ୍କ ମୁହଁର ହସ ସେମାନଙ୍କ ସମ୍ପର୍କ ଉପରେ ମୋହର ମାରିବା ଭଳି ମନେ ହୋଇଥିଲା। ତେବେ ଏହାକୁ ଦେଖି ଅନେକେ ଦୁହେଁ ବିବାହ କରିପାରନ୍ତି ବୋଲି କହୁଛନ୍ତି।କହିରଖୁଛୁ, କାର୍ତ୍ତିକ-ଶ୍ରୀଲିଲାଙ୍କ ଫିଲ୍ମ ଏକ ରୋମାଣ୍ଟିକ୍ ମ୍ୟୁଜିକାଲ ଡ୍ରାମା। ୨୦୨୫ ଦୀପାବଳି ଅବସରରେ ଏହାକୁ ରିଲିଜ କରାଯିବ। ଏହି ଫିଲ୍ମ ବ୍ୟତିତ କାର୍ତ୍ତିକ 'ତୁ ମେରୀ ମେ ତେରା...' ଏବଂ ନାଗଜିଲାର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଫିଲ୍ମରେ ତାଙ୍କ ନାୟିକା ଅନନ୍ୟା ପାଣ୍ଡେ ରହିବେ।

# ଦୀପିକା ପାଇବେ 'ହଲିଉଡ୍ ୱାକ୍ ଅଫ୍ ଫେମ୍' ସମ୍ମାନ



**ଦୀ**ପିକା ପାଦୁକୋନ ସିନେମା ଜଗତରେ ବହୁତ ନାମ ଅର୍ଜନ କରିସାରିଛନ୍ତି। ତାଙ୍କ ନାମରେ ଅନେକ ବଡ଼ ସଫଳତା ହାସଲ ହୋଇଛି। ଏବେ ଦୀପିକା ଏପରି କିଛି କରିଛନ୍ତି ଯାହା ଭାରତୀୟ ସିନେମା ଇତିହାସରେ ଆଜି ପର୍ଯ୍ୟନ୍ତ କୌଣସି ଅଭିନେତା କରିନାହାଁନ୍ତି । ପ୍ରକୃତରେ ଦୀପିକାଙ୍କ ନାମ ସେହି ବିଶ୍ୱସ୍ତରୀୟ ତାରକାମାନଙ୍କ ମଧ୍ୟରେ ସାମିଲ ହୋଇଛି । ଯାହାକୁ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ରେ ହଲିଉଡ୍ ୱାକ୍ ଅଫ୍ ଫେମ୍ ସମ୍ମାନରେ ସମ୍ମାନିତ କରାଯିବ । ରିପୋର୍ଟ ଅନୁଯାୟୀ, ବିଲବୋର୍ଡ ହଲିଉଡ୍ ୱାକ୍ ଅଫ୍ ଫେମ୍ ପାଇଁ ନୂତନ ନାମ ଗୁଡ଼ିକର ତାଲିକାକୁ ଅଫିସିଆଲ କରିଛି । ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଏହି ସମ୍ମାନ ପାଇବାକୁ ଥିବା ପ୍ରଥମ ଭାରତୀୟ ସେଲିବ୍ରିଟି ହୋଇଥିବାରୁ ଏହି ତାଲିକାରେ ନିଜର ସ୍ଥାନ ସୃଷ୍ଟି କରି ଇତିହାସ ରଚିଛନ୍ତି । ତାଙ୍କୁ ଆସନ୍ତା ବର୍ଷ ୨୦୨୬ରେ ହଲିଉଡ୍ ୱାକ୍ ଅଫ୍ ଫେମ୍‌ରେ ସାମିଲ କରାଯିବ। ଏହାର ଘୋଷଣା ୩ ଜୁଲାଇରେ କରାଯାଇଛି । ତାଙ୍କ ସହ, ଏହି ତାଲିକାରେ ମାରିଅନ୍ କୋଟିଲାର୍ଡ, ଏମିଲି ବ୍ଲଣ୍ଟ, ସେଫ୍ ଗର୍ଡନ୍ ରାମସେ, ରାଚେଲ୍ ମ୍ୟାକଆଡାମ୍ସ, ମାଇଲି ସାଇରସ୍ ଭଳି ଷ୍ଟାରମାନେ ସାମିଲ ଅଛନ୍ତି । କହିବାକୁ ଗଲେ ହଲିଉଡ୍ ୱାକ୍ ଅଫ୍ ଫେମ୍ କାଲିଫର୍ନିଆର ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥାନ। ଏପର୍ଯ୍ୟନ୍ତ, ଏହି ୧୫-ବ୍ଲକ୍ ସ୍ଥାନରେ ୨୫୦୦ରୁ ଅଧିକ ତାରକାଙ୍କ ନାମ ସ୍ଥାପିତ ହୋଇଛି। ଯେଉଁଥିରେ ଅଭିନେତା, ଗାୟକ, ନିର୍ଦ୍ଦେଶକ, ଚଳଚ୍ଚିତ୍ର ନିର୍ମାତାଙ୍କ ନାମ ସାମିଲ। ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ଏହି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳକୁ ପରିଦର୍ଶନ କରିବାକୁ ଆସନ୍ତି। ଏବେ ଦୀପିକାଙ୍କ ନାମ ମଧ୍ୟ ଏଥିରେ ସାମିଲ ହୋଇଛି, ଯାହାଙ୍କ ଉପରେ ଭାରତ ଗର୍ବିତ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାମୀ ବିବେକାନନ୍ଦଙ୍କୁ ତାଙ୍କ ନିର୍ବାଣ ଦିବସରେ ନମନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଯୁବଶକ୍ତିର ପଥପ୍ରଦର୍ଶକ ସ୍ୱାମୀ ବିବେକାନନ୍ଦଙ୍କୁ ତାଙ୍କ ନିର୍ବାଣ ଦିବସରେ ଶ୍ରଦ୍ଧାପୂର୍ବକ ନମନ କରୁଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସ୍ୱାମୀ ବିବେକାନନ୍ଦଙ୍କର ପ୍ରଖର ଚିନ୍ତାଧାରା ଏବଂ ଶକ୍ତିଶାଳୀ ନେତୃତ୍ୱ ଦ୍ୱାରା ସେ କେବଳ ଭାରତୀୟ ସଂସ୍କୃତିକୁ ବିଶ୍ୱମଂଚରେ ସ୍ଥାପିତ କରିନଥିଲେ, ବରଂ ଭାରତୀୟ ଯୁବପିଢିରେ ସ୍ୱାଭିମାନ, ଆତ୍ମବିଶ୍ୱାସ ଓ ରାଷ୍ଟ୍ରଭକ୍ତିର ଅଗ୍ନିକୁ ପ୍ରଜ୍ୱଳିତ କରିଥିଲେ। ତାଙ୍କର ବିଶ୍ୱାସ ଥିଲା ଯେ ଯଦି ଦେଶର ଯୁବକ ଚରିତ୍ରବାନ୍, ଆତ୍ମନିର୍ଭର ଓ ରାଷ୍ଟ୍ରଭକ୍ତ ହୁଅନ୍ତି, ତେବେ କୌଣସି ଶକ୍ତି ଭାରତକୁ ବିଶ୍ୱଗୁରୁ ହେବାରୁ ରୋକି ରଖିପାରିବେ ନାହିଁ। ତାଙ୍କର ବାଣୀ 'ଉଠ, ଜାଗ୍ରତ ହୁଅ ଓ ଲକ୍ଷ୍ୟ ପ୍ରାପ୍ତି ପର୍ଯ୍ୟନ୍ତ ବିଶ୍ରାମ କରନି' ଆଜି ମଧ୍ୟ ଆମ ମନରେ ଉର୍ଜା ଭରେ। ତାଙ୍କ ଜୀବନ ବାର୍ତ୍ତା ଆଜି ମଧ୍ୟ ପ୍ରତ୍ୟେକ ଭାରତବାସୀ ପାଇଁ ଏକ ପ୍ରେରଣାଦାୟକ ପ୍ରକାଶ ସ୍ତମ୍ଭ ଅଟେ ।

# କାର୍ଯ୍ୟରତ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦକ୍ଷତା ବିକାଶ କର୍ମଶାଳା




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ରାଜ୍ୟରେ ଥିବା ସମସ୍ତ ୧୯୯ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଭାରପ୍ରାପ୍ତ ଅଧ୍ୟକ୍ଷ-ଅଧ୍ୟକ୍ଷାମାନଙ୍କ କାର୍ଯ୍ୟ ସମୀକ୍ଷା ଓ ଦକ୍ଷତା ବିକାଶ କର୍ମଶାଳା କୃଷି ଭବନଠାରେ ଆୟୋଜିତ ହୋଇଯାଇଛି । ଏହି ଏକ ଦିବସୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ ଯୋଗ ଦେଇଥିବା ବେଳେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ସାହୁ, ଆଂଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶିକା ଦିପ୍ତୀମୟୀ ଶୁଭଦର୍ଶିନୀ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ସ୍ନିଗ୍ଧା ମିଶ୍ର, ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳି ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ନନ୍ଦ କହିଛନ୍ତି, ବିକଶିତ ଭାରତ ଗଠନରେ ଯୁବକମାନଙ୍କର ଭୂମିକା ରହିଛି ଏବଂ ସେମାନଙ୍କୁ ଶିକ୍ଷକ/ଅଧ୍ୟକ୍ଷ ମାନେ ହିଁ ଉଚିତ୍ ଦିଗଦର୍ଶନ ଦେଇପାରିବେ । କର୍ମଶାଳାର ପ୍ରାରମ୍ଭରେ ଉଦବୋଧନ ଦେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟାର ସମସ୍ତ ଅତିଥି, କର୍ମଶାଳାରେ ଅଂଶ ଗ୍ରହଣ କରିଥିବା ଭାରପ୍ରାପ୍ତ ଅଧ୍ୟକ୍ଷ-ଅଧ୍ୟକ୍ଷାଙ୍କୁ କର୍ମଶାଳାକୁ ସ୍ୱାଗତ କରିବା ସହିତ ଏହାର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ଓସେପା ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ସାହୁ କହିଛନ୍ତି, ସମସ୍ତ କ୍ଷେତ୍ରରେ ସୁଚାରୁରୂପ କାର୍ଯ୍ୟ ତୁଲାଇବା ପାଇଁ ଏହି କର୍ମଶାଳାର ଆୟୋଜନ। ନିଜର ସାମର୍ଥ୍ୟକୁ ସମସ୍ୟା ସମାଧାନ ଦିଗରେ କେନ୍ଦ୍ରିତ କଲେ ସକରାତ୍ମକ ଫଳ ମିଳି ପାରିବ ବୋଲି ସେ କହିଛନ୍ତି । ଏଥିସହ ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ଶୁଭଦର୍ଶିନୀ ଉପସ୍ଥିତ ରହି କର୍ମଶାଳାରେ ଥିବା ସମସ୍ତ ଅଧିବେଶନକୁ ଯତ୍ନବାନ ହୋଇ ଶୁଣିବା ଏବଂ ତାହାର ଅନୁପାଳନ କରିବା ନେଇ ସୂଚନା ଦେଇଥିଲେ।




ଏପିଏସି ପକ୍ଷରୁ ହୋଟେଲ ମେ' ଫେୟାରଠାରେ ସ୍ଥାୟୀ ଜଳ ପରିଚାଳନା କନ୍‌କ୍ଲେଭ୍‌ରେ ମଞ୍ଚାସୀନ ଅତିଥିବୃନ୍ଦ

## ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଉପଲକ୍ଷେ 'ସମବାୟ ପଦଯାତ୍ରା'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲାଭ ନୁହେଁ, ସେବା ପାଇଁ ସମର୍ପିତ ସମବାୟ ଅନୁଷ୍ଠାନ । ବ୍ୟକ୍ତି ଅପେକ୍ଷା ଗୋଷ୍ଠୀର ବିକାଶ ପାଇଁ ପ୍ରତିବଦ୍ଧ ଥିବା ସମବାୟ ଅନୁଷ୍ଠାନ ଗ୍ରାମୀଣ ଓଡ଼ିଶାର ଗ୍ରୋଥ୍ ଇଞ୍ଜିନ୍ ସାଜିବ ବୋଲି ସମବାୟ ତଥା ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ କହିଛନ୍ତି । 'ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫" ପାଳନ ଉପଲକ୍ଷେ ଆୟୋଜିତ 'ସମବାୟ ପଦଯାତ୍ରା'ର ଶୁଭାରମ୍ଭ କରିବା ଅବସରରେ ସେ ଏହା କହିଛନ୍ତି । ଆଜି ସକାଳ ୭ ଘଟିକା ସମୟରେ ସ୍ଥାନୀୟ ମଧୁସୂଦନ ସମବାୟ ପରିଚାଳନା ପ୍ରତିଷ୍ଠାନ ଠାରୁ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ଏକ ସମବାୟ ପଦଯାତ୍ରା ଆୟୋଜିତ ହୋଇଥିଲା । ଏହି ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ମାନ୍ୟବର ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦିପ ବଳ ସାମନ୍ତ । ଅଂଶଗ୍ରହଣକାରୀମାନେ ବିଭିନ୍ନ ସ୍ଲୋଗାନ୍ ଦେଇ ସମବାୟ ଅନୁଷ୍ଠାନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ । ଏହି ସମବାୟ ପଦଯାତ୍ରାରେ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସ, ଅତିରିକ୍ତ ନିବନ୍ଧକ ଭକ୍ତବନ୍ଧୁ ସାହୁ, ଯୁଗ୍ମ ନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି, ମଧୁସୂଦନ ସମବାୟ ପରିଚାଳନା ପ୍ରତିଷ୍ଠାନର ନିର୍ଦ୍ଦେଶକ ଦିଲ୍ଲୀପ କୁମାର ଦାଶ, ବରିଷ୍ଠ ଅଧ୍ୟାପକ ସରୋଜ କୁମାର କାଶ୍ୟପ, ଅନୁଷ୍ଠାନର କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଇନ ଅନୁଯାୟୀ ଯାହା ଆବଶ୍ୟକ ସରକାର ତାହା କରିବେ: କୃଷ୍ଣଚନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜଗନ୍ନାଥ ପ୍ରଧାନ ଗିରଫଦାରି ପ୍ରସଙ୍ଗରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ସବୁବେଳେ କହି ଆସିଛନ୍ତି, ଆଇନ ତା ବାଟରେ ଯିବ । ଆଇନ ଅନୁଯାୟୀ ଯାହା ଆବଶ୍ୟକ ସରକାର ତାହା କରିବେ। କୌଣସି ଚାପ ନଥିଲା । କାରଣ ଜଗନ୍ନାଥ ନିଜେ ମଧ୍ୟ କହିଛନ୍ତି, ଯେ ମୁଁ ଆଇନକୁ ସମ୍ମାନ କରୁଛି । ମୁଁ ତ ଦୋଷୀ ନୁହେଁ, କିନ୍ତୁ ଯଦି ସେମାନେ ମୋତେ ଦୋଷୀ ବୋଲି କହି ସରକାରକୁ ଅଡୁଆରେ ପକାଇବାକୁ ଚାହୁଁଛନ୍ତି । ତେବେ ଆଇନ ଅନୁସାରେ ଯାହା ହେବ ମୁଁ କରିବି । ତେଣୁ ଜଗନ୍ନାଥ ଆତ୍ମ ସମର୍ପଣ କରିଛନ୍ତି । ହୁଏତ ସଙ୍ଗଠନ ଏଥିରେ ଦୁଃଖୀ ରହିବ, କିନ୍ତୁ ତର୍ଜମା ମଧ୍ୟ ହେବ । ସେ କହିଛନ୍ତି ଯେ, ସମସ୍ତଙ୍କୁ ନେଇ କାମ କରିବା ପାଇଁ ସରକାର ଚିନ୍ତା କରୁଛନ୍ତି । ବର୍ତ୍ତମାନ ମୁଖ୍ୟ ପ୍ରସଙ୍ଗ ହେଲା, କିଛି ଜାଗାରେ ବନ୍ୟା ହୋଇଛି । ମହାପ୍ରଭୁଙ୍କ ରଥଯାତ୍ରା ଚାଲିଛି । ତେଣୁ ଏ କ୍ଷେତ୍ରରେ ଆଶା ଥିଲା ଯେ, ଅଫିସରମାନେ ମିଳିମିଶି ଲୋକଙ୍କ ସେବା କରିବେ । ଏହାସହ ଓଏଏସ ଅଫିସର ଆକ୍ରମଣ ଘଟଣାରେ ମୁଖ୍ୟମନ୍ତ୍ରୀ ଜାଣିଲା ପରେ ଗୋଟେ ଘଣ୍ଟା ଭିତରେ ଆକ୍ସନ ନେଇଛନ୍ତି । ଓଏଏସ ସଂଘ ସହ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି । ଆଇନ ଅନୁଯାୟୀ ଯାହା ହେବା କଥା, କୌଣସି କ୍ଷେତ୍ରରେ ଅବହେଳା ହୋଇନାହିଁ ।

## ବାଲେଶ୍ୱର କେବେ ହେବ ମହାନଗର ନିଗମ: ନବଜ୍ୟୋତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶା ସରକାର ଆଜି ପୁରୀ ସହରକୁ ମହାନଗର ନିଗମ କରିବାକୁ ଘୋଷଣା କରିଛନ୍ତି । ରାଜ୍ୟ ସରକାର ପୂର୍ବରୁ ଉପକୂଳ ଓଡିଶାର ଭୁବନେଶ୍ୱର, କଟକ ଓ ପଶ୍ଚିମ ଓଡିଶାର ସମ୍ବଲପୁର ଓ ରାଉରକେଲା ସମେତ ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର ସହରକୁ ମହାନଗର ନିଗମର ମାନ୍ୟତା ଦେଇଛନ୍ତି । ହେଲେ ଉତ୍ତର ଓଡିଶାର ପ୍ରମୁଖ ସାଂସ୍କୃତିକ ତଥା ବାଣିଜ୍ୟକ କେନ୍ଦ୍ର ଭାବେ ପରିଚିତ ବାଲେଶ୍ୱର ସହର ପ୍ରତି ବିଜେପିର ଡବଲ ଇଞ୍ଜିନ ସରକାରଙ୍କ ବୈମାତୃକ ମନୋଭାବ କଣ ପାଇଁ ବୋଲି କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ଏହା ପୂର୍ବରୁ ବାଲେଶ୍ୱରକୁ ମହାନଗର ନିଗମ ଭାବେ ଘୋଷଣା ପାଇଁ ନବୀନ ପଟ୍ଟନାୟକ ସରକାର ଅମଳରେ ବାରମ୍ବାର ଦାବି ହୋଇଥିଲେ ମଧ୍ୟ ବିଜେଡି ସରକାର ଏଥିପ୍ରତି ଅବହେଳା କରିଥିଲା । ଏବେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ବାଲେଶ୍ୱରକୁ ମହାନଗର ନିଗମ ଭାବେ ଘୋଷଣା କରିବା ପାଇଁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଥିଲେ ଓ ପୁରୀକୁ ମହାନଗର ନିଗମ ଘୋଷଣା କରି ଥିବାରୁ ସେ ଏହାକୁ ସ୍ୱାଗତ କରିଛନ୍ତି, କିନ୍ତୁ ବାଲେଶ୍ୱର ପ୍ରତି ଅବହେଳା ନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପୁରୀ ଦଳାଚକକଟା ଘଟଣାରେ ସରକାର ନିଜର ଅପରାଗତକୁ ଲୁଚେଇବାକୁ ଯାଇ ଏଭଳି ତରବରିଆ ନିଷ୍ପତି ନେଇଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି ।

### ଯକ୍ଷ୍ମା ଜୀବାଣୁ ଚିହ୍ନଟ ଅଭିଯାନ

## ସମ୍ ହସ୍ପିଟାଲ୍‌ରେ ମାଗଣାରେ ସିୱାଇ ଟିବି ପରୀକ୍ଷଣ ଉପଲବ୍ଧ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯକ୍ଷ୍ମା ରୋଗର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ଅଭିଯାନ ପରିପ୍ରେକ୍ଷୀରେ ମଣିଷ ଶରୀରରେ ଯକ୍ଷ୍ମା ଜୀବାଣୁ ଚିହ୍ନଟ କରିବା ନିମନ୍ତେ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ରେ ବିନା ମୂଲ୍ୟରେ ସିୱାଇ ଟିବି ଇନ୍‌ଟ୍ରାଡର୍ମାଲ ସ୍କିନ୍ ପରୀକ୍ଷଣ ଉପଲବ୍ଧ ହୋଇଛି । ସମ୍ ହସ୍ପିଟାଲ୍‌ରେ ଶୁକ୍ରବାର ଏ ସମ୍ପର୍କିତ ଏକ ସିଏମ୍‌ଇ ଆୟୋଜନ କରାଯାଇଥିବା ବେଳେ ଏ ବିଷୟରେ ସୂଚନା ଦେଇଛନ୍ତି ହସ୍ପିଟାଲ୍‌ର ରେସ୍ପିରେଟୋରୀ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ବନାନୀ ଜେନା । ଏହି ସିୱାଇ ଟିବି ଇନ୍‌ଟ୍ରାଡର୍ମାଲ ସ୍କିନ୍ ପରୀକ୍ଷଣ ଏକ ସ୍ୱଦେଶୀ କିଟ୍‌ରେ ଉପଲବ୍ଧ ଯାହାକି ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ହୋଇଛି । ଏହି କିଟ୍ ସାହାଯ୍ୟରେ କରାଯାଉଥିବା ପରୀକ୍ଷଣରେ ମଣିଷ ଶରୀରରେ କେତେ ପ୍ରତିଶତ ଯକ୍ଷ୍ମା ଜୀବାଣୁ ରହିଛି ତାହା ଜଣାପଡ଼ିବ ବୋଲି ପ୍ରଫେସର ଜେନା କହିଛନ୍ତି । ସମ୍ ହସ୍ପିଟାଲ୍‌ର ସେଂଟ୍ରାଲ ଲାବୋରେଟୋରୀରେ ଏହି ପରୀକ୍ଷା ଉପଲବ୍ଧ ଥିବା ବେଳେ ଜନସାଧାରଣ ମାଗଣାରେ ଏହି ପରୀକ୍ଷା କରାଇପାରିବେ ବୋଲି ପ୍ରଫେସର ଜେନା କହିଛନ୍ତି । ଏହି ପରୀକ୍ଷଣ ସମ୍ପର୍କରେ ଆୟୋଜିତ ସିଏମଇରେ ପଲମୋନାରୀ ମେଡିସିନ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର (ଡାକ୍ତର) କ୍ଷୀରୋଦ ଚନ୍ଦ୍ର ସାହୁ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ଆୟୋଜିତ ସିଏମ୍‌ଇରେ ସମ୍ ହସ୍ପିଟାଲ୍‌ର ବିଭିନ୍ନ ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ ।




ରାଜଭବନ ସମ୍ମୁଖରେ ଛାତ୍ର କଂଗ୍ରେସ ପକ୍ଷରୁ ପଛୁଆବର୍ଗଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦାବିରେ ଗଣଧାରଣା

### ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ଶିକ୍ଷକ ଶୂନ୍ୟ

## ଶିକ୍ଷକ ନିଯୁକ୍ତି ପାଇଁ ଦାବି କଲା ଓଷ୍ଟା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକ ଦିନକୁ ଦିନ ଶିକ୍ଷକ କର୍ମଚାରୀ ଶୂନ୍ୟ ହୋଇ ବନ୍ଦହୋଇଯିବା ସ୍ଥିତିରେ ପହଞ୍ଚିଛି । ଏହି ବିଦ୍ୟାଳୟ ଗୁଡ଼ିକରେ ତୁରନ୍ତ ଶିକ୍ଷକ ନିଯୁକ୍ତି କରାଯାଉ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି । ବର୍ତ୍ତମାନର ସରକାର ସବୁବର୍ଗର ଲୋକଙ୍କ କଥା ବିଚାର କରୁଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଥିବା ସମସ୍ୟା ଗୁଡ଼ିକ ଯଥା: ଅନୁଦାନ, ପେନସନ୍ ଓ ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ, ନୂତନ ଶିକ୍ଷକ ନିଯୁକ୍ତି, ସବୁ ବିଦ୍ୟାଳୟକୁ ସରକାରୀକରଣ ତଥା ଅନ୍ୟାନ୍ୟ ସମସ୍ୟାଗୁଡ଼ିକର ଆଶୁ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନିଳମଣୀ ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ଏବଂ ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି ।

## ବଳକା ରବିଧାନ ସଂଗ୍ରହ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ କଂଗ୍ରେସର ଦାବିପତ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରବିଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ବକେୟା ସମସ୍ତ ଚାଷୀଙ୍କଠାରୁ ସରକାର ତୁରନ୍ତ ସବୁ ଧାନ କ୍ରୟ କରିବା ଦାବିରେ କଂଗ୍ରେସ ପକ୍ଷରୁ ଅଖିଳ ଭାରତ କଂଗ୍ରେସ କମିଟି କିଷାନ କଂଗ୍ରେସର ଜାତୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଯୋଗାଣ ଓ ସାଧାରଣ ବିଭାଗ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ନିକଟକୁ ଚାଷୀଙ୍କ ଏହି ସମସ୍ୟା ଜଣାଇ ଏକ ଦାବୀପତ୍ର ପଠାଇଛନ୍ତି। ରାଜ୍ୟ ସରକାର ପଞ୍ଜିକରଣ ସମୟରେ ଚାଷୀଙ୍କଠାରୁ ସମସ୍ତ ବଳକା ଧାନକ୍ରୟ କରିବା ସହିତ ଗୋଟିଏ ହେଲେ ଟୋକନ ଲାପ୍ସ କରିବ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଚଳିତ ଥର ରବି ଧାନ ଭଲ ଅମଳ ହେଲା। କିନ୍ତୁ ଏବେ ସୁଦ୍ଧା ରାଜ୍ୟର ବିଭିନ୍ନ ଅଞ୍ଚଳରେ ୨୫ହଜାରରୁ ଉର୍ଦ୍ଧ୍ୱ ପଞ୍ଜିକୃତ ଚାଷୀଙ୍କଠାରୁ ଧାନକ୍ରୟ କରାଯାଇ ନାହିଁ। ଜାଣିଶୁଣି ଟାର୍ଗେଟ କମାଇ ଦିଆଗଲା। ମିଲରମାନେ ମଣ୍ଡିରୁ ଧାନ ଉଠାଇଲେ ନାହିଁ। ଅନେକ ଟୋକନ ଲାପ୍ସ କଲା। ଫଳରେ ଚାଷୀ ନାହିଁ ନ ଥିବା ହିନସ୍ତା ଭୋଗୁଛନ୍ତି। ରାଜ୍ୟ ଯୋଗାଣ ମନ୍ତ୍ରୀ ଚାଷୀଙ୍କର ସମସ୍ତ ବଳକା ଧାନ କ୍ରୟ କରାଯିବା ପାଇଁ ବାରମ୍ବାର କହୁଥିବା ବେଳେ ଗତ ଜୁନ୍ ୩୦ରେ ଅବଧି ଶେଷ। ଏବେ ଚାଷୀ କରିବେ କ'ଣ? ତେଣୁ କେନ୍ଦ୍ର ସରକାର ଚାଷୀଙ୍କ ହିତ ଦୃଷ୍ଟିରୁ ରବି ଧାନ ବିକିବା ପାଇଁ ପଞ୍ଜିକୃତ କରିଥିବା ସମସ୍ତ ବକେୟା ଚାଷୀଙ୍କଠାରୁ ତୁରନ୍ତ ରବିଧାନ ସଂଗ୍ରହ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ କଂଗ୍ରେସ ପକ୍ଷରୁ ଜାତୀୟ ସଂଯୋଜକ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବି କରିଛନ୍ତି।

### ଆରାଧନା ଏକାଡ଼େମୀ ଦ୍ୱାରା ଆୟୋଜିତ ସଂଗୀତ ପ୍ରତିଭା ସମାରୋହ

## ପ୍ରଣୀତା ମହାପାତ୍ରଙ୍କୁ ଆରାଧନା ସମ୍ମାନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆରାଧନା ଏକାଡେମୀ, ଭୁବନେଶ୍ୱର ଦ୍ୱାରା ସଂଗୀତ ପ୍ରତିଭା ସମାରୋହ ୨୦୨୫ ଜୟଦେବ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଆଜିର ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଅବସର ପ୍ରାପ୍ତ ଅତିରିକ୍ତ ଶାସନ ସଚିବ ବାଗ୍ମୀ ଓ ପଣ୍ଡିତ କୃପାସିନ୍ଧୁ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଓଡିଶାର ପ୍ରଥମ ମହିଳା ସୁପତିକାର ଗୀତା ପଟ୍ଟନାୟକ ଯୋଗଦାନ କରି ଏକାଡେମୀ ଦ୍ୱାରା ଆୟୋଜିତ ସଙ୍ଗୀତ ପ୍ରତିଯୋଗୀତାରେ ସଫଳ ପ୍ରତିଭାଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ କଣ୍ଠ ଶିଳ୍ପୀ ଶ୍ରୀମତି ପ୍ରଣୀତା ମହାପାତ୍ରଙ୍କୁ ଏବର୍ଷର 'ଆରାଧନା ସମ୍ମାନ' ୨୦୨୫ ପ୍ରଦାନ କରାଯାଇଥିଲା । ସନ୍ଧ୍ୟା ଆରମ୍ଭ ହେଇଥିଲା ସମବେତ କଣ୍ଠ ସଙ୍ଗୀତରୁ, ନୂଆ ସକାଳର ନୂଆ ସୁରୁଜ । ଏହି ଗୀତକୁ ରଚନା କରିଥିଲେ ଡ. ପର୍ଶୁରାମ ପଣ୍ଡା ଏବଂ ଏହାକୁ ସଂଗୀତରେ ସଜେଇଥିଲେ ଆକାଶବାଣୀ କଟକର ସ୍ୱୀକୃତି ପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ପ୍ରଦୀପ୍ତ କିଶୋର ସାଇଁ। ଏହାପରେ ଓଡିଶୀ ସଂଗୀତ ପାଇଁ ଭାରତ ସରକାରଙ୍କ ସାସ୍କୃତିକ ଏବଂ ପ୍ରଶିକ୍ଷଣ କେନ୍ଦ୍ର ଦ୍ୱାରା ଜାତୀୟ ମେଧା ବୃତ୍ତି ପାଇଥିବା କଣ୍ଠ ଶିଳ୍ପୀ ସୁମନ ସୁନୟନା କେମିତ କହିବି ପ୍ରଭୁ, ସେ ତ ଭକତ ଭାବରେ ବନ୍ଧା ଗାୟନ କରି ଜଗତରନାଥ ଜଗନ୍ନାଥଙ୍କ ନିକଟରେ ନିଜର ଭକ୍ତିଅର୍ଘ୍ୟ ଅର୍ପଣ କରିଥିଲେ । କଣ୍ଠ ଶିଳ୍ପୀ ପ୍ରଣୀତା ମହାପାତ୍ର ଆଜି ମୁଁ ଶ୍ରାବଣୀ, ସିଲସିଲା ୟେ ଚାହତ କା, ତୁହଁରେ ଆଦି ଗୀତ ଗାୟନ କରି ଶ୍ରୋତା ମାନଙ୍କୁ ବିମୋହିତ କରିଥିଲେ । ଏହାପରେ ପ୍ରିୟାଂଶି, ଐଶାନି, ନଭ୍ୟା, ସୋହମ, ସଂପୂର୍ଣ୍ଣା, ସୋନାକ୍ଷୀ, ଶ୍ରେୟା, ସାଇ ସସ୍ତିଜ, ସାଇ ଶ୍ରଦ୍ଧା, ସାଗରିକା, ଉତ୍ସା, ଅଂଶିତା, ମୁନାଲି, ଧୃତିଦିପା ଏବଂ ସୁବ୍ରତ ନାୟକ ପ୍ରମୁଖ କଣ୍ଠଶିଳ୍ପୀ ମାନେ ପାପା ମେରେ ପାପା, ସଜନୀ କଳା ଚାନ୍ଦ, ଟିକି ଟିକି ଫୁଲ ଆମେ, ନିଦ ମାଉସୀ ଦେ ଆଉଁସୀ, ପକ୍ଷୀ ସିନା ଉଡି ଯାଏ, କାଳିଆ ତୁ କପଟିଆ, ଚନ୍ଦ୍ର ମଲ୍ଲି ହିସେ, ମାଆ ଲୋ କଲିକତିଆ ଜୋଇଁ, ମୁଁ ପରଦେଶୀ ଚଢ଼େଇ, ନଦୀର ନାମ ଅଳସ ଜନ୍ୟା, ତୁମ୍ ଜୋ ମିଲ ଗୟେ ଆଦି ସଂଗୀତ ପରିବେଷଣ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ପ୍ରଦୀପ୍ତ କିଶୋର ସାଇଁ ଅନୁଷ୍ଠାନର ଆଭିମୁଖ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟ କ୍ରମ ସଂଯୋଜନା କରିଥିଲେ ଜୟପ୍ରିୟା ଲେଙ୍କା ।

## ସ୍ୱାମୀ ବିବେକାନନ୍ଦଙ୍କୁ ନିର୍ବାଣ ଦିବସରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାମୀ ବିବେକାନନ୍ଦଙ୍କ ନିର୍ବାଣ ଦିବସରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମଗ୍ର ବିଶ୍ୱରେ ଆଧ୍ୟାତ୍ମିକତା, ସାମାଜିକ ସଂସ୍କାର ଓ ସନାତନ ଧର୍ମର ଗୌରବକୁ ବିସ୍ତାର କରିଥିବା ମହାନ୍ ଗୁରୁ, ଯୁବଶକ୍ତିର ଅତୁଳ ପ୍ରେରଣା ସ୍ରୋତ ଏବଂ ଭାରତୀୟ ଜ୍ଞାନ ପରମ୍ପରାର ଶ୍ରେଷ୍ଠ ରକ୍ଷକ ପୂଜ୍ୟ ସ୍ୱାମୀ ବିବେକାନନ୍ଦଙ୍କ ପୁଣ୍ୟତିଥି ଅବସରରେ ତାଙ୍କ ପାଦପଦ୍ମରେ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

## ମହାନଗର ନିଗମରେ ବନ ମହୋତ୍ସବ

କଟକ(ଭାସ୍କର ନ୍ୟୁଜ୍): ବାଲିଯାତ୍ରା ତଳ ପଡ଼ିଆସ୍ଥିତ କଟକ-ଇନ୍-କଟକଠାରେ କଟକ ମହାନଗର ନିଗମ ଓ ନଗର ବନଖଣ୍ଡ ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ-୨୦୨୫ ପାଳିତ ହୋଇଯାଇଛି । ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବା ସହ ପରିବେଶ ସଚେତନତା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜନ ସାଧାରଣଙ୍କୁ ପରିବେଶ ସୁରକ୍ଷା ସଚେତନ କରାଯିବା ଉପରେ ବିଶିଷ୍ଟ ଅତିଥିମାନେ ମତ ରଖିଥିଲେ। ଏହି ବନ ମହୋତ୍ସବ କାର୍ଯ୍ୟକ୍ରମରେ ବାରବାଟୀ- କଟକ ବିଧାୟିକା, ଇଂ ସୋଫିଆ ଫିରଦୋଶ୍, କଟକ ସଦର ବିଧାୟକ, ଇଂ ପ୍ରକାଶ ଚନ୍ଦ୍ର ସେଠୀ, କଟକ ମହନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉ ସାହେବ ଶିନ୍ଦେ, ଡେପୁଟୀ ମେୟର ସୁଶ୍ରୀ ଦମୟନ୍ତୀ ମାଝୀ ପ୍ରମୁଖ ଏହି ବନ ମୋହତ୍ସବ ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

## 'ଜଳ-ଜଙ୍ଗଲ-ଜମି ହକ୍ ଲଢ଼େଇ ପାଇଁ ଓଡ଼ିଶାବାସୀ ପ୍ରସ୍ତୁତ ରୁହନ୍ତୁ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏ ଦେଶରେ ଜଳ-ଜଙ୍ଗଲ-ଜମି ପାଇଁ ବ୍ରିଟିଶ ବିରୁଦ୍ଧରେ ଲଢ଼ି ହଜାର ହଜାର ଆଦିବାସୀ ଶହୀଦ ହୋଇଛନ୍ତି। ସ୍ୱାଧୀନ ଭାରତରେ ପୁଣି ଆଦିବାସୀଙ୍କ ଜଳ-ଜଙ୍ଗଲ-ଜମିକୁ ଲୁଟ କରୁଥିବା ଲୁଟେରା ପୁଞ୍ଜିପତି ଓ ବିଜେପିର ମିଳିତ ଶକ୍ତି ବିରୁଦ୍ଧରେ ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ ପାଇଁ ଆଦିବାସୀମାନେ ପ୍ରସ୍ତୁତ ହେବା ଦରକାର ବୋଲି ଓଡ଼ିଶା ଆଦିବାସୀ କଂଗ୍ରେସର ରାଜ୍ୟସ୍ତରୀୟ ବୈଠକରେ ଯୋଗଦେଇ ଅଖିଳ ଭାରତ ଆଦିବାସୀ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିକ୍ରାନ୍ତ ଭୂରିଆ ଆହ୍ୱାନ ଦେଇଛନ୍ତି। ଓଡ଼ିଶା ଆଦିବାସୀ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ଲାଗୁରିଙ୍କ ଅଧ୍ୟକ୍ଷତାରେ ବୈଠକରେ ଯୋଗଦେଇ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସାରା ଓଡ଼ିଶରେ ଶିଳ୍ପାୟନରେ ସବୁଠୁ ବେଶି କ୍ଷତିଗ୍ରସ୍ତ ହୋଇଥିବା ଆଦିବାସୀ ମାନେ ଏକ ହୋଇ ବିସ୍ଥାପନ ବିରୁଦ୍ଧରେ ଲଢ଼େଇ କରିବାକୁ ବିଭିନ୍ନ ଜିଲ୍ଲାରୁ ଆସିଥିବା ଆଦିବାସୀ ଜନତାଙ୍କୁ ମନ୍ତ୍ର ଦେଇଥିଲେ। ଆଗାମୀ ଦିନରେ କଂଗ୍ରେସକୁ ଶକ୍ତଶାଳି କରି ଗଢ଼ି ତୋଳିବା ପାଇଁ ଆଦିବାସୀ କଂଗ୍ରେସ ତରଫରୁ ବିସ୍ଥାପନ ବିରୁଦ୍ଧରେ ଲଢ଼େଇ, ଉଚ୍ଚ ବୈଷୟିକ ଶିକ୍ଷାରେ ଆଦିବାସୀଙ୍କୁ ଆନୁପାତିକ ସଂରକ୍ଷଣ, ଆଦିବାସୀ କ୍ୟାଲେଣ୍ଡର ପ୍ରସ୍ତୁତ ଓ ଆଦିବାସୀ ମହା ମନିଷୀ ମାନଙ୍କର ସ୍ମୃତି ରକ୍ଷା, ନୂତନ ନେତୃତ୍ୱ ସୃଷ୍ଟି, ଜଙ୍ଗଲ ସୁରକ୍ଷା ଆଇନକୁ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନେବାପାଇଁ ନିଷ୍ପତ୍ତି କରାଗଲା। ଆଦିବାସୀ ହକ ପାଇଁ ବିଧାନସଭାରେ ଓ ବାହାରେ ନିରନ୍ତର ସଂଗ୍ରାମ ଜାରି ରହିବ ବୋଲି ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ମତବ୍ୟକ୍ତ କରିଥିଲେ। ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ମନ୍ତ୍ରୀ ହଳଧର କାର୍ଜି, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ପୂର୍ବତନ ସାଂସଦ ସଂକୁନ୍ତଳା ଲାଗୁରୀ, ହେମା ଗମାଙ୍ଗ, ଜୟରାମ ପାଙ୍ଗୀ, ନକୁଳ ନାୟକ, ବିଧାୟକ ଦାଶରଥି ଗମାଙ୍ଗ, ରାଜ୍ୟ ଅନୁସୂଚିତ ଜାତି ଅଧ୍ୟକ୍ଷ ମାନସ ମଲ୍ଲିକ୍, ଆଦିବାସୀ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜିକା ହାରାବତୀ ଗଣ୍ଡ, ପଛୁଆବର୍ଗ ରାଷ୍ଟ୍ରୀୟ ସଂଯୋଜକ ରାଜକିଶୋର ବାରିକ ପ୍ରମୁଖ ଯୋଗ ଦେଇଥିଲେ।

## ରାଜ୍ୟ ସଂଖ୍ୟାଲଘୁ କଂଗ୍ରେସର ସାଂଗଠନିକ ବୈଠକ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜ୍ୟ ସଂଖ୍ୟା ଲଘୁ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ଜିଆ-ଉଲ୍-ହକ୍‌ଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟ ସ୍ତରୀୟ ସାଂଗଠନିକ ବୈଠକ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯୋଗଦେଇ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସାରା ଓଡ଼ିଶାରେ ସଂଖ୍ୟା ଲଘୁ ସଂପ୍ରଦାୟ ଲୋକମାନଙ୍କ ପ୍ରତି ବଢୁଥିବା ଅତ୍ୟାଚାରକୁ ନେଇ ଚିନ୍ତା ପ୍ରକଟ କରିଥିଲେ ଓ ଆଗାମୀ ଦିନରେ କଂଗ୍ରେସ ଦଳ ସଂଖ୍ୟାଲଘୁ ସଂପ୍ରଦାୟ ସହିତ ସବୁ ପ୍ରକାର ପରିସ୍ଥିତିରେ ଦୃଢ଼ ଭାବେ ଠିଆ ହେବେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ସଂଖ୍ୟା ଲଘୁ ସଂପ୍ରଦାୟର ଲୋକମାନଙ୍କୁ ଭୟଭିତ କରିବା ପାଇଁ ବିଜେପି ସରକାର ବିଭିନ୍ନ ସମୟରେ ଏନ୍ଆରସି, ସିଏଏ ଏବଂ ୱାକ୍‌ଫ୍ ସଂଶୋଧନ ବିଲ୍ ଇତ୍ୟାଦି ବିଭିନ୍ନ ପ୍ରକାର ଭ୍ରାନ୍ତିକର ଆଇନମାନ ଆଣି ଦେଶରେ ଘୃଣା ଓ ବିଭେଦ ଭାବ ସୃଷ୍ଟି କରିବା ପାଇଁ ପ୍ରୟାସ କରୁଛନ୍ତି। କିନ୍ତୁ ଲୋକସଭାର ବିରୋଧିଦଳର ନେତା ରାହୁଲ ଗାନ୍ଧୀ ଦୃଢ଼ ଭାବେ ସଂଖ୍ୟାଲଘୁ ସଂପ୍ରଦାୟ ସହିତ ଅଛନ୍ତି ଓ ଆଗାମୀ ଦିନରେ ସଂଖ୍ୟାଲଘୁ ସଂପ୍ରଦାୟକୁ କ୍ଷତି ହେଲା ପରି କୌଣସି ଆଇନ ସଂସଦରେ ପାରିତ ନ କରିଦେବାକୁ ଶପଥ ଗ୍ରହଣ କରିଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ବୈଠକରେ ବିଧାୟକ ରମେଶ ଜେନା, ଦାସରଥି ଗମାଙ୍ଗୋ, ପୂର୍ବତନ ବିଧାୟକ ଯାକବ ପ୍ରଧାନ, ଏମ୍.ଡି ଆକବର ଅଲ୍ଲି, ବିଶ୍ୱଜିତ ଦାସ, ଡ. ଲିଆକତ ଅଲ୍ଲି, ଡ. ହମିଦ୍ ହୁସେନ, ଏମ୍.ଡି ଆକବର ଖାନ୍, ସମ୍‌ସିଦା ତୟାବ, ଇଜାଜ ଅକ୍‌ତର, ଇମ୍ରାନ ଅଲ୍ଲି ଖାନ୍, ସେକ୍ କମର ଅଲ୍ଲି ଓ ସମସ୍ତ ଜିଲ୍ଲାର ସଂଖ୍ୟାଲଘୁ ବିଭାଗର ଅଧ୍ୟକ୍ଷମାନେ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ। ପରିଶେଷରେ ଭୁବନେଶ୍ୱର ସଂଖ୍ୟାଲଘୁ କଂଗ୍ରେସ ଅଧ୍ୟକ୍ଷ ସେକ୍ ତକ୍ୱିମ୍ ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରେନ୍‌ରେ ବିଭିନ୍ନ ସାମଗ୍ରୀ ଚୋରାଚାଲାଣ ଅଭିଯୋଗ

### ରେଳ ବିଭାଗ ସାଜିଛି ନୀରବଦ୍ରଷ୍ଟା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ପ୍ରତିଦିନ କେସିଙ୍ଗା ରେଳ ଷ୍ଟେସନ ଦେଇ ବିଶାଖାପାଟଣା -ରାୟପୁର ଅଭିମୁଖେ ମଧ୍ୟାହ୍ନରେ ଚାଲୁଥିବା ପାସେଞ୍ଜର ଟ୍ରେନ୍‌ରେ ବିନା ଲଗେଜ୍ ଭଡାରେ ହଜାର ହଜାର କ୍ୱିଣ୍ଟାଲ ବିଭିନ୍ନପ୍ରକାର ସାମଗ୍ରୀ ଚୋରାରେ ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ପାସେଞ୍ଜର ଟ୍ରେନ୍ ବଗିରେ ଆମ୍ବ, ପଣସ, ସପୁରୀ, ତେନ୍ତୁଳି, ପନିପରିବା ଓ ଜଙ୍ଗଲଜାତ ଦ୍ରବ୍ୟ ଭଳି ମୂଲ୍ୟବାନ ଜିନିଷପତ୍ର ବହୁ ମାତ୍ରାରେ ଚାଲାଣ ହେଉଛି। ବଗି ଭିତରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ବ୍ୟାଗ ଓ ବସ୍ତା ଭିତରେ ଭର୍ତ୍ତି ଥିବା ଏହି ଜିନିଷ ସବୁ ଯାଉଥିବା ଦେଖିବାକୁ ମିଳୁଛି। ଯାହାଫଳରେ ଯାତ୍ରୀମାନେ ରେଳରେ ଚଢ଼ିବା ଓହ୍ଲାଇବାରେ ରାସ୍ତା ନ ପାଇ ବହୁ ହାଇରାଣ ହରକତ ହେଉଛନ୍ତି। ବୁଢ଼ାବୁଢ଼ୀ, ଦିବ୍ୟାଙ୍ଗ ଯାତ୍ରୀମାନେ ଟ୍ରେନ୍ ଭିତରକୁ ଚଢ଼ିଲେ ମଧ୍ୟ ସିଟ୍ ଖାଲି ନ ଥିବାରୁ ବୁଢ଼ାବୁଢ଼ୀ ଠିଆ ହୋଇ ଦୂର ଜାଗାକୁ ଯାତ୍ରା କରୁଥିବାର ଦେଖିବାକୁ ମିଳୁଛି। ଏହି ସବୁ ମୂଲ୍ୟବାନ ଜିନିଷଗୁଡ଼ିକୁ ବିଷମକଟକ, ମୁନିଗୁଡ଼ା, ଆମ୍ବାଦଳା, ଠାରୁ ଟ୍ରେନ୍‌ରେ ବୋଝେଇ କରି ରୁପ୍ରା ରୋଡ଼, କେସିଙ୍ଗା, ଟିଟିଲାଗଡ଼, କଣ୍ଟାବାଞ୍ଜି, ମହାସମୁଦ ଦେଇ ରାୟପୁରକୁ ବ୍ୟବସାୟୀମାନେ ବିନା ଭଡାରେ ଚାଲାଣ କରୁଛନ୍ତି। ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ରେଳ ବିଭାଗର କ୍ଷତି ହେଉଛି। ପାସେଞ୍ଜର ଟ୍ରେନରେ ରେଳବାଇ ବିଭାଗ ପକ୍ଷରୁ, ଟିଟିଆଇ, ଆର୍‌ପିଏଫ୍ କିମ୍ବା ଜି.ଆର.ପି ଏହାର ତଦନ୍ତ କରିବା କଥା। କିନ୍ତୁ ବ୍ୟବସାୟୀଙ୍କ ସହ ସଲାସୁତରା ହୋଇ ଜାଣି ଅଜଣା ହୋଇ ରେଳବାଇ ପୋଲିସ ନୀରବଦ୍ରଷ୍ଟା ସାଜିଛନ୍ତି । ପାସେଞ୍ଜର ଟ୍ରେନ ହୋଇଥିବାରୁ ଟିଟିଆଇ ମାନେ ମଧ ହାତଗୁଞ୍ଜା ନେଇ ଚୁପ୍ ରହୁଥିବା ଦେଖିବାକୁ ମିଳୁଛି। କାରଣ ଟିଟିଆଇ ମାନଙ୍କୁ ଚେକ୍ କରିବା ପାଇଁ ଏ ଟ୍ରେନରେ କୌଣସି ବ୍ୟବସ୍ଥା ନାହିଁ। ଫଳରେ ରେଳ ବିଭାଗର ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହାନୀ ଘଟୁଛି। ଏଥିପ୍ରତି ରେଳ ବିଭାଗ ବିଶେଷ କରି ସମ୍ବଲପୁର ଡିଭିଜନର ଡିଆର୍‌ଏମ୍ ଦୃଷ୍ଟି ଦେବା ପାଇଁ ଯାତ୍ରୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜିଆର୍‌ପି ଟିଟିଲାଗଡ଼କୁ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## କାଦୁଅ ରାସ୍ତାରେ ଯାତାୟତ ବ୍ୟାଘାତ




ନର୍ଲା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ନର୍ଲା ସହରରୁ ନବୋଦୟ ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ସମ୍ମୁଖରେ କାଦୁଅ ଯୋଗୁଁ ଯାତାୟତରେ ଅସୁବିଧା ହେଉ ଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ନବୋଦୟ ରାସ୍ତାର ପ୍ରାରମ୍ଭ ହୋଇ ଥାଏ ନର୍ଲା ସହରର ମିଲ୍ ଛକରୁ କିନ୍ତୁ ଉକ୍ତ ଛକରେ ଖାଲଖମା ଯୋଗୁଁ ପାଣି ଜମି ରହିଥିଲା। ଏହି ରାସ୍ତା ଦେଇ ନର୍ଲା ଜଗନ୍ନାଥ ମହାପ୍ରଭୁ ତାଙ୍କ ମାଉସୀ ଘରକୁ ଯାଇଥାନ୍ତି। ସେଥିପାଇଁ ନର୍ଲା ଜଗନ୍ନାଥ କମିଟି ପକ୍ଷରୁ ସେହି ସ୍ଥାନରେ ମାଟି ପକାଇ ଥିଲେ। ଝିପିଝିପି ବର୍ଷା ଫଳରେ ସେହି ସ୍ଥାନର ମାଟି କାଦୁଅରେ ପରିଣତ ହେବା ଫଳରେ ଯାତାୟତରେ ଅସୁବିଧା ହେଉ ଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ସରପଞ୍ଚ ଉକ୍ତ ସ୍ଥାନରେ ମୋରମ୍ ପକାଇବାକୁ ନାଏବ୍ ସରପଞ୍ଚଙ୍କୁ ଅର୍ଥ ଦେଇଥିବା ସତ୍ତ୍ୱେ ମୋରମ୍ ନ ପଡ଼ିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ ମନ୍ଦିର କମିଟି ଯଦି ଉକ୍ତ ସ୍ଥାନରେ ମାଟି ବଦଳରେ ମୋରମ୍ ପକାଇ ଥାନ୍ତେ ତାହେଲେ ଏଭଳି ସମସ୍ୟା ଉପୁଜି ନ ଥାନ୍ତା। ତେବେ ଗୁରୁବାର ସକାଳେ ଏଠାରେ ମୋରମ ବିଛାଇବା କାମ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି।

## ପ୍ରକୃତିବନ୍ଧୁ ତଥା ଅଧ୍ୟାପକ ଅଶୋକ ପଟ୍ଟନାୟକଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ପ୍ରକୃତରେ ସ୍ୱର୍ଗତ ଅଶୋକ ପଟ୍ଟନାୟକ ନିଜ ନାମର ସାର୍ଥକତା ପ୍ରତିପାଦନରେ ସଫଳ ହୋଇଥିଲେ। ସତରେ ସେ ଥିଲେ ଅ-ଶୋକ। ଦୁଃଖ ତାଙ୍କୁ ଛୁଇଁ ପାରି ନଥିଲା ବୋଲି ୨ ତାରିଖ ଗୁରୁବାର ଦିନ ଅଶୋକଙ୍କ ବିୟୋଗର ଦ୍ୱାଦଶ ଦିବସରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବ୍ୟକ୍ତି ମତପ୍ରକାଶ କରି ତାଙ୍କ ପବିତ୍ର ଆତ୍ମାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥିବା ଦେଖିବାକୁ ମିଳିଥିଲା। ସ୍ୱର୍ଗତ ଅଶୋକ ଶିକ୍ଷା ଲାଭ ପରେ ପେଟପାଟଣା ପାଇଁ ଅଧ୍ୟାପକ ଚାକିରୀ କରିଥିଲେ ସିନା ମାତ୍ର ନିଜକୁ ଜଣେ ସଫଳ ଚାଷୀ ଭାବେ ଗଢିତୋଳିବା ହିଁ ତାଙ୍କର ସ୍ୱପ୍ନ ଥିଲା। ନିଜର ଚାଷ ଗାଁ ଘଣ୍ଟବାହାଲି ଠାରେ ଥିବା ବାଡ଼ି ବଗିଚା ଓ ଚାଷଜମିରେ ସେ ବହୁ ବୃକ୍ଷରୋପଣ କରିବା ସହ ଉନ୍ନତମାନର ଧାନ ଚାଷ କରି ଜଣେ ସଫଳ ଚାଷୀ ହୋଇପାରିଥିଲେ। ପରିବେଶ ସୁରକ୍ଷା ପାଇଁ ଅହରହ ପ୍ରୟାସ ଜାରି ରଖିଥିବାରୁ ରାଜ୍ୟ ସରକାରଙ୍କ ଠାରୁ ସେ ପ୍ରକୃତିବନ୍ଧୁ ପୁରସ୍କାର ଲାଭ କରିଥିଲେ।ଏମିତି କି କୃଷି ଓ କୃଷକମାନଙ୍କ କଲ୍ୟାଣ ପାଇଁ କାମ କରି ସେ ଜୁନାଗଡ ବ୍ଲକରେ କୃଷି ବିଭାଗ 'ଆତ୍ମା'ର ଅଧ୍ୟକ୍ଷ ମଧ୍ୟ ହୋଇପାରିଥିଲେ। ସ୍ୱର୍ଗତ ଅଶୋକଙ୍କ ବଡଭାଇ ତଥା ସମାଜସେବୀ ସ୍ୱର୍ଗତ ଶିବ ଶଙ୍କର ପଟ୍ଟନାୟକ କଳାହାଣ୍ଡି ଜିଲ୍ଲା ପରିଷଦର ପ୍ରଥମ ଅଧ୍ୟକ୍ଷ ଥିଲା ବେଳେ ଅଶୋକ ଶିକ୍ଷା ଓ କୃଷି କ୍ଷେତ୍ରରେ ବେଶ୍ ଦକ୍ଷତା ଅର୍ଜନ କରିଥିଲେ। ସେଇଥିପାଇଁ ସେ ବହୁ ସାଧାରଣ ଲୋକଙ୍କ ସହିତ ବହୁ ରାଜନୈତିକ ନେତା ଓ ବହୁ ବେସରକାରୀ ସଂସ୍ଥାଙ୍କ ସହ ସମ୍ପର୍କ ରଖି କୃଷି ଓ କୃଷକମାନଙ୍କ ପାଇଁ କାମ କରୁଥିଲେ। ସେ ଜଣେ ଆଇନଜୀବୀ ଓ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। ଦୁର୍ଭାଗ୍ୟବଶତଃ ଗତ ଜୁନ୍ ୨୨ତାରିଖ ରବିବାର ଦିନ ନିଜ ଘରର ଛାତ ଉପରକୁ ଯାଇଥିଲା ବେଳେ ଅକସ୍ମାତ ବିଦ୍ୟୁତ ଆଘାତର ଶିକାର ହୋଇ ତାଙ୍କର ଅକାଳ ବିୟୋଗ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୫୫ବର୍ଷ ବୟସ ହୋଇଥିଲା। ଜୁଲାଇ ୨ ତାରିଖ ଗୁରୁବାର ଦିନ ପୂର୍ବାହ୍ନରେ ଭବାନୀପାଟଣାର ଅନତି ଦୂରରେ ଥିବା ଜ୍ୟୋତି ଫାର୍ମ ହାଉସ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ତାଙ୍କର ବନ୍ଧୁ ପରିଜନଙ୍କ ସହ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ବହୁ ଅଶୋକ ପ୍ରେମୀ ଉପସ୍ଥିତ ରହି ଅଶୋକଙ୍କ ସ୍ମୃତି ଚାରଣ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ୧୬ ଦିନରେ ସଚେତନ ନାଗରିକ ମଞ୍ଚର ଆନ୍ଦୋଳନ

### ସମର୍ଥନ ଦେଇ ଅନଶନରେ ବସିଲେ କେସିଙ୍ଗା ଓକିଲ ସଂଘ




କେସିଙ୍ଗା, (ଭାସ୍କର ନ୍ୟୁଜ୍): କେସିଙ୍ଗା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଅଞ୍ଚଳର ବିକାଶ ପାଇଁ ୧୦ ଦଫା ଦାବି ନେଇ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଅନଶନ ଇତିମଧ୍ୟରେ ୧୬ ତମ ଦିନରେ ପହଞ୍ଚିଥିଲେ ମଧ ସରକାର କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପର୍ଯ୍ୟନ୍ତ କୌଣସି ପ୍ରତିଶ୍ରୁତି ମିଳିପାରି ନାହିଁ। ସରକାରଙ୍କ ବୈମାତୃକ ମନୋଭାବ କେସିଙ୍ଗା ପ୍ରତି ଜଳ ଜଳ କରି ଦେଖାଯାଉ ଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଆନ୍ଦୋଳନକୁ ଦିନକୁ ଦିନ ବିଭିନ୍ନ ସଂଗଠନର ସମର୍ଥନ ମିଳୁଛି। ୧୪ ତମ ଦିନରେ ଅନଶନରେ ବସିଥିଲେ କେସିଙ୍ଗା ବ୍ଲକର ସରପଞ୍ଚ ସମୂହ ଏବଂ ୧୬ ତମ ଦିନରେ କେସିଙ୍ଗା ଓକିଲ ସଂଘର ସଭାପତି ଚିତ୍ତରଞ୍ଜନ ଭୋଇ ଓ ସଂପାଦକ ଯୁଗଳ କିଶୋର ଦୀପଙ୍କ ନେତୃତ୍ୱରେ କେସିଙ୍ଗା ଓକିଲ ସଂଘର ଅନ୍ୟ କର୍ମକର୍ତ୍ତା ମାନେ ଆନ୍ଦୋଳନ ସ୍ଥଳକୁ ପହଞ୍ଚି ଆନ୍ଦୋଳନକୁ ସମର୍ଥନ କରି କେସିଙ୍ଗା ବିକାଶରେ ନିଜ କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଆଇନଜୀବି ସନ୍ତୋଷ ଦାସ, ସୁନ୍ଦର ବାବୁ ପାତ୍ର, ଶମ୍ଭୁ ପ୍ରସାଦ ପଣ୍ଡା, ଦେବେନ୍ଦ୍ର ଭୁଜବଳ, କାମପାଳ ସାହା, ହରି ତାଣ୍ଡି, ସଞ୍ଜୀବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଆଡପ ମଣ୍ଡପରେ ଦିବ୍ୟ ଦର୍ଶନ ଦେଉଛନ୍ତି ତିନି ଠାକୁର

## ସିପିଆଇର ଜିଲ୍ଲାସ୍ତରୀୟ ସମ୍ମିଳନୀ




ଜୁନାଗଡ଼ ( ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସ୍ଥିତ ସହିଦ ରେଣ୍ଡୋ ମାଝୀ ସଂସ୍କୃତି ଭବନ ଠାରେ ସିପିଆଇର ଶତ ବାର୍ଷିକସମାରୋହ ପରିପ୍ରେକ୍ଷୀରେ ୭ମ କଳାହାଣ୍ଡି ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହା ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓ ଜିଲ୍ଲାରୁ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇ ଏକ ବିରାଟ ଶୋଭାଯାତ୍ରା ସେଠାରୁ ବାହାରି ସହର ପରିକ୍ରମା କରି ସଂସ୍କୃତି ଭବନ ଠାରେ ପହଞ୍ଚିଥିଲେ। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ବିଶେଷ କରି ଜଙ୍ଗଲ ଜମି ଅଧିକାର, ମଣ୍ଡିରେ ପଡି ରହିଥିବା ଚାଷୀଙ୍କ ଧାନ ତୁରନ୍ତ ଉଠାଣ, ଭୂମିହୀନଙ୍କୁ ଜମି ପଟା ପ୍ରଦାନ, ଘର ଡିହ ପ୍ରଦାନ, ଉପାନ୍ତ ଅଞ୍ଚଳକୁ ଶିକ୍ଷା, ସ୍ୱାସ୍ଥ୍ୟ,ପାନୀୟ ଜଳ ଏବଂ ଗମନାଗମନ ଉପରେ ଦାବୀ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡା. ପ୍ରଶାନ୍ତ ମିଶ୍ର, ସିପିଆଇ ଜିଲ୍ଲା ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ସହ ସମ୍ପାଦକ ଜଗଦୀଶ ଦୁର୍ଗା, ସଞ୍ଜୟ ସୁନାନୀ, ଜୁନାଗଡ଼ ଜୋନ ସମ୍ପାଦକ ବାନାମ୍ବର ମେହେର, ହିମାଂଶୁ ନାଏକ, ଯଶୋବନ୍ତ ବେମାଲ, ମାଧବ ସାହୁ, ରାଜାରାମ ଡ଼ଙ୍ଗରି, ରାଜମୋହନ ମେହେର, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦାମୋଦରବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ବିଭିନ୍ନ ସ୍ଥାନରେ ବନ ମହୋତ୍ସବ କାର୍ଯ୍ୟକ୍ରମ ପାଳିତ




କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ କେସିଙ୍ଗା ବନ ବିଭାଗ ପକ୍ଷରୁ ସପ୍ତାହେ ଧରି ବନ ମହୋତ୍ସବ ସପ୍ତାହ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କେସିଙ୍ଗା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଉତ୍ସବ ପାଳନ ସହିତ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପ୍ରଥମ ଦିନରେ ହାତୀଖୋଜ ପଞ୍ଚାୟତର ସରକାରୀ ଉଚ୍ଚ ବିଦ୍ୟାଳୟ ହାତୀଖୋଜ ପରିସରରେ କଳାହାଣ୍ଡି ଉତ୍ତର ବନଖଣ୍ଡର କେସିଙ୍ଗା ବନ୍ୟାଞ୍ଚଳ ପକ୍ଷରୁ ବନ ମହୋତ୍ସବ ପାଳନ କରାଯାଇଛି। ଏଥିରେ କେସିଙ୍ଗା ବନ ବିଭାଗ ପକ୍ଷରୁ କଶୃପଡ଼ା ଫରେଷ୍ଟର ବିଶିକେଶନ୍ କରୁଆଁଙ୍କ ଅଧ୍ୟକ୍ଷତାରେ ହୋଇଥିବାବେଳେ ବିଦ୍ୟାଳୟ ପରିସରରେ ଆମ୍ବ, କୁଳେର, ଅମଳା, ଜାମୁ ସମେତ ଅନେକ ପ୍ରକାର ଚାରାରୋପଣ କରାଯାଇଥିଲା। ଏବଂ ଶ୍ରୀ କାରୁଆଁ 'ବୃକ୍ଷ ହିଁ ଜୀବନ'ର ନାରା ଦେଇ ବିଦ୍ୟାଳୟ ଛାତ୍ର ଛାତ୍ରୀ ତଥା ହାତିଖୋଜବାସୀଙ୍କୁ ବୃକ୍ଷର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ଉକ୍ତ ବନ ମହୋତ୍ସବ ସପ୍ତାହରେ ଫରେଷ୍ଟ ଗାର୍ଡ ରାଜଲକ୍ଷ୍ମୀ ପଧାନ, ଫରେଷ୍ଟ ଗାର୍ଡ ସୁଜାତା ବାଗ, ଫରେଷ୍ଟ ଗାର୍ଡ ରୁକ୍ମଣୀ ମାଝି, ପିଏନ୍‌ଜିଓ କର୍ମୀ ଇନ୍ଦ୍ରମଣି ମାଝି, ହାତୀଖୋଜ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧବଳେଶ୍ୱର ସାହୁ , ସମିତି ସଭ୍ୟା ମୀନା ନନ୍ଦ, ବିଦ୍ୟାଳୟ ସଭାପତି ସୌଭାଗ୍ୟ ଭୋଇ, ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

ସେହିପରି ବୁଧବାର ଦ୍ୱିତୀୟ ଦିନରେ ବେଲଖଣ୍ଡି ପଞ୍ଚାୟତର ଜିଡି ଉଚ୍ଚ ବିଦ୍ୟାଳୟରେ ବନ୍ୟାଞ୍ଚଳ ଅଧିକାରିଣୀ ସ୍ମିଷ୍ଟାସରିତା ବଳିଆରସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଶୃପଡା ସେକ୍ସନ ବାନପାଳ ବିଶିକେସନ କରୁଆଁଙ୍କ ନେତୃତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇ ମାଁ ପାଇଁ ଗଛ ଟିଏ ଓ ଶିଶୁ ପାଇଁ ଗଛଟିଏ ଲଗାଇବା ପାଇଁ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ଶପଥ ପାଠ କରାଯାଇ ସ୍କୁଲ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ କଶୁପଡ଼ା ସେକ୍ସନ ବନରକ୍ଷୀ ରାଜଲକ୍ଷ୍ମୀ ପଧାନ, ସୁଜାତା ବାଗ, ରୁକ୍ମଣୀ ମାଝୀ, ସ୍କୁଲର ସହକାରୀ ଶିକ୍ଷକ ପୁଷ୍ପଧ୍ୱଜ ବାଗ, ଧନଞ୍ଜୟ ରଣା, ସୁଜନ ଛତ୍ରିଆ, ମନବୋଧ ପଧାନ, ଛାତ୍ର ଛାତ୍ରୀ ଓ ପିଏନ୍‌ଜି ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।



ଧର୍ମଗଡ଼ (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସ୍ଥିତ ଜ୍ଞାନ ବିକାଶ ପବ୍ଲିକ ସ୍କୁଲ ପରିସରରେ ବନ ମହୋତ୍ସବ ପାଳିତ ହୋଇ ଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ସାମ୍ବାଦିକ ଅଂଶୁମାନ ପାତ୍ର ଯୋଗ ଦେଇ ଆଜି ଜଙ୍ଗଲ ନଷ୍ଟ ଯୋଗୁଁ ପରିବେଶ ଉପରେ ତାର ପ୍ରଭାବ ପଡୁଛି ତେଣୁ ଆମେ ସମସ୍ତେ ମିଶି ଗଛ ଲଗାଇବା ପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ସେହିପରି ବିଦ୍ୟାଳୟର ଅଧକ୍ଷ ଜ୍ଞାନ ରଞ୍ଜନ ନାଏକ କେବଳ ଆମେ ଚାରାରୋପଣ କଲେ ହେବ ନାହିଁ ବରଂ ଏହାର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ ବୋଲି ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଗୋଟିଏ ଲେଖାଏଁ ଚାରା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ମମତା ନାଏକ, ଶିକ୍ଷୟତ୍ରୀ ଗଙ୍ଗା ଠାକୁର, ସ୍ମୃତି ରେଖା ପାତ୍ର, ଶୁଭଶ୍ରୀ ନାୟକ, ଜାଗୃତି ରାଉତ, ପଞ୍ଚୁ ତାଣ୍ଡି, ସଲୋନୀ ଠାକୁର, ତିଳୋତମା ନାଏକ ପ୍ରମୁଖ ଉପସ୍ଥିତ ଥିବା ବେଳେ ବହୁ ଅଭିଭାବକ ମଧ୍ୟ ଯୋଗ ଦେଇଥିଲେ।




କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଆମପାଣି ସ୍ଥିତ ବୁଢ଼ାରଜା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଗୁରୁବାର ୭୯.ତମ ବନ ମହୋତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ଅଧକ୍ଷ ସୁରଜ ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ଆମ ଜଙ୍ଗଲ କମିଟିର ଦୁର୍ଗା ପ୍ରସାଦ ମିଶ୍ର ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ ଓ ସ୍କୁଲ କର୍ମଚାରୀ ମାନଙ୍କୁ ବୃକ୍ଷର ଉପକାରୀତା ଉପରେ ଆଲୋକପାତ କରିଥିଲେ। ଏହି କ୍ରମରେ ସ୍କୁଲ ପରିସରରେ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା। ଏଥି ସହିତ ବିଦ୍ୟାଳୟରେ ଥିବା ବୋଟାନିକାଲ ଗାର୍ଡେନ ବୁଲି ଦେଖିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଜିତେନ୍ଦ୍ର ପଣ୍ଡା, ଆମପାଣି ଫରେଷ୍ଟର ରାଜେନ୍ଦ୍ର ନାଏକ, ନାରାୟଣ ବାଗ, ନମିତା ରାଣୀ ନାଗ, ମନୋରଞ୍ଜନ ମହାପାତ୍ର, ଭାରତ କୁମାର ସେଠି, ତ୍ରିବୀକ୍ରମ ନାଏକ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରି ଚାରାରୋପଣ କରିଥିଲେ। ଶିକ୍ଷକ ଲୋକନାଥ ରାଉତ, ଦୟାସଙ୍ଗ ନାଏକ, ଲୋକନାଥ ସାହୁ, ବିଶମ୍ବର ଧଙ୍ଗଡା ମାଝୀ, ଚୁଡ଼ାମଣି ମହାନନ୍ଦ, ବିନିତ କୁମାର ମିଶ୍ର, ପ୍ରଶାନ୍ତ କୁମାର ପଣ୍ଡା, ମନ୍ଦାକିନୀ ନାଏକ, ହିମାଂଶୁ ମହାନନ୍ଦ, ତପନ କୁମାର ମେହେର ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଭାଗ୍ୟବାନ ବାଗ ପଥପ୍ରାନ୍ତ ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସମିତିସଭ୍ୟ ଆତ୍ମହତ୍ୟା ଘଟଣା : ଅଭିଯୁକ୍ତ ଗିରଫ

କୋକସରା, (ଭାସ୍କର ନ୍ୟୁଜ୍) : ବହୁ ଚର୍ଚ୍ଚିତ ଖୁଣ୍ଟିଆ ସମିତି ସଭ୍ୟ ଦେବେନ୍ଦ୍ର ଧରୁଆ ଆତ୍ମହତ୍ୟା ମାମଲାରେ କୋକସରା ଥାନା ପୋଲିସ ଖୁଣ୍ଟିଆ ପଞ୍ଚାୟତ ବନ୍ଦପଡାର ଚିତ୍ତ ଗହିରଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଖୁଣ୍ଟିଆ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଦେବେନ୍ଦ୍ର ଧରୁଆ ଗତ ୨୪ ତାରିଖ ଦିନ ପିପଲପଡା ସ୍ଥିତ ନିଜ ବାସଭବନରେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ତେବେ ଦେବେନ୍ଦ୍ରଙ୍କ ଆତ୍ମହତ୍ୟା ପଛରେ ସ୍ଥାନୀୟ ଅଞ୍ଚଳର ଯୁବକ ଚିତ୍ତ ଗହିରଙ୍କ ସମ୍ପୃକ୍ତି ଥିବା ନେଇ ମୃତ ସମିତି ସଭ୍ୟଙ୍କ ବଡ଼ ଭାଇ କୋକସରା ଥାନାରେ ଅଭିଯୋଗ କରିଥିଲେ। ଆତ୍ମହତ୍ୟା ପୂର୍ବରୁ ମୃତ ସମିତି ସଭ୍ୟ ମଧ ନିଜ ଜୀବନ ପ୍ରତି ବିପଦ ଥିବା ନେଇ ଉକ୍ତ ଯୁବକଙ୍କ ନାଁରେ ଗତ ୧୬ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଯୁବକଙ୍କ ବିରୁଦ୍ଧରେ କୋକସରା ଥାନା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ। ଯାହା ଫଳରେ ମାନସିକ ଚାପରେ ଆସି ଦେବେନ୍ଦ୍ର ଧରୁଆ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଆଦିବାସୀ ସଂଘ ହସ୍ତକ୍ଷେପ କରି କୋକସରା ପୋଲିସର ଅବହେଳା ଦର୍ଶାଇ କଳାହାଣ୍ଡି ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲା। ଏହାପରେ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ମାମଲାର ତଦନ୍ତ ସହ ଛାନଭିନ ଆରମ୍ଭ କରାଯାଇଥିଲା। ଏହି ଘଟଣାର ତନାଘନା ଆରମ୍ଭ ପରେ ଫେରାର ଯୁବକଙ୍କୁ ଓଡିଶା ଛତିଶଗଡ଼ ସୀମା ଅଞ୍ଚଳରୁ ବୁଧବାର ଗିରଫ କରାଯାଇଥିଲା। ଗୁରୁବାର ଅଭିଯୁକ୍ତ ଚିତ୍ତ ଗହିରକୁ ପୋଲିସ କୋର୍ଟଚାଲାଣ କରିଥିବା କୋକସରା ଥାନା ପକ୍ଷରୁ ସୂଚନା ମିଳିଛି।

## ସ୍ନାତକ ଡିଗ୍ରୀ ମହାବିଦ୍ୟାଳୟରେ ବନ ମହୋତ୍ସବ

ଧର୍ମଗଡ,(ଭାସ୍କର ନ୍ୟୁଜ)-ଧର୍ମଗଡ଼ ସ୍ଥିତ ସ୍ନାତକ ଡିଗ୍ରୀ ମହିଳା ମହାବଦ୍ୟାଳୟରେ ଜାତୀୟ ସେବା ସଂସ୍ଥାନ ତରଫରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ମୂର୍ତ୍ତି ମଞ୍ଜରୀ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବନାଞ୍ଚଳ ଅଧିକାରୀ ସୁରେନ୍ଦ୍ର ବେହେରା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ପ୍ରିୟମ୍ବଦା ଚାନ୍ଦ, ଅଧ୍ୟାପକ ବଙ୍କିମ ମୁଣ୍ଡ, ସଞ୍ଜୀବ ମୁଣ୍ଡ, ବନରକ୍ଷୀ ଝୁନୁମାଳା ସାହୁ ଓ ସୀମା ଧଙ୍ଗଡାମାଝୀ ଯୋଗ ଦେଇଥିଲେ। ଅଧ୍ୟାପିକା ଜୟନ୍ତୀ କୁମାରୀ ମୁଦୁଲି, ସରୋଜ ମେହେର, ପଦ୍ମାଳୟା ଦଣ୍ଡସେନା, ସୁଜାତା ମହାନ୍ତି, ଅର୍ଚ୍ଚନା ଗୁଛି, ଝରଣା ପ୍ରଧାନ, ସନ୍ଧ୍ୟା ବାରିକ, ଲୁସି ଗଡଡ, କୁମୁଦିନୀ ନାଏକ, ଲକ୍ଷ୍ୟପତି ନାଏକ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହାପରେ ମହାବିଦ୍ୟାଳୟ ପରିସରରେ ଅତିଥି ଓ ଛାତ୍ରୀମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା।

## ରାଶିଫଳ

ଶନିବାର, ୦୫ ଜୁଲାଇ ୨୦୨୫



**ମେଷ:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ଼ ହେବ।



**ବୃଷ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି । ବିବାହିତ ଜୀବନରେ ସୁସଙ୍ଗତତା ରହିବ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ।



**ମିଥୁନ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ଆଜି ଭ୍ରମଣ କରନ୍ତୁ ନାହିଁ। ପାରିବାରିକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ। ଆପଣଙ୍କ ବୁଦ୍ଧି ସାମାଜିକ ସମ୍ମାନ ଲାଭ କରିବ।



**କର୍କଟ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା। ଭ୍ରମଣରୁ ଲାଭ।



**ସିଂହ:** ଅପଚୟ ଖର୍ଚ୍ଚ ହେବ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ପରିବାର ଚିନ୍ତିତ ହେବେ। ଆୟଠାରୁ ବ୍ୟୟ ଅଧିକ ହେବ।



**କନ୍ୟା:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ଉପହାର ଗ୍ରହଣ କରିବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଶତ୍ରୁମାନେ ସକ୍ରିୟ ରହିବେ। ଅହଂକାର ଦୂର କରନ୍ତୁ। ମନୋବଳ ବୃଦ୍ଧି ଚାପକୁ ହ୍ରାସ କରିବ।



**ତୁଳା:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।



**ବିଛା:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରା ର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।



**ଧନୁ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।



**ମକର:** ଆପଣ ସ୍ୱାଦିଷ୍ଟ ଭୋଜନ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।



**କୁମ୍ଭ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ। ବିପଦ କାର୍ଯ୍ୟକୁ ସାହସ କର ନାହିଁ। ବ୍ୟବସାୟରେ ଇଚ୍ଛାଯୁକ୍ତ ଲାଭ ହେବ।



**ମୀନ:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।



ଶ୍ରୀପତି ଗୁରୁ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯